commonwealth sport
ଅହମ୍ମଦାବାଦରେ
୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା
▸ପୃଷ୍ଠା ୧୬ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-110 ◆THURSDAY ◆16 OCTOBER 2025 ◆PAGE-16 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୧୦ ◆ଗୁରୁବାର ◆୧୬ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦

॥ ମାନସ ମଙ୍ଗରାଜ ॥

# ବ୍ୟତିକ୍ରମ

**କର୍ଦ୍ଦମାକ୍ତ ରାଜନୀତି ତାଙ୍କ ବ୍ୟକ୍ତିତ୍ୱକୁ ଛୁଇଁ ପାରିନାହିଁ; ବ୍ୟକ୍ତିଗତ ବିଦ୍ୱେଷ, ପାରସ୍ପରିକ ଆକ୍ଷେପ, କୁତ୍ସାରଟନା ତାଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇନାହିଁ। ତାଙ୍କ ମତରେ ରାଜନୀତି ଓ ନୀତି ପରସ୍ପର ଅଙ୍ଗାଙ୍ଗୀ ଜଡ଼ିତ। ନୀତିହୀନ ରାଜନୀତି ସମାଜ ପାଇଁ କ୍ଷତିକାରକ ଓ ବିନା ନୀତିରେ ରାଜନୀତି ମୂଲ୍ୟହୀନ।**

ସେ ରାସ୍ତାକୁ ଓହ୍ଲାଇଲେ ଲୋକଙ୍କ ଥାଟପଟାଳି ଭାଙ୍ଗେ, ହାତ ହଲାଇଦେଲେ ଅଯୁତ ହୃଦୟରେ ଆନନ୍ଦର ପ୍ଲାବନ ଖେଳିଯାଏ। ଆଉ ହସିଦେଲେ ଚିର ସୁଗନ୍ଧିତ ଫୁଲର ବାସ୍ନାରେ ମହକି ଯାଏ କୋଟିକୋଟି ଲୋକଙ୍କ ମନ। ଓଡ଼ିଶା ହେଉଛି ତାଙ୍କର ଜୀବନ, ଓଡ଼ିଶାବାସୀ ହେଉଛନ୍ତି ତାଙ୍କର ପରିବାର, ପ୍ରତ୍ୟେକ ଜୀବନ ତାଙ୍କ ପାଇଁ ମୂଲ୍ୟବାନ। କୋଟିକୋଟି ଓଡ଼ିଆ ପରିବାରର ସେ ଅଘୋଷିତ ମୁରବୀ। କ୍ଷମତାରେ ଥାଆନ୍ତୁ ବା ନ ଥାଆନ୍ତୁ, ଓଡ଼ିଶା ପାଇଁ ତାଙ୍କ ଜୀବନ ଉତ୍ସର୍ଗୀକୃତ ଓ ପ୍ରତି ଓଡ଼ିଆର ବ୍ୟଥା ତାଙ୍କ ପାଇଁ ମର୍ମାନ୍ତିକ। ଦୀର୍ଘ ୨୪ ବର୍ଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ କେବଳ ଶାସନରେ ରେକର୍ଡ କରି ନାହାନ୍ତି; ଓଡ଼ିଶାକୁ ବିକାଶର ନଭଶ୍ଚୁମ୍ବୀ ଶିଖରରେ ପହଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ତାଙ୍କର ନୀତି ଦେଶରେ 'ନବୀନ ନୀତି' ରୂପେ ପରିଚିତି ପାଇଛି, ତାଙ୍କର ଆଦର୍ଶ ସାରା ଦେଶରେ ପ୍ରଶଂସିତ ହୋଇଛି, ତାଙ୍କର ପ୍ରତ୍ୟେକ କାର୍ଯ୍ୟକ୍ରମ ଅନ୍ୟ ରାଜ୍ୟ ପାଇଁ ଅନୁକରଣୀୟ ହୋଇଛି। ତାଙ୍କର ଯୋଜନା 'ନିତି' ବୈଠକରୁ ଆରମ୍ଭ କରି ଜାତିସଂଘ ପର୍ଯ୍ୟନ୍ତ ଗ୍ରହଣୀୟ ହୋଇଛି। କର୍ଦ୍ଦମାକ୍ତ ରାଜନୀତି ତାଙ୍କ ବ୍ୟକ୍ତିତ୍ୱକୁ ଛୁଇଁ ପାରିନାହିଁ; ବ୍ୟକ୍ତିଗତ ବିଦ୍ୱେଷ, ପାରସ୍ପରିକ ଆକ୍ଷେପ, କୁତ୍ସାରଟନା ତାଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇନାହିଁ। ତାଙ୍କ ମତରେ ରାଜନୀତି ଓ ନୀତି ପରସ୍ପର ଅଙ୍ଗାଙ୍ଗୀ ଜଡ଼ିତ। ନୀତିହୀନ ରାଜନୀତି ସମାଜ ପାଇଁ କ୍ଷତିକାରକ ଓ ବିନା ନୀତିରେ ରାଜନୀତି ମୂଲ୍ୟହୀନ। କ୍ଷମତା ହାସଲ ରାଜନୀତିର ଉଦ୍ଦେଶ୍ୟ ନୁହେଁ; ଉଚ୍ଚ ରାଜନୈତିକ ମୂଲ୍ୟବୋଧ ଦ୍ୱାରା ଲୋକଙ୍କ କଲ୍ୟାଣ କରିବା ଏହାର ପ୍ରମୁଖ ଲକ୍ଷ୍ୟ। ମହାତ୍ମା ଗାନ୍ଧୀଙ୍କ ଅହିଂସା, ଗୌତମବୁଦ୍ଧଙ୍କ ଅଷ୍ଟାଙ୍ଗ ମାର୍ଗ, ମହାବୀର ଜୈନଙ୍କ ନିଷ୍କାମ ସାଧନା ଓ ଭୀମଭୋଇଙ୍କ ଜୀବନ ଦର୍ଶନର ଏକ ମିଳିତ ସମ୍ମିଶ୍ରଣ ହେଉଛି ନବୀନଙ୍କ ଜୀବନ। ସେହି ଦୃଷ୍ଟିରୁ ନବୀନ ହେଉଛନ୍ତି ଜଣେ ବ୍ୟତିକ୍ରମ ମୁଖ୍ୟମନ୍ତ୍ରୀ, ଭିନ୍ନ ରାଜନେତା।

ନିରାସକ୍ତି ହେଉଛି ମଣିଷର ସର୍ବୋଚ୍ଚ ଗୁଣ ଓ ଏହା ମଣିଷକୁ ଏକ ମଣିରେ ପରିଣତ କରିପାରେ। ରାଜପଦ ତ୍ୟାଗ କରି ଲୁମ୍ବିନୀ ଓ ବର୍ଦ୍ଧମାନର ଯୁବରାଜ ଯେଉଁ ପଥକୁ ବାଛିଥିଲେ,



ତାହା ଥିଲା ସାଧାରଣ ମାନବିକ ପ୍ରକୃତିର ସମ୍ପୂର୍ଣ୍ଣ ବିପରୀତ। ଯୁବରାଜ ଗୌତମ ଉଭୟ ଆସକ୍ତି ତ୍ୟାଗ କରି ନିରାସକ୍ତ ହୋଇଥିଲେ। ଅନୁରୂପ ଭାବରେ ବୁଦ୍ଧ ଓ ମହାବୀରଙ୍କ ପଦାଙ୍କ ଅନୁସରଣ କରି ଏକ ସୁସ୍ଥ, ସ୍ୱଚ୍ଛନ୍ଦ, ସାବଲୀଳ ଜୀବନ ଛାଡ଼ି ଏକ ଆର୍ଥିକ ରୁଗ୍‌ଣ, ବାତ୍ୟା ବିଧ୍ୱସ୍ତ ରାଜ୍ୟର ଶାସନ ଭାର ନେବାକୁ ଆଗେଇ ଆସିଥିଲେ ନବୀନ ପଟ୍ଟନାୟକ। ସମ୍ଭ୍ରାନ୍ତ ବନ୍ଧୁଙ୍କ ସାନ୍ନିଧ ଛାଡ଼ି ଓଡ଼ିଶାର ଚାଷୀ, ମହିଳା, ଆଦିବାସୀଙ୍କ ସେବା କରିବା ଲାଗି ପଣ କରିଥିଲେ। ଏହାର ଫଳଶ୍ରୁତି ଥିଲା ଅତ୍ୟନ୍ତ ଚମକପ୍ରଦ। ବଦଳି ଯାଇଥିଲା ଦେଶର ସବୁଠୁ ଦୁର୍ବଳ, ଆର୍ଥିକ ରୁଗ୍‌ଣ, ମହାବାତ୍ୟା ଓ ମହାମାରୀ ପ୍ରବଣ ଓଡ଼ିଶାର କାୟାକଳ୍ପ। ତାଙ୍କ ହାତର କାଉଁରୀ ଛୁଆଁ ଓଡ଼ିଶାର ସଫଳତା ଓ ସୁନାମକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବାକୁ ସକ୍ଷମ ହୋଇଥିଲା।

ଓଡ଼ିଆଙ୍କ ବିକାଶ, ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ସ୍ୱପ୍ନ ଦେଖୁଥିବା ପ୍ରବାଦପୁରୁଷ ବିଜୁବାବୁଙ୍କ ପଦାଙ୍କ ଅନୁସରଣ କରି ନବୀନ ଆଙ୍କିଥିଲେ ବିକାଶ ନକ୍ସା। ତାଙ୍କର ଦାରିଦ୍ର୍ୟ ଦୂରୀକରଣ, ସାମାଜିକ ସୁରକ୍ଷା, ମହିଳା ଓ କୃଷକଙ୍କ ସଶକ୍ତିକରଣ, ଶିଳ୍ପ ସ୍ଥାପନ, ସ୍ଥାନୀୟ ନିଯୁକ୍ତି କାର୍ଯ୍ୟକ୍ରମ ବଦଳାଇ ଦେଇଥିଲା ଓଡ଼ିଶାର ରୂପରେଖ। ସାଧାରଣ ଗରିବ ରୋଗୀର ଘରୋଇ ଡାକ୍ତରଖାନାରେ ଚିକିତ୍ସା ସ୍ୱପ୍ନକୁ ପୂରଣ କରିଥିଲା 'ବିଏସ୍‌କେୱାଇ'। ରାଜ୍ୟର ୮୦ଲକ୍ଷ ମହିଳାଙ୍କୁ ଆର୍ଥିକ ଓ ସାମାଜିକସ୍ତରରେ ସ୍ୱାବଲମ୍ବୀ କରିଥିବା 'ମିଶନ ଶକ୍ତି' ଦେଶର ଶ୍ରେଷ୍ଠ ମଡେଲ ଭାବରେ ବିବେଚିତ ହୋଇଥିଲା। ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିଥିଲା 'କାଳିଆ' ଓ 'ବଳରାମ' ପରି ଯୋଜନା।


ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କୁ ପ୍ରାଧାନ୍ୟ ଓଡ଼ିଶାକୁ ସାରା ଦେଶରେ ଦେଇଥିଲା ନୂଆ ପରିଚୟ। ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ୧୫% ସଂରକ୍ଷଣ, 'ନୂଆ-ଓ' ଯୋଜନାରେ କଲେଜ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ ବୃତ୍ତି ଥିଲା ସମ୍ପୂର୍ଣ୍ଣ ନୂତନ ପଦକ୍ଷେପ। ରୂପାନ୍ତରଣ ଯୋଜନାରେ ରାଜ୍ୟର ଶିକ୍ଷାନୁଷ୍ଠାନ ନୂତନ ରୂପ। ପରିକ୍ରମା ପ୍ରକଳ୍ପ ଶ୍ରୀକ୍ଷେତ୍ର ପୁରୀର ଛବିକୁ ବଦଳାଇ ଦେଇଥିଲା। ରୂପାନ୍ତରଣ ଢାଞ୍ଚାରେ ବଦଳିଥିଲା ମହାପ୍ରଭୁ ଲିଙ୍ଗରାଜ, ତାରାତାରିଣୀ, ସମଲେଶ୍ୱରୀ ସହ ରାଜ୍ୟର ପ୍ରମୁଖ ଧାର୍ମିକ ପୀଠର କାୟାକଳ୍ପ। ସରକାରରେ ସ୍ୱଚ୍ଛତା ସହ ପ୍ରଶାସନକୁ ଦକ୍ଷ କରାଯିବା ନିମନ୍ତେ ଆରମ୍ଭ ହୋଇଥିଲା 'ମୋ ସରକାର'। ସରକାରୀ କାର୍ଯ୍ୟାନ୍ୱୟନ ପଦ୍ଧତିକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ନିମନ୍ତେ କାର୍ଯ୍ୟକାରୀ ହୋଇଥିଲା '୫-ଟି' ବ୍ୟବସ୍ଥା। ନବୀନଙ୍କ ପଦକ୍ଷେପର ଫଳଶ୍ରୁତି ସ୍ୱରୂପ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶାକୁ ମିଳିଥିଲା ଅନ୍ତର୍ଜାତୀୟ ସମ୍ମାନ। ବିପର୍ଯ୍ୟୟ ପରିଚାଳନାରେ ବିପୁଳ ସଫଳତା ପାଇଁ ମିଳିତ ଜାତିସଂଘ ଦେଇଥିଲା ସ୍ୱୀକୃତି। କ୍ରୀଡ଼ା କ୍ଷେତ୍ରର ରୂପାନ୍ତରଣ ଓ କ୍ରୀଡ଼ା ଆୟୋଜନରେ ସଫଳତା ପାଇଁ ଦେଶର କ୍ରୀଡ଼ା ହବ୍‌ରେ ପରିଣତ ହୋଇଥିଲା ଓଡ଼ିଶା। ଭୋକର ଭୂଗୋଳ ଓଡ଼ିଶା ଦେଶର ୪ର୍ଥ ଶ୍ରେଷ୍ଠ ଚାଉଳ ଯୋଗାଣକାରୀ ଓ ନିଅଣ୍ଟିଆରୁ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇ ପାରିଥିଲା। ଜଳସେଚନ, ଜଳ ଯୋଗାଣ, ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ସାମାଜିକ କଲ୍ୟାଣ କ୍ଷେତ୍ରରେ ଓଡ଼ିଶା ବିକାଶର ଅଗ୍ରଦୂତ ସାଜିଥିଲା, ସରକାରୀ ସେବା ହୋଇଥିଲା ଲୋକାଭିମୁଖୀ।

ସମାନତା ହେଉଛି ଏକ ରାଜନୈତିକ ମୂଲ୍ୟବୋଧ, ଯାହା ସୁନିଶ୍ଚିତ କରିବା ଶାସନ ମୁଖ୍ୟଙ୍କ ଦାୟିତ୍ୱ। ଜ୍ୟାମିତିକ ସମାନତା ରାଜନୈତିକ ନ୍ୟାୟ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଥାଏ ଓ ସାଧାରଣ ଲୋକଙ୍କ କଲ୍ୟାଣକୁ ସୁନିଶ୍ଚିତ କରିଥାଏ। ଶାସ୍ତ୍ରରେ କୁହାଯାଇଛି, ଯେଉଁଠି ଆଇନ ନ୍ୟାୟସଙ୍ଗତ ନୁହେଁ, ତେବେ ତାହା ଅଦରକାରୀ ଓ ସାଧାରଣ ଲୋକଙ୍କ ପାଇଁ ଅହିତକର। ନବୀନ ଏହାକୁ ବୁଝିଥିଲେ ଓ କାର୍ଯ୍ୟରେ ବି ପରିଣତ କରିଥିଲେ। ସେଇଥିପାଇଁ ନବୀନ ଭିନ୍ନ, ଅନନ୍ୟ ଓ ସ୍ୱତନ୍ତ୍ର। ରାଜନୀତିର ସମୟ ଚକ୍ର ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ପଦଚ୍ୟୁତ କରିଛି ସିନା; ଏବେ ବି ସେ ରାଜ୍ୟର କୋଟିକୋଟି ଲୋକଙ୍କ ହୃଦୟର ମୁଖ୍ୟମନ୍ତ୍ରୀ।

ଆଜି ତାଙ୍କ ଜନ୍ମ ଦିନ। ଏହି ଅବସରରେ ତାଙ୍କୁ ଅଯୁତ ଅଯୁତ ଶୁଭ କାମନା ଜଣାଉଛୁ ଓ ଦୀର୍ଘ ନିରାମୟ ଜୀବନ କାମନା କରୁଛୁ।

ସାଂସଦ, ରାଜ୍ୟସଭା



## ଫାଶୀ ବଦଳରେ ବିଷ ଇଞ୍ଜେକ୍ସନ ଦେବାକୁ କେନ୍ଦ୍ରର ନା

ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି): ମୃତ୍ୟୁଦଣ୍ଡର ଦେବାର ଉପାୟ ବଦଳାଇବାକୁ ନେଇ କେନ୍ଦ୍ର ଦେଇଥିବା ଉତ୍ତର ଉପରେ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମୟ ସହିତ ବହୁତ କିଛି ବଦଳି ଯାଇଛି, କିନ୍ତୁ ସରକାର ଚିନ୍ତାଧାରା ବଦଳାଇବାକୁ ପ୍ରସ୍ତୁତ ନ ଥିବାରୁ ସମସ୍ୟା ହେଉଛି ବୋଲି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ କହିଛନ୍ତି। ଏହା ପୂର୍ବରୁ ମୃତ୍ୟୁଦଣ୍ଡ ପାଇଥିବା ଦୋଷୀଙ୍କୁ ଫାଶୀ ବଦଳରେ ଘାତକ ବିଷ ଇଞ୍ଜେକ୍ସନ ଦେବାକୁ କେନ୍ଦ୍ର ମନା କରିଦେଇଥିଲା। ଏଭଳି ବିକଳ୍ପ ଦେବା ବ୍ୟବହାରିକ ଦୃଷ୍ଟିରୁ ସମ୍ଭବ ନୁହେଁ ବୋଲି ସତ୍ୟପାଠରେ କୁହାଯାଇଥିଲା। ଏକ ଜନସ୍ୱାର୍ଥ ଆବେଦନରେ ଓକିଲ ଋଷି ମଲ୍‌ହୋତ୍ରା ଏହି ବିକଳ୍ପ ଦାବି କରିଥିଲେ। ଦୋଷୀଙ୍କୁ ଫାଶୀ କିମ୍ବା ବିଷ ଇଞ୍ଜେକ୍ସନର ଚୟନ କରିବାର ସୁଯୋଗ ଦେବାକୁ କହିଥିଲେ। ଇଞ୍ଜେକ୍ସନକୁ ସେ ଦ୍ରୁତ, ମାନବୀୟ ଏବଂ ସମ୍ମାନଜନକ କହିଥିଲେ। ଏହା ଉପରେ ଖଣ୍ଡପୀଠ କହିଥିଲେ ଯେ ଫାଶୀ ବହୁତ ପୁରୁଣା ପ୍ରକ୍ରିୟା। ସମୟ ସହିତ ବହୁତ କିଛି ବଦଳି ଯାଇଛି। କିନ୍ତୁ ସରକାର ଏହା ଚାହୁଁନାହାନ୍ତି।

### ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମଙ୍ଗୋଲିଆ ରାଷ୍ଟ୍ରପତି

## ଦୁଇ ଦେଶ ମଧ୍ୟରେ ୧୦ ଚୁକ୍ତି ସ୍ୱାକ୍ଷରିତ

ନୂଆଦିଲ୍ଲୀ, ୧୫।୧୦(ଏଜେନ୍ସି): ମଙ୍ଗୋଲିଆର ରାଷ୍ଟ୍ରପତି ଖୁରେଲସୁଖ ଉଖନା ମଙ୍ଗଳବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ଦୁଇ ଦେଶ ମଧ୍ୟରେ ୟୁରାଇନିୟମ ସପ୍ଲାଇ ସମେତ ୧୫ ହଜାର କୋଟି ଟଙ୍କାର ଅଏଲ ରିଫାଇନାରୀ ଓ ପ୍ରତିରକ୍ଷା ସହଯୋଗ ବୃଦ୍ଧି ନେଇ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏଥିସହ ତମ୍ବା, ୟୁରାନିୟମ, କୁକିଂ କୋଇଲା ଭଳି ଧାତୁର ସପ୍ଲାଇ ଚେନ୍‌କୁ ଆହୁରି ଦୃଢ଼ କରିବାକୁ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି। ଦୁଇ ଦେଶ ମଧ୍ୟରେ ୧୦ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଭାରତ ୨୦୨୬ରେ ଗୌତମ ବୁଦ୍ଧଙ୍କ ଦୁଇଜଣ ଶିଷ୍ୟ ଅରାହତ ସାରିପୁତ ଓ ଅରାହତ ମହା ମୋଗାଲାନାଙ୍କ ପବିତ୍ର ଅବଶେଷ ମଙ୍ଗୋଲିଆ ପଠାଇବ। ଭାରତ ଓ ମଙ୍ଗୋଲିଆ ୧୦ ବର୍ଷ ତଳେ ରାଣନୈତିକ ବନ୍ଧୁତ୍ୱ ସ୍ଥାପନ କରିଥିଲେ। ଏବେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ଓ ସୁରକ୍ଷା ନେଇ ସହଯୋଗ ବୃଦ୍ଧି ପାଇଛି। ମଙ୍ଗୋଲିଆର ଗାନଦାନ ମଠକୁ ଭାରତ ଜଣେ ସଂସ୍କୃତ ଶିକ୍ଷକଙ୍କୁ ମଧ୍ୟ ପଠାଇବ। ମଙ୍ଗୋଲିଆର ବିକାଶରେ ଭାରତ ଜଣେ ଦୃଢ଼ ଓ ବିଶ୍ୱସନୀୟ ବନ୍ଧୁର ଦାୟିତ୍ୱ ବହନ କରିବ ବୋଲି ମୋଦୀ କହିଛନ୍ତି। ଆମର ପଡୋଶୀ ହୋଇ ନଥିଲେ ମଧ୍ୟ ମଙ୍ଗୋଲିଆକୁ ଆମେ ନିକଟତମ ବନ୍ଧୁ ବୋଲି ବିବେଚନା କରୁ। ଦୁଇ ଦେଶ ସାଥି ହୋଇ ଗ୍ଲୋବାଲ୍ ସାଉଥ୍‌ର ସ୍ୱରକୁ ଆହୁରି ମଜବୁତ କରିବୁ ବୋଲି ସେ କହିଛନ୍ତି।

## ଦିଲ୍ଲୀରେ ସବୁଜ ବାଣକୁ ସୁପ୍ରିମକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ, ୧୫।୧୦(ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର ଦିଲ୍ଲୀ-ଏନସିଆରରେ ସବୁଜ ବାଣ ବିକ୍ରି କରିବା ଓ ଫୁଟାଇବାକୁ ଅନୁମତି ଦେଇଛନ୍ତି। ତେବେ ଏହି ଅନୁମତି ଅକ୍ଟୋବର ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ଲାଗୁ ହେବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଲୋକ ସକାଳ ୬ରୁ ୭ଟା ଓ ସନ୍ଧ୍ୟା। ୮ରୁ ୧୦ଟା ମଧ୍ୟରେ ଅର୍ଥାତ ମୋଟ ଉପରେ ୩ ଘଣ୍ଟା ଏହି ସବୁଜ ବାଣ ଫୁଟାଇପାରିବେ ବୋଲି ମୁଖ୍ୟ ବିଚାରପତି (ସିଜେଆଇ) ବିଆର ଗଭାଇ ଓ ଜଷ୍ଟିସ ବିନୋଦ ଚନ୍ଦ୍ରଙ୍କ ଖଣ୍ଡପୀଠ କେତୋଟି ସର୍ତ୍ତ ସହ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ସୁପ୍ରିମକୋର୍ଟ ୫ଟି ସର୍ତ୍ତ ରଖିଛନ୍ତି। ଆମକୁ ସନ୍ତୁଳନ ରକ୍ଷା କରିବାକୁ ହେବ, କିନ୍ତୁ ପର୍ଯ୍ୟାବରଣକୁ ନେଇ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଦୀପାବଳି, ଗୁରୁପର୍ବ ଓ ଖ୍ରୀଷ୍ଟମାସ ଭଳି କେତୋଟି ପର୍ବରେ ଦିଲ୍ଲୀ-ଏନ୍‌ସିଆରର ରାଜ୍ୟ ଓ କେନ୍ଦ୍ର ତରଫରୁ ସିଲିସିଟର ଜେନେରାଲ ତୁଷାର ମେହେଟା ସୁପ୍ରିମକୋର୍ଟଙ୍କଠାରୁ ବାଣ ଫୁଟାଇବା ପାଇଁ ଅନୁମତି ମାଗିଥିଲେ। ସୁପ୍ରିମକୋର୍ଟ ଅକ୍ଟୋବର ୧୦ରେ ସବୁଜ ବାଣର ତିଆରି ଓ ବିକ୍ରି ପାଇଁ ଅନୁମତିର ଆବେଦନ ନେଇ ନିଜର ରାୟ ସୁରକ୍ଷିତ ରଖିଥିଲେ। ସବୁଜ ବାଣ ଫୁଟାଇବାକୁ ଅନୁମତି ଦେଇଥିବାରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତ ସୁପ୍ରିମକୋର୍ଟଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପତ୍ନୀ ହତ୍ୟାକାରୀ ଡାକ୍ତର ୬ ମାସ ପରେ ଗିରଫ

ବେଙ୍ଗାଲୁରୁ, ୧୫।୧୦(ଏଜେନ୍ସି): ଡାକ୍ତରାଣୀ ପତ୍ନୀଙ୍କୁ ହତ୍ୟା କରିବାର ୬ ମାସ ପରେ ଗିରଫ ହୋଇଛନ୍ତି ବେଙ୍ଗାଲୁରୁର ଜଣେ ଡାକ୍ତର। ଜେନେରାଲ ସର୍ଜନ ଭାବେ ଏକ ହସ୍ପିଟାଲରେ କାର୍ଯ୍ୟ କରୁଥିବା ମହେନ୍ଦ୍ର ରେଡ୍ଡୀ ପୂର୍ବ ବେଙ୍ଗାଲୁରୁସ୍ଥିତ ନିଜ ଘରେ ପତ୍ନୀ କୃତିକା ରେଡ୍ଡୀଙ୍କୁ ଆନାସଥେସିଆ ଔଷଧ ଓଭରଡୋଜ ଦେଇ ଏହି କାଣ୍ଡ ଘଟାଇଛନ୍ତି। ଗତ ଏପ୍ରିଲ ୨୧ରେ ଏହି ଘଟଣା ଘଟିଥିଲା। କୃତିକା ଡର୍ମିଟୋଲିଜଷ୍ଟ ଭାବେ କାର୍ଯ୍ୟ କରିଛନ୍ତି। ଦୁହେଁ ଭିକ୍ଟୋରିଆ ହସ୍ପିଟାଲରେ ନିଯୋଜିତ ରହିଥିଲେ। ଓଭରଡୋଜ ନେବା ପରେ ସେ ଅସୁସ୍ଥ ଅନୁଭବ କରିଥିଲେ। ମହେନ୍ଦ୍ର ତାଙ୍କୁ ହସ୍ପିଟାଲ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ଅସ୍ୱାଭିକ ମୃତ୍ୟୁ ଥିଲ ବୋଲି ମରାଠହାଲି ଥାନାରେ ମାମଲା ରୁଜୁ ହୋଇଥିଲା। ଗତବର୍ଷ ମେ ୨୬ରେ ଦୁହେଁ ବିବାହ କରିଥିଲେ। ମହେନ୍ଦ୍ରଙ୍କ ଘରେ ତଲାସ କରାଯାଉଥିବା ବେଳେ କାନୁଲାଟ ସେଟ୍, ଇଞ୍ଜେକସନ ଟ୍ୟୁବ ଓ ଅନ୍ୟ ମେଡିକାଲ ଉପକରଣ ଜବତ କରାଯାଇଥିଲା। ଫରେନସିକ ଆନାଲିସିସ ପାଇଁ ଏହି ମେଡିକାଲ ଉପକରଣଗୁଡିକୁ ତଦନ୍ତକାରୀ ଦଳକୁ ଦିଆଯାଇଥିଲା। ଏଥିରୁ ପ୍ରେପୋଫୋଲ ନାମକ ଏକ ଆନାସ୍ଥାସିଆ ଔଷଧ ମିଳିଥିଲା। ଫଳରେ ତଦନ୍ତକାରୀ ଦଳର ସନ୍ଦେହ ସୃଷ୍ଟି ହୋଇଥିଲା। ଏହାକୁ ଭିତ୍ତିକରି ପୀଡିତାଙ୍କ ପିତା ଅକ୍ଟୋବର ୧୩ରେ ଅଭିଯୋଗ କରିଥିଲେ। ଏହି ଔଷଧ ବ୍ୟବହାର କରି ଜ୍ୱାଇଁ ଝିଅକୁ ହତ୍ୟା କରିଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ। ଏହାପରେ ମରାଠାହାଲି ପୁଲିସ ମହେନ୍ଦ୍ରଙ୍କୁ ଗରିଫ କରିଛି।

## ଗୁଇନ୍ଦାଗିରି ଅଭିଯୋଗରେ ୮ ଜଣଙ୍କୁ ହତ୍ୟାକଲା ହମାସ୍

ତେଲ ଅଭିଭ୍/ ଗାଜା, ୧୫।୧୦(ଏଜେନ୍ସି): ଗାଜାରେ ହମାସ ୮ ଜଣ ଲୋକଙ୍କୁ ସଡ଼କରେ ହିଁ ସ୍ପଷ୍ଟ ଦିବାଲୋକରେ ଗୁଳିମାରି ହତ୍ୟା କରିଛି। ହାମାସ ଏମାନଙ୍କୁ ଇସ୍ରାଏଲର ଗୁପ୍ତଚର ବୋଲି ଅଭିହିତ କରିଥିଲା। ଏହାର ଭିଡିଓ ଭାଇରାଲ ହୋଇଛି। ଏଥିରେ ୮ ଜଣ ଲୋକଙ୍କ ଆଖିରେ ପଟି ବାନ୍ଧି ସଡ଼କ ଉପରେ ବସାଇ ହାମାସର ଯୋଦ୍ଧାମାନେ ଏମାନଙ୍କୁ ଗୁଳି ମାରିଥିଲେ। ଏତିକି ବେଳେ କିଛି ଲୋକ 'ଅଲ୍ଲା ହୁ ଆକବର' ଉଚ୍ଚାରଣ କରୁଥିବାର ଦେଖାଯାଇଛି। ଅସ୍ତ୍ରବିରତି ପରେ ଇସ୍ରାଏଲ ସେନା ଗାଜାରୁ ପଛକୁ ହଟିବା ପରେ ହମାସ ତାର ଶକ୍ତିବୃଦ୍ଧି କରିବାକୁ ପ୍ରୟାସ ଜାରି ରଖିଛି। ଇସ୍ରାଏଲ ଅଧିକୃତ ଅଞ୍ଚଳରେ ଯେଉଁ ଲୋକ ଓ ଗୋଷ୍ଠୀ ଶକ୍ତିଶଳୀ ହୋଇ ଉଠିଥିଲେ, ସେମାନଙ୍କୁ ହମାସ ଟାର୍ଗେଟ କରି ଆକ୍ରମଣ କରୁଛି। ଏହି ଗୋଷ୍ଠୀର ଲୋକମାନେ ରିଲିଫ ସାମଗ୍ରୀ ଲୁଟ୍ କରିବା ସହ ବିକ୍ରି କରୁଥିଲେ ଓ ଏହା ଦ୍ୱାରା ଗାଜାରେ ଦୁର୍ଭିକ୍ଷ ତଥା ଖାଦ୍ୟାଭାବ କାରଣରୁ ବହୁ ଲୋକ ମୃତ୍ୟୁବରଣ କରିଥିଲେ। ତେବେ ଏହି ହତ୍ୟା ଘଟଣାକୁ ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମ୍ମଦ ଆବାସ ଭୁଲ ବୋଲି କହିଛନ୍ତି। ପୂର୍ବରୁ ମଙ୍ଗଳବାର ହମାସ ୪ ଜଣ ଇସ୍ରାଏଲ ପଣବନ୍ଦୀଙ୍କ ମୃତଦେହ ଇସ୍ରାଲେ ଡିଫେନ୍ସ ଫୋର୍ସ (ଆଇଡିଏଫ୍)କୁ ହସ୍ତାନ୍ତର କରିଥିଲା। ପ୍ରଥମେ ଏହି ମୃତଦେହଗୁଡିକୁ ହମାସ ରେଡକ୍ରସ୍‌କୁ ଦେଇଥିଲା। ଏହାପରେ ରେଡକ୍ରସ ଏଗୁଡିକୁ ଆଇଡିଏଫ୍‌କୁ ହସ୍ତାନ୍ତର କରିଥିଲା।

## ତାଜମହଲ ବୁଲିଲେ ୩୨ ଦେଶର ସେନାମୁଖ୍ୟ

ଆଗ୍ରା, ୧୫।୧୦(ଏଜେନ୍ସି): ୩୨ଟି ଦେଶର ସେନାମୁଖ୍ୟ ବୁଧବାର ତାଜମହଲ ପରିଦର୍ଶନ କରିଛନ୍ତି। ସେନାମୁଖ୍ୟ ମାନେ ଏକ ବିମାନରେ ଆଗ୍ରାରେ ପହଞ୍ଚିବା ପରେ ତାଜମହଲ ଦେଖିବାକୁ ଯାଇଥିଲେ। ପାଖାପାଖି ଏକ ଘଣ୍ଟା ସେମାନେ ତାଜମହଲକୁ ମନଭରି ଦେଖିବାର ସୁଯୋଗ ପାଇଥିଲେ। ତାଜମହଲକୁ ସେମାନେ ପ୍ରଶଂସା କରିବା ସହ ସେଠାରେ ନିଜ ପରିବାର ସଦସ୍ୟଙ୍କ ସହ ଫଟୋ ଉଠାଇଥିଲେ। ସେନାମୁଖ୍ୟଙ୍କ ସହ ୨୫୦ ଜଣ ସଦସ୍ୟ ବିଶିଷ୍ଟ ଏକ ପ୍ରତିନିଧିମଣ୍ଡଳୀ ମଧ୍ୟ ଆସିଥିଲା। ନୂଆଦିଲ୍ଲୀରେ ଏକ ୩ ଦିନିଆ ଏସ୍‌ସିଓ ସମ୍ମିଳନୀ ଚାଲୁଛି। ଏଥିରେ ସମସ୍ତେ ସାମିଲ ହେବାକୁ ଭାରତ ଆସିଥିଲେ। ଅକ୍ଟୋବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ୟୁନାଇଟେଡ ନେସନ୍ସ ଟ୍ରୁପ୍ କଣ୍ଟ୍ରିବ୍ୟୁଟିଂ କଣ୍ଟ୍ରିଜ (ୟୁଏନଟିସିସି) ସମ୍ମିଳନୀ ଚାଲିଛି। ଏଥିରେ ୩୦ରୁ ଅଧିକ ଦେଶର ସେନାମୁଖ୍ୟ ଭାବେ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀ ସ୍ୱଦେଶୀ ବୈଷୟିକ ଜ୍ଞାନକୌଶଳର ଉପଯୋଗ ନେଇ ଆୟୋଜିତ ହୋଇଛି।

# ରକ୍ତାକ୍ତ ସଂଘର୍ଷ ପରେ ଅସ୍ତ୍ରବିରତି

କାବୁଲ/ଇସଲାମାବାଦ, ୧୫।୧୦ (ଏଜେନ୍ସି): ପୁରୁଣା ବନ୍ଧୁତା ଏବେ ଶତ୍ରୁତାରେ ପରିଣତ ହୋଇଯାଇଛି। ଆଫଗାନିସ୍ତାନର ତାଲିବାନ ସରକାର ଏବଂ ପାକିସ୍ତାନ ମଧ୍ୟରେ ଚରମ ଉତ୍ତେଜନା ସୃଷ୍ଟି ହୋଇଛି। ଦୁଇ ଦେଶ ଘମାଘୋଟ ସଂଘର୍ଷରେ ଲିପ୍ତ ରହିଛନ୍ତି। ସପ୍ତାହ ଭିତରେ ଏହି ଉଭୟ ପଡୋଶୀ ରାଷ୍ଟ୍ର ତିନି ଥର ମୁହାଁମୁହିଁ ହେଲେଣି। ବୁଧବାର ସନ୍ଧ୍ୟାରେ ଆଫଗାନିସ୍ତାନର ରାଜଧାନୀ କାବୁଲରେ ପାକିସ୍ତାନ ଆକାଶ ମାର୍ଗରୁ ଆକ୍ରମଣ କରିଛି। କାବୁଲ ଏବଂ ସ୍ପିନ ବୋଲ୍ଡକ ଅଞ୍ଚଳରେ ବୋମାମାଡ଼ କରାଯାଇଛି। ଏଥିରେ ତାଲିବାନ ସଦସ୍ୟଙ୍କ ସମେତ ୨୪ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ସୂଚନା ମିଳିଛି। ଅନେକ କୋଠା ଜଳୁଥିବା ଦେଖାଯାଉଛି।

**ପାକିସ୍ତାନ-ଆଫଗାନ ମଧ୍ୟରେ ଘମାଘୋଟ ସଂଘର୍ଷ**

**କାବୁଲରେ ବୋମାମାଡ଼; ପେଶାୱରରେ ଡ୍ରୋନ ଆକ୍ରମଣ**

**୫୦ରୁ ଅଧିକ ମୃତ୍ୟୁ ହୋଇଥିବା ଦାବି**

**ତାଲିବାନର ଚତୁର୍ଥ ବାଟାଲିୟନ, ଷଷ୍ଠ ବ୍ରିଗେଡ ଧ୍ୱଂସ: ପାକ୍**

**୪୮ ଘଣ୍ଟିଆ ଅସ୍ତ୍ରବିରତି ପାଇଁ ଦୁଇଦେଶ ରାଜି**



ପାକିସ୍ତାନ ଗଣମାଧ୍ୟମ ଅନୁଯାୟୀ, ତାଲିବାନ ଆକ୍ରମଣକୁ ଜବାବ ଦିଆଯାଇଛି। ଏହି ଆକ୍ରମଣରେ କାନ୍ଦାହାର ପ୍ରଦେଶରେ ଥିବା ତାଲିବାନର ମୁଖ୍ୟ ଠିକଣାକୁ ଧ୍ୱଂସ କରିଦିଆଯାଇଛି। ଚତୁର୍ଥ ବାଟାଲିୟନ ଏବଂ ଷଷ୍ଠ ବ୍ରିଗେଡ୍ ଏଥିରେ ସମ୍ପୂର୍ଣ୍ଣ ଧ୍ୱସ୍ତ ହୋଇଯାଇଛି। ଅନେକ ତାଲିବାନ ସଦସ୍ୟ ଏବଂ ବିଦେଶୀ ନାଗରିକ ମଧ୍ୟ ପ୍ରାଣ ହରାଇଛନ୍ତି। ତେବେ ଆଫଗାନିସ୍ତାନ ଏହି ଦାବିକୁ ଖାରଜ କରିଦେଇଛି। ତାଲିବାନ ମଧ୍ୟ ଚୁପ୍ ହୋଇ ବସି ନାହିଁ। ଏହାର ଜବାବରେ ପେଶାୱରରେ ଡ୍ରୋନ ଆକ୍ରମଣ କରିଛି। ଏଥିରେ ଏକ ପ୍ଲାଜାର ପ୍ରକୋଷ୍ଠକୁ ନିଶାଣ କରାଯାଇଛି। ଗୁଇନ୍ଦା କାର୍ଯ୍ୟକଳାପ ପାଇଁ ଏହାକୁ ଗୁପ୍ତ ଅଫିସ ଭାବେ ବ୍ୟବହାର କରାଯାଉଥିବା ଦାବି କରାଯାଇଛି। ଏହା ସହିତ ପାକିସ୍ତାନ ସୀମାକୁ ତାଲିବାନ ଟ୍ୟାଙ୍କ ପଠାଇଛି।

ଏହି ଆକ୍ରମଣ ପରେ ଦୁଇ ଦେଶ ଶାନ୍ତି ପ୍ରୟାସ କରିଛନ୍ତି। ୪୮ ଘଣ୍ଟିଆ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଏହା ସନ୍ଧ୍ୟା ୬ଟା୩୦ରୁ ଆରମ୍ଭ ହୋଇଛି। ଆଲୋଚନା ମାଧ୍ୟମରେ ଉଭୟ ଦେଶ ବିବାଦର ସମାଧାନ ପାଇଁ ପ୍ରୟାସ କରିବେ ବୋଲି ପାକିସ୍ତାନ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ମଙ୍ଗଳବାର ରାତିରେ ପାକିସ୍ତାନ ସୁରକ୍ଷାବାହିନୀ ଏବଂ ଆଫଗାନ ତାଲିବାନ ମଧ୍ୟରେ ସଂଘର୍ଷ ହୋଇଥିଲା। ଆଫଗାନିସ୍ତାନ ପ୍ରବକ୍ତା ଜବିହୁଲ୍ଲାହ ମୁଜାହିଦ କହିଛନ୍ତି ଯେ ବୁଧବାର ସକାଳେ ପାକିସ୍ତାନ ସେନା କାନ୍ଦାହାରର ସ୍ପିନ ବୋଲ୍ଡକ ଅଞ୍ଚଳରେ ଆକ୍ରମଣ କରିଥିଲା। ଏଥିରେ ୧୨ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବାବେଳେ ୧୦୦ରୁ ଅଧିକ ଆହତ ହୋଇଥିଲେ। ଜବାବରେ ପାକିସ୍ତାନର ୭ ସୈନିକ ମଧ୍ୟ ନିହତ ହୋଇଥିଲେ। ଏହା ପରେ ପାକିସ୍ତାନ ସୀମାକୁ ଟ୍ୟାଙ୍କ ପଠା ଯାଇଥିଲା। ପାକିସ୍ତାନ ସେନାର ଗଣମାଧ୍ୟମ ଶାଖା (ଆଇଏସପିଆର) ପକ୍ଷରୁ କୁହାଯାଇଥିଲା ଯେ ବଲୁଚିସ୍ତାନ ସୀମାରେ ଆଫଗାନ ତାଲିବାନର ଆକ୍ରମଣକୁ ସୁରକ୍ଷାବାହିନୀ ବିଫଳ କରିଦେଇଛି। ଏଥିରେ ତାଲିବାନର ୧୫ରୁ ୨୦ ସଦସ୍ୟ ପ୍ରାଣ ହରାଇଛନ୍ତି।

ଆଫଗାନିସ୍ତନ ଏବଂ ପାକିସ୍ତାନ ଉଭୟେ ପରସ୍ପରର ସେନା ପୋଷ୍ଟକୁ କବ୍‌ଜା କରିଥିବା ଦାବି କରିଛନ୍ତି। ଏହା ସହିତ ଟ୍ୟାଙ୍କକୁ ଧ୍ୱଂସ କରିଦିଆଯାଇଛି। ସୀମାରେ ତାଲିବାନ ପ୍ରଥମେ ଗୁଳିମାଡ଼ କରିଥିବା ପାକିସ୍ତାନ ଅଭିଯୋଗ କରିଛି। ସେହିପରି ଆଫଗାନ ପକ୍ଷରୁ କୁହାଯାଇଛି ଯେ ଦେଶ ପ୍ରତି ବିପଦ ସୃଷ୍ଟି ହେଉଥିବା ସ୍ଥାନକୁ ନିଶାଣ କରି ସେନା ଆକ୍ରମଣ କରିଥିଲା।

## ଟପ୍-୧୦ରୁ ବାଦ୍ ପଡ଼ିଲା ଆମେରିକା ପାସପୋର୍ଟ

ୱାଶିଂଟନ, ୧୫।୧୦(ଏଜେନ୍ସି): ହେନଲୀ ପାସପୋର୍ଟ ଇଣ୍ଡେକ୍ସ-୨୦୨୫ ପ୍ରକାଶିତ ହୋଇଛି। ବିଶ୍ୱର ବିଭିନ୍ନ ଦେଶର ଶକ୍ତିଶାଳୀ ପାସପୋର୍ଟକୁ ନେଇ ଏହି ସଂସ୍ଥା ତାଲିକା ପ୍ରକାଶିତ କରିଥାଏ। ଆମେରିକା ପାସ୍‌ପୋର୍ଟ ପ୍ରଥମଥର ପାଇଁ ଶ୍ରେଷ୍ଠ-୧୦ରୁ ବାଦ୍ ପଡ଼ିଛି। ଗତ ୨୦ ବର୍ଷ ଅର୍ଥାତ ଦୁଇ ଦସନ୍ଧି ମଧ୍ୟରେ ପ୍ରଥମଥର ପାଇଁ ଆମେରିକାର ପାସ୍‌ପୋର୍ଟ ଶ୍ରେଷ୍ଠ-୧୦ ତାଲିକାରୁ ବାଦ୍ ପଡ଼ିଛି। ଆମେରିକା ଏଥିରେ ମାଲେସିଆ ସହିତ ଯୁଗ୍ମଭାବେ ଦ୍ୱାଦଶ ସ୍ଥାନରେ ରହିଛି। ୨୨୭ଟି ଦେଶ ମଧ୍ୟରୁ ମାଲେସିଆ ପାସପୋର୍ଟ ସହିତ ଜଣେ ବ୍ୟକ୍ତି ବିନା ଭିସାରେ ୧୮୦ଟି ଦେଶକୁ ଭ୍ରମଣ କରିପାରିବେ। ଅନ୍ୟପଟେ ସିଙ୍ଗାପୁର ପାସ୍‌ପୋର୍ଟ ସବୁଠାରୁ ଶକ୍ତିଶାଳୀ ସାବ୍ୟସ୍ତ ହୋଇଛି ଓ ଏହା ତାଲିକାର ଶୀର୍ଷରେ ରହିଛି। ସିଙ୍ଗାପୁର ପାସ୍‌ପୋର୍ଟ ସହ ଜଣେ ବ୍ୟକ୍ତି ୧୯୩ଟି ଦେଶକୁ ବିନା ଭିସାରେ ଯାଇପାରିବେ। ତାଲିକାର ଦ୍ୱିତୀୟ ସ୍ଥାନରେ ଦକ୍ଷିଣ କୋରିଆ ଓ ତୃତୀୟ ସ୍ଥାନରେ ଜାପାନ ରହିଛି। ଏହି ଦୁଇଟି ଦେଶର ପାସପୋର୍ଟଧାରୀ ବିନା ଭିସାରେ ଯଥାକ୍ରମେ ୧୯୦ ଓ ୧୮୯ଟି ଦେଶକୁ ଯାତ୍ରା କରିପାରିବେ। ସେହିପରି ତାଲିକାରେ ଚତୁର୍ଥ ସ୍ଥାନରେ ଜର୍ମାନୀ, ଇଟାଲୀ, ଲକ୍ସମବର୍ଗ, ସ୍ପେନ୍, ସ୍ୱିଜରଲାଣ୍ଡ ମିଳିତ ଭାବେ ସ୍ଥାନୀତ ହୋଇଛନ୍ତି ଓ ଏହି ଦେଶର ପାସ୍‌ପୋର୍ଟଧାରୀ ୧୮୮ଟି ଦେଶକୁ ଯାତ୍ରା କରିପାରିବେ। ସେହିପରି ଅଷ୍ଟ୍ରିଆ, ବେଲଜିୟମ, ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ଫ୍ରାନ୍ସ, ଆୟର୍ଲାଣ୍ଡ ଓ ନେଦରଲାଣ୍ଡସ ମିଳିତ ଭାବେ ୫ମ ସ୍ଥାନରେ ରହିଥିବା ବେଳେ ଏହି ଦେଶଗୁଡିକର ପାସପୋର୍ଟଧାରୀ ୧୮୭ଟି ଦେଶକୁ ବିନା ଭିସାରେ ଯାଇପାରିବେ। ଏହି କ୍ରମରେ ଦେଖିବାକୁ ଗଲେ ଭାରତ ୭୭ତମ ସ୍ଥାନରେ ରହିଛି। ୨୦୨୫ରେ ପ୍ରଥମ କ୍ୱାର୍ଟର ତୁଳନାରେ ଭାରତ ତାଲିକାରେ ୮ଟି ସ୍ଥାନ ଉପରକୁ ଉଠିଛି। ଭାରତୀୟ ପାସପୋର୍ଟ ସହ ଜଣେ ବ୍ୟକ୍ତି ବିଶ୍ୱର ୫୯ଟି ଦେଶକୁ ବିନା ଭିସାରେ ବା ଭିସା ଅନ୍ ଏରାଇଭାଲରେ ଯାତ୍ରା କରିପାରିବେ। ଅନ୍ୟପଟେ ବ୍ରିଟେନ ପାସ୍‌ପୋର୍ଟ ଦୁଇଟି ସ୍ଥାନ ତଳକୁ ଖସି ୮ମ ସ୍ଥାନରେ ରହିଛି। ୨୦୧୫ରେ ବ୍ରିଟେନ ପାସ୍‌ପୋର୍ଟ ଶୀର୍ଷ ସ୍ଥାନରେ ରହିଥିଲା। ସେହିପରି କ୍ରମାଗତ ୫ ବର୍ଷ ପାଇଁ ପାକିସ୍ତାନ ପାସପୋର୍ଟ ୧୦୩ତମ ସ୍ଥାନରେ ରହିଛି।

**୭୭ତମ ସ୍ଥାନକୁ ଉଠିଲା ଭାରତ**

### ହରିୟାଣା ଏଏସ୍‌ଆଇଙ୍କ ଆତ୍ମହତ୍ୟା ଘଟଣା

## ପୁରନଙ୍କ ସ୍ତ୍ରୀଙ୍କ ବିରୋଧରେ ମାମଲା

ଚଣ୍ଡିଗଡ଼, ୧୫।୧୦ (ଏଜେନ୍ସି): ଶେଷରେ ହରିୟାଣା ସରକାର ଏବଂ ଆତ୍ମହତ୍ୟା କରିଥିବା ବରିଷ୍ଠ ଆଇପିଏସ ଅଧିକାରୀ ପୁରନ କୁମାରଙ୍କ ପରିବାର ମଧ୍ୟରେ ଚାଲିଥିବା ଟଣାଓଟରାର ଅନ୍ତ ହୋଇଛି। ଆଇଏଏସ ପତ୍ନୀ ଅମନୀତ ପି. କୁମାର ରାଜି ହେବା ପରେ ବୁଧବାର ପୁରନଙ୍କ ମୃତଦେହର ବ୍ୟବଚ୍ଛେଦ ହୋଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚଣ୍ଡିଗଡ଼ ପିଜିଆଇରେ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଇଛି। ଏଥିପାଇଁ ପ୍ରାୟ ୪ ଘଣ୍ଟା ସମୟ ଲାଗିଥିଲା। ପରେ ଉପରବେଲା ସେକ୍ଟର-୨୫ ସ୍ଥିତ ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଛି। ଏଠାରେ ତାଙ୍କୁ ପୁଲିସ ବାହିନୀ ସଲାମୀ ଦେଇଛି। ଅନେକ ପୁଲିସ, ପ୍ରାଶାସନିକ ଏବଂ ସରକାରୀ ପ୍ରତିନିଧି ଶ୍ମଶାନରେ ପହଞ୍ଚି ପୁରନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହା ପରେ ଆଇପିଏସଙ୍କ ଦୁଇ ଝିଅ ତାଙ୍କୁ ମୁଖାଗ୍ନି ଦେଇଥିଲେ। ଘଟଣାସ୍ଥଳରେ ଆଇପିଏସଙ୍କ ପତ୍ନୀ, କ୍ୟାବିନେଟ ମନ୍ତ୍ରୀ କୃଷ୍ଣଲାଲ ପନୱାର, ଶ୍ୟାମ ସିଂହ ରାଣା, ନୂଆ ଡିଜିପି ଓପି ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏଏସଆଇ ସନ୍ଦୀପ କୁମାରଙ୍କ ଆତ୍ମହତ୍ୟା ମାମଲା ନୂଆ ମୋଡ ନେଇଛି। ପୁରନଙ୍କ ଗନମ୍ୟାନଙ୍କୁ ଗିରଫ କରିଥିବା ଟିମ୍‌ରେ ସେ ସାମିଲ ଥିଲେ। ଏହି ମାମଲାରେ ତାଙ୍କୁ ଜେରା ପାଇଁ ନୋଟିସ ପଠା ଯାଇଥିଲା ବୋଲି ଜଣାପଡ଼ିଛି। ଏବେ ଏହି ଆତ୍ମହତ୍ୟାକୁ ନେଇ ପୁରନ୍‌ଙ୍କ ସ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ଆମେରିକାର ଭାରତୀୟ ବଂଶୋଦ୍ଭବ ଅଧିକାରୀ ଗିରଫ

ୱାଶିଂଟନ, ୧୫।୧୦(ଏଜେନ୍ସି): ଆମେରିକାର ଜଣେ ଭାରତୀୟ ବଂଶୋଭବ ଅଧିକାରୀ ଆସ୍‌ଲେ ଟେଲିସ ଗିରଫ ହୋଇଛନ୍ତି। ଆମେରିକାର ବୈଦେଶିକ ବିଭାଗରେ ଜଣେ ବରିଷ୍ଠ ଉପଦେଷ୍ଟା ଭାବେ ସେ କାର୍ଯ୍ୟ କରୁଥିଲେ। ତାଙ୍କୁ ଅକ୍ଟୋବର ୧୨ରେ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଆମେରିକାର ନିରାପତ୍ତା ତଥା ସୁରକ୍ଷା ସହିତ ଜଡ଼ିତ କେତେକ ଗୋପନୀୟ କାଗଜପତ୍ର ନିଜ ପାଖରେ ରଖିବା ଓ ଚୀନ୍‌ର ଅଧିକାରୀଙ୍କ ଗୁପ୍ତରେ ଭେଟିଥିବାର ଅଭିଯୋଗ ହୋଇଛି। ୬୪ ବର୍ଷୀୟ ଟେଲିସ ଭିର୍ଜିନିଆସ୍ଥିତ ତାଙ୍କ ବାସଭବନରେ ଆମେରିକୀୟ ଗୁଇନ୍ଦା ସଂସ୍ଥା ଏଫ୍‌ବିଆଇର ୧, ୦୦୦ରୁ ଅଧିକ ପୃଷ୍ଠାର ଗୋପନୀୟ କାଗଜପତ୍ର ଜବତ କରାଯାଇଛି। ଯଦି ତାଙ୍କ ବିରୋଧରେ ଏହି ଅଭିଯୋଗ ପ୍ରମାଣିତ ହୁଏ, ତେବେ ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ସହ ୨.୫ ଲକ୍ଷ ଡଲାର ଅର୍ଥାତ ୨ କୋଟି ଟଙ୍କାର ଜରିମାନ ଧାର୍ଯ୍ୟ କରାଯାଇପାରେ। ଭିର୍ଜିନିଆ କୋର୍ଟରେ ଟେଲିସଙ୍କ ଶୁଣାଣି ହେବ। ମାମଲା ରାଷ୍ଟ୍ରୀୟ ସୁରକ୍ଷା ସହିତ ଜଡିତ ଥିବାରୁ ଏଥିରେ ତାଙ୍କୁ ଜାମିନ ମିଳିବାର ଆଶା କ୍ଷୀଣ ରହିଛି କୁହଯାଇଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ଟେଲିସଙ୍କୁ ଭାରତରେ ଆମେରିକାର ରାଷ୍ଟ୍ରଦୂତ ଭାବେ ଚୟନ କରାଯାଇଥିଲା। କିନ୍ତୁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇ ନଥିଲା। ଟେଲିସ୍ ଗତ ସେପ୍ଟେମ୍ବର- ଅକ୍ଟୋବରରେ ବୈଦେଶିକ ବିଭାଗ ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ଗୋପନୀୟ କାଗଜପତ୍ର ବାହର କରିଥିବା ଅଭିଯୋଗ ଏଫ୍‌ବିଆଇ ଆଣିଛି। ଏଥିରେ ବାୟୁସେନାର ଯୋଜନା, ନୂଆ ଟେକନିକ୍ ଓ ମିଲେଟ୍ରି ବିମାନ ସଂକ୍ରାନ୍ତରେ ବିଭନ୍ନ ସୂଚନା ଓ ତଥ୍ୟ ଥିଲା। ଅକ୍ଟୋବର ୧୨ରେ ଟେଲିସ୍‌ଙ୍କ ବାସଭବନରେ ଏଫ୍‌ବିଆଇ ଚଢ଼ାଉ କରିବା ସହ ତଲାସି ନେଇଥିଲା। ଟେଲିସ ୨୦୦୧ରୁ ଆମେରିକା ବୈଦେଶିକ ବିଭାଗରେ ଉପଦେଷ୍ଟା ଭାବେ ଦାୟିତ୍ୱ ନିର୍ବାହ କରିଆସୁଥିଲେ।



## ପ୍ରାର୍ଥୀ ତାଲିକା ଜାରିକଲେ ଜେଡିୟୁ, ବିଜେପି

**ବିହାର ନିର୍ବାଚନ**

ପାଟନା, ୧୫।୧୦ (ଏଜେନ୍ସି): ବିହାର ବିଧାନସଭା ପାଇଁ ରାଜନୀତି ସରଗରମ ହୋଇ ଉଠିଛି। ବିରୋଧୀ ଇଣ୍ଡିଆ ମେଣ୍ଟରେ ଆସନ ଚୂଡ଼ାନ୍ତ ହୋଇପାରି ନ ଥିବାବେଳେ କ୍ଷମତାସୀନ ଏନ୍‌ଡିଏ ମେଣ୍ଟରେ ବୁଝାମଣାକୁ ନେଇ କେଁ ସୃଷ୍ଟି ହୋଇଛି। ଏହା ସତ୍ତ୍ୱେ ବୁଧବାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ନିଜର ପ୍ରଥମ ଏବଂ ବିଜେପି ଦ୍ୱିତୀୟ ପ୍ରାର୍ଥୀ ତାଲିକା ଜାରି କରିଛି। ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ପାଇଁ ନୀତୀଶ ନିଜ ତାରାପୁର ଆସନ ଛାଡ଼ି ଦେଇଛନ୍ତି। ୫୭ ଜଣିଆ ପ୍ରଥମ ତାଲିକାରେ ୪ ମହିଳା, ୧୦ ଅନୁସୂଚିତ ଜାତି, ୩ ବାହୁବଳୀ, ୬ ମନ୍ତ୍ରୀ ଏବଂ ୧୮ ବିଧାୟକଙ୍କୁ ପୁନର୍ବାର ଟିକେଟ ଦେଇଛନ୍ତି। ତେବେ ଚିରାଗ ପାଶ୍ୱାନ ଚାହୁଁଥିବା ୫ ସିଟ୍ ସୋନବରସା, ଅଲୌଲି, ରାଜଗୀର, ଏକମା, ମୋରବାରେ ପ୍ରାର୍ଥୀ ଦେଇ ବିବାଦ ସୃଷ୍ଟି କରିଛନ୍ତି। ସେହିପରି ୧୨ ଜଣିଆ ଦ୍ୱିତୀୟ ତାଲିକାରେ ବିଜେପି ଗାୟିକା ମୈଥିଲି ଠାକୁରଙ୍କୁ ଅଲିନଗରରୁ ପ୍ରାର୍ଥୀ କରିଛି।

ଅନ୍ୟପଟେ ଏଲଜେପିକୁ ମହୁଆ ଆସନ ଦେବାକୁ ନେଇ କ୍ଷୁବ୍ଧ ଥିବା ଆରଏଲଏମ ମୁଖ୍ୟ ଉପେନ୍ଦ୍ର କୁଶ୍ୱାହ ଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବା ପରେ ଶାନ୍ତ ହୋଇଛନ୍ତି। ପୂର୍ବରୁ କୁଶ୍ୱାହ ମେଣ୍ଟରେ କିଛି ଭଲ ନ ଥିବା କହିଥିଲେ। ମାତ୍ର ୪୫ ମିନିଟର ବୈଠକ ପରେ ସବୁ କିଛି ବଦଳି ଯାଇଥିଲା। କୁଶ୍ୱାହଙ୍କୁ ରାଜ୍ୟସଭା ପଠାଇବାକୁ ଏବଂ ଗୋଟିଏ ଏମଏଲସି ଆସନ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ମିଳିଛି। ଏହା ମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ, ପ୍ରଭାରୀ କୃଷ୍ଣ ଅଲ୍ଲାବରୁ ଏବଂ ନେତା ସକିଲ ଅହମ୍ମଦଙ୍କ ଉପସ୍ଥିତିରେ କଂଗ୍ରେସ କର୍ମୀ ପପୁ ଯାଦବଙ୍କ ସମର୍ଥକଙ୍କୁ ମାଡ଼ ମାରିଛନ୍ତି। କଂଗ୍ରେସ ଟିକଟ ବିକ୍ରି କରୁଥିବା ଅଭିଯୋଗ କରିଥିଲେ।

### ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ତିନି ପ୍ରାଧ୍ୟାପକଙ୍କ ଗବେଷଣା


## କୁଣ୍ଡଳୀ ମେଳକ ନ ହେବାରୁ ୩୭% ବିବାହ ବିଚ୍ଛେଦ

ବନାରସ, ୧୫।୧୦ (ଏଜେନ୍ସି): ଆଧୁନିକ ଯୁଗରେ ଅଧିକାଂଶ ଲୋକ କୁଣ୍ଡଳୀ ମେଳକ ନ କରି ବିବାହ କରୁଛନ୍ତି। କିଏ ପ୍ରେମ ବିବାହ କରୁଛି ତ ଆଉ କିଏ ପରିବାରର ଇଚ୍ଛାରେ ଜୀବନ ସଙ୍ଗିନୀ ବାଛୁଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ବିବାଦ ହେଉ ଅବା ଅନ୍ୟ କୌଣସି କାରଣ ସେହି ପ୍ରେମ ନ ରହି ବିବାହ ବିଚ୍ଛେଦ ଘଟୁଛି। ପ୍ରେମ ବ୍ୟାପାର, ଲିଭ୍-ଇନ ଏବଂ ଘରୋଇ ହିଂସା ଆଦି ଯୋଗୁଁ ହେଉଥିବା ବିବାହ ବିଚ୍ଛେଦ ଉପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ)ର ତିନି ପ୍ରାଧ୍ୟାପକ ଏକ ଗବେଷଣା କରିଛନ୍ତି। ଏଥିରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ବିବାହ ପୂର୍ବରୁ ବର-କନ୍ୟାଙ୍କ କୁଣ୍ଡଳୀ ମେଳକ କରାଯାଇ ନ ଥିବାରୁ ୩୭ ପ୍ରତିଶତ ଛାଡ଼ପତ୍ର ହୋଇଥିଲା ଜଣାପଡ଼ିଛି। ଗ୍ରହଦୋଷ ଥିବା ସତ୍ତ୍ୱେ ବିବାହ କରାଯାଉଛି। ଏଭଳି ବରକନ୍ୟା ବିବାହ ପରେ ପ୍ରେମରେ ପଡ଼ି ପରସ୍ପରର ହତ୍ୟା କରୁଛନ୍ତି କିମ୍ବା ସମ୍ପର୍କରେ ଫାଟ ଆସିବା ପରେ ନୂଆ ଜୀବନସାଥି ଖୋଜୁଛନ୍ତି।

ବିଏଚ୍‌ୟୁର ୩ ପ୍ରାଧ୍ୟାପକ ଏବଂ ୨ ଜଣ ଗବେଷକ ୬ ମାସରେ ଏହି ଗବେଷଣା ଶେଷ କରିଥିଲେ। ବିଶ୍ୱବିଦ୍ୟାଳୟରେ ସୋମବାର ଆୟୋଜିତ ସେମିନାରରେ ଏହାର ସୂଚନା ଦିଆଯାଇଥିଲା। ଏଥିରେ ଇନ୍ଦୋରର 'ମାଆ ଶାରଦା ଜ୍ୟୋତିଷଧାମ ଅନୁସନ୍ଧାନ ପ୍ରତିଷ୍ଠାନ' ନେତୃତ୍ୱ ନେଇଥିଲା। ଭାରତର ୧୫ ରାଜ୍ୟ ସମେତ ନେପାଳ, ସିଙ୍ଗାପୁର, ଦୁବାଇର ଗବେଷକ ମଧ୍ୟ ଏହି ଗବେଷଣାରେ ସାମିଲ ଥିଲେ। ଗବେଷଣାର ସୂଚନା ଦେଇ ପ୍ରାଧ୍ୟାପକ ବିନୟ ପାଣ୍ଡେୟ କହିଥିଲେ ଯେ ଯୁବକ ଏବଂ ଯୁବତୀଙ୍କ କୁଣ୍ଡଳୀରେ ୩୬ରୁ ୩୨ ଗୁଣ ମିଶିବା ପରେ ବି ଗ୍ରହ ମେଳକ ଜରୁରୀ ହୋଇଥାଏ। କିନ୍ତୁ ଲୋକେ ଏବେ ନିଜକୁ ଆଧୁନିକ ଦେଖାଇବା ପାଇଁ ସନାତନ ଧର୍ମର ପରମ୍ପରା ପାଳନ କରୁନାହାନ୍ତି। ଅଧିକାଂଶ ବିବାହ ଫଟୋସୁଟ୍‌ରେ ବ୍ୟସ୍ତ ଥାଆନ୍ତି। ମନ୍ତ୍ରୋଚାରଣର ଆବଶ୍ୟକତା ବୁଝୁ ନାହାନ୍ତି। ଫଳରେ ବିବାହ ଭାଙ୍ଗି ଯାଉଛି ଏବଂ ବରକନ୍ୟା ପରସ୍ପରକୁ ହତ୍ୟା କରୁଛନ୍ତି। ଯାହାର କୁଣ୍ଡଳୀ ଏବଂ ଗ୍ରହ ମେଳକ କରାଯାଇଥାଏ, ତାଙ୍କ ବିବାହ ଶତ ପ୍ରତିଶତ ଠିକ୍ ଚାଲିଥାଏ। ଏହା ବୈଜ୍ଞାନିକ ତଥ୍ୟ। ଜ୍ୟୋତିଷଶାସ୍ତ୍ର ଏକ ପ୍ରକାରର ଗଣିତ ହିଁ।

ପ୍ରାଧ୍ୟାପକଙ୍କ ଅନୁଯାୟୀ, ଏହି ଗବେଷଣାରେ ବିଏଚୟୁ ଓପିଡିକୁ ଆସୁଥିବା ସାରା ଦେଶର ତଥ୍ୟ ଏବଂ ୩ ବର୍ଷ ଭିତରେ ଉତ୍ତର ପ୍ରଦେଶର ୧୨ ଜିଲ୍ଲାରେ ବିବାହ ବିଚ୍ଛେଦ ହୋଇଥିବା ଦମ୍ପତିଙ୍କ ତଥ୍ୟ ସଂଗ୍ରହ କରାଯାଇଥିଲା। ଏଭଳି ୨୫୦ ମାମଲାରେ ଦମ୍ପତିଙ୍କ ପରିବାର ବର୍ଗଙ୍କୁ ତିନୋଟି ପ୍ରଶ୍ନ ପଚରା ଯାଇଥିଲା। ଏହି ତଥ୍ୟରୁ ଜଣାପଡ଼ିଥିଲା ଯେ ଯେଉଁ ବର-ବଧୂଙ୍କ କୁଣ୍ଡଳୀ ଠିକ୍ ସେ ମେଳକ କରାଯାଇ ନ ଥିଲା ସେମାନଙ୍କ ବିବାହ ବର୍ଷେରୁ ଦୁଇ ବର୍ଷ ଭିତରେ ଭାଙ୍ଗି ଯାଇଥିଲା। ଅନ୍ୟ ୬୩ ପ୍ରତିଶତ ମାମଲାରେ ସନାତନ ରୀତିନୀତି ଅନୁଯାୟୀ ବିବାହ କରାଯାଇ ନ ଥିଲା। ହୋଟେଲ ବୁକିଂକୁ ଦେଖି ବିବାହ ସମୟ ଧାର୍ଯ୍ୟ କରାଯାଇଥିଲା। ବିବାହ ସମୟରେ ମନ୍ତ୍ରୋଚାରଣ ମଧ୍ୟ ଠିକ୍‌ରେ କରାଯାଇ ନ ଥିଲା। ଦେଶରେ ଛାଡ଼ପତ୍ର ମାମଲା ବଢୁଥିବାକୁ ଦେଖି ଏହାର କାରଣ ଜାଣିବା ପାଇଁ ଏପରି ଗବେଷଣା କରାଯାଇଥିଲା।

# ‘ମହାଭାରତ’ର କର୍ଣ୍ଣ ପଙ୍କଜ ଧୀର୍‌ଙ୍କ ପରଲୋକ



**ନୂଆଦିଲ୍ଲୀ,୧୫ ।୧୦(ଏଜେନ୍ସି):** ବର୍ଷୀଆନ ଅଭିନେତା ପଙ୍କଜ ଧୀର ୬୮ ବର୍ଷ ବୟସରେ ପରଲୋକଗମନ କରିଛନ୍ତି । ୧୯୮୮ରେ ଦୂରଦର୍ଶନରେ ପ୍ରସାରିତ ବିଆର୍ ଚୋପ୍ରାଙ୍କ ମେଗା ସିରିଏଲ ‘ମହାଭାରତ’ରେ ସେ କର୍ଣ୍ଣ ଭୂମିକା ଅବତୀର୍ଣ୍ଣ ହୋଇ ଲୋକପ୍ରିୟତା ହାସଲ କରିଥିଲେ ଓ ଘରେ ଘରେ ପରିଚିତ ହୋଇଥିଲେ । ସେ କର୍କଟ ରୋଗରେ ପୀଡିତ ଥିଲେ ଓ ଦୀର୍ଘଦିନ ଧରି ଚିକିତ୍ସିତ ହୋଇଆସୁଥିଲେ । ତାଙ୍କର ଏକ ବଡ଼ ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା । ତାଙ୍କ ଦେହାନ୍ତରେ ଭାରତୀୟ ଟେଲିଭିଜନ ଜଗତରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁବେଳକୁ ତାଙ୍କ ନିକଟରେ ପୁଅ ନିତିନ ଓ ପତ୍ନୀ ଅନୀତା ଉପସ୍ଥିତ ଥିଲେ । ସେ ସୋଲଜର, ଆନ୍ଦାଜ, ବାଦଶାହା ଓ ତୁମ୍ କୋ ନା ଭୁଲ ପାଏଙ୍ଗେ ଭଳି ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରି ସଫଳତା ହାସଲ କରିଥିଲେ । ଚନ୍ଦ୍ରକାନ୍ତା, ବଡ଼େ ବହୁ, ଜି ହରର ଶୋ, କାନୁନ୍ ‘ସସୁରାଲ ସିମୋର କା’ ଭଳି ସିରିୟଲରେ ମଧ୍ୟ ଅଭିନୟ କରିଥିଲେ ।


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-110 ♦THURSDAY ♦16 OCTOBER 2025 ♦PAGE-16 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୧୦ ♦ଗୁରୁବାର ♦୧୬ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୬ ♦ଟ.୬.୦୦


**ପୁଲିସ୍ ଚାକିରି ବେପାର**

# ଟ୍ରେନ୍‌ରେ ଯାଇଥିଲେ ଆଉ ୧୮୬

## ଦଲାଲ୍‌ଙ୍କଠାରୁ ସୂଚନା ମିଳିବା ପରେ ଘାଣ୍ଟୁଛି କ୍ରାଇମ୍‌ବ୍ରାଞ୍ଚ

■ **ଭୁବନେଶ୍ୱର, ୧୫ ।୧୦ (ସମିସ):** ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ରାକେଟ୍ ଧରାପଡ଼ିବା ପରେ ନୂଆନୂଆ ତଥ୍ୟ ସାମ୍ନାକୁ ଆସୁଛି । ପୂର୍ବରୁ ୧୧୪ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲ୍‌ଙ୍କ ସମେତ ମୋଟ୍ ୧୧୭ଜଣ ଧରାପଡ଼ିଥିବାବେଳେ ଆଉ ୧୮୬ ଜଣ ପରୀକ୍ଷାର୍ଥୀ ଟ୍ରେନ୍ ଯୋଗେ ଆନ୍ଧ୍ରପ୍ରଦେଶ ଯାଇଥିବା ତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାତରେ ଲାଗିଛି । ଟ୍ରେନ୍‌ରେ ଯାଇଥିବା ପରୀକ୍ଷାର୍ଥୀଙ୍କ ତାଲିକା କରିବା ସହ ସେମାନଙ୍କୁ ଧରିବା ପାଇଁ କସରତ ଆରମ୍ଭ ହୋଇଛି । ସେହିପରି ବହୁ ପୁଲିସ୍ କନେଷ୍ଟବଳ ମଧ୍ୟ ଏସ୍‌ଆଇ ଚାକିରି ଆଶାରେ ଟଙ୍କା ଦେଇଥିବାର ପ୍ରମାଣ କ୍ରାଇମ୍‌ବ୍ରାଞ୍ଚ ପାଖରେ ପହଞ୍ଚିଛି । ଘଟଣାକୁ ୧୬ଦିନ ବିତିଥିଲେ ମଧ୍ୟ ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଓ ମୁନା ମହାନ୍ତିଙ୍କୁ ଗିରଫ କରିବାରେ କ୍ରାଇମ୍‌ବ୍ରାଞ୍ଚ ବିଫଳ ହୋଇଥିବାବେଳେ ଏକାବେଳେ ୩ଶହ ପଦ ବିକ୍ରି ପାଇଁ ବଡ଼ ଡିଲ୍ ସରିଥିବା ତଥ୍ୟ ମେଧାବୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି ।

କ୍ରାଇମ୍‌ବ୍ରାଞ୍ଚ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରୁ ୩ଟି ବସ୍ ଧରାପଡ଼ିବା ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୧୮୬ ଜଣ ପରୀକ୍ଷାର୍ଥୀ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଇଥିଲେ । ସେଠାରେ ସେମାନଙ୍କୁ ଦୁଇଟି ଗ୍ରୁପ୍ କରି ଭିନ୍ନ ଭିନ୍ନ ସ୍ଥାନକୁ ନିଆଯିବାର ଯୋଜନା ହୋଇଥିଲା । ହେଲେ ୩ଟି ବସ୍‌ରୁ ୧୧୭ ଜଣ ଗିରଫ ହେବା ଖବର ପାଇବା ପରେ ସମସ୍ତେ ଫେରାର୍ ହୋଇଯାଇଛନ୍ତି । କିଛି ପରୀକ୍ଷାର୍ଥୀ ତତ୍କାଳ ଓଡ଼ିଶା ଫେରିବା ପରିବର୍ତ୍ତେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ପଳାଇଥିଲେ । ଆଉ କିଛି ପୃଥକ୍ ଭାବେ ଟ୍ରେନ୍‌ରେ ହିଁ ଓଡ଼ିଶା ଫେରିଛନ୍ତି । ହେଲେ ସେମାନଙ୍କ ଅରିଜିନାଲ୍ ସାର୍ଟିଫିକେଟ୍ ଦଲାଲ୍‌ଙ୍କ ପାଖରେ ରହିଯାଇଛି । ପଚରାଉଚୁରାବେଳେ ଦଲାଲ୍‌ମାନେ ଏହାକୁ ସ୍ୱୀକାର କରିଛନ୍ତି । ସେମାନଙ୍କ ନିକଟରୁ ସେମାନଙ୍କ ତାଲିକା ପାଇବା ସହ ଟଙ୍କା ନେଣଦେଣ ସମ୍ପର୍କରେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି । ସେମାନଙ୍କୁ କ୍ରାଇମ୍‌ବ୍ରାଞ୍ଚ ଖୋଜୁଥିବାବେଳେ ଗିରଫଦାରୀ ଭୟ ଥିବାରୁ ଅନେକ ପରୀକ୍ଷାର୍ଥୀ ସେମାନଙ୍କ ଫୋନ୍ ସୁଇଚ୍‌ଅଫ୍ କରି ଫେରାର୍ ହୋଇଯାଇଛନ୍ତି ।

### କ୍ରାଇମ୍‌ବ୍ରାଞ୍ଚ ସ୍କାନର୍‌ରେ କନେଷ୍ଟବଳ; ବସ୍ ନ ପାଇ ବର୍ତ୍ତିଗଲେ ୧୩

ଅପରପକ୍ଷରେ ଏସ୍‌ଆଇ ଚାକିରି କରିବା ପାଇଁ ଅନେକ କନେଷ୍ଟବଳ ଟଙ୍କା ଦେଇଥିବା ମଧ୍ୟ ଜଣାପଡ଼ିଛି । ସପ୍ତମ ବାଟାଲିଅନ୍‌ରେ କାର୍ଯ୍ୟରତ ଯବାନ ଜିତେନ୍ଦ୍ର ନାଥ ଏବଂ ଯାଜପୁର ଟାଉନ୍ ଥାନାରେ କାର୍ଯ୍ୟରତ ବଳରାମ ବାରିକ ବସ୍‌ରେ ଯାଉଥିବାବେଳେ ଧରାପଡ଼ିଛନ୍ତି । ଢେଙ୍କାନାଳସ୍ଥିତ ଓଏସ୍‌ଓପି ପ୍ରଥମ ବାଟାଲିଅନ୍, ବୌଦ୍ଧସ୍ଥିତ ପଞ୍ଚମ ଆଇଆର୍‌ବିଏନ୍ ଏବଂ ବାଲେଶ୍ୱର ପୁଲିସ୍ ଜିଲ୍ଲାର ପ୍ରାୟ ୧୩ ଜଣ ଯବାନ୍ ବସ୍ ଫେଲ୍ ▶ପୃଷ୍ଠା-୧୧

## ଆଗୁଆ ଜାମିନ ଆବେଦନ କଲେ ୫ ଅଭିଯୁକ୍ତ

■ **ଭୁବନେଶ୍ୱର/କଟକ, ୧୫ ।୧୦ (ସମିସ):** ପୁଲିସ୍ ସବ୍ ଇନ୍ସପେକ୍ଟର ଚାକିରି ବିକ୍ରି ମାମଲାରେ ମୋଟ୍ ୧୧୯ ଜଣ ଗିରଫ ହୋଇଥିବା ବେଳେ ମୁଖ୍ୟ କାର୍ପଟଦାରଙ୍କୁ ଧରିବାରେ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି । ଘଟଣାକୁ ୧୬ଦିନ ବିତିଥିଲେ ମଧ୍ୟ ଅଭିଯୁକ୍ତଙ୍କ ଟେର୍ ପାଇପାରୁ ନାହିଁ । ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ପଞ୍ଚସଫ୍ଟ କମ୍ପାନୀର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ସମେତ ୫ ଅଭିଯୁକ୍ତ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି । ଶଙ୍କରଙ୍କ ସହିତ ପଞ୍ଚସଫ୍ଟ କମ୍ପାନୀର ଆଉ ଜଣେ ନିର୍ଦ୍ଦେଶକ ତଥା ଶଙ୍କରର ପତ୍ନୀ ଦୀପ୍ତିମୟୀ ସାହୁ, ଦଲାଲ୍ ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା ଓ ସୁକାନ୍ତ ମହାରଣା ଆଗୁଆ ଜାମିନ୍ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ଅପରପକ୍ଷରେ ମାଷ୍ଟର ମାଇଣ୍ଡ ଶଙ୍କର ଦେଶ ଛାଡ଼ି ପଳାଇ ଯିବାରେ ସକ୍ଷମ ହୋଇଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି । ସେ ପ୍ରଥମେ ଉତ୍ତରପ୍ରଦେଶ ଦେଇ ନେପାଳରେ ▶ପୃଷ୍ଠା-୧୧

**ନୂଆପଡ଼ା ଉପନିର୍ବାଚନ**

# ସ୍ନେହାଙ୍ଗିନୀ ପ୍ରାର୍ଥୀ, ନବୀନ ସାରଥୀ



■ **ଭୁବନେଶ୍ୱର, ୧୫।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ପୂର୍ବତନ ମନ୍ତ୍ରୀ, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ତଥା ପଶ୍ଚିମ ଓଡ଼ିଶାର ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ଆଜି ନବୀନ ନିବାସରେ ସେ ସ୍ନେହାଙ୍ଗିନୀଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେବା ସହ ତାଙ୍କ ପାଇଁ ନିଜେ ପ୍ରଚାର ମଇଦାନକୁ ଓହ୍ଲାଇବେ ବୋଲି ଘୋଷଣା କରିଛନ୍ତି ।

ବୁଧବାର ଦଳୀୟ କାର୍ଯ୍ୟାଳୟରେ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ସ୍ନେହାଙ୍ଗିନୀଙ୍କ ନାମ ଘୋଷଣା କରିଛନ୍ତି । ଏହି ଅବସରରେ ନବୀନ ▶ପୃଷ୍ଠା-୧୧

# କୃଷି ଅଧିକାରିଣୀଙ୍କ ଝୁଲନ୍ତା ଶବ ଉଦ୍ଧାର

■ **ଭଦ୍ରକ/ବାସୁଦେବପୁର, ୧୫ ।୧୦(ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁରର ଏକ ଭଡ଼ା ଘରୁ ଝୁଲନ୍ତା ଅବସ୍ଥାରେ ବ୍ଲକ କୃଷି ଅଧିକାରିଣୀ ନିହାରିକା ଦଳେଇଙ୍କ ଶବ ଉଦ୍ଧାର ହୋଇଛି । ଆତ୍ମହତ୍ୟା ପଛର କାରଣ ଅସ୍ପଷ୍ଟ ଥିବା ବେଳେ ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରଖିଛି । ତାଙ୍କ ଏକ ୬ ବର୍ଷର ଝିଅ ଅଛି । ସକାଳେ ଝିଅକୁ ସ୍କୁଲରେ ଛାଡ଼ି ଆସିଥିଲେ । ବାସୁଦେବପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ଅଧିକାରିଣୀ ଭାବେ କାର୍ଯ୍ୟରତ ଥିଲେ ନିହାରିକା । ଅଫିସ ପାଖକୁ ଲାଗି ବାଲିନଗରସ୍ଥିତ ବୁଦ୍ଧିମଣୀ ପଣ୍ଡାଙ୍କ ଘରେ ଭଡ଼ାରେ ରହୁଥିଲେ । ବାସୁଦେବପୁର ମିରାକିଲ ପବ୍ଲିକ ସ୍କୁଲର ଷ୍ଟାଣ୍ଡାର୍ଡ ୨ରେ ଝିଅ ପାଠ ପଢୁଛି । ଚୌଦ୍ୱାର ଅଞ୍ଚଳର ସ୍ୱାମୀ ସତ୍ୟ ସମ୍ବିତ ପାଢ଼ୀଙ୍କ ସହ କଥା ମଧ୍ୟ ହୋଇଥିଲେ । ଝିଅର ସ୍କୁଲରୁ ଆସିବା ସମୟ ▶ପୃଷ୍ଠା-୧୧

# ଜୟ ଢୋଲକିଆ ବିଜେପି ପ୍ରାର୍ଥୀ, ଆଜି କରିବେ ନାମାଙ୍କନ

■ **ଭୁବନେଶ୍ୱର, ୧୫।୧୦ (ସମିସ):** ବିଜେପି ସଂସଦୀୟ ବୋର୍ଡ ପକ୍ଷରୁ ବୁଧବାର ନୂଆପଡା ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଭାବେ ଜୟ ଢୋଲକିଆଙ୍କ ନାମ ଘୋଷଣା କରାଯାଇଛି । ଦଳୀୟ ପ୍ରାର୍ଥୀ ଘୋଷଣା ହେବା ପରେ ଶ୍ରୀ ଢୋଲକିଆ ଗୁରବାର ନାମାଙ୍କନ ପତ୍ର ଦାଖଲ କରିବେ ।

ସୂଚନା ଅନୁଯାୟୀ ଆସନ୍ତାକାଲି ସକାଳ ୧୦.୩୦ ଘଟିକାରେ ନୂଆପଡାସ୍ଥିତ ‘ଗୋତମା’ ଏୟାରଷ୍ଟ୍ରିପଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ ଏବଂ ଏଥିରେ ଅନ୍ୟ ଦଳର ଶତାଧିକ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବରଙ୍କ ସମେତ ପୂର୍ବତନ ଜନପ୍ରତିନିଧି ଓ ସମର୍ଥକମାନେ ସାମିଲ ହେବେ । ଏହା ପରେ ଏକ ବିଶାଳ ଶୋଭାଯାତ୍ରାରେ ଶ୍ରୀ ଢୋଲକିଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ପତ୍ର ଦାଖଲ କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀମଣ୍ଡଳର ସଦସ୍ୟ, ସାଂସଦ ଓ ବିଧାୟକ ଏବଂ ଦଳୀୟ ପଦାଧିକାରୀ ଓ ନେତୃବୃନ୍ଦ ଉପସ୍ଥିତ ରହିବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି ।

**ଗୃହ ବିଭାଗରେ ଅସ୍ଥିରତା**

# ସପ୍ତାହରେ ଅତିରିକ୍ତ ଏସପିଙ୍କ ବଦଳି ବାତିଲ୍

■ **ଭୁବନେଶ୍ୱର, ୧୫ ।୧୦ (ସମିସ):** ରାଜ୍ୟ ଗୃହ ବିଭାଗରେ ଏବେ ଘଡ଼ିକେ ଘୋଡ଼ା ଛୁଟୁଛି । ନୂଆ ପଦୋନ୍ନତି ପାଇଥିବା ଡିଏସପି ମାନଙ୍କୁ ନିଯୁକ୍ତି ମିଳୁନଥିବାରୁ ପୁଲିସ ମହଲରେ ଅସନ୍ତୋଷ ଲାଗି ରହିଥିବା ବେଳେ ଏବେ ପୁଣି ଏକ ଅଜବ ଘଟଣା ଦେଖିବାକୁ ମିଳିଛି । ମାତ୍ର ୭ ଦିନ ମଧ୍ୟରେ ଜଣେ ଅତିରିକ୍ତ ଏସପିଙ୍କ ବଦଳିକୁ ପରିବର୍ତ୍ତନ କରିଥିବା ବେଳେ ଦୁଇ ଜଣ ଅତିରିକ୍ତ ଏସପିଙ୍କ ବଦଳିକୁ ବାତିଲ କରି ଦିଆଯାଇଛି । ସପ୍ତାହ ମଧ୍ୟରେ ବଦଳି ନିର୍ଦ୍ଦେଶନାମାରେ ଏଭଳି ଅସ୍ଥିରତା ବିଭାଗ ମୁଖିଆଙ୍କ ନିଷ୍ପତ୍ତି ନେବାର କ୍ଷମତାକୁ ପଦାରେ ପକାଇଛି । ରାଜ୍ୟ ଗୃହ ବିଭାଗରେ ଚାଲିଛି କ’ଣ? କାହା ଇଙ୍ଗିତରେ ପରିଚାଳିତ ହେଉଛି ରାଜ୍ୟର ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗ? ଏଭଳି ଅନେକ ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି । ନିଷ୍ପତି ନେବାରେ ଅପରିପକ୍?ତା ନାଁ ରାଜନୈତିକ ଚାପରେ ଏଭଳି କରାଯାଉଛି, ତାହା ମଧ୍ୟ ଏବେ ବଡ଼ ପ୍ରଶ୍ନ ।

ସୂଚନା ଅନୁସାରେ, ଗତ ୮ ତାରିଖ ଦିନ ରାଜ୍ୟ ଗୃହ ବିଭାଗ ୧୯ ଜଣ ଅତିରିକ୍ତ ଏସପିଙ୍କୁ ବିଭିନ୍ନ ଜିଲ୍ଲା ଓ ୱିଙ୍ଗକୁ ବଦଳି କରିଥିଲା । ବ୍ରହ୍ମପୁରର ଅତିରିକ୍ତ ଏସପି ସୀମା ସ୍ୱାଇଁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିଲା । ସେହିଭଳି କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସପି ସତ୍ୟବିକାଶ ଭୂୟାଁଙ୍କୁ ଡିଆଇବି ଭଦ୍ରକ ଓ ଭଦ୍ରକ ଡିଆଇବିର ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀଙ୍କୁ ରାୟଗଡ଼ା ଜିଲ୍ଲାକୁ ବଦଳି ହୋଇଥିଲା । ହେଲେ ମାତ୍ର

### ହୋଇପାରୁନି ଡିଏସପି ନିଯୁକ୍ତି

୭ ଦିନ ମଧ୍ୟରେ ସବୁ ଓଲଟପାଲଟ ହୋଇ ଯାଇଥିଲା । ଗତକାଲି ଅର୍ଥାତ୍ ୧୪ ତାରିଖ ଦିନ ଗୃହ ବିଭାଗ ପକ୍ଷରୁ ଆଉ ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା । ବ୍ରହ୍ମପୁରର ଅତିରିକ୍ତ ଏସପି ସୀମା ସ୍ୱାଇଁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟ ପରିବର୍ତ୍ତେ ଅତିରିକ୍ତ ଏସପି ଗଞ୍ଜାମ ଭାବେ ବଦଳି କରାଯାଇଛି । ଗଞ୍ଜାମର ଅତିରିକ୍ତ ଏସପି ରଞ୍ଜିତ କୁମାର ପୃଷ୍ଟିଙ୍କୁ କମିସନରେଟ ପୁଲିସକୁ ବଦଳି ହୋଇଛି । ସେହିଭଳି ଡିଆଇବି ଭଦ୍ରକର ଅତିରିକ୍ତ ଏସପି ▶ପୃଷ୍ଠା-୧୧

# ଏଫସିଆଇ ଉଠାଉନି ବଳକା ଚାଉଳ

## ହିତାଧିକାରୀଙ୍କୁ ଅଧିକ ୫ କେଜି ଚାଉଳ ଦେବେ ସରକାର

■ **ଭୁବନେଶ୍ୱର, ୧୫।୧୦ (ସମିସ):** ରାଜ୍ୟରେ ରାସନକାର୍ଡ ହିତାଧିକାରୀଙ୍କୁ ଅତିରିକ୍ତ ୫ କେଜି ଅର୍ଥାତ୍ ମାସିକ ୧୦ କେଜି ଚାଉଳ ଯୋଗାଇ ଦେବାକୁ ସରକାର ଯୋଜନା କରୁଛନ୍ତି । ବୁଧବାର ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଜେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ମାତ୍ର ରାଜ୍ୟ ସରକାରଙ୍କ ଏହି ଯୋଜନା ପଛରେ କୌଣସି ମହତ୍ ଉଦ୍ଦେଶ୍ୟ ନୁହେଁ, ବରଂ ବାଧ୍ୟବାଧକତା ଥିବା ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏକାଧିକବାର ଅନୁରୋଧ ସତ୍ତ୍ୱେ ଏଫସିଆଇ(ଭାରତୀୟ ଖାଦ୍ୟ ନିଗମ) ଓଡ଼ିଶାର ବଳକା ଚାଉଳ ଉଠାଉ ନାହିଁ । ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ, କୃଷିମନ୍ତ୍ରୀ ଦିଲ୍ଲୀକୁ ବାରମ୍ବାର ଦୌଡ଼ି ଏନେଇ ଦାବି କରି ନୟାନ୍ତ ହେଲେଣି । ମାତ୍ର କେନ୍ଦ୍ର ସରକାର ଓଡ଼ିଶାର ଏହି ଦାବିପ୍ରତି ତିଳେହେଲେ ଆଗ୍ରହ ଦେଖାଉ ନାହାନ୍ତି । ଫଳରେ ରାଜ୍ୟରେ ମହଜୁଦ୍ ଥିବା ଲକ୍ଷ ଲକ୍ଷ କୁଇଣ୍ଟାଲ ଚାଉଳ ନଷ୍ଟ ହୋଇଯିବାକୁ ବସିଛି । ତେଣୁ ରାଜ୍ୟ ସରକାର ବାଧ୍ୟ ହୋଇ ଏହି ଚାଉଳକୁ ପିଡିଏସ ମାଧ୍ୟମରେ ହିତାଧିକାରୀଙ୍କୁ ବାଣ୍ଟିବା ନେଇ ଯୋଜନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ।

### ନଷ୍ଟ ହେବା ପୂର୍ବରୁ ଚାଉଳ ବାଣ୍ଟି ଦେବାକୁ ଚାହୁଁଛନ୍ତି ସରକାର

### ବାରମ୍ବାର ଦିଲ୍ଲୀରେ ଗୁହାରି କରି ନୟାନ୍ତ ହେଲାଣି ଓଡ଼ିଶା



ଗତ ମୌସୁମୀ ଅଧିବେଶନରେ ନିଜେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଏଫସିଆର ଗୁମର ବିଧାନସଭାରେ ଖୋଲିଥିଲେ । ଶ୍ରୀ ପାତ୍ର କହିଥିଲେ ଯେ ୨୦୨୪-୨୫ ବର୍ଷରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ହୋଇଛି । ଏଫସିଆଇ ଏବଂ ପିଡିଏସ ବ୍ୟବସ୍ଥା ମାଧ୍ୟମରେ ୫୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଖର୍ଚ୍ଚ ହୋଇଛି । ଆଉ ୧୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି । ଏହାକୁ ଉଠାଇବା ନେଇ ଆମେ କେନ୍ଦ୍ରକୁ ଅନୁରୋଧ କରିଛୁ । ରାଜ୍ୟ ସରକାରଙ୍କ ଆବେଦନ କେନ୍ଦ୍ର ନିକଟରେ ବିଚାରାଧିନ ରହିଛି । ଯଦି ଏଥିରେ ବିଳମ୍ବ ହୁଏ, ତାହେଲେ ଆମେ ରାଜ୍ୟର ଚାଉଳ ନଷ୍ଟ ହେବାକୁ ଦେବୁ ନାହିଁ । ବଳକା ଚାଉଳକୁ ଆମେ ▶ପୃଷ୍ଠା-୧୧

# ପୀତବାସଙ୍କ ହତ୍ୟା ଅଭିଯୁକ୍ତ ଚିହ୍ନଟ !


## ପୁଲିସ ପଞ୍ଝାରେ ସାର୍ପସୁଟର, ମାଷ୍ଟରମାଇଣ୍ଡର ନିକଟତର ପୁଲିସ

**ପଡୋଶୀ ପଶ୍ଚିମବଙ୍ଗ ସମେତ ବିହାର ଓ ଦିଲ୍ଲୀରେ ଖୋଳତାଡ଼**

**ବାଲାଜୀଙ୍କୁ ୫ମ ଥର ଓ ଜଣେ ମଦ ବ୍ୟବସାୟୀଙ୍କୁ ମାରାଥନ୍ ଜେରା**

**ଅନିଶ୍ଚିତତାରେ ମୁଖ୍ୟମନ୍ତ୍ରୀଙ୍କ ସମ୍ଭାବ୍ୟ ଗଞ୍ଜାମ ଗସ୍ତ; ଦ୍ୱାଦଶାହରେ ହୋଇଥାନ୍ତେ ସାମିଲ**

■ **ବ୍ରହ୍ମପୁର,୧୫ ।୧୦(ସମିସ):** ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡକୁ ବିତି ଯାଇଛି ୧୦ଦିନ । ପରିବାର ପକ୍ଷରୁ ସମ୍ପନ୍ନ ହୋଇଛି ଦଶାହ କାର୍ଯ୍ୟ । ହତ୍ୟାକାରୀଙ୍କୁ ଧରିବାରେ ଓ ରହସ୍ୟ ଉନ୍ମୋଚନରେ ବିଳମ୍ବ ଘଟୁଥିବାରୁ ଓକିଲଙ୍କ ମହଲରେ ଅସନ୍ତୋଷ କୁହୁଳିବାରେ ଲାଗିଛି । ଅଭିଯୁକ୍ତଙ୍କ ଗିରଫଦାରୀ ସମ୍ପର୍କରେ ପୁଲିସ କୌଣସି ସୂଚନା ଦେଉନଥିବା ବେଳେ ଗୁଳିକାଣ୍ଡ ଘଟଣାରେ ବ୍ରହ୍ମପୁର ପୁଲିସକୁ ବଡ଼ ସଫଳତା ମିଳିଥିବା ସୂଚନା ମିଳିଛି । ହତ୍ୟାକାଣ୍ଡରେ ନିୟୋଜିତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ପୁଲିସ ପଞ୍ଝାରେ ସୁପାରିକିଲର ଥିବା ସୂଚନା ମିଳିଛି । ଫଳରେ ପୁଲିସ ମାଷ୍ଟର ମାଇଣ୍ଡର ନିକଟତର ହୋଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି । ଗଠିତ ଟିମ୍ ପଡ଼ୋଶୀ ପଶ୍ଚିମବଙ୍ଗ ସମେତ ବିହାର ଓ ଦିଲ୍ଲୀରେ ଖୋଳତାଡ଼ କରୁଛି । ପୀତବାସଙ୍କ ହତ୍ୟାରେ ବିହାରୀ ସାର୍ପସୁଟରଙ୍କୁ ▶ପୃଷ୍ଠା-୧୧






# ତୁଟୁନି ଦୀପାବଳି ତାରିଖ ଦ୍ୱନ୍ଦ୍ୱ

■ **ପୁରୀ, ୧୫।୧୦ (ସମିସ):** ପାଞ୍ଜିକୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଦେଖାଦେଉଛି । ବିଭିନ୍ନ ପାଞ୍ଜିରେ ବିଭିନ୍ନ ମତ, ତିଥିରେ ପାର୍ଥକ୍ୟ ରହୁଛି । ଚଳିତବର୍ଷ ଏକାଧିକ ପର୍ବପର୍ବାଣୀରେ ଦ୍ୱନ୍ଦ୍ୱ ଉପୁଜିଲାଣି । ଏବେ ଦୀପାବଳିର ପାଳି । କେଉଁ ତାରିଖରେ ଦୀପାବଳି ଓ ପୟା ଶ୍ରାଦ୍ଧ କରାଯିବ ତାକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଚଳିତ ବର୍ଷ ଦୀପଦାନ, ପୟାଶ୍ରାଦ୍ଧ ଓ କାଉଁରିଆ ଜାଳିବା ବିଧି ଆସନ୍ତା ୨୦ ତାରିଖରେ କରିବା ପାଇଁ ମୁକ୍ତି ମଣ୍ଡପ ପଣ୍ଡିତମାନେ ମତ ରଖିଛନ୍ତି । ଧର୍ମଶାସ୍ତ୍ର ଅନୁସାରେ ଗଣନା କରାଯାଇଥିବାବେଳେ ୨୧ ତାରିଖ ଦିନ ପୟା ଶ୍ରାଦ୍ଧ କରିବା ଠିକ୍ ନୁହେଁ ବୋଲି ମୁକ୍ତିମଣ୍ଡପ ପଣ୍ଡିତଙ୍କ ମତକୁ ପାଞ୍ଜି ସମୀକ୍ଷକ ଖଣ୍ଡନ କରିଥିବାବେଳେ ବିବାଦ ଦେଖାଦେଇଛି । ୨୧ ତାରିଖରେ ପୟାଶ୍ରାଦ୍ଧ ଓ କାଉଁରିଆ ଜାଳିବାରେ କୌଣସି ଅସୁବିଧା ନ ଥିବା ନେଇ ଯୁକ୍ତି ଆସିଥିବାବେଳେ ଶ୍ରୀମନ୍ଦିରରେ ୨୧ ତାରିଖରେ ଅମାବାସ୍ୟା

### ୨୦ରେ ଦୀପଦାନ ଶ୍ରାଦ୍ଧ ଶାସ୍ତ୍ରସମ୍ମତ: ମୁକ୍ତିମଣ୍ଡପ ପଣ୍ଡିତ ସଭା

### ୨୧ରେ ପାଳନ କରିବା ପାଇଁ ଯୁକ୍ତି ବାଢ଼ିଲେ ପାଞ୍ଜି ସମୀକ୍ଷକ

ନୀତି ସହ ମହାପ୍ରଭୁଙ୍କର ସାଗର ବିଜେ ନୀତି କରାଯିବ ବୋଲି ଜଣାପଡ଼ିଛି ।

ଏହି ବିବାଦକୁ ନେଇ ବୁଧବାର ଭକ୍ତ ସାଲବେଗ ପୀଠରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଥିରେ ଉପସ୍ଥିତ ମୁକ୍ତିମଣ୍ଡପ ପଣ୍ଡିତ କହିଥିଲେ, ଆସନ୍ତା ୨୦ ତାରିଖରେ ଦୀପଦାନ ଶ୍ରାଦ୍ଧ କରାଯିବା ଶାସ୍ତ୍ରସମ୍ମତ । କାରଣ ୨୧ ତାରିଖ ପ୍ରଦୋଷକୁ ଏକ ଦଶ ଦଣ୍ଡ (୨୪ ମିନିଟ୍) ଅମାବାସ୍ୟା ତିଥି ନାହିଁ । ତେଣୁ ୨୧ ତାରିଖ ଦିନ ଦୀପଦାନ ଶ୍ରାଦ୍ଧ କରାଯାଇ ପାରିବ ନାହିଁ । ଗତବର୍ଷ ଭଳି ଏଥର ମଧ୍ୟ ବିଭିନ୍ନ ପଞ୍ଜିକାରେ ଦୁଇଦିନ ଦୀପାବଳି, ଦୀପଦାନ ପୟାଶ୍ରାଦ୍ଧ ରହିଛି । ଶ୍ରୀମନ୍ଦିର ସ୍ୱୀକୃତିପ୍ରାପ୍ତ ୫ଟି ପଞ୍ଜିକାରେ ୨୦ ତାରିଖରେ ଶ୍ୟାମାପୂଜା, ଦୀପଦାନ ଓ ପୟାଶ୍ରାଦ୍ଧ ଲେଖାଯାଇଛି ଅର୍ଥ ସେହିଦିନଠାରୁ ରାତି ପର୍ଯ୍ୟନ୍ତ ତା’ ପରଦିନ ସନ୍ଧ୍ୟା ପର୍ଯ୍ୟନ୍ତ ଅମାବାସ୍ୟା ତିଥି ରହୁଥିବାରୁ ଦୀପଦାନ ଓ ପୟାଶ୍ରାଦ୍ଧ କରିବା ନେଇ ମୁକ୍ତିମଣ୍ଡପ ପଣ୍ଡିତ କହିଛନ୍ତି । ତେଣୁ ସରକାର ୨୧ ତାରିଖର ଛୁଟିକୁ ପରିବର୍ତ୍ତନ କରି ୨୦ ତାରିଖ କରିବାକୁ ଦାବି କରିଥିଲେ । ଯେଉଁମାନେ ସ୍ୱୀକୃତିପ୍ରାପ୍ତ ପଞ୍ଜିକାକୁ ବିରୋଧ କରୁଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ▶ପୃଷ୍ଠା-୧୧

## ଖଇରା ପଞ୍ଚାୟତ ସମିତି ବୈଠକ
# କୃଷି ଆଲୋଚନା ବେଳେ ଝଡ଼

ଖଇରା, ୧୫ ।୧୦ (ସମିସ)




ବାଲେଶ୍ୱର ଜିଲ୍ଲା ଖଇରା ପଞ୍ଚାୟତ ସମିତିର ତ୍ରୈମାସିକ ଅଧିବେଶନ ବୁଧବାର ଦିନ ବ୍ଲକ ଅଧ୍ୟକ୍ଷା ଅଲିଭିଆ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ଜଳସେଚନ ଓ କ୍ଷୁଦ୍ର ଜଳସେଚନ, ପ୍ରାଣୀ ଚିକିତ୍ସା ଓ ମତ୍ସ୍ୟ ବିଭାଗ, ପାନୀୟ ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ ବିଭାଗ ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା ଉପରେ ମୁଖ୍ୟତଃ ଆଲୋଚନା କରାଯାଇଥିଲା। ଗ୍ରାଣ୍ଟ-ଇନ-ଏଡରେ ପରିଚାଳିତ ଅର୍ଥ କିଭଳି ପଞ୍ଚାୟତ ସମିତି ଅଧିବେଶନ ରେ ଆଲୋଚନା କରାଯାଇ ଖର୍ଚ୍ଚ କରାଯାଇ ପାରିବ ଏବଂ ଏହି ଫଣ୍ଡ ପାଇଁ ପ୍ରକଳ୍ପ ଚୟନ ଉପରେ ୨୩-୨୪ ଓ ୨୪-୨୫ ଆର୍ଥିକ ବର୍ଷ ପାଇଁ କୋର୍ଟରେ ଚାଲିଥିବା ମକଦ୍ଦମା ସାଙ୍ଗକୁ ଦାନା ପ୍ରକଳ୍ପ ଉପରେ ଚାଲିଥିବା ମକଦ୍ଦମା ପ୍ରତ୍ୟାହାର କରାଯିବା ଉପରେ ଜିଲ୍ଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ଗୃହକୁ ଉତ୍ତମ ପରାମର୍ଶ ଦେଇଥିବା ବେଳେ ଏହାକୁ ସମସ୍ତେ ସ୍ୱାଗତ କରିଥିଲେ। ସେହିଭଳି ସମନ୍ୱିତ କୃଷି ପଦ୍ଧତି(ଆଇଏଫଏସ) ରେ ହିତାଧିକାରୀ ଚୟନରେ ଅନିୟମିତତା ଘଟଣାକୁ ନେଇ ୬ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ଓ ବ୍ଲକ କୃଷି ଅଧିକାରୀଣୀ ଶିବାନୀ ମିଶ୍ରଙ୍କ ମଧ୍ୟରେ କଥାକଟି ହୋଇଥିଲା। ଚାଷୀମାନଙ୍କ ଆବଶ୍ୟକତା ଦୃଷ୍ଟିକୁ ନେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଉଦ୍ୟାନ ବିଭାଗର ଏକ କାର୍ଯ୍ୟାଳୟ ଖୋଲିବାକୁ ଗରଶଙ୍ଗ ସରପଞ୍ଚ ରାଜେନ୍ଦ୍ର କୁମାର ଦାସ ଦାବି କରିଥିଲେ। ଉକ୍ତ ବୈଠକରେ ବିଧାୟକ ପଦ୍ମଲୋଚନ ପଣ୍ଡା, ବିଡିଓ ନାରାୟଣ ସାହୁ, ଜିଲ୍ଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ସଭ୍ୟା ରଶ୍ମିତା ମହାପାତ୍ର, ଉପାଧ୍ୟକ୍ଷ ଗଜେନ୍ଦ୍ର କୁମାର ସମେତ ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଉପସ୍ଥିତ ଥିଲେ।

## ଶିରିଡିସାଇ ମନ୍ଦିରର ପ୍ରତିଷ୍ଠା ଦିବସ




ଜଳେଶ୍ୱର, ୧୫ ।୧୦(ସମିସ): ଜଳେଶ୍ୱର ଚନ୍ଦନାସ୍ଥିତ ଶ୍ରୀ ଶ୍ରୀ ଶିରିଡି ସାଇ ମନ୍ଦିରର ଅଷ୍ଟମ ବର୍ଷ ପ୍ରତିଷ୍ଠା ଦିବସ ଓ ଶ୍ରୀ ଶ୍ରୀ ଶିରିଡି ସାଇଙ୍କ ୧୦୭ ତମ ମହା ସମାଧି ଦିବସ ଅବସରରେ ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମସହିତ ନାରାୟଣସେବା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମନ୍ଦିର ଟ୍ରଷ୍ଟର ସଭାପତି ସୁବିର୍ ସେନାପତି, ସମ୍ପାଦକ ଭାସ୍କର ସ୍ୱାଇଁ, କୋଷାଧ୍ୟକ୍ଷ ବିକାଶ ଧର, ସହ ସମ୍ପାଦକ ସୁବ୍ରତ ରଣା, ସଭ୍ୟ ବିଶ୍ୱଜିତ ସାହୁ, ଦେବଜିତ୍ ପ୍ରଧାନ, ତପନ ପାତ୍ର, ପ୍ରଶାନ୍ତ ସାମଲ, ବିଜୟ କର, ଅଞ୍ଜନ ଦେ, ସାଧୁ ପରିଡ଼ା, ବଳରାମ ପାଲ, ଶ୍ୟାମସୁନ୍ଦର ମିର୍ଦ୍ଧା, ରବୀନ୍ଦ୍ର ଦାସ, ରାଧାଶ୍ୟାମ ଜେନା, ସତ୍ୟପ୍ରକାଶ ପାଲ, ଅରକ୍ଷିତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ରତାଇ ମେଳାରେ ଖୁଲମଖୁଲା ଚାଲିଛି ଜୁଆଖେଳ

ଲଙ୍ଗଳେଶ୍ୱର, ୧୫।୧୦ (ସମିସ): ବାଲିଆପାଳ ବ୍ଲକ ରତାଇ ପଡିଆରେ ସାର୍ବଜନୀନ ଦୁର୍ଗା ପୂଜା ମେଳା ଚାଲୁଥିବା ବେଳେ ମେଳାରେ ବିଭିନ୍ନ ସାମଗ୍ରୀ ନେଇ ଦୋକାନୀ ପସରା ମେଲାଇଛନ୍ତି। ମାତ୍ର ମେଳା ଭିତରେ ନିଆରା ଢଙ୍ଗରେ ଖୁଲମଖୁଲା ଚାଲିଛି ଜୁଆ ଖେଳ। କାଠପଟାର ଷ୍ଟାଣ୍ଡ ଓ ଛୋଟ ପ୍ଲାଷ୍ଟିକ ବଲ ଏବଂ ଗୁଟି ପାଲି ସାହାଯ୍ୟ ରେ ଚାଲିଛି ଜୁଆ ଖେଳ। ମେଳାକୁ ବୁଲିବା ପାଇଁ ଆସିଥିବା ଲୋକ ମାନେ ଜୁଆଖେଳି ସର୍ବସ୍ୱାନ୍ତ ହେଉଛନ୍ତି। ଯାହା ଫଳରେ ପରିବାର ମଧ୍ୟରେ ଅଶାନ୍ତି ଦେଖା ଦେଉଛି। ଏମିତିକି ମେଳାକୁ ଆସିଥିବା ଜୁଆ ଖେଳିବା ଲୋକ ମାନେ ଗହଣା ବନ୍ଧା ପକାଇ ଏହି ଜୁଆ ଖେଳୁଛନ୍ତି। ପୁଲିସ ପ୍ରଶାସନ ଜାଣି ଶୁଣି ହାତ ବାନ୍ଧି ବସିଛି। ତେଣୁ ପ୍ରଶାସନ ଏହି ବେଆଇନ ଖେଳକୁ ଯଥା ଶୀଘ୍ର ବନ୍ଦ କରିବାକୁ ଦାବି ହେଉଛି।



## ଖଇରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ଖଇରା,୧୫ ।୧୦ (ସମିସ): ଖଇରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ପାଳନ ଓ ଜ୍ଞାନ ବିଜ୍ଞାନ ମେଳା ବୁଧବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ମେଳାରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ପିଲା ମାନଙ୍କ ଦ୍ୱାରା ୭୦ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଉକ୍ତ ଉତ୍ସବରେ ଷଡାନନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳା ଉଦଘାଟନ ଅବସରରେ ଭାରତକୁ କଲାମଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ବିଚାରକ ମଣ୍ଡଳୀ ବିଭିନ୍ନ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ଏହି ପ୍ରକଳ୍ପ ମଧ୍ୟରେ ତୁଷାର ରଞ୍ଜନ ଜେନା, ସ୍ତୁତି ପ୍ରିୟଦର୍ଶିନୀ ବେହେରା, ପାର୍ଥସାରଥୀ ମହାନ୍ତି ସଫଳତା ଲାଭ କରିଥିଲେ। ପ୍ରଧାନଆଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁ, ଗୁରୁମାଗୁରୁଜୀ ଦିପାଞ୍ଜଳୀ ବେହେରା, କାର୍ତ୍ତିକେଶ୍ୱର ମୁଦୁଲୀ ଓ ପିୟୂଷ ପ୍ରତୀମ ରାଉତ ବିଚାରକ ମଣ୍ଡଳୀଙ୍କୁ ମୁଲ୍ୟାୟନ କାର୍ଯ୍ୟରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ପରିଚାଳକ ଦିଲ୍ଲୀପ କୁମାର ଲେଙ୍କା ସଫଳ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।



## ଦେଶୀ ମଦ ଜବତ, ଜଣେ ଅଟକ

ଜଳେଶ୍ୱର ବ୍ଲକ, ୧୫।୧୦ (ସମିସ): ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ ଗ୍ରାମ ପଞ୍ଚାୟତର ବଡ଼ ହଳଦୀଗୁଣ୍ଡି ଗ୍ରାମରେ ଦୀର୍ଘ ଦିନ ଧରି ଦେଶୀ ମଦର ପସରା ଲାଗିଥିଲା। ଯାହାକୁ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଏ ନେଇ ରାଇବଣିଆ ପୁଲିସ ପକ୍ଷରୁ ଥାନା ଅଧିକାରିଣୀ ଲୋପାମୁଦ୍ରା ପଣ୍ଡା, ଏଏସଆଇ ଚନ୍ଦନ କୁମାର ମହାନ୍ତି, କୁଶଗର୍ଡ ଫାଣ୍ଡି ଅଧିକାରୀ ରାମେଶ୍ୱର ସୋରେନ୍ ପ୍ରମୁଖ ମିଳିତ ଭାବେ ଚଢ଼ଉ କରି ୮ ଲିଟର ଦେଶୀ ମଦ ଜବତ କରିବା ସହିତ ଅର୍ଜୁନ ମାରାଣ୍ଡିଙ୍କ ପୁତ୍ର ଭାଦୁ ମାରାଣ୍ଡିଙ୍କୁ ପୁଲିସ ଅଟକ ରଖିଛି।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ଜଳେଶ୍ୱର, ୧୫।୧୦(ସମିସ) : ଦୀନକୃଷ୍ଣ ମହାବିଦ୍ୟାଳୟର କର୍ମଚାରୀ ସଂଘ ଦ୍ୱାରା ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। କର୍ମଚାରୀ ସଂଘର ସମ୍ପାଦକ ଡ. ସୁଶାନ୍ତ କୁମାର ଗିରି ସଭାର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଅବସରପ୍ରାପ୍ତ ରସାୟନ ବିଜ୍ଞାନ ପ୍ରାଧ୍ୟାପକ ଡ. ଗିତରଞ୍ଜନ ଉଞ୍ଜଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସଭାରେ ରସାୟନ ବିଜ୍ଞାନରେ ପିଏଚଡ଼ି ହାସଲ କରିଥିବା ଡ. ଦୀପକ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ଇଂରାଜୀ ବିଭାଗରେ ନବାଗତ ପ୍ରାଧ୍ୟାପକ ଜୟନ୍ତ କୁମାର ସେଠୀଙ୍କୁ ସ୍ୱାଗତ କରାଯାଇଥିଲା। ସଂଘର ସଭାପତି ପ୍ରଦୀପ ରାଉଳ ଓ ପ୍ରାଧ୍ୟାପକ ସୁଶାନ୍ତ ସାହୁ, ଅଧ୍ୟାପକ ସନ୍ୟାସୀ ଚରଣ ପାତ୍ର, ଡ. ମାନସ ଦାସ, ଅଜୟ ଗିରି, କୁନାଲ ଖଟୁଆ, ରତନ କର ଅଭିଭାଷଣ ପ୍ରଦାନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅମୀର ଦେ, ଗୋପାଳ ପ୍ରସାଦ ଗୁପ୍ତା, ଦେବବ୍ରତ ବେରା ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ରୋଜି ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପଶ୍ଚିମବଙ୍ଗ ରାଜ୍ୟପାଳଙ୍କୁ ଭେଟିଲେ ବାଲେଶ୍ୱର ସାଂସଦ



ନୀଳଗିରି, ୧୫।୧୦ (ସମିସ): ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜ ବାହାରେ ଓଡ଼ିଆ ଡାକ୍ତରୀ ଛାତ୍ରୀ ଗଣବଳାତ୍କାର ଘଟଣାର ଅନୁଧ୍ୟାନ ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗତ ମଙ୍ଗଳବାର ଦୁର୍ଗାପୁରରେ ପହଞ୍ଚି ଚିକିତ୍ସାଧୀନ ପୀଡ଼ିତାଙ୍କୁ ସ୍ଥାନୀୟ ହସ୍‌ପିଟାଲରେ ଭେଟି ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହ ଆଇକ୍ୟୁସିଟି ହସ୍ପିଟାଲରେ ସାକ୍ଷାତ କରି ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ମେଡିକାଲ ସୁପରିଟେଣ୍ଡେଣ୍ଟ ଓ ଡାକ୍ତରୀ ଟିମ୍‌ଠାରୁ ଅବଗତ ହେବା ସହ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି। ବୁଧବାର ପଶ୍ଚିମବଙ୍ଗର ରାଜ୍ୟପାଳ ଡ. ସି ଭି ଆନନ୍ଦ ବୋଷ ଜୀଙ୍କୁ ସାକ୍ଷାତ କରି ବିସ୍ତୃତ ଆଲୋଚନା କରିବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଓ ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ପାଇଁ ଅନୁରୋଧ କରିଛନ୍ତି ବାଲେଶ୍ୱର ସାଂସଦ।

## ରାସ୍ତାକଡ଼ ମାଛ ମାର୍କେଟ ଯୋଗୁ ବଢୁଛି ଦୁର୍ଘଟଣା

ଭୋଗରାଇ,୧୫।୧୦(ସମିସ): ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ପଞ୍ଚାୟତର ଶ୍ରଦ୍ଧାପୁର ଭୂଷଣ୍ଡେଶ୍ୱର ରାସ୍ତାର ଶ୍ରଦ୍ଧାପୁର ଛକ ନିକଟ ମୁଖ୍ୟରାସ୍ତା ଉପରୁ ଦୈନିକ ମାଛ ଓ ପରିବା ହାଟ ପାଇଁ ରାସ୍ତା ଭିଡ ରହୁଥିବାରୁ ଦୁର୍ଘଟଣା ଘଟୁ ଥିବାରୁ ମାଛ ମାର୍କେଟ ଉଚ୍ଛେଦ ପାଇଁ ଭୋଗରାଇ ବ୍ଲକ ପରିସରରେ ଥିବା ସଭାଗୃହରେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପ୍ରଶାସନ ତରଫରୁ ଜୁଲାଇ ମାସ ଛଅ ତାରିଖରେ ଶ୍ରଦ୍ଧାପୁର ରାସ୍ତା ପାଖରେ ମାଛ ମାର୍କେଟ ହଟାଯାଇ ତାହା ଶ୍ରଦ୍ଧାପୁର ହାଟ ମଝିକୁ ସ୍ଥାନାନ୍ତର କରାଯାଇଥିଲା। କାନ୍ଠଥଭଉଁରୀ, ଶ୍ରଦ୍ଧାପୁର, ନାରାୟଣ ମହାନ୍ତି ପଡ଼ିଆ, ଟୁକୁରୀହାଜିରା, ଶର୍ଙ୍ଖାରି ଆଦି ପଞ୍ଚାୟତର ଲୋକେ ଭୋଗରାଇ ବିଡ଼ିଓଙ୍କୁ ଏବାବଦରେ ଲିଖିତ ଭାବେ ଜଣାଇଥିଲେ। ଏହି ପ୍ରଧାନମନ୍ତ୍ରୀ ସଡ଼କଟି ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର, ବିଚିତ୍ରପୁର ପ୍ରକୃତି ନିବାସ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ରଣସିଂହପୁର ସେବାଶ୍ରମ ବିଦ୍ୟାଳୟକୁ ସଂଯୋଗ ହୋଇଛି। ପର୍ଯ୍ୟଟନ, ଚାଷ କାମ, ଚିଙ୍ଗୁଡ଼ିଘେରି ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଏହି ରାସ୍ତାଦେଇ ପ୍ରତିଦିନ ବହୁ ଲୋକ ଯାତାୟାତ କରିଥାନ୍ତି। ଲକ୍ଷ୍ମୀବସ୍ ରାସ୍ତା ଦେଇ ଯାଇଥାଏ। ମାତ୍ର ମାଛ ବ୍ୟବସାୟୀମାନେ ରାସ୍ତାର ଦୁଇ ପାଖରେ ପସରା ମେଲାଇ ବ୍ୟବସାୟ କରୁଛନ୍ତି। ମାଛ ଓ ପରିବା କିଣିବା ପାଇଁ ଗରାଖ ମାନେ ରାସ୍ତା ଉପରେ ବାଇକ, ସାଇକେଲ ରଖି ରାସ୍ତା ଅବରୋଧ କରିଥାନ୍ତି। ଏଥିପାଇଁ ପର୍ଯ୍ୟଟକଙ୍କ ସମେତ ବାଟଚଲା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଭୋଗରାଇ ତହସିଲଦାରଙ୍କୁ ଅବଗତ କରିବା ପରେ ସେ ବିଚିତ୍ରପୁର ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜୁଲାଇ ୬ ତାରିଖରେ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ବିଚିତ୍ର ପୁର ରାଜସ୍ୱ ନୀରିକ୍ଷକ ବିଷ୍ଣୁପଦ ଗିରି, ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ, ଉଜ୍ଵଳ ମହାନ୍ତି ଶ୍ରଦ୍ଧାପୁର ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ ପାତ୍ର, ଓ କାନ୍ଠଥଭଉଁରୀ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମାଛ ବ୍ୟବସାୟୀ ମାନଙ୍କୁ ଶ୍ରଦ୍ଧାପୁର ହାଟ ମଝିକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ୭ଦିନ ପରେ ୧୩ ତାରିଖ ରବିବାର ମାଛ ବ୍ୟବସାୟୀ ପୁଣି ସେହି ପୂର୍ବ ସ୍ଥାନରେ ବସି ପ୍ରଶାସନର ନିର୍ଦ୍ଦେଶକୁ ଅବମାନନା କରିବା ସହ ସମାନ ପ୍ରକାର ଅସୁବିଧା ସୃଷ୍ଟି କରୁଥିବା କଥା ରାଜସ୍ୱ ନୀରିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜସ୍ୱ ନୀରିକ୍ଷକ ତହସିଲଦାରଙ୍କୁ ଅବଗତ କରି ଖୁବ୍‌ଶିଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ । ମାତ୍ର ଚାରିମାସ ବିତିଥିଲେ ବି ରାଜସ୍ୱ ନୀରିକ୍ଷକଙ୍କ ପ୍ରତିଶ୍ରୁତି ପାଣିର ଗାର । ଗତ ଦୁର୍ଗାପୂଜା ସପ୍ତମୀ ଦିନ ଆଗରେ କଣ୍ଟେନର ପଡ଼ିବାରୁ ବାଇକ ଆରୋହୀ ଗୁରୁତର ହୋଇଥିବା ବେଳେ ପୁଣି କିଛିଦିନ ହେବ ଜଣେ ବାଇକ୍ ଆରୋହୀ ରାସ୍ତା ଭିଡ ପାଇଁ ପଡିଯାଇ ଶ୍ରଦ୍ଧାପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ସେହି ମାଛ ମାର୍କେଟ ହଟାଇବା ପାଇଁ ଜନ ଶୁଣାଣିରେ ଗ୍ରାମର ଗୌରାଙ୍ଗ ଦାସ, ପ୍ରଦୀପ ମାଝୀ, ଗୋକୁଳ ମହାନ୍ତି, ଭବଶଙ୍କର ଦାସ, ରମେଶ ଜେନା ରାଜକୁମାର ପାତ୍ର ଅଭିଯୋଗ କରିଛନ୍ତି।

## ଲଙ୍ଗଳେଶ୍ୱରରେ ରାବଣ ପୋଡ଼ି ଉତ୍ସବ



ଲଙ୍ଗଳେଶ୍ୱର/କାଳିପଦା, ୧୫।୧୦ (ସମିସ): ବାଲିଆପାଳ ବ୍ଲକ ବଣିଆଡ଼ିହା ପଞ୍ଚାୟତ ଅଧିନସ୍ଥ ଲଙ୍ଗଳେଶ୍ୱର କାଳିଝାଟି ପଡ଼ିଆ ଠାରେ ହର ପାର୍ବତୀ କ୍ଲବ୍ ଆନୁକୂଲ୍ୟରେ ସାର୍ବଜନୀନ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହର ପାର୍ବତୀ କ୍ଲବ୍‌ର ସଭାପତି ତୁଷାର କାନ୍ତ ବେହେରା ଉତ୍ସବରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗ ଦେଇ ଉତ୍ସବକୁ ଉଦଘାଟନ କରି ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଂଲା ଥାନାଧିକାରୀ ଆଲୋକ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ ଜେନା, ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ, ବଣିଆଡ଼ିହା ସରପଞ୍ଚ କାଳି ଚରଣ ଜେନା, ସମିତି ସଦସ୍ୟ କଟି ମାରାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଲଙ୍ଗଳେଶ୍ୱର ହର ପାର୍ବତୀ କ୍ଲବ୍‌ର ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଆତସବାଜି କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ଆଖ ପାଖ ଅଞ୍ଚଳରୁ ହଜାର ହଜାର ଜନ ସମାଗମ ଦେଖିବାକୁ ମିଳିଥିଲା। ମେଲୋଡି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଭୋଗରାଇ, ୧୫।୧୦ (ସମିସ) : ଭୋଗରାଇ ବ୍ଲକ ଜଳସୋହରାଆ ପଞ୍ଚାୟତ ସେହି ଗ୍ରାମର ଯାତ୍ରା ପଡିଆ କଡ଼ରେ ଥିବା ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମର କଡ଼ରେ ଥିବା ରାସ୍ତା ଦେଇ ବହୁଲୋକ ପଞ୍ଚାୟତ କାର୍ଯ୍ୟାଳୟ, ଡାକ୍ତରଖାନା, ବିଦ୍ୟାଳୟକୁ ଯିବାଆସିବା କରିଥାନ୍ତି। ଟିପିଏନଓଡିଏଲର ଏହି ଭଳି ମନମୁଖୀ କାର୍ଯ୍ୟ ପାଇଁ ଗୋଟିଏ ଷଣ୍ଢ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲା। ବିଭିନ୍ନ ସମୟରେ ମାଙ୍କଡ଼ ମାନେ ଟ୍ରାନ୍ସଫର୍ମର ଥିବା ବିଦ୍ୟୁତରେ ଲାଗି ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଛି। ବହୁବାର ଗ୍ରାମବାସୀ ଟ୍ରାନ୍ସଫର୍ମର ମରାମତି ସହିତ ଚତୁଃପାଶ୍ୱର୍ରେ ଲୁହା ବାଡ଼ ପାଇଁ ନିବେଦନ କରିଥିଲେ ମଧ୍ୟ ଏଯାଏଁ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନାହାନ୍ତି। ତାହା ସହିତ ଗ୍ରାମରେ ଥିବା ୩ଟି ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଥିବାବେଳେ ତାହା ମଧ୍ୟ ବିପଦ ସଂକୁଳ ଅବସ୍ଥାରେ ରହିଛି। ଯଥାଶୀଘ୍ର ଟ୍ରାନ୍ସଫର୍ମର ଚତୁଃପାଶ୍ୱର୍ରେ ଲୁହା ବାଡ଼ ସହିତ ବିଦ୍ୟୁତ୍ ତାର ଏବଂ ବିଭିନ୍ନ ସ୍ଥାନମାନଙ୍କରେ ଖୁଣ୍ଟି ଗୁଡିକ ଭାଙ୍ଗି ପଡିଥିବା ତା'ର ମରାମତି କରିବା ପାଇଁ ଗ୍ରାମ ମୁଖ୍ୟ ଅନିଲ ଗିରି, ଚିରଞ୍ଜିବୀ ସାମଲ, ଅଶୋକ କୁମାର ଜେନା, ଆନନ୍ଦ ସେଠୀ, କାହ୍ନୁଚରଣ ଧଡା, ମନ୍ମଥ ଜେନା, ବଂଶୀଧର ଗିରି, ଅସିତ୍ ସାମଲ, ଅଜୟଗିରି ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଟିପିଏନଓଡିଏଲ ଭୋଗରାଇ ଏସଡିଓ କାନ୍ତିଭୂଷଣ ଜେନା ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



## ଜବତ ଚୋରା ବାଲି ହେଲା ନିଲାମ

ଜଳେଶ୍ୱର ବ୍ଲକ,୧୫ ।୧୦(ସମିସ): ଜଳେଶ୍ୱର ତହସିଲ ଅଧୀନରେ ଥିବା ସୁବର୍ଣ୍ଣରେଖା ଅବବାହିକାରେ ଅବାଧରେ ବାଲି ଉଠାଣ ସହିତ ବିଭିନ୍ନ ଜାଗାରେ ଗଚ୍ଛିତ ରଖିବା ଓ ପଶ୍ଚିମବଙ୍ଗକୁ ଚାଲାଣ କରି ମାଲାମାଲ ହେଉଛନ୍ତି ଚୋରାଚାଲାଣକାରୀ। ଏହାକୁ ରୋକ ଦେବା ପାଇଁ ଜଳେଶ୍ୱର ଜୁନିୟର ଖଣି ଅଧିକାରୀ ତାପସ ବେହେରା, ବସ୍ତା ଜୁନିୟର ଖଣି ଅଧିକାରୀ ସତ୍ୟଚିନ୍ମୟ ଜେନା, ଜଳେଶ୍ୱର ଅତିରିକ୍ତ ତହସିଲଦାର୍ ନିଧି ବେହେରା ଏବଂ ରାଇବଣିଆ ପୁଲିସ ପହଞ୍ଚି ଖୁଦିଆମାଝୀସାହି ପଞ୍ଚାୟତର ଦୁଇଟି ଜାଗା ମୁଣ୍ଡୁଗୁଣିଆ ଏବଂ ବଳଭଦ୍ରପୁର ଦୁଇଟି ଚୋରା ଗଚ୍ଛିତ ଥିବା ବାଲିକୁ ଜଳେଶ୍ୱର ଖଣି ଅଧିକାରୀ ସିଚ କରି ନିଲାମ କରିଛନ୍ତି । ମୁଣ୍ଡୁଗୁଣିଆରେ ଗଚ୍ଛିତ ଥିବା ବାଲିକୁ ୬୨ହଜାର ଟଙ୍କା ଓ ବଳଭଦ୍ରପୁରରେ ଗଚ୍ଛିତ ଥିବା ବାଲିକୁ ୨୪ହଜାର ଟଙ୍କାରେ ନିଲାମ କରାଯାଇଛି।

## ଅସହାୟ ପରିବାରକୁ 'ଦୁଃଖୀ ଦରବାର'ର ସହାୟତା

ରାଜଘାଟ, ୧୫।୧୦ (ସମିସ): ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତ ଅନ୍ତର୍ଗତ ଆମ୍ବକୁଡୁଚି ଗ୍ରାମର ଯୁବ ସମାଜସେବୀ ଜ୍ୟୋତିର୍ମୟ ନନ୍ଦ ଏବଂ ମଧୁପୁରା ଗ୍ରାମର ଉଦୀୟମାନ ଯୁବକ କାର୍ତ୍ତିକ ଚନ୍ଦ୍ର ଜେନାଙ୍କ ମିଳିତ ପ୍ରୟାସରେ "ଦୁଃଖୀ ଦରବାର' ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ଗଢି ଉଠିଛି। ଏହି ସଂଗଠନର ମୂଳ ଲକ୍ଷ୍ୟ ଅସହାୟ ଦୁସ୍ଥ ପରିବାରଙ୍କୁ ସହଯୋଗ ହାତ ବଢାଇବା। ଏହି ଆଧାରରେ ସଂଗଠନର ସଦସ୍ୟମାନଙ୍କ ମିଳିତ ସହଯୋଗରେ ଆମ୍ବକୁଡୁଚି ଗ୍ରାମର ଦୀର୍ଘଦିନ ପାରାଲିସିସ ରୋଗରେ ଆକ୍ରାନ୍ତ ହୋଇ ଜୀବନଯୁଦ୍ଧ ସହ ସଂଗ୍ରାମ କରି ଶେଷରେ ମୃତ୍ୟୁବରଣ କରିଥିବା ସ୍ୱର୍ଗତ ସୁକାନ୍ତି ଜେନାଙ୍କ ଅନ୍ତେଷ୍ଟିକ୍ରିୟା ପାଇଁ କିଛି ଖାଦ୍ୟ ସାମଗ୍ରୀ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟ ବିଜୟ ଜେନା, ମନୋଜ ବେହେରା, ଖଗେନ୍ଦ୍ର ଜେନା, ବିଶ୍ୱଜିତ ଧଳ, କମଳାକାନ୍ତ ପରିଡ଼ା ଓ ବହୁ କର୍ମୀ ଉପସ୍ଥିତ ଥିଲେ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'








ଜଳେଶ୍ୱର ବ୍ଲକ,୧୫।୧୦(ସମିସ)

ଜଳେଶ୍ୱର ବ୍ଲକ ମାକିଡ଼ିଆ ପଞ୍ଚାୟତ କୁଅଁରପୁର ବିଶ୍ୱେଶ୍ୱର ସରକାରୀ ଉପ୍ରା ବିଦ୍ୟାଳୟରେ ଗୋପାଳପୁର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହେଇଯାଇଛି। କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ଅବସରପ୍ରାପ୍ତ ଏବିଇଓ ଗୋପାଳ ସେନାପତି। ଗୋପାଳପୁର କ୍ଲଷ୍ଟର ସିଆରସିସି ସତ୍ୟବ୍ରତ କାପୁଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ମାକିଡ଼ିଆ ପଂଚାୟତର ସଦସ୍ୟା ସୁପ୍ରଭା ଘଡେଇ, ମୁଖ୍ୟବକ୍ତା ଓଡ଼ିଆ ଅଧ୍ୟାପକ ରମାକାନ୍ତ ଦେ, ସମ୍ମାନିତ ଅତିଥି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାସ, ବିଶେଶ୍ୱର ଘଡେଇ, ପରମାନନ୍ଦ ସେଣ, ଚୈତନ୍ୟ ସିଂ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟର ୧୬ଟି ବିଦ୍ୟାଳୟରୁ ବହୁ ପ୍ରତିଯୋଗୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥି ମାନପତ୍ର ଦେଇ ପୁରସ୍କୃତ କରିଥିଲେ।

**ଲଙ୍ଗଳେଶ୍ୱର:** ବାଲିଆପାଳ ଶିକ୍ଷା ଅଧିକାରୀଙ୍କ ଅଧୀନରେ ବୋର୍ଙ୍ଗ କ୍ଲଷ୍ଟର ସରକାରୀ ଈଶ୍ୱର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟର ସିଆରସିସି ଜୟକୃଷ୍ଣ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୋର୍ଙ୍ଗ ସରକାରୀ ଈଶ୍ୱର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ପାଠୀ ଏବଂ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଞ୍ଚାନନ ପ୍ରଧାନ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ବୋର୍ଙ୍ଗ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ ଏବଂ ସମିତି ସଦସ୍ୟ ପ୍ରତିନିଧି ତପନ ରାଉତ ଉପସ୍ଥିତ ଥିଲେ । ବିଦ୍ୟାଳୟ ଶିକ୍ଷକ ବିଦୁର କୁମାର ବଡ଼ିଆରୀ ମଞ୍ଚ ପରିଚାଳନା ଏବଂ ନବୀନ କୁମାର ରଣା ଧନ୍ୟବାଦ ଜ୍ଞାପନ କରିଥିଲେ। କ୍ଲଷ୍ଟରର ୧୩ଟି ବିଦ୍ୟାଳୟର ଛାତ୍ରଛାତ୍ରୀ କୁଇଜ, ଚିତ୍ରାଙ୍କନ, ନୃତ୍ୟ, ଗୀତ, ବକ୍ତୃତା ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଭାଶାଳୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦେଇ ସମ୍ମାନିତ କରାଯାଇଥିଲା।

**ଜଳେଶ୍ୱର:** ଜଳେଶ୍ୱର ବ୍ଲକ ଖୁଲୁଡ଼ା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପ୍ରଥମ ଓ ଦ୍ୱିତୀୟ ଅଧିବେଶନରେ ଖୁଲୁଡ଼ା ଶୀତଳା ସରକାରୀ ଉଚ୍ଚବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରାଜେଶ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଆରସି ସୁଶାନ୍ତ କୁମାର ଜେନା, ନାଏବ ସରଫଂଚ ଜ୍ୟୋସ୍ନା ରାଣୀ ସାମଲ, ମୁଖ୍ୟବକ୍ତା ବିନୋଦ ବିହାରୀ ମହାପାତ୍ର, ସମ୍ମାନିତ ଅତିଥି କୁମୁଦ ରଞ୍ଜନ ଜେନା, ସମ୍ମାନୀତ ଅତିଥି ପ୍ରାକ୍ତନ ସି ଆର ସି ସି କୃଷ୍ଣ ଚନ୍ଦ୍ର ମାଝୀ, ଦ୍ୱିତୀୟ ଅଧିବେଶନରେ ମୁଖ୍ୟବକ୍ତା ମୁଖ୍ୟମନ୍ତ୍ରୀ ଶିକ୍ଷା ପ୍ରାପ୍ତ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅଜିତ କୁମାର ମହାନ୍ତି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ମେଦିନୀପୁର କ୍ଲଷ୍ଟର ସିଆରସିସି ଅଜିତ କୁମାର ପାତ୍ର ଓ ଅନ୍ୟତମ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଗୁରୁ ପ୍ରସାଦ ରାଉଳ, ପ୍ରାକ୍ତନ ସଂସ୍କୃତ ଶିକ୍ଷକ ରବିନ କୁମାର ମିଶ୍ର, ସମ୍ମାନିତ ଅତିଥି ପ୍ରାକ୍ତନ ଗ୍ରାମ ମୁଖ୍ୟ ଗୁରୁ ପ୍ରସାଦ ଗିରି, ଉମାକାନ୍ତ ସିଟ, ବଂଶୀ ଧର ଜେନା,ପୁଷ୍ପ କେତେନ ପଣ୍ଡା, ମନୋରଞ୍ଜନ ଜେନା, କମଳାକାନ୍ତ ସି, ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ୟୁତକେଶ ପ୍ରଧାନ, କୁମୁଦ ରଞ୍ଜନ ଜେନା ପ୍ରମୁଖ ଯୋଗଦାନ ବକ୍ତବ୍ୟ ଦେଇଥିଲେ। ରବୀନ୍ଦ୍ର ପାଲ ମଞ୍ଚ ଆହ୍ୱାନ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ୧୫ ଟି ବିଦ୍ୟାଳୟ ର ଛାତ୍ର ଛାତ୍ରୀ ୯ଟି ବିଭାଗରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଅଞ୍ଜନ ପ୍ରଧାନ, ସଞ୍ଜୟ ପାକଳ, ମୌସୁମୀ ଗୁପ୍ତା, ଆର ମୋଲିନା, ଦୀପକ ପାତ୍ର, ସୁଜିତ୍ ସିଟ୍,ପୂର୍ଣ୍ଣ ଚନ୍ଦ୍ର ଗିରି, ସବିତା ରାଣୀ ଜେନା,ରତ୍ନା ପ୍ରଭା ଧଳ, ଭାରତୀ ଦାସ, ଭାରତୀ ଦାସ, ଲିଲିମା ମାଝୀ, ଜୟନ୍ତୀ ସେଠୀ, କନ୍ୟା କୁମାରୀ ପାଲ, ମାଳତୀ ଜେନା, ଅଶ୍ୱିନୀ ଜେନା, କମଳାକାନ୍ତ ସିଟ୍, ଗୌରୀରାଣୀ ଜେନା, ଅତସୀ ଧଳ, ଦେବାଶିଷ ଗିରି, ଚନ୍ଦ୍ର ଶେଖର ପରିଡା, ଜୟ ପ୍ରକାଶ ଅଣ୍ଡିଆ, ସଦାନନ୍ଦ ଦଳେଇ, ଅଜୟ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଜନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ତିନି ମହଲା କୋଠା ପୋଡ଼ି ପାଉଁଶ

ବାଲେଶ୍ୱର,୧୫ ।୧୦(ସମିସ)





- ନିଆଁ ଲିଭାଇବାରେ ୮ ଦମକଳ, ୭ ଘଣ୍ଟା ପରେ ନିଆଁ ଆୟତ
- ନଥିଲା ଅଗ୍ନି ନିରାପତ୍ତା ବ୍ୟବସ୍ଥା
- ୨ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ

ବାଲେଶ୍ୱର ସହରରେ ବୁଧବାର ଭୋର ୩ଟା ୪୦ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ସିନେମା ଛକ ନିକଟରେ ଥିବା ୩ ମହଲା ବିଶିଷ୍ଟ ବନଜା କସ୍‌ମେଟିକ ଦୋକାନରେ ନିଆଁ ଲାଗି ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ଦୁଇ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି । ସାଢ଼େ ସାତ ଘଂଟା ଧରି ପ୍ରାୟ ୮ ଟି ଦମକଳ ବାହିନୀ ନିୟୋଜିତ ହୋଇ ନିଆଁ ଲିଭାଇଥିଲେ ।

ନିଆଁ ପ୍ରଥମେ ଗ୍ରାଉଣ୍ଡ ଫ୍ଲୋରରୁ ଲାଗି ୪ମହଲା ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା । ଦୋକାନରୁ ଧୂଆଁ ବାହାରୁଥିବା ଦେଖି ପଡ଼ୋଶୀ ସଞ୍ଜୟ ଦାସ ବିଦ୍ୟୁତ ବିଭାଗକୁ ଖବର କରିଥିଲେ । ପାଖାପାଖି ୧୦ରୁ ୧୫ମିନିଟ ମଧ୍ୟରେ ବିଭାଗ ବିଦ୍ୟୁତ ସରବରାହ କାଟିଦେଇଥିଲେ । ପରେ ସେ ନିକଟରେ ଥିବା ଦମକଳ କାର୍ଯ୍ୟାଳୟକୁ ଯାଇ ବନଜା ଦୋକାନରେ ନିଆଁ ଲାଗିଥିବା ଖବର ଦେଇଥିଲେ । ତେବେ ଦମକଳ ବାହିନୀ ୪ଟା୧୫ରେ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲା । ହେଲେ ତୁରନ୍ତ ସେମାନେ ଏହି ନିଆଁକୁ ଆୟତ୍ତ କରିପାରି ନଥିଲେ । ବିଶେଷ କରି ଏହି ଦୋକାନ ମଧ୍ୟରେ ସାନିଟାଜର ରହୁଛି, ବିଭିନ୍ନ ପ୍ଲାଷ୍ଟିକ ସାମଗ୍ରୀ ରହିଛି ସେଥିରେ ଲାଗିଥିବା ନିଆଁ ଗୁଡିକ ସହଜରେ ଲିଭୁ ନଥାଏ । ଦମକଳ ବାହିନୀ ଗ୍ୟାସ କଟର ସାହାଯ୍ୟରେ ଦୋକାନର ସଟରକୁ କାଟି ସେଥିରେ ପାଣି ଢ଼ାଳିଥିବା ବେଳେ ସିଢ଼ି ଲଗାଇ ଅନ୍ୟ ମହଲାରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ । ଏପରିକି ସ୍ଥାନୀୟ ଲୋକେ ମଧ୍ୟ ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ । ପରେ ରେମୁଣା ଓ ଫୁଲାଡିରୁ ମଧ୍ୟ ଏକ ଦମକଳ ଗାଡ଼ି ଆସିଥିଲା । ନିକଟସ୍ଥ ଏକ ନାଳରେ ମୋଟର ଲଗାଇ ନିଆଁ ଲିଭାଯିବାକୁ ଚେଷ୍ଟା କରାଯାଇଥିଲା । ବାଲେଶ୍ୱର ଫାୟାର ଷ୍ଟେସନର ଆସିଷ୍ଟାଂଟ ଫାୟାର ଅଫିସର ସମୀର କୁମାର ବିଶ୍ୱାଳ କହିଛନ୍ତି ଉକ୍ତ ଦୋକାନରେ ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ସାମଗ୍ରୀ, କସମେଟିକ, ଖେଳଣା,ବିଭିନ୍ନ ପ୍ରକାର ମହିଳାଙ୍କ ସାମଗ୍ରୀ ଆଦି ରହିଛି । ପ୍ରଥମ ଗ୍ରାଉଣ୍ଡ ଫ୍ଲୋରରୁ ପ୍ରଥମ ମହଲାକୁ ନିଆଁ ଲାଗିଥିଲା । ପରେ ଏହି ନିଆଁ ସମସ୍ତ ମହଲାକୁ ବ୍ୟାପି ଯାଇଥିଲା ବୋଲି ଜାଣିବାକୁ ପାଇଥିଲେ । ବିଶେଷ ଏହି ଦୋକାନରେ ଉପରେ ଏକ ସେଡ ରହିଛି ଯାହାକୁ ସେମାନେ ଷ୍ଟୋର ରୁମ ଭାବେ ବ୍ୟବହାର କରନ୍ତି । ସେଥିରେ ପିଲାମାନଙ୍କ ଖେଳଣା ଠାରୁ ଆରମ୍ଭ କରି ପ୍ଲାଷ୍ଟିକ ସାମଗ୍ରୀ,ଗଦି ସବୁ ଭରି ହୋଇ ରହିଛି । ଘରର ସମ୍ମୁଖରୁ ନିଆଁ ଲିଭାଇବା ପାଇଁ ସେମାନଙ୍କୁ ବହୁତ କଷ୍ଟ କରିବାକୁ ପଡିଥିଲା । ସବୁଠାରୁ ବଡ କଥା ହେଉଛି ଏହି ଦୋକାନରେ କୌଣସି ଫାୟାର ଏକଜିଷ୍ଟିଂ ସିଷ୍ଟମ ନଥିଲା । ବାଲେଶ୍ୱରରୁ ୩ଟି ଟିମ, ରେମୁଣାରୁ ଗୋଟିଏ ଟିମ, ୪ଟି ଫାୟର ଗାଡି ସମେତ ପାଖାପାଖି ୩୦ଜଣ ଅଗ୍ନିଶମ କର୍ମଚାରୀ ଏହି ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ । ଯାହାକି ଭୋର ୪ଟା୧୫ଟାରୁ ପାଖାପାଖି ଦିନ ୧୨ଟା ଅର୍ଥାତ ସାଢ଼େ ସାତ ଘଂଟା ଲାଗିଥିଲା । ସମ୍ପୂର୍ଣ୍ଣ ଦୋକାନ ଘରଟି ନଷ୍ଟ ହୋଇଯାଇଥିବା ବେଳେ ବିଦ୍ୟୁତ ସଟସର୍କିଟ ଯୋଗୁଁ ହୋଇଥିବା କୁହାଯାଇଛି । ନିଆଁ ଲିଭାଯିବା ସମୟରେ ଆର୍ତ୍ତକବିରାଜ ଛକଠାରୁ ବେବିଲୋନ ଛକ ପର୍ଯ୍ୟନ୍ତ ରାସ୍ତାକୁ ସିଲ୍ କରାଯାଇଥିଲା ।

## ● ଏଫ୍‌ଏସ୍‌ଏସ୍ ଫେସନ ଶୋ ପ୍ରତିଯୋଗିତା

# ଦ୍ୱିତୀୟ ରନର୍ସଅପ୍ ହେଲେ ବାଲେଶ୍ୱରର ଆକୃତି

ବାଲେଶ୍ୱର,୧୫।୧୦(ସମିସ): ପଶ୍ଚିମବଙ୍ଗର ମାଲଦାଠାରେ ଆୟୋଜିତ ଏଫଏସଏସ ଫେସନ ଶୋ ପ୍ରତିଯୋଗିତାର ଜୁନିଅର ବର୍ଗରେ ବାଲେଶ୍ୱରର ପ୍ରତିଭା ସମ୍ପନ୍ନ ମଡେଲ ଆକୃତି ମଲ୍ଲିକ ଦ୍ୱିତୀୟ ରନର୍ସ ଅପ ଭାବେ ପୁରସ୍କୃତ ହୋଇଛନ୍ତି । ଏଫଏସଏସର ପ୍ରତିଷ୍ଠାତା ପ୍ରନିତ ଦେଙ୍କ ଉଦ୍ୟମରେ ମାଲଦାରେ ଅକ୍ଟୋବର ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟ ସମେତ ନେପାଳ ଓ ଦୁବାଇ ପ୍ରଭୃତି ଦେଶରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶା ସଂଯୋଜକ ଅଞ୍ଜଳି ମଧୁସ୍ମିତାଙ୍କ ନେତୃତ୍ୱରେ ଆକୃତି ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ବିଭିନ୍ନ ଚୟନ ପ୍ରକ୍ରିୟା ପରେ ସେମାନଙ୍କ ମଧ୍ୟରୁ ଆକୃତିଙ୍କୁ ମିଶାଇ ମୋଟ ୫୦ଜଣ ପ୍ରତିଯୋଗୀ ଅନ୍ତିମ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲେ । ଅକ୍ଟୋବର ୧୨ରେ ଅନୁଷ୍ଠିତ ହୋଇଥିବା ଫାଇନାଲ ପ୍ରତିଯୋଗିତାରେ ଆକୃତି ଦ୍ୱିତୀୟ ରନର୍ସ ଅପ ଭାବେ ଭାବେ ବିବେଚିତ ହୋଇଥିଲେ । ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିମାନେ ଆକୃତିଙ୍କୁ ସମ୍ବର୍ଦ୍ଧନା ସ୍ୱରୂପ କ୍ରାଉନ ପିନ୍ଧାଇ ସମ୍ମାନିତ କରିଥିଲେ । ବାଲେଶ୍ୱର ସହରର ମଠସାହି ନିବାସୀ ମୀନକେତନ ମଲ୍ଲିକ ଓ ରଶ୍ମିତା ମଲ୍ଲିକଙ୍କ ଝିଅ ଆକୃତି ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ମଡେଲିଂ ଓ ନୃତ୍ୟ ପ୍ରଦର୍ଶନରେ




ପୁରସ୍କୃତ ହୋଇଛନ୍ତି । ଆକୃତି ପୂର୍ବରୁ ଭୁବନେଶ୍ୱରରେ ଆୟୋଜିତ ନାଚ, ସ୍ୱାଗତିକା, ଅଞ୍ଜଳି ଭଳି ଟପ୍ ମଡେଲ ପ୍ରତିଯୋଗିତାର ବିଜୟିନୀ ହୋଇଛନ୍ତି । ବର୍ତ୍ତମାନ ସେ ବାଲେଶ୍ୱରର ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ତୃତୀୟ ଶ୍ରେଣୀରେ ପାଠ ପଢୁଛନ୍ତି । ଜେଜେ ରମେଶ ଚନ୍ଦ୍ର ମଲ୍ଲିକ ଓ ଅଜା କମଳ ଲୋଚନ ଗିରିଙ୍କ ଆଶୀର୍ବାଦ ତଥା ବାପା ମା'ଙ୍କ ପ୍ରୋତ୍ସାହନ ଯୋଗୁଁ ସେ ଏହି ସଫଳତା ପାଇ ପାରିଛନ୍ତି ବୋଲି ଆକୃତି ପ୍ରକାଶ କରିଛନ୍ତି । ପାଠ ପଢାକୁ ଅଗ୍ରାଧିକାର ଦେଇ ଆକୃତି ମଡେଲିଂ କ୍ୟାରିଅରକୁ ଆଗକୁ ନେବେ ବୋଲି ତାଙ୍କ ମା ରଶ୍ମିତା କହିଛନ୍ତି ।

# ମହିଳା ପୁଲିସ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୧୫ ।୧୦(ସମିସ): ସହଦେବଖୁଣ୍ଟା ଆଦର୍ଶ ଥାନାରେ କାର୍ଯ୍ୟରତ ମହିଳା ସବ୍‌ଇନିସପେକ୍ଟର ସସ୍ମିତା ମଲ୍ଲିକଙ୍କୁ ଇନିସପେକ୍ଟର ପଦବୀକୁ ପଦୋନ୍ନତି ଦିଆଯାଇଛି । ଗତ ତିନିବର୍ଷ ଧରି ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଅନେକ ଅପରାଧକୁ ସଠିକ ମୁକାବିଲା କରିବାରେ ସେ ନିଜର ଦକ୍ଷତା ଓ ପାରଦର୍ଶିତା ପ୍ରଦର୍ଶନ କରିଛନ୍ତି । ତାଙ୍କର ପଦୋନ୍ନତି ଖବର ପାଇବାରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । 'ବ୍ୟାସକବି ନଗର ବିକାଶ ପରିଷଦ' ଓ 'ରୟାଲ କ୍ଲବ' ପକ୍ଷରୁ ସହଦେବଖୁଣ୍ଟା ଥାନା ପରିସରରେ ଦୁଇ ସଙ୍ଗଠନ ପକ୍ଷରୁ ପରିଷଦର ସଭାପତି ସଞ୍ଜୟ କୁମାର ଚୌଧୁରୀ ଓ କ୍ଲବର ସଭାପତି ଭଗବାନ ମହନୀ ପ୍ରମୁଖ କର୍ମକର୍ତ୍ତା ଶ୍ରୀମତୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏହି ଅବସରରେ ଆଇଆଇସି ଅଜୟ ମୁର୍ମୁ ଓ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ ।


# ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ସଭା

ବାଲେଶ୍ୱର,୧୫।୧୦(ସମିସ): ଏସ୍‌ଆଇଆର୍ ସହ ସମ୍ପର୍କିତ ମିଡିଆ ପରିଚାଳନା, ସୋସିଆଲ ମିଡିଆ ରଣନୀତି ଓ ସାର୍ବଜନୀକ ସଂଯୋଗ ବିଷୟରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ସଭା ଆୟୋଜିତ ହୋଇଯାଇଛି । ବିଶେଷ ଭୋଟର ତାଲିକା ପୁନଃସଂଶୋଧନ ଅଭିଯାନକୁ ଦୃଷ୍ଟିରେ ରଖି ସଠିକ୍ ମିଡ଼ିଆ ଓ ସୋସିଆଲ ମିଡ଼ିଆ ପରିଚାଳନା, ସୋସିଆଲ ମିଡିଆ ଓ ସାର୍ବଜନୀକ ସଂଯୋଗ ବିଷୟରେ ଅଧିକ ଅବଗତି ଓ କାର୍ଯ୍ୟକୁଶଳତା ବୃଦ୍ଧି ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ଓରିଏଣ୍ଟେସନ୍ ସଭା ଆୟୋଜିତ ହୋଇଥିଲା । ସଭାରେ ସମସ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀମାନେ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇଥିଲେ । ୨୦୦୭ ପରେ ଦ୍ୱିତୀୟ ଥର ପାଇଁ ଏପରି ଏକ ବିସ୍ତୃତ ଏସଆଇଆର୍ ଅଭିଯାନ ଅଭିଯାନ ହେବାକୁ ଯାଉଛି ବୋଲି ଆଲୋଚନା ହେଇଥିଲା । ସଭାରେ ବିଶେଷ କରି ଭୋଟର ତାଲିକା ସଠିକ୍ ଓ ସମାବେଶୀ ହେବା ଅତ୍ୟନ୍ତ ଆବଶ୍ୟକ । ଏହା ପାଇଁ ଘରେ ଘରେ ଯାଇ ସର୍ଭେ, ମୃତ ଭୋଟରଙ୍କ ନାମକୁ ତାଲିକାରୁ ବାଦ୍ ଦେବା ସହ ଅଯୋଗ୍ୟ ଭୋଟରଙ୍କ ନାମ କାଟିବା ଏବଂ କୌଣସି ଯୋଗ୍ୟ ଭୋଟରଙ୍କ ନାମ ଯେମିତି ଲିଷ୍ଟରୁ ବାଦ୍ ନ ପଡେ ବୋଲି ନିଶ୍ଚିତ କରାଯିବ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀମାନଙ୍କୁ ଜନସାଧାରଣଙ୍କ ମଧ୍ୟରେ ସଠିକ୍ ତଥ୍ୟ ପ୍ରଚାର, ଭ୍ରମ ଓ ଭ୍ରାନ୍ତି ଦୂରୀକରଣ, ସୋସିଆଲ ମିଡିଆ ମାଧ୍ୟମରେ ସଚେତନତା ସୃଷ୍ଟି, ନିୟମିତ ପ୍ରେସ ନୋଟ ଓ ସୂଚନା ପ୍ରସାରଣ, ଇନଫୋଗ୍ରାଫିକ୍ସ ତିଆରି, ମିଡିଆ ହାଉସ, ଟିଭି ଚ୍ୟାନେଲ ଓ ନିରପେକ୍ଷ ଇନଫ୍ଲୁଏନସରମାନଙ୍କ ସହ ସଂଯୋଗ ସୃଷ୍ଟି କରି ସଚେତନତା ବଢ଼ାଇବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ସେଥିସହିତ ବିଏଲଓ ଓ ବିଏଲଏମାନଙ୍କ ଅଭିଜ୍ଞତା ଓ ମତାମତକୁ ଡକ୍ୟୁମେଣ୍ଟ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।





































# ସମ୍ପାଦକୀୟ



ଗଣତନ୍ତ୍ରରେ ଏକ ଦୃଢ଼ ବିରୋଧୀ ଦଳ ଅପରିହାର୍ଯ୍ୟ।
-ନବୀନ ପଟ୍ଟନାୟକ


ସକାଳ
THE SAKALA

## ରାଜନୀତିରେ 'ନବୀନ-ସିଦ୍ଧାନ୍ତ'

ଆଗାମୀ ଦିନରେ ଯେତେବେଳେ ଏକବିଂଶତାବ୍ଦୀର ରାଜନୈତିକ ଇତିହାସ ଲେଖାଯିବ, ଐତିହାସିକ, ଗବେଷକ ଓ ପାଠକମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ନିରାଡ଼ମ୍ବର ଜୀବନଯାପନ କରୁଥିବା ସଫେଦ୍ କୁର୍ତ୍ତାପାଇଜାମା ଓ ହାୱାଇ ଚପଲ୍ ପରିହିତ ଜଣେ ବ୍ୟକ୍ତିତ୍ୱ କିଭଳି ପ୍ରଥମ ଅଢ଼େଇ ଦଶନ୍ଧି ଧରି ଜାତୀୟ ରାଜନୀତିକୁ ଆଚ୍ଛନ୍ନ କରି ରଖିଥିଲେ। ତେବେ କ'ଣ ଥିଲା ସେ ଶାସନର ଆଧାର ଓ ପ୍ରକାର? ଏ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ରାଜନୀତିଜ୍ଞ ଓ ଐତିହାସିକମାନଙ୍କୁ ଆହୁରି ଆଶ୍ଚର୍ଯ୍ୟଚକିତ ହେବାକୁ ପଡ଼ିବ ଯେ ସେହି ଶାସନକାଳ କୌଣସି ନିର୍ଦ୍ଦିଷ୍ଟ ବାଦ(ଇଜିମ୍), ଆଦର୍ଶ(ଆଇଡୋଲଜି), ଦର୍ଶନ(ଫିଲୋସଫି), ବ୍ୟବସ୍ଥା(ଫର୍ମ ଅଫ୍ ଗଭର୍ଣ୍ଣମେଣ୍ଟ) ଆଦିରେ ପରିଚାଳିତ ନଥିଲା, ବରଂ ସେ ସବୁର ଊର୍ଦ୍ଧ୍ୱରେ ଅଥଚ ସାରସଂଗ୍ରହରେ ଜନ୍ମ ନେଇଥିବା 'ନବୀନ ଥିଓରି' ବା 'ନବୀନ ସିଦ୍ଧାନ୍ତ' ଥିଲା ସେ ଶାସନର ମୂଳାଧାର।

ରାଜନୀତିରେ 'ନବୀନ ସିଦ୍ଧାନ୍ତ' ଏଭଳି ଏକ ପ୍ରୟୋଗାତ୍ମକ ତତ୍ତ୍ୱ, ଯେଉଁଥିରେ ସମାହିତ ହୋଇରହିଛି କୃଷି ବିକାଶରୁ ଶିଳ୍ପାୟନ, ଦାରିଦ୍ର୍ୟ ଦୂରୀକରଣରୁ ବୁଭୁକ୍ଷା ନିବାରଣ, ଏନ୍ତୁଡ଼ିଶାଳରୁ ଶ୍ମଶାନ, ବିଦ୍ୟାଳୟରୁ କ୍ରୀଡ଼ାଙ୍ଗନ, ଗ୍ରାମ୍ୟ ବିକାଶରୁ ସଂଯୋଗୀକରଣ, ଜନଜାତି କଲ୍ୟାଣରୁ ନଗର ଉନ୍ନୟନ, କେନ୍ଦୁପତ୍ରରୁ ଶ୍ରୀଅନ୍ନ, ଆର୍ଥିକ ବିକାଶରୁ ସାମାଜିକ ଅନ୍ତର୍ଭୁକ୍ତୀକରଣ, କୁଟୀର ଶିଳ୍ପରୁ ଖାଦ୍ୟ ପ୍ରକ୍ରିୟାକରଣ, ଦିବ୍ୟାଙ୍ଗ ଓ ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟ କଲ୍ୟାଣ, ଧର୍ମ ସମ୍ପ୍ରଦାୟ ନିର୍ବିଶେଷରେ ଧର୍ମାନୁଷ୍ଠାନର ଉତ୍ତରଣ। ସମାଜର କୌଣସି ବର୍ଗ 'ନବୀନ ସିଦ୍ଧାନ୍ତ'ରୁ ବଞ୍ଚିତ ନୁହନ୍ତି। ବିଶ୍ୱ ରାଜନୀତିରେ ଏଭଳି ପ୍ରଗତିର ପରିଭାଷା ଓ ବିକାଶର ବ୍ୟାକରଣ ବୋଧହୁଏ ବିରଳ।

'ନବୀନ ସିଦ୍ଧାନ୍ତ'ର ଜନକ ନବୀନ ପଟ୍ଟନାୟକ ୨୪ ବର୍ଷର ମୁଖ୍ୟମନ୍ତ୍ରିତ୍ୱ କାଳରେ ଆର୍ଥିକ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରପୀଡ଼ିତ ଓଡ଼ିଶାକୁ ଯେଭଳି ପ୍ରଶମନ ପରିଚାଳନା ଓ ବିକାଶର ମଡେଲ୍ କରି ବିଶ୍ୱ ଦରବାରରେ ଉପସ୍ଥାପନା କରିପାରିଛନ୍ତି ତାହା ତ ଅଭୂତପୂର୍ବ ନିଶ୍ଚୟ; ସର୍ବୋପରି ଶାନ୍ତି, ସହାବସ୍ଥାନ ଓ ସର୍ବଧର୍ମସମନ୍ୱୟର ଯେଉଁ ଉଦାହରଣଟିଏ ସୃଷ୍ଟି କରିଛନ୍ତି ତାହା ନୋବେଲ୍ ଆଶାୟୀ ଗବେଷକଙ୍କ ପାଇଁ ଉତ୍କୃଷ୍ଟ ବିକଳ୍ପଟିଏ ସୃଷ୍ଟି କରିସାରିଛି। ଗାନ୍ଧୀ ଦର୍ଶନ ଓ ସର୍ବୋଦୟ ଅର୍ଥନୀତିକୁ ସେ ହିଁ ଠିକ୍ ରୂପେ ବୁଝି ପାରିଛନ୍ତି, ଯିଏ ମନ୍ତ୍ରୀ ଓ ସଚିବମାନଙ୍କ କାର୍ଯ୍ୟାଳୟକୁ 'ଲୋକସେବା ଭବନ' ନାମରେ ନାମିତ କରିପାରନ୍ତି ଏବଂ ସମ୍ବିଧାନର ମୁଖବନ୍ଧରେ 'ଅହିଂସା' ଶବ୍ଦକୁ ଯୋଡ଼ିବାର ପ୍ରସ୍ତାବ ବାରମ୍ବାର ଉପସ୍ଥାପନା କରିପାରନ୍ତି। ଓଡ଼ିଆ ଭାଷା ଓ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ପାଇଁ ସେଭଳି ଜଣେ ଓଡ଼ିଆପ୍ରାଣ ସେବାସାଧକ ହିଁ ସଂଗ୍ରାମ କରିପାରନ୍ତି, ଯିଏ ଶାସନ ପ୍ରଶାସନକୁ ଓଡ଼ିଆ ଅସ୍ମିତାରେ ଅଭିମନ୍ତ୍ରିତ କରିବାର ସଂକଳ୍ପ ନିଅନ୍ତି। ଏ ସବୁ ବୈଶିଷ୍ଟ୍ୟ ନବୀନ ପଟ୍ଟନାୟକଙ୍କ ରାଜନୈତିକ ବ୍ୟକ୍ତିତ୍ୱ, ଚିନ୍ତନ ଓ ଆଦର୍ଶକୁ ଆହୁରି ଋଦ୍ଧିମନ୍ତ କରିଛି ଏବଂ ଉପସ୍ଥାପିତ ହୋଇଛି ତାଙ୍କ ନିରବତାର ଭାଷାରେ। ବୈଷୟିକ ଜ୍ଞାନକୌଶଳ, ସହଯୋଗିତା, ଶୃଙ୍ଖଳା ବିନା ଆଧୁନିକ ବିକାଶର ପ୍ରତିଯୋଗିତା ଜିତା ଯାଇପାରିବ ନାହିଁ। ତେଣୁ ସେ ଶାସନ-ପ୍ରଶାସନକୁ ୫-ଟି ଆଧାରରେ ବିବର୍ତ୍ତନ କରିଛନ୍ତି ଏବଂ ଦକ୍ଷତା ବିକାଶକୁ ପ୍ରାଧାନ୍ୟ ଦେଇଛନ୍ତି, ଯାହା ଏକବିଂଶ ଶତାବ୍ଦୀର ଶାସନ-ପ୍ରଶାସନର ସର୍ବଶ୍ରେଷ୍ଠ ଓ ସର୍ବଗ୍ରାହ୍ୟ ବିକଳ୍ପ ହୋଇସାରିଛି।



ମୁଖ୍ୟମନ୍ତ୍ରୀର ପଦ ଓ ଦାୟିତ୍ୱର ଊର୍ଦ୍ଧ୍ୱରେ ନବୀନ ପଟ୍ଟନାୟକ ଆଧୁନିକ ଓଡ଼ିଶା ରାଜନୀତିର ଏଭଳି ଏକ ସଂଜ୍ଞା ଲେଖିସାରିଛନ୍ତି, ଯାହାର ବ୍ୟୁତ୍ପତ୍ତିରେ ପ୍ରତିଫଳିତ ହୋଇଛି - ସମନ୍ୱୟୀ ସଂଘୀୟ ଭାବନା, ବୈଷମ୍ୟରହିତ ରାଷ୍ଟ୍ରବାଦ, ଆଞ୍ଚଳିକ ସ୍ୱାର୍ଥକୈନ୍ଦ୍ରିକ ସମର୍ଥନ, ସମଦୂରତ୍ୱର ସମୀକରଣ ଓ ସହଯୋଗର ସନ୍ତୁଳନ। ସାମାଜିକ ସୁରକ୍ଷାର ବଳୟ ଭିତରେ ଅର୍ଥନୈତିକ ଉତ୍‌ଥାନର ଯେଉଁ ନବସୂତ୍ର ସେ ପ୍ରତିଷ୍ଠା କରିଛନ୍ତି, ତାହା ସାମାଜିକ-ଅର୍ଥନୀତିରେ ଏକ ନବଯୁଗ ପ୍ରତିଷ୍ଠା କରିଛି। ସେ କହନ୍ତି ଗଣତନ୍ତ୍ରରେ ଜନତା ହିଁ ନିର୍ଦ୍ଧାରକ, ନିର୍ବାଚନ ଏକ ପ୍ରକ୍ରିୟା ମାତ୍ର। ଶାସକ ଓ ଶାସନ ବ୍ୟବସ୍ଥାରେ କ୍ଷମତା ସଦା ପରିବର୍ତ୍ତନଶୀଳ। ତେଣୁ ଜଣେ ରାଜନେତାର ଆଦର୍ଶ ଜନକୈନ୍ଦ୍ରିକ ହେବା ଆବଶ୍ୟକ। ରାଜନୀତିକୁ ସେ କେବେ ମଧ୍ୟ କ୍ଷମତା ଲିପ୍‌ସାର ଦୃଷ୍ଟିରେ ଦେଖିନାହାନ୍ତି। ଏଣୁ ତ ସେ ବିରୋଧୀଙ୍କ ପ୍ରତି ବ୍ୟକ୍ତିଗତ ପ୍ରତିକ୍ରିୟାଶୀଳ ନୁହନ୍ତି। ତାଙ୍କ ଉକ୍ତିରେ 'ମୁଁ ବାସ୍ତବରେ କ୍ଷମତା ବିଷୟରେ ଚିନ୍ତା କରେ ନାହିଁ, ବରଂ ରାଜ୍ୟବାସୀଙ୍କ ସେବାକୁ ପ୍ରାଧାନ୍ୟ ଦିଏ।' ...'କ୍ଷମତା ଲିପ୍‌ସାକୁ ମୁଁ ଭଲ ପାଏ ନାହିଁ।'

ଗଣତନ୍ତ୍ର-ସମାଜବାଦ-ସାମ୍ୟବାଦର ସମ୍ମିଶ୍ରଣରେ ନବୀନ ବାବୁ ଗଣତନ୍ତ୍ରର ଯେଉଁ ଏକ ଭିନ୍ନ ପନ୍ଥା ନିର୍ଦ୍ଧାରଣ କରିଥିଲେ ତାହାର ଆଧାର ଥିଲା 'ଥ୍ରିପି' ସୂତ୍ର - ପ୍ରୋ-ପୋର(ଦରିଦ୍ର କଲ୍ୟାଣ), ପ୍ରୋଗ୍ରେସିଭ୍(ପ୍ରଗତିଶୀଳ), ପିପୁଲ୍ ଓରିଏଣ୍ଟେଡ୍(ଜନକୈନ୍ଦ୍ରିକ)। ଜନତାଙ୍କ ଦ୍ୱାରା ନିର୍ବାଚିତ ସରକାରର ପ୍ରଥମ ଓ ପ୍ରମୁଖ କର୍ତ୍ତବ୍ୟ ଓ ଦାୟିତ୍ୱ ହେଉଛି ଜନକଲ୍ୟାଣ। ଗଣତନ୍ତ୍ରର ଏହି ଗୂଢ଼ସୂତ୍ରକୁ ବୁଝି ସେ ଲୋକସେବା ଭବନରେ ପ୍ରତିଷ୍ଠା କଲେ ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ 'ଟାଲିସ୍‌ମ୍ୟାନ', ଯାହା ନୀତି ନିର୍ଦ୍ଧାରକଙ୍କ ପାଇଁ ଆଲୋକବର୍ତ୍ତିକା ସଦୃଶ ସୂଚାଇ ଦିଏ ଯେ ଯୋଜନା କିମ୍ବା ନୀତିନିର୍ଦ୍ଧାରଣ ବେଳେ ପ୍ରଥମେ ଏହି ଭାବନା ଆସିବା ଆବଶ୍ୟକ - 'ତାହା ଦ୍ୱାରା ସମାଜର ସବୁଠାରୁ ଗରିବ ବର୍ଗର ଲୋକଟି କେତେମାତ୍ରାରେ ଉପକୃତ ହେବ।'

ନବୀନ ବାବୁ ଶାସନ କ୍ଷମତାରେ ରୁହନ୍ତୁ କି ବିରୋଧୀ ଦଳରେ, ସବୁବେଳେ ଗୋଟିଏ ଦୃଢ଼ୋକ୍ତି କରନ୍ତି - 'ଓଡ଼ିଶାର ସାଢ଼େ ଚାରିକୋଟି ଅଧିବାସୀ ମୋ ପରିବାରର ସଦସ୍ୟ। ମୁଁ ଓଡ଼ିଶାବାସୀଙ୍କୁ ବିଶ୍ୱାସ କରେ, ମୋ ପ୍ରତି ସେମାନଙ୍କ ଭଲ ପାଇବା ଓ ସ୍ନେହ ମୋତେ ସବୁଦିନ ସେବା ପାଇଁ ପ୍ରେରଣା ଦିଏ। ଜୀବନର ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସେବା ପାଇଁ ମୁଁ ଉତ୍ସର୍ଗୀକୃତ।'

ଗୋଟିଏ ବାକ୍ୟରେ ନବୀନ ପଟ୍ଟନାୟକଙ୍କ ରାଜନୈତିକ ଆଦର୍ଶ ବା 'ନବୀନ ସିଦ୍ଧାନ୍ତ'କୁ ବର୍ଣ୍ଣନା କରିବାକୁ ହେଲେ ଏତିକି କହିଲେ ଯଥେଷ୍ଟ ହେବ ଯେ ସେ ହିଁ ପ୍ରକୃତ ଶାସକ, ଯିଏ ଜନତାଙ୍କୁ ଶାସିତ ଭାବରେ ନୁହେଁ, ବରଂ ପରିବାରର ସଦସ୍ୟ ରୂପେ ବିବେଚନା କରେ। ନବୀନ ପଟ୍ଟନାୟକଙ୍କ ବ୍ୟତୀତ ଏଭଳି ରାଜଯୋଗୀ ଆଜିର ଦିନରେ ତ ବିରଳ, ଆଗାମୀ କିଛି ବର୍ଷ ଭିତରେ ଜନ୍ମ ନେବେ କି ନାହିଁ ସନ୍ଦେହ।

## ଦେଶର ବୌଦ୍ଧିକ ସମ୍ପଦ

**ବୈକୁଣ୍ଠନାଥ ମିଶ୍ର**

ସଭ୍ୟତାର ଗତି ଯେତେ ପ୍ରଖର, ଆମ ମାନସିକତାର ଗତି ତତୋଧିକ ନିମ୍ନଗାମୀ ହେବାରେ ଲାଗିଛି। ନିଜ ବ୍ୟତୀତ ଅନ୍ୟକଥା ଭାବିବାକୁ ଆଜିର ଯୁବପିଢ଼ି ପାଖରେ ସମୟ ନାହିଁ। ଯୁବବର୍ଗ ଆଜି ସାଜିଛି ଲିଓ ଟଲ୍‌ଷ୍ଟୟଙ୍କ କାହାଣୀର ନାୟକ ପାହୋମ, ଯାହାକୁ କୁହାଯାଇଥିଲା ଯେ ସୂର୍ଯ୍ୟାସ୍ତ ପୂର୍ବରୁ ସେ ଯାତ୍ରା ଆରମ୍ଭ କରିଥିବା ସ୍ଥାନରେ ପହଞ୍ଚିବା ଦ୍ୱାରା ଯେତେ ଜମି ସେ ଅତିକ୍ରମ କରିଥିବ ସେତକ ଜମି ତା'ର ହେବ। କିନ୍ତୁ ଅତ୍ୟଧିକ ଲୋଭର ବଶୀଭୂତ ହୋଇ ଜମି ତ ଦଖଲ କରିପାରିଲା ନାହିଁ, ଅକାଳରେ ତା' ଜୀବନ ସୂର୍ଯ୍ୟ ଅସ୍ତ ହୋଇଗଲା। ଲେଖକଙ୍କ ଗଳ୍ପର ଶେଷକଥା ହେଲା ଅନ୍ତିମକାଳରେ ମଣିଷ ପାଇଁ ମାତ୍ର ଛ'ହାତ ଭୂମି ଦରକାର। ତା'ଠାରୁ ଅଧିକ ନୁହେଁ। ଆଜିର ଯୁବବର୍ଗ ଧନ ପାଇଁ ଯେପରି ଅଣନିଃଶ୍ୱାସୀ ହୋଇ ଧାଉଁଛି ସେଥିରେ ଅନ୍ୟକଥା ଛାଡ଼ନ୍ତୁ ନିଜ ବୃଦ୍ଧ ପିତାମାତାଙ୍କୁ ଧ୍ୟାନ ଦେବାକୁ ତା' ପାଖରେ ସମୟ ନାହିଁ। ଯେଉଁ ବାପା ମା' ଦିନେ ପୁଅଝିଅଙ୍କୁ ମଣିଷ କରିବାକୁ ଗଣ୍ଡେ ଖାଇ ଦଣ୍ଡେ ଜିଇଁ ଦିନରାତି ଏକକରି ଦେଉଥିଲେ ସେମାନେ ଆଜି ଅଲୋଡ଼ା ଅଖୋଜା। ପୁଅ ଆଜି ଉଚ୍ଚପଦସ୍ଥ ଅଧିକାରୀ ହୋଇ ଧନର ପାହାଡ଼ ସୃଷ୍ଟି କରିଥିଲେ ମଧ୍ୟ ବାପାମା' ଆଜି ନିଃସ୍ୱ, କାଙ୍ଗାଳ। କେବଳ ଏତିକି ଆତ୍ମସନ୍ତୋଷ ଯେ ପିଲାମାନଙ୍କୁ ଆଜି ଗଣରେ ଜଣେ କରିପାରିଛନ୍ତି।

୨୦୧୧ ଜନଗଣନା ଓ ବର୍ତ୍ତମାନର ଆକଳନ ଅନୁସାରେ ଭାରତ ଏକ ଯୁବବର୍ଗର ଦେଶ। କିନ୍ତୁ ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ପପୁଲେସନଫଣ୍ଡ)ର ସଦ୍ୟ ଆକଳନ ଅନୁଯାୟୀ ୨୦୫୦ ସୁଦ୍ଧା ଭାରତ ଆଉ ଯୁବ କିଶୋରଙ୍କ ଦେଶ ନ ହୋଇ ବୟସ୍କଙ୍କ ଦେଶଭାବେ ବିବେଚିତ ହେବ। ବର୍ତ୍ତମାନ ଭାରତର ୬୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂଖ୍ୟା ୧୪.୫ କୋଟି ବା ଏକ-ଦଶମାଂଶ। ୨୦୫୦ ମସିହା ସୁଦ୍ଧା ଏହା ୩୦କୋଟି ଛୁଇଁବ। ସମପରିମାଣରେ ୧୫ ରୁ ୫୯ବର୍ଷ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ହ୍ରାସ ପାଇଥିବ। ସେତେବେଳ ଭାରତ ଆଉ ଯୁବବର୍ଗର ଦେଶ ନହୋଇ ବୟସ୍କଙ୍କ ଦେଶରେ ପରିଣତ ହେବ। 'ଏଜ୍ ୱେଲ ଫାଉଣ୍ଡେସନ'ର ଜାତୀୟ ରିପୋର୍ଟ ଅନୁସାରେ ଦେଶର ବୟସ୍କଙ୍କ ଆୟ ଓ ବ୍ୟୟ ଧାରାରେ ପରିବର୍ତ୍ତନ ଆସିଛି। ପ୍ରାୟ ୬୦ ପ୍ରତିଶତ ବୃଦ୍ଧବୃଦ୍ଧାଙ୍କର ଆୟର ଉତ୍ସ ସେମାନଙ୍କ ପେନ୍‌ସନ। ଶତକଡ଼ା ୩୭ ବୟସ୍କ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ। ମାସିକ ପେନସନ ବ୍ୟତୀତ ସେମାନଙ୍କ ଭିତରୁ ୧୯.୫ ପ୍ରତିଶତ ଜମିରୁ ଆୟ, ଘରଭଡ଼ା ଓ ଆର୍ଥିକ ନିବେଶରୁ ସୁଧ ପାଉଛନ୍ତି। ୪୮.୫ ପ୍ରତିଶତ ବୟସ୍କଙ୍କ ପାଖରେ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ରହିଛି। କିନ୍ତୁ ସେମାନଙ୍କ ମଧ୍ୟରେ ୭ ୦ପ୍ରତିଶତଙ୍କର ଆଣ୍ଠୁଗଣ୍ଠି ସମସ୍ୟା ଓ ୮୦ ପ୍ରତିଶତଙ୍କର ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗ ରହିଛି। ପ୍ରାୟ ୨୫ ପ୍ରତିଶତ ବୟସ୍କ ବିପତ୍ନୀକ କିମ୍ବା ବିଧବା। ୪୯ ପ୍ରତିଶତ ଜୀବନସାଥୀଙ୍କ ସହ ରହୁଛନ୍ତି। ମାତ୍ର ୨୯.୫ ପ୍ରତିଶତ ସେମାନଙ୍କ ସନ୍ତାନ ସହ ଏକତ୍ର ବାସରେ ଅଛନ୍ତି। ମୋଟାମୋଟି ଭାବେ ୭୫ ଭାଗରୁ ଊର୍ଦ୍ଧ୍ୱ ବୟସ୍କ ନିଜ ସନ୍ତାନଙ୍କ ଦ୍ୱାରା ଅବହେଳିତ। ଦୁଃଖ ଓ ପରିତାପର କଥା ଯେ କିଛି ବୟସ୍କଙ୍କର ସବୁଥାଇ ମଧ୍ୟ ସେମାନେ ଜରାଶ୍ରମରେ ରହୁଛନ୍ତି। ଜଣେ ଖ୍ୟାତନାମା ସନ୍ଥ ନିକଟରେ ଯେଉଁ ବକ୍ତବ୍ୟ ରଖିଛନ୍ତି ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ତାଙ୍କ କହିବା କଥା ଯେ ଭାରତର ବୃଦ୍ଧାଶ୍ରମରେ ରହୁଥିବା ବ୍ୟକ୍ତିଙ୍କ ମଧ୍ୟରେ କେହି ମୁସଲମାନ ନାହାନ୍ତି। ଏହାର କାରଣ ଦର୍ଶାଇବାକୁ ଯାଇ ସେ କହିଛନ୍ତି ଯେ ମୁସଲମାନ ଶିଶୁମାନେ ତାଙ୍କ ଧର୍ମ ପୁସ୍ତକ ସହ ଓତପ୍ରୋତଃ ଭାବେ ଜଡ଼ିତ। କୌଣସି ଧର୍ମଶାସ୍ତ୍ରରେ ବୃଦ୍ଧ ପିତାମାତାଙ୍କୁ ଅବହେଳା କରବା ଏକ ପାପ ବୋଲି ବିବେଚନା କରାଯାଏ। ବାଲ୍ୟାବସ୍ଥାରୁ ସେମାନେ ଆଧ୍ୟାତ୍ମିକତା ସହ ଜଡ଼ିତ। ଅପରପକ୍ଷେ ହିନ୍ଦୁମାନଙ୍କ ମଧ୍ୟରୁ ପ୍ରାୟ ୯୦ପ୍ରତିଶତ ଗୀତା ଭାଗବତ ଭଳି ନୀତିଶାସ୍ତ୍ର ଅଧ୍ୟୟନ କରନ୍ତି ନାହିଁ। ସୁତରାଂ ସେମାନେ ନୀତି ନୈତିକତାଠାରୁ ଦୂରେଇ ଯାଉଛନ୍ତି। ଦ୍ୱିତୀୟତଃ ମୁସଲମାନ ଦମ୍ପତିଙ୍କର ଏକାଧିକ ସନ୍ତାନ ଥିବାରୁ ଜଣେ ନହେଲେ ଆଉ ଜଣେ ବୃଦ୍ଧ ପିତାମାତାଙ୍କର ଯତ୍ନ ନେଉଛନ୍ତି।

ପିଲାମାନେ ଉଚ୍ଚଶିକ୍ଷିତ ହୋଇ ସହରରେ ଅବସ୍ଥାନ କଲା ପରେ ପିତାମାତାଙ୍କୁ ଦୂରରେ ରଖି ନିଜ ସଂକ୍ଷିପ୍ତ ସଂସାର ମଧ୍ୟରେ ଆବଦ୍ଧ ରହିବାକୁ ପସନ୍ଦ କରନ୍ତି। ସେଥିରେ ପିତାମାତାଙ୍କ ସ୍ଥାନ କାହିଁ? ଯେଉଁ କେତେ ଜଣ ଅନନ୍ୟୋପାୟ ହୋଇ ପିଲାଙ୍କ ପାଖରେ ରହୁଛନ୍ତି, ସେମାନଙ୍କ ଭିତରୁ ଅଧିକାଂଶଙ୍କର ଦୁଃଖ ଅବର୍ଣ୍ଣନୀୟ। ନା ସେମାନଙ୍କର କୌଣସି ମତାମତ ଦେବାର ଅଧିକାର ଅଛି କିମ୍ବା ନାତିନାତୁଣୀଙ୍କୁ ସ୍ନେହ କରିବାର ଅବସର। ଫକୀର ମୋହନଙ୍କ ଡାକମୁନ୍‌ସୀ ଗଳ୍ପରେ ସିନା ଗୋଟିଏ ଗୋପାଳର ଅବିଚାର କଥା ଆମେ ପଢ଼ିଥିଲୁ ; ହେଲେ ଆଜିର ସମାଜରେ ଗୋପାଳମାନଙ୍କର ଅଭାବ ନାହିଁ। ସହରୀ ସଭ୍ୟତା ସହ ତାଳ ଦେଇ ଚାଲି ପାରୁନଥିବା ଓ ପ୍ରଦୂଷିତ ବାୟୁମଣ୍ଡଳରେ ଅଣନିଃଶ୍ୱାସୀ ହୋଇଥିବା ବୟସ୍କ ଲୋକଟି ଝୁରି ହୁଏ ଗାଁର ସେ ପ୍ରାକୃତିକ ଶୋଭା ସୁଷମାକୁ, ଯେଉଁଠି ଦିନେ ସେ ଛାଡ଼ି ଆସିଥିଲା ଉନ୍ମୁକ୍ତ ବାତାବରଣ, ସୁଶୀତଳ ତରୁଛାୟା, ସୁବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ର ଏବଂ ଗ୍ରାମ୍ୟ ତଟିନୀର ବାଲୁକା ବେଳାଭୂମି କିମ୍ବା ଆମ୍ବ ନଡ଼ିଆ ପଣସ ବୃକ୍ଷ ସମ୍ଭାର। ଆଜି ସେ ସବୁ ତା' ପାଇଁ ସାଜିଛି ସ୍ୱପ୍ନ।


ଇଂରାଜୀରେ ଏକ ପ୍ରବାଦ ଅଛି - 'ଏ ସେଟିଙ୍ଗ ସନ୍ ଇଜ୍ ନେଭର ଓରସିପଡ୍ ଆଣ୍ଡ ଏ ଡାଇଙ୍ଗ ହର୍ସ ଇଜ୍ ଲିଟିଲ୍ ଫେଡ।' ଅର୍ଥାତ ଅସ୍ତଗାମୀ ସୂର୍ଯ୍ୟଙ୍କୁ କେହି ପୂଜା କରନ୍ତି ନାହିଁ କିମ୍ବା ମୁମୂର୍ଷୁ ଘୋଡ଼ାକୁ କେହି ଦାନାଦିଏ ନାହିଁ। ସତରେ କ'ଣ ବୟସ୍କମାନେ ଅଲୋଡ଼ା? ଇଂଲିଶ ଲେଖକ ଜିନ୍ ଉରେଙ୍କ ଗଳ୍ପର ମର୍ମାଂଶ ଏଠାରେ ପ୍ରଣିଧାନଯୋଗ୍ୟ। ରୁମାନିଆ ନିକଟରେ ଥିବା ଗୋଟିଏ କ୍ଷୁଦ୍ର ଦେଶର ରାଜା ଘୋଷଣା କଲେ ଯେ, ବୃଦ୍ଧ ପିତାମାତାଙ୍କୁ ତାଙ୍କ ପିଲାମାନେ ନିଜ ହାତରେ ହତ୍ୟା କରନ୍ତୁ। କାରଣ ସେମାନେ ଅକର୍ମଣ୍ୟ ଓ ପରାଙ୍ଗପୁଷ୍ଟ। ସେମାନେ ଦେଶ ପ୍ରଗତିର ବାଧକ। ସବୁ ଯୁବକମାନେ ରାଜାଦେଶ ଗ୍ରହଣ କଲେ। ହେଲେ ଜଣେ ଯୁବକ ନିଜ ପିତାଙ୍କୁ ହତ୍ୟା କରି ନପାରି ମାଟିତଳେ କୋଠରିରେ ଲୁଚାଇ ରଖିଲା। ପୂର୍ବ ବର୍ଷ ମରୁଡ଼ି ଯୋଗୁଁ ଶସ୍ୟ ହାନି ଘଟିଥିଲା। ଏବର୍ଷ ବର୍ଷାଋତୁ ଆସିଥିଲେ ମଧ୍ୟ କାହାପାଖରେ ବିହନ ଗଣ୍ଡାଏ ବି ନଥିଲା। ପୁଅଟି ଅତି ବିମର୍ଷ ଓ କାତର ଥିବା ଦେଖି ବୃଦ୍ଧ ଏହାର କାରଣ ପଚାରିଲେ। ସବୁ ଶୁଣି ବୃଦ୍ଧ ନିଜ ଘର ସାମନା କଚାରାସ୍ତାକୁ ହଳ କରିବାକୁ କହିଲେ। ଯୁବକଟି ତାହାହିଁ କରିବାରୁ ଅନେକ ଶସ୍ୟ ଗଛ ଉଠିଲା ଏବଂ ଯୁବକ ତାକୁ ନେଇ କ୍ଷେତରେ ରୋପଣ କଲା। କିଛିଦିନ ପରେ ଯୁବକର କ୍ଷେତ ସବୁଜିମାରେ ଭରିଗଲା। ରାଜା ଯୁବକକୁ ଏହାର କାରଣ ପଚାରିଲେ। ଯୁବକ କିଛି ଉତ୍ତର ଦେବା ପୂର୍ବରୁ ପ୍ରଥମେ କହିଲା, 'ଆଜ୍ଞା ମୁଁ ରାଜାଦେଶ ଅବମାନନା କରି ପିତାଙ୍କୁ ହତ୍ୟା କରି ନଥିବାରୁ ମୋତେ ସମୁଚିତ ଦଣ୍ଡ ମିଳୁ। ପିତାଙ୍କ ପରାମର୍ଶ ଅନୁସାରେ କାମ କରିବାରୁ ଆଜି ଏ ଶସ୍ୟ କ୍ଷେତ୍ର ସମ୍ଭବ ହୋଇଛି।' ରାଜା ଯୁବକକୁ ଦଣ୍ଡ ଦେବେ କ'ଣ ବରଂ ଦେଶର ସମସ୍ତ ବୟସ୍କଙ୍କୁ ହତ୍ୟା କରାଯାଇଥିବା ଆତ୍ମଗ୍ଲାନିରେ ଜର୍ଜରିତ ହୋଇ ଯୁବକକୁ ଆଲିଙ୍ଗନ କରି କହିଲେ, 'ମୁଁ ଏକ ସାଂଘାତିକ ଭୁଲ କରିଛି। ମୁଁ ଅନ୍ଧ ହୋଇଯାଇଥିଲି। ତୁମେ ମୋର ଆଖି ଖୋଲି ଦେଇଛ। ଏବେ ମୁଁ ବୁଝୁଛି ବାସ୍ତବରେ ବୃଦ୍ଧମାନେ କେତେ ଆବଶ୍ୟକ ଏବଂ ତାଙ୍କ ଅଭିଜ୍ଞତା ସମ୍ପନ୍ନ ଉପଦେଶ କେତେ ମୂଲ୍ୟବାନ।'

ବୃଦ୍ଧମାନେ କେବେ ବି ଅଦରକାରୀ ନୁହନ୍ତି। ତାଙ୍କ ପ୍ରଜ୍ଞାଯୁକ୍ତ ଅଭିଜ୍ଞତା ସର୍ବାଦୌ ମୂଲ୍ୟବାନ। ସେମାନେ ଗୋଟିଏ ଦେଶର ବୌଦ୍ଧିକ ସମ୍ପଦ। ଏକଥା ସମସ୍ତ ନାଗରିକ ଓ ସର୍ବୋପରି ସରକାର ବୁଝିବା ଅତ୍ୟନ୍ତ ଜରୁରୀ।

ସିଦ୍ଧଳ(ଜଗତସିଂହପୁର),
ମୋ: ୯୯୩୭୪୫୦୫୪୦

## ଲେଖା ଓ ଲେଖକ

**ଅଞ୍ଜନ ଚାନ୍ଦ**



ଆଗରୁ ପୂଜା ପତ୍ରିକାଗୁଡ଼ିକ ପୂଜା ବେଳରେ ନହେଲେ ପୂଜା ପରେ ବାହାରୁଥିଲା। ଏବେ ସମ୍ପାଦକମାନେ ଅତ୍ୟଧିକ ସଚେତନ ହୋଇ ଦୁର୍ଗା ପୂଜାର ବହୁପୂର୍ବରୁ ପତ୍ରିକାଗୁଡ଼ିକୁ ଛାପି ଦେଉଛନ୍ତି। ଉନ୍ମୋଚନ ଉତ୍ସବ ପାଳନ କରୁଛନ୍ତି। ସାମାଜିକ ଗଣମାଧ୍ୟମରେ ବିଜ୍ଞାପିତ କରୁଛନ୍ତି। କିଛିଦିନ ପରେ କହୁଛନ୍ତି ବଜାରରୁ ଆମ ପତ୍ରିକା ଉଭାନ ହୋଇଯାଇଛି। ଅନ୍ୟମାନେ ଭାବୁଛନ୍ତି ଯେଉଁ ପତ୍ରିକା ଯେତେ ଆଗରୁ ବଜାରକୁ ଆସିବ ସେ ପତ୍ରିକା ସେତେ ପରିମାଣରେ ଅଧିକ ବିକ୍ରି ହେବ। ସେଥିପାଇଁ ସମ୍ପାଦକ/ପ୍ରକାଶକମାନେ ଏବେ ପୂଜା ପତ୍ରିକା କାମ ଶୀଘ୍ର ସାରିବାକୁ ଖୁବ ତରତର।

ଏଥର ପୂଜା ଆଗରୁ ମୁଁ ବନ୍ଧୁ ନଟବରଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇ ଦେଖିଲି ସେ ପୂରା ଦମରେ କାମରେ ଲାଗିଛନ୍ତି। ମୋତେ ଦେଖି କହିଲେ - 'ଭାଇ, ଟିକେ ଦେଖିଲ। ଆଜି ଦୁଇଟି ଲେଖା ଡାକରେ ଆସିଛି।' ମୁଁ ଲଫାପା ଖୋଲି ଦେଖିଲି ଦୁଇଟି ଗପ। ଜଣେ ବହୁ ପରିଚିତ ବରିଷ୍ଠ ଗାଳ୍ପିକ, ଅନ୍ୟ ଜଣେ ଅପରିଚିତ ଯୁବ ଗାଳ୍ପିକ। ଯୁବକଙ୍କ ଗପରେ ନୂତନତ୍ୱ ଓ ପାଠକୀୟତା ରହିଛି। ବରିଷ୍ଠ କେବଳ ଅନେକ ବାକ୍ୟ ସମନ୍ୱୟରେ କିଛି ଅଦ୍ଭୁତ କଥା ଲେଖିଛନ୍ତି, ଯାହା ପଢ଼ିବାକୁ ଭଲ ଲାଗୁନାହିଁ। ଡିଟିପି ଅପରେଟର କହିଲେ- 'ଆଉ ଗୋଟିଏ ଗପ ଯାଇପାରିବ।' ମୁଁ ଯୁବ ଗାଳ୍ପିକଙ୍କ ଗପଟିକୁ ବାଛିଲି। ନଟବର ପଚାରିଲେ - 'ଅନ୍ୟ ଗପଟି କାହାର?' ମୋ ଠାରୁ ବରିଷ୍ଠ ଗାଳ୍ପିକଙ୍କ ନାଁ ଶୁଣି ସେ ଚମକି ପଡ଼ିଲେ। କହିଲେ - 'ହେ ଭଗବାନ, କି ବୁଦ୍ଧି ଯେ ତୁମର! କାହାକୁ ଛାଡ଼ି କାହାକୁ ଦେଉଛ।' ଗପଟିକୁ ନପଢ଼ି ସିଧା ଟାଇପ କରିବା ପାଇଁ ଦେଇଦେଲେ। ଯୁବ ଗାଳ୍ପିକଙ୍କ ଭଲ ଗପ ତାହାର ଉପଯୁକ୍ତ ସ୍ଥାନ ଡଷ୍ଟବିନକୁ ଚାଲିଗଲା।

ନଟବରଙ୍କ ପରି ଅନେକ ସମ୍ପାଦକ ଭାବନ୍ତି ନାହିଁ ଯେ, ସେମାନେ କେବଳ ନିଜ ପତ୍ରିକା ନୁହେଁ, ଓଡ଼ିଆ ସାହିତ୍ୟକୁ ସମ୍ପାଦନା କରୁଛନ୍ତି। ଏଇ ପତ୍ରପତ୍ରିକା ମାଧ୍ୟମରେ ହିଁ ଓଡ଼ିଆ ସାହିତ୍ୟ ନିଜ ପରିଚୟ ସୃଷ୍ଟି କରୁଛି। ଯେକୌଣସି ସାହିତ୍ୟ ତାହାର ରଚନା ବଳରେ ହିଁ ବିଭବଶାଳୀ ହୋଇଥାଏ। ଲେଖକଙ୍କ ନାମ ଯେତେ ବିଖ୍ୟାତ ହୋଇଥିଲେ ବି ଲେଖା ଭଲ ହୋଇ ନଥିଲେ ପାଠକ ତାହାକୁ ନାପସନ୍ଦ କରିଦିଏ। ଅଥଚ ଏବେ ଏଠାରେ ପ୍ରାୟ ପତ୍ରିକାରେ ଲେଖାକୁ ଛାଡ଼ି ଲେଖକଙ୍କୁ ଚୟନ କରିବାର ପ୍ରକ୍ରିୟା ଜାରିରହିଛି। ବରିଷ୍ଠ ଲେଖକ, ବିଶିଷ୍ଟ ଲେଖକ, ପୁରସ୍କୃତ ଲେଖକ, ପଦାଧିକାରୀ ଲେଖକ, ପୁଣି କିଏ ସାହିତ୍ୟ ସଂଗଠନର ବଡ଼ କର୍ମକର୍ତ୍ତା, ପତ୍ରିକା ସମ୍ପାଦକ, ଅର୍ଥ ସାହାଯ୍ୟ ଅଥବା ବିଜ୍ଞାପନ ଯୋଗାଇ ଦେଉଥିବା ଧନିକ - ଏମାନଙ୍କୁ ପତ୍ରିକାର ପ୍ରମୁଖ ସ୍ଥାନରେ ରଖାଯାଉଛି। ଯେଉଁମାନେ ଲେଖା ବାହାରିଲେ ସୌଜନ୍ୟ କପି ପାଇଁ ଦାବି କରିବେ ନାହିଁ, ବରଂ ନିଜେ ଆଠ ଦଶ କପି କିଣି ଅନ୍ୟମାନଙ୍କୁ ବାଣ୍ଟିବେ, ଡିଟିପି ହୋଇ ଆସିଥିବା ଲେଖା, ଯାହାକୁ ଟାଇପ ନକରି ସିଧାସଳଖ ଛପା ହୋଇ ପାରିବ; ଏମାନଙ୍କ ପ୍ରତି ମଧ୍ୟ ସମ୍ପାଦକମାନଙ୍କ ଦରଦ ରହୁଛି। ଏସବୁ ବାଦ ଯଦି କିଛି ସ୍ଥାନ ବଳିପଡ଼େ ତେବେ ହୁଏତ ଅନ୍ୟ ଲେଖାପ୍ରତି ଦୃଷ୍ଟି ଦିଆଯାଉଛି।

ଦିନେ ଜଣେ ବନ୍ଧୁ ପଚାରିଲେ - 'ମୁଁ ଏତେ ସାହିତ୍ୟସଭା, କବିତା ଆସରକୁ ଯାଉଛି, ସବୁଠାରେ ତ କେବଳ ପ୍ରଶଂସା ଶୁଣିଛି। ଆଲୋଚନା କି ସମାଲୋଚନା କିଛି ବି ନାହିଁ।' ମୁଁ କହିଲି - 'ତା'ର ଗୋଟିଏମାତ୍ର କାରଣ। ଧାଡ଼ିଏ ବି ଲେଖା ନପଢ଼ି ଗୁଡ଼ାଏ ପ୍ରଶଂସା କରିହେବ, କିନ୍ତୁ ଲେଖାଟିକୁ ସମ୍ପୂର୍ଣ୍ଣ ନପଢ଼ି ଧାଡ଼ିଏ ବି ଆଲୋଚନା କରି ହେବନାହିଁ। ସୁତରାଂ ଆଲୋଚନା ଅଥବା ସମାଲୋଚନା ପାଇଁ ନିଷ୍ଠାପର ପାଠକୀୟତା ତଥା ସତ୍‌ସାହସ ଅଭାବରୁ ଏବେ ଆମ ସାହିତ୍ୟରେ ଅତ୍ୟଧିକ ପ୍ରଶଂସା ହିଁ ଦେଖାଯାଉଛି।' ଏ ପ୍ରସଙ୍ଗରେ ଛୋଟ କଥାଟିଏ ଖୁବ ପ୍ରଯୁଜ୍ୟ। ଏକଦା ଜଣେ ରାଜା ଘୋଷଣା କଲେ- 'ଆଜି ଦରବାରରେ ସେ ସ୍ୱରଚିତ କବିତାଟିଏ ପଢ଼ି ଶୁଣାଇବେ। ସମସ୍ତେ ଖୁସିରେ ସମ୍ମତି ଜଣାଇଲେ। ରାଜା କବିତା ପଢ଼ିଲେ। ବାଃ, ବାଃ, କି ଚମତ୍କାର କବିତା, ଦରବାରୀମାନେ ପ୍ରଶଂସା କଲେ। କେବଳ ବିଦୂଷକ କିଛି ନକହି ନିରବରେ ବସିଥା'ନ୍ତି। ରାଜା ପଚାରିଲେ - 'ଆପଣ କିଛି କହୁନାହାନ୍ତି?' ବିଦୂଷକ କହିଲେ - 'ମଣିମା! ମୋତେ କବିତାଟି ଭଲ ଲାଗିଲାନାହିଁ।' ରାଜା ରାଗିଯାଇ ଆଦେଶ ଦେଲେ - 'ଏ ଅରସିକକୁ ସାତଦିନ କାରାଗାରରେ ରଖ।' କିଛିଦିନ ପରେ ରାଜା ପୁଣି ଗୋଟିଏ କବିତା ଲେଖିଲେ ଏବଂ ଦରବାରରେ ପଢ଼ିବେ ବୋଲି ଘୋଷଣା କଲେ। ସେଦିନ ବିଦୂଷକ ବିଳମ୍ବରେ ଦରବାରକୁ ଆସିଲେ। ରାଜା କାରଣ ପଚାରିବାରୁ ସେ କହିଲେ - 'ମଣିମା! ଆପଣଙ୍କ ଘୋଷଣା ଶୁଣିବା ପରେ ମୁଁ ବିପଣୀକୁ ଯାଇଥିଲି। ସାତ ଦିନର ସଉଦା କିଣି ଘରେ ରଖିଦେଇ ଆସିଛି।'

ଏବେ ସେପରି ସତ କହିବାର ସାହସ ରଖୁଥିବା ବିଦୂଷକଙ୍କ ଆତ୍ମା ବିଲୁପ୍ତପ୍ରାୟ; ଅଥଚ ସେହି ରାଜକୀୟ କବିଙ୍କ ଆତ୍ମା ବହୁଧା ବିଭକ୍ତ ହୋଇ ଆମ ଭିତରେ ବାଣ୍ଟିହୋଇଛି। ପ୍ରଶଂସାପ୍ରବଣତା ଓଡ଼ିଆ ସାହିତ୍ୟରେ ଲେଖକ ସଂଖ୍ୟା ଅତ୍ୟଧିକ ବଢ଼ାଇ ଦେଇଛି। ପରିଚୟ ସଙ୍କଟରେ ପଡ଼ିଥିବା କିଛିଲୋକ ପରିଚୟ ସୃଷ୍ଟି କରିବାର ସହଜ ବାଟ ଭାବି ସାହିତ୍ୟ ଭିତରକୁ ଧସେଇ ପଶୁଛନ୍ତି। ଅନେକ ପୁସ୍ତକ ରଚନା ହେଉଛି। ପ୍ରକାଶକମାନେ ଲେଖକଙ୍କ ଅର୍ଥରେ ଲାଭବାନ ହେଉଛନ୍ତି ଏବଂ ଆମ ସାହିତ୍ୟ ଦିନକୁ ଦିନ ମେଦବହୁଳ ରୋଗରେ ଆକ୍ରାନ୍ତ ହେଉଛି।

ସାହିତ୍ୟ ସଂରଚନା ଏକ ନୈସର୍ଗିକ ପ୍ରବୃତ୍ତି। ଏଥିରେ ଲେଖକ କେବଳ ମାଧ୍ୟମ। ଏକ ଅଦୃଶ୍ୟ ଶକ୍ତିର ପ୍ରେରଣାରେ କେଉଁ ଅଜ୍ଞାତ ସ୍ଥାନରୁ ଆସୁଥିବା ଭାବକୁ ସେ ଲେଖନୀ ମାଧ୍ୟମରେ ପ୍ରକାଶ କରନ୍ତି। ଏହି ଭାବନାର ସ୍ରୋତ ମଧ୍ୟ ନିୟତ ନୁହେଁ। ଯେଉଁଦିନ ତାହା ଆସିବା ବନ୍ଦ ହୋଇଯାଏ ଲେଖକ ପୁଣି ସାଧାରଣ ଲୋକ ହୋଇଯା'ନ୍ତି। ନିଜେ ଚେଷ୍ଟା କରି ଲେଖାଟିଏ ଲେଖିଲେ ତାହା ପାଠକଙ୍କ ନିକଟରେ ସମାଦୃତ ହୋଇପାରେ ନାହିଁ। ସୁତରାଂ ସାହିତ୍ୟରେ ଲେଖା ହିଁ ଗୁରୁତ୍ୱପୂର୍ଣ୍ଣ, କଦାଚିତ୍ ଲେଖକ ନୁହନ୍ତି।

ବାଲେଶ୍ୱର, ମୋ: ୬୩୭୦୬୬୧୧୪୭

## ଅଗ୍ରଗାମୀ ଚେତନାର ଦ୍ୟୋତନା: କବି ଅନ୍ନପୂର୍ଣ୍ଣା

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ନାରୀକବି ଅନ୍ନପୂର୍ଣ୍ଣା ନବଚେତନାର ଏକ ତେଜସ୍କ୍ରିୟ କିରଣ। ଉଚ୍ଚଶିକ୍ଷା ଲାଭ ନ କରି ସାଧାରଣ ଗ୍ରାମ୍ୟବଧୂ ଭାବରେ ଜୀବନ ଅତିବାହିତ କରି ମଧ୍ୟ ଜଣେ ନିଜସ୍ୱ ଅନ୍ତର୍ଚେତନାର ଦ୍ୟୁତିରେ ଉଦ୍ଭାସିତ କରି ଦେଇପାରେ ତା'ର ଚତୁର୍ଦ୍ଦିଗକୁ -ଏହାର ଦିବ୍ୟ ଦୃଷ୍ଟାନ୍ତ ଅନ୍ନପୂର୍ଣ୍ଣା। ମହାକାଶ ବକ୍ଷର ଏକ ନୀଳ ନକ୍ଷତ୍ର ସେ। ଧରିତ୍ରୀର ଆହ୍ୱାନରେ ସତେ କି ଅବତରଣ କରିଆସିଥିଲେ ମର୍ତ୍ତ୍ୟମଣ୍ଡଳକୁ। ସେଇ ଶୁଭ ଧରାବତରଣ ନଥିଲା ଆଦୌ ତାତ୍ପର୍ଯ୍ୟବିହୀନ। ଉତ୍କଳ ଭୂମିରେ ମାନବଚେତନାକୁ ଅଭିନ୍ନ ଉପଲବ୍ଧିରେ ଅଭିମନ୍ତ୍ରିତ କରିଦେବା ପାଇଁ ହିଁ ଓହ୍ଲାଇ ଆସିଥିଲେ ସେ ସ୍ୱର୍ଗର ଦେବୀ ଭାବରେ।

ରେନାସାଁ କ'ଣ ତାହା କ'ଣ ଜାଣିଥିଲେ ସେ ପୁସ୍ତକ ଅଧ୍ୟୟନ କରି? ସେ ଯାହା ଜାଣି ନଥିଲେ ତାଙ୍କ ଅନ୍ତରାତ୍ମା ତାହା ଯଥାର୍ଥ ଭାବରେ ଉପଲବ୍ଧି କରିସାରିଥିଲା। ଯେଉଁ ସମୟରେ ନାରୀଜୀବନ ଥିଲା ଗୃହପ୍ରାଚୀର ମଧ୍ୟରେ ସୀମାବଦ୍ଧ, ସେହି ସମୟରେ ଅନ୍ନପୂର୍ଣ୍ଣାଙ୍କ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେବା ଯୋଗୁଁ ସମାଜରେ ସୃଷ୍ଟି ହୋଇଥିଲା ଆଲୋଡ଼ନ। ବିଭିନ୍ନ ସଭା ସମିତିରେ ତାଙ୍କ ଯୋଗଦାନ ଓ ଆଧୁନିକ ଯୁଗର କବି ଲେଖକଙ୍କ ସହିତ ତାଙ୍କର ସାରସ୍ୱତ ସମ୍ପର୍କ ହୋଇଥିଲା ବହୁଚର୍ଚ୍ଚିତ ପ୍ରସଙ୍ଗ। ଅନ୍ନପୂର୍ଣ୍ଣା ଜାଣିଥିଲେ ଯେ ତାଙ୍କର ଏହି ସକ୍ରିୟ ସାହିତ୍ୟିକ କାର୍ଯ୍ୟକ୍ରମ ବିଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଦୃଷ୍ଟିରେ ଆଲୋଚନା କରିବେ। ମାତ୍ର ସେଥିପାଇଁ ସେ ଅଟକି ଯିବାର ପ୍ରଶ୍ନ ଉଠୁନଥିଲା। ତାଙ୍କ ପରମପୂଜ୍ୟ ସ୍ୱାମୀଙ୍କ ନଥିଲା ଏ ବିଷୟରେ କୌଣସି ଆପତ୍ତି। ସେ ହୃଦୟଙ୍ଗମ କରିପାରିଥିଲେ ଯେ ଅନ୍ନପୂର୍ଣ୍ଣା ବିଭୁଆଶିଷରୁ ଉତଥିତା ଏକ ଅସାମାନ୍ୟ ସୃଜନ ସଳିତା। ତାଙ୍କୁ ଲିଭାଇ ଦେବାର ଶକ୍ତି କାହାରି ପାଖରେ ନାହିଁ।

ଅନ୍ନପୂର୍ଣ୍ଣାଙ୍କ ଅବିଚଳିତ ଇଚ୍ଛାଶକ୍ତି ତାଙ୍କ କବିତାରେ ମଧ୍ୟ ପ୍ରତିବିମ୍ବିତ ହୋଇଉଠିଛି ସାର୍ଥକ ଭାବରେ। ସ୍ୱରଚିତ 'ଦୃଢ଼ଶକ୍ତି'ଶୀର୍ଷକ କବିତାରେ ସେ ଲେଖିଛନ୍ତି - 'ସତ୍ୟ ସତ୍ୟ ସର୍ବସତ୍ୟ ନାହିଁ କିଛି ଭୟ, ସତ୍ୟର ସାଧନା ସଂଗେ ସକଳ ବିଜୟ/ ସତ୍ୟଜ୍ୟୋତି ବ୍ୟାପୀ ଅଛି କାହିଁ ଅନ୍ଧକାର, ସତ୍ୟପ୍ରେମେ ପୂର୍ଣ୍ଣାକକ୍ଷର ନାହିଁ ମୋ ବିଚାର।' ସତ୍ୟ ସହ ଯେଉଁ ଆତ୍ମାର ସମ୍ପର୍କ ଯେତିକି ଘନିଷ୍ଠ, ସିଏ ସେତିକି ନିର୍ଭୟ। ଅନ୍ନପୂର୍ଣ୍ଣା ସତ୍ୟର ଆରାଧନାରେ ଜୀବନ ସମର୍ପିତ କରିଥିବାରୁ ସେ ଥିଲେ ସର୍ବଦା ଭୟଶୂନ୍ୟ। ଜନ୍ମଭୂମି ଉତ୍କଳ ତାଙ୍କ ପାଇଁ ଥିଲା ପ୍ରେରଣାଦାୟିନୀ ଜନନୀ। 'ଉତ୍କଳ ଭୂମି' ନାମକ କବିତାରେ ସେ ଢାଳି ଦେଇଛନ୍ତି ତାଙ୍କ ହୃଦୟର ପରିପୂର୍ଣ୍ଣ ଶ୍ରଦ୍ଧା ଓ ଭକ୍ତି। ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଉତ୍ସାହରେ ପ୍ରକାଶିତ ହୋଇଥିଲା ତାଙ୍କ 'ପଦ୍ୟମାଳା' ପ୍ରଥମ ଓ ଦ୍ୱିତୀୟ ଭାଗ। ପରେ ଆଲୋକ ଦେଖିଲା 'ପକ୍ଷୀଘରା'। 'ସହକାର' ପତ୍ରିକାର ସମ୍ପାଦିକା ଭାବରେ ସେ ସେତେବେଳେ କାର୍ଯ୍ୟନିର୍ବାହ କରିବା କ'ଣ କମ ସାହସିକତାର ପରିଚୟ! 'କଳ୍ପକୁଞ୍ଜ', 'ଆଶାହାଟ', 'ମନଶ୍ରୀ', ବିବିଧ କବିତା ତଥା ଗଦ୍ୟସମ୍ଭାରକୁ ନେଇ ତାଙ୍କର ପ୍ରକାଶିତ ହୋଇଛି 'ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ।' ଜୀବନାନୁଭବର ବ୍ୟାପକତା କି ସରଳ, ମଧୁର ଓ କୋମଳ ଭାବରେ ପ୍ରକାଶିତ ହୋଇପାରେ, ତାହା ପ୍ରତିଟି ଅନୁରାଗୀ ପାଠକ ଏଥିରେ ନିଶ୍ଚୟ ଲକ୍ଷ୍ୟ କରିପାରିବେ। 'ନିଜ ହୃଦୟକୁ ଦେଖ, ତା'ପରେ କବିତା ଲେଖ' ବୋଲି ଫିଲିପ ସିଡନୀ ଯାହା କହିଛନ୍ତି, ତାହାର ପ୍ରାଣୋଚ୍ଛଳ ପରିପ୍ରକାଶ ହେଉଛି ଅନ୍ନପୂର୍ଣ୍ଣାଙ୍କ କବିତା ଏବଂ ସାମଗ୍ରିକ ଭାବରେ ତାଙ୍କ ସାହିତ୍ୟର ଆବେଦନ।

କଷ୍ଟ, ଯାତନା ଓ ବେଦନା ସତ୍ତ୍ୱେ ସ୍ୱକୀୟ ସାଧନାରେ ଥିଲେ ସେ ସର୍ବଦା ଅବିଚଳିତ। ସମାଜରେ ବ୍ୟାପ୍ତ ଅଚେତନତା ଦୂର କରିବାରେ ବିରାଜିତା ଏକ ଅଗ୍ନିଶିଖା। ପାଠକ ପ୍ରାଣର ଅହଂକୈନ୍ଦ୍ରିକ ସମସ୍ତ ଆବର୍ଜନାକୁ ଧୋଇ ନେବାରେ ଏକ ନିର୍ମଳ ନିର୍ଝରିଣୀ। ସକଳ ବିରୁଦ୍ଧ ପରିସ୍ଥିତି ସହ ସଂଘର୍ଷ କରି ଆଗକୁ ଅଗ୍ରସର ହୋଇଯିବା ନିମନ୍ତେ ସେ ମେଘାବୃତ୍ତ ଆକାଶ ବକ୍ଷର ଏକ ବିଜୁଳିରେଖା। ଶାନ୍ତି, ଆଶା, ନିରାଶା, ଦୁଃଖ, ମୃତ୍ୟୁ, ଅଶ୍ରୁ, ଗର୍ବ, ବିଚ୍ଛେଦ- ଏପରି ବହୁ ମାନବିକ ଅନୁଭବକୁ ସେ ବ୍ୟକ୍ତ କରିଛନ୍ତି ସହଜ, ସରଳ ଲାଳିତ୍ୟ ସଂଯୋଗ ସହିତ। କବିତାର ସାରଲ୍ୟରେ କିପରି କବି ହୃଦୟର ନମନୀୟତା ପ୍ରସ୍ଫୁଟିତ ହୋଇପାରେ ସୁବାସିତ ପୁଷ୍ପର ମସୃଣତା ନେଇ, ତାହା ଅନୁଭବ କରିବାକୁ ଯିଏ ଆକୁଳ, ତାଙ୍କ ଆତ୍ମାରେ ଏହା ପ୍ରଦାନ କରିପାରିବ ସାନ୍ତ୍ୱନାର ଚନ୍ଦନ ପ୍ରଲେପ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



# ଭାରତର ରାଜନୀତିରେ 'ନବୀନ' ସିଦ୍ଧାନ୍ତ

■ ରାମଶଙ୍କର

ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଭାରତ ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ୨୪ ସେପ୍ଟେମ୍ବର ୧୯୬୯ ରେ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ନିମନ୍ତେ 'ରାଷ୍ଟ୍ରୀୟ ସେବା ଯୋଜନା' ସ୍ଥାପିତ ହୋଇଛି। ସାମାଜିକ ସମସ୍ୟା ସମାଧାନ ଦିଗରେ ଜନସାଧାରଣଙ୍କର ଭାଗିଦାରିତା ସୃଷ୍ଟି କରିବା ନିମନ୍ତେ ଆବଶ୍ୟକ 'ନେତୃତ୍ୱକାରୀ ସାମର୍ଥ୍ୟକୁ' ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପ୍ରୋତ୍ସାହିତ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏକ ବେସରକାରୀ ସଂଗଠନ ଜିଲ୍ଲା ସଦର ମହକୁମାରେ ୫୦ଜଣ ବିଦ୍ୟାର୍ଥୀଙ୍କୁ ନେଇ ୫ଦିନିଆ ଶିବିର ଆୟୋଜନ କରିଥା'ନ୍ତି। ଅନ୍ଧବିଶ୍ୱାସ ମୁକ୍ତ ଓ ବୈଜ୍ଞାନିକ ଚିନ୍ତାଧାରାଯୁକ୍ତ ଜୀବନ ସଫଳତାର ପ୍ରଥମ ପାହାଚ ଏବଂ ସମ୍ବିଧାନର ଧାରା -୫୧(କ) ଅନ୍ତର୍ଗତ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେବା କାର୍ଯ୍ୟ ମୁଁ କରୁଥାଏ। ତେଣୁ ଉକ୍ତ ବେସରକାରୀ ସଂଗଠନ ମୋତେ ନିମନ୍ତ୍ରଣ କରିଥା'ନ୍ତି। ମହାବିଦ୍ୟାଳୟରେ 'ରାଷ୍ଟ୍ରୀୟ ସେବା ଯୋଜନା' ଦାୟିତ୍ୱରେ ଥିବା ଅଧ୍ୟାପକ ବିଦ୍ୟାର୍ଥୀମାନଙ୍କୁ ନେତୃତ୍ୱ ଦେବାକୁ ଆବଶ୍ୟକ ଦୁଇଟି ଯୋଗ୍ୟତା ସମ୍ପର୍କରେ ବୁଝାଉଥା'ନ୍ତି। ପ୍ରଥମ, ଜନତାଙ୍କ ସହ ବ୍ୟକ୍ତିଗତ ପ୍ରତ୍ୟକ୍ଷ ସମ୍ପର୍କ। ଦ୍ୱିତୀୟରେ ଜନସାଧାରଣଙ୍କ ସହ ଭାବର ଆଦାନ ପ୍ରଦାନ ନିମନ୍ତେ ବାକ୍-ପଟୁତା। ସିଧାସଳଖ ସମ୍ପର୍କ ଓ ଭଲ କହିଲା ବାଲା ନହେଲେ ସଫଳ ନେତା ହୋଇ ପାରିବ ନାହିଁ। ଅଧ୍ୟାପକଙ୍କ ପାଠ ପଢ଼ା ସରିବା ପରେ ମୋ ପାଳି ଆସିଲା। ମାତ୍ର ମୁଁ ମୋ ବିଷୟକୁ ନ ଯାଇ ବିଦ୍ୟାର୍ଥୀ ଓ ଅନ୍ୟ ଅଧ୍ୟାପକଙ୍କ ଉପସ୍ଥିତିରେ ମୋର ଗୋଟିଏ ପ୍ରଶ୍ନ ଥିଲା, ଓଡ଼ିଶାରେ ଜନପ୍ରିୟତାର ଶୀର୍ଷରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନସମ୍ପର୍କ ଓ ବାକ୍‌ପଟୁତା। ବିଦ୍ୟାର୍ଥୀମାନଙ୍କ ଅପେକ୍ଷା ଅଧ୍ୟାପକବନ୍ଧୁମାନେ ସ୍ତବ୍ଧ। ବିରୋଧୀ ରାଜନୈତିକ ଦଳ ଓ ରାଜନୈତିକ ସମୀକ୍ଷକ ନବୀନ ବାବୁଙ୍କ ବିରୁଦ୍ଧରେ ଅପପ୍ରଚାର କରୁଥିଲେ ଯେ ତାଙ୍କର ଜନସାଧାରଣଙ୍କ ସହିତ ଆଦୌ ସମ୍ପର୍କ ନାହିଁ ଏବଂ ନବୀନ ବାବୁ ଭାଷଣ କଥା ଛାଡ଼ନ୍ତୁ ଅନ୍ୟ ପକ୍ଷରେ ବହୁତ କମ୍ କଥା କହନ୍ତି। ତେବେ କେଉଁ ଆଧାରରେ ସେ ଓଡ଼ିଶାବାସୀଙ୍କ ହୃଦୟ ଜିଣିଥିଲେ? ଯାହାଙ୍କୁ ଦେଖିବା ପାଇଁ ରାସ୍ତାକଡ଼ରେ ହଜାର ହଜାର ଆବାଳ ବୃଦ୍ଧ ବନିତା ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିଲେ? ଭାରତର ରାଜନୀତିରେ ଏକ ନୂତନ ସିଦ୍ଧାନ୍ତ ସୃଷ୍ଟି କରିଥିଲେ ନବୀନ ବାବୁ। ଜନସାଧାରଣଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କର ସେତୁ ସୃଷ୍ଟି କରିଥିଲେ 'ଜନ କଲ୍ୟାଣ ଯୋଜନା'ର ସୁଫଳ ଜରିଆରେ ଓଡ଼ିଶାବାସୀଙ୍କ ମୁହଁରେ ହସ ଫୁଟାଇ। ମିଥ୍ୟା ପ୍ରତିଶ୍ରୁତି ଓ ଲମ୍ବା ଭାଷଣ ପରିବର୍ତ୍ତେ ତିନୋଟି ଶବ୍ଦ ମାଧ୍ୟମରେ କୋଟିକୋଟି ଓଡ଼ିଶାବାସୀଙ୍କ ହୃଦୟକୁ ଜିତିଥିଲେ - 'ଆପଣମାନେ ଖୁସି ତ' ? ସାଢ଼େ ଚାରିକୋଟି ଓଡ଼ିଶାବାସୀ କେବଳ ନୁହନ୍ତି ଦେଶବାସୀ ଜାଣିଛନ୍ତି ଯେ ଗତ ବିଧାନସଭା ନିର୍ବାଚନରେ ଭାରତର ପ୍ରଧାନମନ୍ତ୍ରୀ, ଗଣ୍ଡା ଗଣ୍ଡା କେନ୍ଦ୍ରମନ୍ତ୍ରୀ, ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ଓଡ଼ିଶାବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ନେଇଛନ୍ତି। ମାତ୍ର ଏକ ବର୍ଷ ମଧ୍ୟରେ ତାହା ପ୍ରମାଣ ହୋଇସାରିଛି। ଭାରତର ରାଜନୈତିକ ଇତିହାସରେ ନବୀନବାବୁ ନୂଆ ସିଦ୍ଧାନ୍ତର ପ୍ରତୀକ ପାଲଟିଛନ୍ତି। ■

**ଅଧ୍ୟକ୍ଷ,**
**ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ, ଖୋର୍ଦ୍ଧା,**
**ମୋ: ୯୩୩୭ ୬୭୨୧୪୫୫**

# ଅନନ୍ୟ ନବୀନ

■ ଡ. ବିମ୍ବାଧର ବେହେରା

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସଂପ୍ରତି ଓଡିଶା ବିଧାନସଭାର ବିରୋଧୀଦଳ ନେତା ମାନ୍ୟବର ନବୀନ ପଟ୍ଟନାୟକଙ୍କର ଜନ୍ମ ଜୟନ୍ତୀ ଆକ୍ଟୋବର ୧୬ ତାରିଖ। ଏହି ପରିପ୍ରେକ୍ଷୀରେ କୌଣସି ରାଜନୈତିକ ବାଦ ବିସମ୍ବାଦର ଊର୍ଦ୍ଧ୍ୱରେ ତାଙ୍କ ମହାନ ବ୍ୟକ୍ତିତ୍ୱର ଆକଳନ କରାଯାଇପାରେ। ଓଡ଼ିଶାର ମାଟି କଟକରେ ୧୯୪୬ ମସିହା ଅକ୍ଟୋବର ୧୬ ତାରିଖରେ ସେ ଭୂମିଷ୍ଠ ହୋଇଥିଲେ ଓଡ଼ିଶାର ପ୍ରବାଦପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପରିବାରରେ। ସମୟ ସ୍ରୋତରେ ଦୀର୍ଘ ୨୪ ବର୍ଷ କାଳ କେବଳ ଓଡ଼ିଶାରେ ନୁହଁ ଜାତୀୟ ରାଜନୀତିରେ ନବୀନବାବୁ ଥିଲେ ଜଣେ ନିଆରା ବ୍ୟକ୍ତିତ୍ୱ। ଓଡ଼ିଶାର ସାମାଜିକ, ଅର୍ଥନୈତିକ ବିକାଶ ସହ ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କେତେକ ସ୍ୱତନ୍ତ୍ର ପଦକ୍ଷେପ ନେଇଥିଲେ ସେ। ଆଜି ମୋର ମନେପଡ଼େ ଜୁଲାଇ ପଚିଶ ୨୦୧୩ ମସିହାର ଏକ ସ୍ମରଣୀୟ ସନ୍ଧ୍ୟା ସ୍ଥାନ ରବୀନ୍ଦ୍ରମଣ୍ଡପ ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ତଥା ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ। ମଞ୍ଚ ଉପରେ ବହୁ ଉଚ୍ଚପଦସ୍ଥ କର୍ମକର୍ତ୍ତା, ମନ୍ତ୍ରୀଙ୍କ ସହ ମୁଖ୍ୟଅତିଥି ଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକ ମହୋଦୟ, ତାଙ୍କ ସ୍ୱହସ୍ତରୁ ଉତ୍ତରୀୟ ତଥା ତାମ୍ର ଫଳକ ସହ ବରିଷ୍ଠ ସାରସ୍ୱତ ସାଧକ ଭାବେ ସମ୍ବର୍ଦ୍ଧିତ ହେବା ମୋ ପାଇଁ ଜୀବନର ନିଶ୍ଚିତ ଭାବେ ଏକ ଅଭୁଲା ମୁହୂର୍ତ୍ତ। ସେହି ରୋମାଞ୍ଚିତ ସଞ୍ଚୟ ଆଜିବି ସ୍ମୃତି ପେଟିକାରୁ ଭାସି ଆସେ।

ଦ୍ୱିତୀୟଥର ମାର୍ଚ୍ଚ ୫ ତାରିଖ ୨୦୧୭ ମସିହା ପଞ୍ଚାୟତରାଜ ଦିବସ ପାଳିତ ହେଉଥାଏ ଭୁବନେଶ୍ୱରସ୍ଥ ଆଦିବାସୀ ପଡିଆରେ, ସେଦିନ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ଜୟନ୍ତୀ ମଧ୍ୟ ଥାଏ, ସାରାଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବରିଷ୍ଠ ନାଗରିକ ତଥା ସାମାଜିକ ସମ୍ପୃକ୍ତି ଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ଥାଏ। ସରକାରଙ୍କ ତରଫରୁ ବସ୍ ଯୋଗେ ସେମାନଙ୍କୁ ନେଇ ଭୁବନେଶ୍ୱରସ୍ଥ ବିଭିନ୍ନ ହୋଟେଲରେ ବିଶ୍ରାମ ସୁଯୋଗ ଦେବା ସହ ସୁନ୍ଦର ଆତିଥେୟତା ପ୍ରଦାନ କରାଯାଇଥିଲା ଏବଂ ସେମାନଙ୍କ ମଧ୍ୟରେ କେନ୍ଦୁଝରରୁ ଆଉ କେତେଜଣଙ୍କ ସହିତ ମୁଁ ମଧ୍ୟ ସେ ସୁଯୋଗ ଲାଭ କରିଥିଲି। ବିରାଟ ସୁସଜ୍ଜିତ ମଞ୍ଚରେ ମୁଖ୍ୟଅତିଥି ଥିଲେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହୋଦୟ, ତାଙ୍କ ଉପସ୍ଥିତିରେ ତତ୍କାଳୀନ ମନ୍ତ୍ରୀ ଅରୁଣ କୁମାର ସାହୁ ଉତ୍ତରୀୟ ସହ ଆମକୁ ସମ୍ବର୍ଦ୍ଧିତ କରିଥିଲେ। ସେଇବେଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହୋଦୟଙ୍କର ଭାବଗମ୍ଭୀର ସଂକ୍ଷିପ୍ତ ବକ୍ତବ୍ୟ ମଧ୍ୟରେ ବରିଷ୍ଠ ନାଗରିକମାନଙ୍କ ପ୍ରତି ତାଙ୍କର ଥିଲା ଶ୍ରଦ୍ଧା ଓ ସମ୍ମାନ, ସେହି ଅପରାହ୍ଣର ମଧୁର ସ୍ମୃତି ଏବେଯାଏ ଜୀବିତ ଅଛି।

ରାଜନୈତିକ ପରିସରରେ ପ୍ରବେଶ କରିବା ପୂର୍ବରୁ ମାନନୀୟ ନବୀନ ପଟ୍ଟନାୟକ ଜଣେ ଲେଖକ ଭାବେ ପ୍ରତିଷ୍ଠା ଅର୍ଜନ କରିଥିଲେ। ଇଂରାଜୀରେ ଅନେକ ଗ୍ରନ୍ଥର ପ୍ରଣେତା ସହ ବିଭିନ୍ନ ରୋଗ ନିରାକରଣ ପାଇଁ ଭାରତରେ ଥିବା ଔଷଧୀୟ ବୃକ୍ଷ ଉପରେ ତାଙ୍କର ସୃଜନୀ ପ୍ରତିଭା ବେଶ ଦୃଷ୍ଟିଆକର୍ଷଣ କରେ, ତାହା ଥିଲା 'ଗାର୍ଡେନ ଅଫ ଲାଇଫ', 'ଆନ ଇଣ୍ଟ୍ରୋଡକ୍ସନ ଟୁ ଦି ହିଲିଙ୍ଗ ପ୍ଲାଣ୍ଟସ ଅଫ ଇଣ୍ଡିଆ', ନିଶ୍ଚିତ ଭାବେ ଆରଣ୍ୟକ ପରିବେଶ ପ୍ରତି ତାଙ୍କ ହୃଦୟରେ ଆବେଗ ଥିଲା, ଯାହା ଏଥିରେ ପ୍ରତିଫଳିତ। ତାଙ୍କର ଭାଷଣଗୁଡ଼ିକ ଖୁବ୍ ସଂକ୍ଷିପ୍ତ ଥିଲେ ମଧ୍ୟ ବିନ୍ଦୁ ଭିତରେ ସିନ୍ଧୁ ଦର୍ଶନର ଅବକାଶ ଥିଲା। ଦୀର୍ଘବର୍ଷ ଧରି ଓଡ଼ିଶାର ଶାସନ ଡୋରିକୁ ନିୟନ୍ତ୍ରିତ କରିଥିବା ଏପରି ମହାଦ୍ରୁମଙ୍କ ବ୍ୟକ୍ତିତ୍ୱର ସାରବତ୍ତା ସଂକ୍ଷିପ୍ତ ପରିସରରେ ଆକଳନ କରିବା ଅନ୍ଧଙ୍କ ହାତୀ ଦେଖା ସହ ସମାନ। ■

**ଜନଜାତି ଗବେଷକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ,**
**ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ,**
**କେନ୍ଦୁଝର**

ବିଜୁ ଜନତା ଦଳ

୧୬ ଅକ୍ଟୋବର, ୨୦୨୫




ନବ ଉତ୍କଳର ବିଶ୍ୱକର୍ମା,
ସାଢ଼େ ଚାରିକୋଟି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ,
ଆମ ସମସ୍ତଙ୍କ ପ୍ରିୟ ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ
ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
**ଶୁଭ ଜନ୍ମଦିନ**
ଅବସରରେ
**ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା**
ଏହି ଶୁଭ ଜନ୍ମଦିନରେ
ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ
ନିକଟରେ ଆପଣଙ୍କର ଦୀର୍ଘ
ଓ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରୁଛି।



**ସୁବାସିନୀ ଜେନା**
ବିଧାୟିକା, ବସ୍ତା ନିର୍ବାଚନ ମଣ୍ଡଳୀ

# ଯାହାଙ୍କ ପାଇଁ ଓଡ଼ିଶା ଏବେ ଆଦର୍ଶ ରାଜ୍ୟ

■ ମହମ୍ମଦ ହିଫ୍ଜୁର ରହେମାନ୍



ନବୀନ ପଟ୍ଟନାୟକ। ରାଜନୀତି ତାଙ୍କ ପାଇଁ କ୍ଷମତା ଆହରଣ ନୁହେଁ, ଲୋକଙ୍କ ସେବା ଓ ରାଜ୍ୟର ବିକାଶ ହିଁ ଏକମାତ୍ର ବ୍ରତ। କ୍ଷମତାରେ ଥାଆନ୍ତୁ କି ନ ଥାଆନ୍ତୁ, ନିଷ୍ଠା ଓ ଆନ୍ତରିକତା ସହ ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ୧୯୯୭ରେ ପ୍ରଥମ ଥର ପାଇଁ ଆସିକା ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହେବା ଠାରୁ ଆଜି ପର୍ଯ୍ୟନ୍ତ ସେ ନିଜର ଜୀବନକୁ ସମ୍ପୂର୍ଣ୍ଣ ଭାବେ ଓଡିଶାବାସୀଙ୍କ ବିକାଶ ପାଇଁ ଉତ୍ସର୍ଗ କରିଦେଇଛନ୍ତି। ନିଜର ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ପାଇଁ ଗତ ୨୫ ବର୍ଷରୁ ଅଧିକ ସମୟ ତାଙ୍କର ନିରନ୍ତର ସେବା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି।

କ୍ଷମତାରେ ଥିବା ସମୟରେ ଓଡ଼ିଶାର ଚିତ୍ରକୁ ବଦଳାଇ ଦେଇଥିଲେ ନବୀନ ପଟ୍ଟନାୟକ। ଭୋକର ଭୂଗୋଳରୁ ଓଡିଶା ଆଜି ଶସ୍ୟ ସମୃଦ୍ଧ। ଅଭାବ ଅନଟନ, ଦାରିଦ୍ର୍ୟ, ଅନାହାର, ଅନଗ୍ରସର ଭଳି ଶବ୍ଦ ଯାହା ଓଡିଶାକୁ ସବୁବେଳେ ବିଶ୍ୱ ଦରବାରରେ ନନ୍ଦିତ କରୁଥିଲା, ତାହା ଆଜି ଇତିହାସ ପାଲଟିଯାଇଛି। ବିଶ୍ୱ ଦରବାରରେ ଓଡିଶା ଅନେକ କ୍ଷେତ୍ରରେ ମଡେଲ ରାଜ୍ୟର ମାନ୍ୟତା ପାଇଛି। ବିପର୍ଯ୍ୟୟ ମୁକାବିଲା ହେଉ କି ଓଡିଆଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ସାରା ବିଶ୍ୱ ଓଡିଶା ମଡେଲକୁ ପ୍ରଶଂସା କରୁଛି। ମିସନ ଶକ୍ତି ଜରିଆରେ ୭୦ ଲକ୍ଷ ମହିଳାଙ୍କ ସଶକ୍ତୀକରଣ ଠାରୁ ଆରମ୍ଭ କରି ଅଭେଦ୍ୟ ମାଓ ଗଡକୁ ସ୍ୱାଭିମାନ ଅଞ୍ଚଳରେ ରୂପାନ୍ତରିତ କରିବା, ଚାଷୀଙ୍କ ପାଇଁ କାଳିଆ ଯୋଜନା, ଓଡିଶାକୁ ବିଶ୍ୱସ୍ତରରେ ପୁଞ୍ଜିନିବେଶର ହବ୍ ଭାବେ ଗଢି ତୋଳିବା, ବିଶ୍ୱ ଦରବାରରେ ଓଡିଶାକୁ କ୍ରୀଡା ରାଜଧାନୀ ଭାବେ ପ୍ରତିଷ୍ଠିତ କରିବା, ଦକ୍ଷତା ବିକାଶ ଜରିଆରେ ଲକ୍ଷ ଲକ୍ଷ ଓଡିଆ ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବା, ଜାଗା ମିସନ ଜରିଆରେ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ ଭଳି ଲୋକାଭିମୁଖୀ ଯୋଜନା ଥିଲା ନୂଆ ଓଡିଶାର ବିନ୍ଧାଣୀ ରୂପେ ପରିଚିତ ନବୀନଙ୍କ ଅବଦାନ।

ଅର୍ଥ ଅଭାବରୁ କାହାର ଜୀବନ ଯିବ ନାହିଁ। ଚିକିତ୍ସା ପାଇଁ ଜମିବାଡ଼ି, ଗହଣା ବିକିବାକୁ ପଡ଼ିବ ନାହିଁ। ରାଜ୍ୟବାସୀଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ପ୍ରଚଳନ କରି ନବୀନ ଅନ୍ୟମାନଙ୍କ ପାଇଁ ରାସ୍ତା ଦେଖାଇଥିଲେ। ଚିକିତ୍ସା କ୍ଷେତ୍ରରେ ଏହା ଆଣିଥିଲା ବୈପ୍ଳବିକ ପରିବର୍ତ୍ତନ। ନୂଆ ସରକାର କ୍ଷମତାକୁ ଆସିଲା ପରେ ମଧ୍ୟ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡରେ ରହିଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଛାପ। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ହେଉ କି କୋଣାର୍କ ସୂର୍ଯ୍ୟ ମନ୍ଦିର, ଲିଙ୍ଗରାଜ ମନ୍ଦିର ଠାରୁ ଆରମ୍ଭ କରି ତାରାତାରିଣୀ ଓ ସମଲେଶ୍ୱରୀ ପୀଠ। ଏସବୁ ଐତିହ୍ୟ କ୍ଷେତ୍ରର ବିକାଶ ପାଇଁ ତାଙ୍କର ଅବଦାନ ମଧ୍ୟ ଅତୁଳନୀୟ।

ସେହିଭଳି କୋଭିଡ ମୁକାବିଲାରେ ମଧ୍ୟ ଓଡିଶା ସାରା ଦେଶ ପାଇଁ ସାଜିଥିଲା ମଡେଲ। ଅଦୃଶ୍ୟ ଭୂତାଣୁ ବିରୋଧରେ ଲଢିବାକୁ ଯେତେବେଳେ କେହି ଚିନ୍ତା କରିପାରୁନଥିଲେ ସେତେବେଳେ ନବୀନ ଦେଇଥିଲେ ମୁକାବିଲାର ସୂତ୍ର। ସଂକ୍ରମଣ ଚେନ୍ ରୋକିବା ସହ ପ୍ରତ୍ୟେକ ଜୀବନ ମୂଲ୍ୟବାନ ଲକ୍ଷ୍ୟ ରଖି ଆରମ୍ଭ କରିଥିଲେ ମୁକାବିଲା। ରାଜ୍ୟରେ ସମସ୍ତଙ୍କୁ ମାଗଣା କୋଭିଡ ଚିକିତ୍ସା ପ୍ରଦାନ କରାଯାଇଲା।

ନବୀନ ପଟ୍ଟନାୟକଙ୍କ ସଫଳତାରେ ଯୋଡ଼ି ହୋଇ ରହିଛି ଜନହିତକର କାର୍ଯ୍ୟକ୍ରମର ଏଭଳି ଲମ୍ବା ତାଲିକା। ଜଣେ ନମ୍ର ନେତା ଭାବେ ପରିଚିତ ନବୀନଙ୍କ କାର୍ଯ୍ୟଧାରା ଅନ୍ୟମାନଙ୍କ ପାଇଁ ଉଦାହାରଣ ହୋଇଛି।

ନବୀନ ଏବେ କ୍ଷମତାରେ ନାହାନ୍ତି ସତ, କିନ୍ତୁ ରାଜ୍ୟବାସୀଙ୍କ ସେବାରେ ସେ ଏବେ ବି ଉତ୍ସର୍ଗୀକୃତ। ସାଢ଼େ ଚାରି କୋଟି ଓଡ଼ିଆ ଏବେ ବି ତାଙ୍କର ପରିବାର। ଏବେ ବି ସେମାନଙ୍କ ସୁଖଦୁଃଖ ସହିତ ନିଜକୁ ଯୋଡ଼ି ହୋଇ ରଖିଛନ୍ତି। କାହାରି ଟିକିଏ ଅସୁବିଧା ହେଲେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ସମାଧାନ ପାଇଁ ପରାମର୍ଶ ଦେଉଛନ୍ତି। ବିରୋଧୀ ଦଳ ନେତାଙ୍କ ଭୂମିକା କେମିତି ହୁଏ, ତାହା ସେ ତାଙ୍କର ଆଚରଣ ଜରିଆରେ ଉଦାହରଣ ସୃଷ୍ଟି କରିଛନ୍ତି। ରାଜ୍ୟ ବିଧାନସଭାର ୫୦ରୁ ଅଧିକ ବିଧାୟକ ଥିଲେ ମଧ୍ୟ ସେ କେବେହେଲ ନିର୍ବାଚିତ ସରକାରକୁ ଅସ୍ଥିର କରିବାକୁ ପ୍ରୟାସ କି ନାହାନ୍ତି। ଜାତୀୟ ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ ନବୀନ ଚାହିଁଲେ ରାଜ୍ୟରେ ବିଜେପି ସରକାରକୁ ଦୋହଲାଇ ଦେଇପାରିବେ। କିନ୍ତୁ କ୍ଷମତାଲୋଭୀ ନ ହୋଇ ଲୋକମାନଙ୍କର ମତାମତକୁ ସମ୍ମାନ ଜଣାଇ ବିରୋଧୀ ଦଳର ନେତା ଭାବେ ନିଜର ଗଠନମୂଳକ ଦାୟିତ୍ୱକୁ କିପରି ନିର୍ବାହ କରେ ତାହା ସେ ଦେଖାଇ ଦେଇଛନ୍ତି। ତାଙ୍କର ନିନ୍ଦୁକ ମଧ୍ୟ ଏହା ସ୍ୱୀକାର କରିବାକୁ ବାଧ ହେଉଛନ୍ତି। ■


# ବିରଳ ବ୍ୟକ୍ତିତ୍ୱ

■ ବିଜୟ କୁମାର ମହାନ୍ତି

ନବୀନ ପଟ୍ଟନାୟକଙ୍କୁ ମୁଁ ୨୦୦୨ ମସିହାରେ ନବୀନ ନିବାସରେ ପ୍ରତ୍ୟକ୍ଷ ଭାବରେ ଦେଖିବା ଏବଂ ଆଲୋଚନା କରିବାର ସୁଯୋଗ ପାଇଥିଲି। ସେତେବେଳେ ମୁଁ କୁଚିଣ୍ଡାର ଆମ ଭାତପୁରା ଗ୍ରାମରେ ଥିଲି। ଆମ ଘରେ ଲାଗିଥିବା ଲ୍ୟାଣ୍ଡଫୋନ୍‌ରେ ନବୀନ ନିବାସରୁ ଫୋନ୍ ଆସିଲା ଯେ, ମୁଖ୍ୟମନ୍ତ୍ରୀ ଆପଣଙ୍କ ସହ କଥା ହେବା ପାଇଁ ଚାହାନ୍ତି। ସେ ରେଢ଼ାଖୋଲ ଉପନିର୍ବାଚନରେ ମୋର ସହଯୋଗ ଲୋଡ଼ିବା ସହ ନବୀନ ନିବାସ ଆସି ଆଲୋଚନା କରିବାକୁ ଅନୁରୋଧ କରିଥିଲେ। ମୁଁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ଭାବରେ ସେହିବର୍ଷ ନିର୍ବାଚିତ ହୋଇଥିଲି। ରେଢ଼ାଖୋଲରେ ଆମ ସଂଘର ସଂଗଠନ ସୁଦୃଢ଼ ଥିଲା ଏବଂ ମୋର ରାଜନୈତିକ ସମ୍ପର୍କ ମଧ୍ୟ ଭଲ ଥିଲା। ନବୀନ ନିବାସରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ୟା ଏବଂ ନିର୍ବାଚନରେ ବିଷୟରେ ମୋ ସହିତ ଆଲୋଚନା କରିଥିଲେ ଏବଂ ପରାମର୍ଶ ମଧ୍ୟ ଲୋଡ଼ିଥିଲେ। ସେତେବେଳେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ଅତିଶୟ ବର୍ଷା ବିପ୍ଳାତ, ବନ୍ୟା, ଧମା ଅଞ୍ଚଳରେ ବନ୍ୟାଜନିତ ବ୍ୟାପକ କ୍ଷୟକ୍ଷତି ସମ୍ପର୍କରେ ମୁଁ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରି ତା'ର ପ୍ରତିକାର ପାଇଁ କେତେକ ପ୍ରସ୍ତାବ ଦେଇଥିଲି। ସେ ମୋ ମତାମତକୁ ଶୁଣି ନିଜେ ହାତରେ ଲେଖି ସେଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଆଶ୍ୱାସନା ଦେଇଥିଲେ। ଏଥିସହିତ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସହଯୋଗ ମଧ୍ୟ କାମନା କରିଥିଲେ। ମୋର ଏହି ପ୍ରଥମ ପରିଚୟ ଓ ଆଲୋଚନାରେ ନବୀନ ପଟ୍ଟନାୟକଙ୍କ ସରଳତା, ସମସ୍ୟା ଜାଣିବାର ଉତ୍ସୁକତା ଓ ସମାଧାନ ପାଇଁ ପ୍ରଚେଷ୍ଟା ଏବଂ ସର୍ବୋପରି ପ୍ରଥମ ପରିଚୟରୁ ହିଁ ଆତ୍ମୀୟତାର ଏକ ବଡ଼ ଝଲକ ମୁଁ ପାଇଲି। ତାଙ୍କର ପ୍ରଥମ ପରିଚୟରେ ଆଲୋଚନାର ବୈଶିଷ୍ଟ୍ୟ ମୋତେ ତାଙ୍କ ବ୍ୟକ୍ତିତ୍ୱ ପ୍ରତି ଆକୃଷ୍ଟ କରିଥିଲା। ୨୦୦୨-୦୩ ମସିହାର କଥା। ସେତେବେଳେର କେନ୍ଦୁପତ୍ର ତୋଳାଳିମାନଙ୍କର ଆର୍ଥିକ ସଙ୍କଟ ଏତେ ଉତ୍କଟ ଥିଲା ଯେ ଚପଲ କିଣିବା ସମସ୍ତଙ୍କ ପାଇଁ ସମ୍ଭବପର ହେଉନଥିଲା। ଠିକ୍ ସମୟରେ ସରକାର ନିଜେ ଚପଲ କିଣି ହଜାର ହଜାର ସଂଖ୍ୟାରେ ତୋଳାଳିଙ୍କୁ ବଣ୍ଟନ କଲେ। ଏହା ଦରଦୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ପରିଚୟ। ସେହିପରି ୧ପଇସାରେ ଗୋଟିଏ ପତ୍ର ଦର ନିର୍ଦ୍ଧାରଣ ସେତେବେଳେ ଉଚ୍ଚ ସରକାରୀ ସ୍ତରରେ ଏବଂ ଅର୍ଥ ବିଭାଗରେ ଘୋର ବିରୋଧ ହେଲା। ଏହାସତ୍ତ୍ୱେ ନିଷ୍ପତ୍ତିକୁ ଦୃଢ଼ତାର ସହ କାର୍ଯ୍ୟକାରୀ କରିବା ସେତେବେଳର ତାଙ୍କର ଅନ୍ୟ ଏକ ସାହସିକ ପଦକ୍ଷେପ ଥିଲା। ଏହା ଏକ ସ୍ମରଣୀୟ ଘଟଣା। ଆମ ସଂଘ କେନ୍ଦୁପତ୍ର ତୋଳାଳିଙ୍କ କଲ୍ୟାଣ ପାଇଁ ବିଭିନ୍ନ ଦାବି ଓ ଆନ୍ଦୋଳନ କରିଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଅସହିଷ୍ଣୁ ମନୋଭାବ ନ ରଖି ଯଥାସମ୍ଭବ ଆମର ଅନେକ ଦାବି ପୂରଣ କରିଛନ୍ତି। ଜଙ୍ଗଲ ଅଧିକାର ଆଇନ ପ୍ରଚଳନ ପରେ କେନ୍ଦୁପତ୍ର ସଂସ୍ଥାର ସମସ୍ତ ଲାଭକୁ କେନ୍ଦୁପତ୍ର ଶ୍ରମିକମାନଙ୍କ ମଧ୍ୟରେ ବଣ୍ଟନ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଲା। କେନ୍ଦୁପତ୍ର ତୋଳାଳି ଓ ଶ୍ରମିକମାନଙ୍କ ପ୍ରତି ତାଙ୍କର ସ୍ନେହ ଓ ସମର୍ଥନ ଥିଲା ଅନନ୍ୟ।

୨୦୧୪ରେ ବୁର୍ଲା ଏନଏସି ଅଧ୍ୟକ୍ଷାଙ୍କ ବିରୋଧରେ କେତେକ କାଉନସିଲ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏହାଜାଣି ସେ ଅନାସ୍ଥା ପ୍ରସ୍ତାବ ଆଗତକାରୀମାନଙ୍କ ଉପରେ ବିରକ୍ତ ହେଲେ ଏବଂ ଏଥିରୁ ବିଚ୍ୟୁତ ହେବା ପାଇଁ ନିର୍ଦ୍ଦେଶ ଦେଲେ। ସେହିପରି ସମ୍ବଲପୁରରେ ମହିଳା ଜିଲ୍ଲାପାଳଙ୍କୁ ଦୁର୍ବ୍ୟବହାର ଘଟଣାକୁ ମଧ୍ୟ କଡ଼ା ଶବ୍ଦରେ ନିନ୍ଦା କରିଥିଲେ। ୧୯୯୯-୨୦୦୦ ମସିହାରେ ଓଡ଼ିଶାରେ ଭୟାବହ ବାତ୍ୟା ଓ ବନ୍ୟାଗ୍ରସ୍ତ ଓଡ଼ିଶାରେ ଘୋର ଆର୍ଥିକ ଦୁରବସ୍ଥା ସମୟରେ ସେ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ଏବଂ ଅର୍ଥନୀତିକୁ ସଜାଡ଼ିବା ଏକ ବିଶେଷ ଘଟଣା। ଖାଦ୍ୟ ନିରାପତ୍ତା ଆଇନ୍ ଲାଗୁ ହୋଇ ନ ଥିବା ବେଳେ ଓଡ଼ିଶାରେ ଦରିଦ୍ର ସୀମାରେଖା ତଳେ ଥିବା ସମସ୍ତ ରାଜ୍ୟବାସୀଙ୍କୁ କିଲୋ ପ୍ରତି ଟ. ୨/- ରେ ଚାଉଳ ଯୋଗାଇବା ସେତେବେଳର ଯୁଗାନ୍ତକାରୀ ଘଟଣା।

ସେହିପରି ବିଭିନ୍ନ ରାଜ୍ୟ ଯୋଜନା ଯଥା - ବିଜୁ ପକ୍କା ଘର ଯୋଜନା, ଗୋପବନ୍ଧୁ ରାଜ୍ୟ ଯୋଜନା, ମଧୁବାବୁ ପେନସନ ଯୋଜନା, ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପୋଷାକ ଯୋଜନା, ମଧ୍ୟାହ୍ନ ଭୋଜନ ଯୋଜନା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଦି ସାମାଜିକ ନ୍ୟାୟ ପ୍ରତିଷ୍ଠା ସକାଶେ ତାଙ୍କର ସାହସିକ ପଦକ୍ଷେପ ଯୋଗୁଁ ଓଡ଼ିଶା ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଥିଲା। ୨୦୧୩ ମସିହାରେ ଏକ ସମାବେଶରେ ମୁଁ ଏସଡିଏର ଅଧ୍ୟକ୍ଷ ଭାବରେ ନବୀନ ପଟ୍ଟନାୟକଙ୍କୁ ମହାନଗର ନିଗମ ଗଠନ ପାଇଁ ଏକ ମାନଚିତ୍ର ଓ ବିବରଣୀ ଦେଇ ସମ୍ବଲପୁରକୁ ମହାନଗର ନିଗମ କରିବାକୁ ଅନୁରୋଧ କରିଥିଲି। ସେହିଦିନ ହିଁ ସେ ସମ୍ବଲପୁରକୁ ମହାନଗର ନିଗମ ଘୋଷଣା କରିଥିଲେ। ଏହା ମୋ ମନରେ ଆଜିପର୍ଯ୍ୟନ୍ତ ସ୍ମରଣୀୟ ହୋଇରହିଛି। ମୁଁ ଜିଲ୍ଲା ସଭାପତି, ରାଜ୍ୟ ହସ୍ତଶିଳ୍ପ ନିଗମର ଅଧ୍ୟକ୍ଷ, ରାଜ୍ୟ ଅର୍ଥ ଆୟୋଗର ସଦସ୍ୟ ଓ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଧ୍ୟକ୍ଷ ଭାବରେ ବିଭିନ୍ନ ସମୟରେ ନବୀନ ବାବୁଙ୍କୁ ସାକ୍ଷାତ କରିଛି। ତାଙ୍କଠାରେ ଏକ ସରଳ, ଅମାୟିକ ତଥା ଏକ ବିରଳ ବ୍ୟକ୍ତିତ୍ୱର ଭାବମୂର୍ତ୍ତି ମୁଁ ଦେଖିଛି। ଆହୁରି ଅନେକ ପ୍ରତ୍ୟକ୍ଷ ଘଟଣା ଥିଲେ ମଧ୍ୟ ଅଧିକ ଏଥିରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ। ଏଣୁ କିଛି ସ୍ୱତନ୍ତ୍ର ଘଟଣାର ଅବତାରଣା କରିଛି। ଏଥିରୁ ତାଙ୍କର ବିରଳ ବ୍ୟକ୍ତିତ୍ୱର ପରିଚୟ ଯଥେଷ୍ଟ। ■



ଡି - ୮, ସରସ୍ୱତୀ ଏନକ୍ଲେଭ, ସମ୍ବଲପୁର,
ମୋ: ୯୪୩୭୮୦୬୫୨୭

# ଜନକଲ୍ୟାଣକାରୀ ଯୋଜନାର ଦୀର୍ଘ ଯାତ୍ରା

■ ସୋନାଲି ବେହେରା


ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାର ସବୁଠୁ ପ୍ରିୟ ନେତା ହେଲେ ନବୀନ ପଟ୍ଟନାୟକ। ଲଗାତାର ପାଞ୍ଚ ଥର ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ ନବୀନ। ତାଙ୍କର ଦୂରଦୃଷ୍ଟି ଏବଂ ସୁଦକ୍ଷ ନେତୃତ୍ୱ ବଳରେ ଓଡ଼ିଶା ରୂପାନ୍ତରଣ ଆଜି ଶିଖର ଛୁଇଁଛି। ରାଜନୀତିରେ ନବୀନଙ୍କ ପ୍ରବେଶ ଓଡ଼ିଶା ରାଜନୀତିର ଏକ ଯୁଗାନ୍ତକାରୀ ପରିବର୍ତ୍ତନ।

ରାଜ୍ୟର ସମସ୍ତ ଗ୍ରାମାଞ୍ଚଳରେ ଉନ୍ନତ ଭିତ୍ତିଭୂମିର ବିକାଶ ଥିଲା ନବୀନ ପଟ୍ଟନାୟକଙ୍କ ମୂଳ ଲକ୍ଷ୍ୟ। ଏହା ଅଧୀନରେ ପ୍ରାୟ ୬୭୯୪ ଗ୍ରାମ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ପାଇଁ ପାଣ୍ଠି ଖର୍ଚ୍ଚ ହେଉଛି। ଏହି ଯୋଜନାରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଉନ୍ନତ ଏବଂ ସୁଲଭ ସାଧାରଣ ସେବା ଯୋଗାଇ ଦିଆଯାଉଛି। ଏହି କଲ୍ୟାଣମୂଳକ ଯୋଜନାର ଏକ ସେବା ହେଉଛି 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯାହାର ମୂଳ ଲକ୍ଷ୍ୟ ଥିଲା ଗ୍ରାମାଞ୍ଚଳର ବିକାଶ ସହ ଓଡ଼ିଆ ସଂସ୍କୃତି ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର। ଏହି ସେବା ଦ୍ୱାରା ଆର୍ଥିକ ସହାୟତା ମିଳିଛି। ଯାହା ଫଳରେ ବିଭିନ୍ନ ପଞ୍ଚାୟତକୁ ଉନ୍ନୟନ କାର୍ଯ୍ୟ ପାଇଁ ଅନୁଦାନ ମିଳିଛି। ସେହିପରି ଭାବରେ ଅନ୍ୟ ଏକ ସେବା 'ମହିଳା ସଶକ୍ତୀକରଣ'। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳା ସଶକ୍ତୀକରଣ ଏବଂ ସ୍ୱାବଲମ୍ବୀ କରିଛି 'ମିଶନ ଶକ୍ତି'। ଗ୍ରାମଗୁଡ଼ିକରେ ସଡ଼କ ସଂଯୋଗ ପାଇଁ ରାଜ୍ୟ ସରକାରଙ୍କ ଏକ ସୁଫଳ ଯୋଜନା ହେଉଛି MMSY-CUUDA। ଏହି ଯୋଜନା ମାଓବାଦୀ ପ୍ରଭାବିତ ଓ ଚ୍ୟାଲେଞ୍ଜପୂର୍ଣ୍ଣ ଅଞ୍ଚଳରେ ଲାଗୁ ହୋଇଥିଲା। ବିଭିନ୍ନ ଗ୍ରାମପଞ୍ଚାୟତସ୍ତରରୁ ବ୍ଲକ୍ ଏବଂ ଜିଲ୍ଲା ପର୍ଯ୍ୟନ୍ତ ଏକ ସୁଗମ, ସୁଲଭ ଜନ ପରିବହନ ବ୍ୟବସ୍ଥା ହେଉଛି 'ଲକ୍ଷ୍ମୀ ବସ୍' ସେବା। ମହିଳା, ଛାତ୍ରଛାତ୍ରୀ ଏବଂ ଦିବ୍ୟାଙ୍ଗମାନେ ମାତ୍ର ୫ ଟଙ୍କାରେ ଯାତ୍ରା କରିପାରିବେ। ଓଡ଼ିଶାର ଏକ ସ୍ମାର୍ଟ ତଥା ଅତ୍ୟାଧୁନିକ ସାର୍ବଜନୀନ ପରିବର୍ତ୍ତନ ହେଉଛି 'ମୋ ବସ' (ଯାହାକି ବର୍ତ୍ତମାନ 'ଆମ ବସ୍' ନାମରେ ପରିଚିତ) ନବୀନଙ୍କ ପାଇଁ ସଫଳ ହୋଇପାରିଛି। ଏହି ସେବାରେ ରାଜ୍ୟର ସହରାଞ୍ଚଳର ଯାତାୟାତ ସୁରକ୍ଷା, ସହଜ ଓ ସୁଲଭରେ ପରିବର୍ତ୍ତନ ଆଣିପାରିଛି। ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପୁରୀ, ପିପିଲି, କୋଣାର୍କ ସହିତ ଅନ୍ୟାନ୍ୟ ପ୍ରମୁଖ ସହର ତଥା ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ମଧ୍ୟ ଏହି ସେବା ଲାଭ କରୁଛି। Mo-E-Ride ଭଳି ଇ-ରିକ୍ସା ସେବାଗୁଡ଼ିକ ଯୋଗୁ ଯାତ୍ରୀମାନେ ଦୂରସ୍ଥାନରୁ ମୁଖ୍ୟ ବସ୍ ଷ୍ଟପ୍ ପର୍ଯ୍ୟନ୍ତ ସହଜରେ ପହଞ୍ଚି ପାରୁଛନ୍ତି। 'ମୋ ସେବା କେନ୍ଦ୍ର' ଦ୍ୱାରା ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ଜନସାଧାରଣ ପାଇଁ ମାଗଣା ୱାଇଫାଇ ହଟ୍‌ସ୍ପଟ ବ୍ୟବସ୍ଥା କରାଯାଇଛି। 'କାଳିଆ ଯୋଜନା' ଦ୍ୱାରା କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଋଣ ଜାଲରୁ ଚାଷୀମାନଙ୍କୁ ମୁକ୍ତ କରିବା ଓ ଯେଉଁମାନେ ବାର୍ଦ୍ଧକ୍ୟ, ଅକ୍ଷମତା ବା ରୋଗ ହେତୁ ଚାଷ କାମ କରିପାରନ୍ତି ନାହିଁ, ସେମାନଙ୍କ ପରିବାରକୁ ଜୀବିକା ନିର୍ବାହ ପାଇଁ ସହାୟତା ଯୋଗାଇ ଦିଆଯାଏ। 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ହେଉଛି ନବୀନ ସରକାରଙ୍କ ଦ୍ୱାର ଆରମ୍ଭ କରାଯାଇଥିବା ଏକ ବଡ଼ ଧାରଣର ସ୍ୱାସ୍ଥ୍ୟ ଯୋଜନା। 'ଆହାର ଯୋଜନା' ଦ୍ୱାରା ସହରାଞ୍ଚଳରେ ଗରିବମାନଙ୍କୁ ୫ ଟଙ୍କିଆ ମୂଲ୍ୟରେ ଆହାର ମିଳିପାରୁଛି। 'ବିଜୁ ସଶକ୍ତିକରଣ ଯୋଜନା' ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଲାପ୍‌ଟପ୍ କିଣିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସହରାଞ୍ଚଳରେ ଥିବା ଗରିବ ଲୋକଙ୍କୁ ଜୀବିକା ପାଇଁ ସହାୟତା ପ୍ରଦାନ କରିବା ଏବଂ ସହରାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ 'ମୁକ୍ତ ଯୋଜନା' କାର୍ଯ୍ୟକାରୀ ହୋଇଛି। 'ବନିଶ୍ରୀ ଯୋଜନା' ଦ୍ୱାରା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଶିକ୍ଷା ପାଇଁ ସହାୟତା ହେଉଛି ଛାତ୍ରବୃତ୍ତି। ନବୀନ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ଥିଲା ' 5T ଯୋଜନା'। ସରକାର ସେବା ପ୍ରଦାନରେ 'ଟାଇମ୍' (Time), 'ଟ୍ରାନ୍ସଫର୍‌ମେସନ୍' (Transformation), 'ଟେକ୍ନୋଲୋଜି' (Technology), 'ଟ୍ରାନ୍ସପରସି' (Trancpercy), 'ଟିମ୍‌ୱାର୍କ' (Teamwork) ମାଧ୍ୟମରେ ପରିବର୍ତ୍ତନ ଆଣିବା ଏହାର ମୂଳ ଲକ୍ଷ।



ରାଜ୍ୟ ରାଜନୀତିର ଏହି ଗୁରୁତ୍ୱପୂର୍ଣ୍ଣ ସମୟ ନବୀନ ପଟ୍ଟନାୟକଙ୍କ ଗୁରୁତ୍ୱ ସାବ୍ୟସ୍ତ କରିଛି। ବିଭିନ୍ନ କ୍ଷେତ୍ରରେ ତାଙ୍କର ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱ ଯୋଗୁ ଓଡ଼ିଶା ଆଜି ଦେଶ ତଥା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଶିକ୍ଷାଠାରୁ ସ୍ୱାସ୍ଥ୍ୟ ଏବଂ ମାତୃଶକ୍ତିର ବିକାଶ ପର୍ଯ୍ୟନ୍ତ ନବୀନଙ୍କ କଲ୍ୟାଣକାରୀ ଯୋଜନା ଓଡ଼ିଶାର ରୂପାନ୍ତରଣ ଦିଗରେ ଏକ ମୂଳଦୁଆ ସ୍ଥାପନ କରିଛି। ଏହି ଯୋଜନାଗୁଡ଼ିକ କେବଳ ରାଜନୈତିକ ପ୍ରତିଶ୍ରୁତି ନୁହେଁ, ମାତ୍ର ଓଡ଼ିଶାର କୋଟି କୋଟି ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ଜୀବନର ଏକ ସ୍ଥାୟୀ ପରିବର୍ତ୍ତନ ଆଣିଛି। ■

ସାମ୍ବାଦିକତା ଓ ଗଣଯୋଗାଯୋଗ,
ଭୁବନେଶ୍ୱର



# ରାଜନୀତିର ଭିନ୍ନ ସ୍ୱର

# ନବୀନ

■ ମହେଶ୍ୱର ସାହୁ

ପ୍ରଜାମାନଙ୍କର ଶୃଙ୍ଖଳିତ ଜୀବନଯାପନ ପାଇଁ ଶାସନ ଗାଦିରେ ବସିଥିବା ବ୍ୟକ୍ତିବିଶେଷ ଦ୍ୱାରା ପ୍ରଣୀତ ଅନୁଶାସନ ଧାରାକୁ ରାଜନୀତି କୁହାଯାଇଥାଏ। ପୁରାଣ ବର୍ଣ୍ଣିତ ରାଜା ହେଉ କି ଅବତାରୀ ପୁରୁଷ ଅବା ଇତିହାସର କେଉଁ ସମ୍ରାଟ - ସମସ୍ତେ ନିଜ ନିଜର ସ୍ୱତନ୍ତ୍ର ନୀତିରେ ଶାସନ କରିଆସିଛନ୍ତି। ଏହି ନୀତିରେ କିଏ ପ୍ରଜାନୁରଞ୍ଜକର ଆଖ୍ୟା ପାଇଛି ତ କିଏ ବ୍ୟଭିଚାରୀ ବା ସ୍ୱେଚ୍ଛାଚାରୀ ଶାସକର ଟୀକା ପିନ୍ଧି ଜନମାନସରେ ରେଖାଙ୍କିତ ହୋଇ ରହିଯାଇଛି। ଆଜିର ଗାଣତନ୍ତ୍ରିକ ବ୍ୟବସ୍ଥାରେ ମଧ୍ୟ ସମାନ ନୀତି ଅନୁସରଣରେ ଶାସନ ଚାଲିଛି। ଫରକ୍ ଏତିକି ହୋଇଛି ଯେ, ଶାସନ ଗାଦିରେ ବସୁଥିବା ବ୍ୟକ୍ତିବିଶେଷ ବା ଦଳକୁ ସାଧାରଣଜନତା ସେମାନଙ୍କର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରି ଦେଶ ବା ରାଜ୍ୟ ଶାସନର ଅଧିକାର ବା କ୍ଷମତା ଦେଉଛନ୍ତି, ଯାହା ସମୟାନ୍ତରରେ ପରିବର୍ତ୍ତନଶୀଳ।

ରାଜ୍ୟ ବା ପ୍ରଜା ଶାସନର ଧାରା ବା ନୀତିକୁ ରାଜନୀତି କୁହାଯାଉଥିଲେ ହେଁ, ସାଧାରଣ ଭାବେ କପଟତାର ଦାଓପେଞ୍ଚ ହିଁ ରାଜନୀତିର ପ୍ରକୃତ ପରିଭାଷାକୁ ବୁଝାଇଥାଏ। ଶାସନ ଗାଦି ଅକ୍ତିଆର କରିବା ପାଇଁ କଳ-ବଳ-କୌଶଳର ନୀତି ହିଁ ରାଜନୀତିର ଏକ ବିପକ୍ଷ ବା ବିପରୀତ ପରିଚୟ ସୃଷ୍ଟି କରିଛି। ଆଜିର ଗଣତନ୍ତ୍ରରେ ଖୁବ୍ କମ୍ ନେତା ଦେଖାଯା'ନ୍ତି, ଯେଉଁମାନେ କି ଏହି ଭିନ୍ନ ରାଜନୀତିର ସ୍ୱର ଓ ସ୍ୱାକ୍ଷରଠୁ ବହୁ ଦୂରରେ। ସେମାନେ ଶାସନ କ୍ଷମତାରେ ଥା'ନ୍ତୁ କି ନ ଥାଆନ୍ତୁ, ପ୍ରଜାନୁରଞ୍ଜକର ମାଳା ପିନ୍ଧି ଜନତାଙ୍କ ମାନସପଟରେ ସର୍ବଦା ଝଟକୁଥା'ନ୍ତି। ସେମାନେ ନିଜ ଦଳ, ନିଜ ପରିବାର, ନିଜ ସଂପର୍କୀୟ କିମ୍ବା ନିଜ ଅନୁଗତ - କାହାକୁ ବି ଖୁସି କରିବା ବଦଳରେ ଜନକଲ୍ୟାଣର ମନ୍ତ୍ରରେ ଦୀକ୍ଷିତ ହୋଇ ନିନ୍ଦା-ପ୍ରଶଂସାର ଊର୍ଦ୍ଧ୍ୱରେ ରହି ଜୀବନ ବିତାଉଥା'ନ୍ତି। ଏମିତି ଅନେକଙ୍କ ମଧ୍ୟରୁ ଜଣେ ହେଉଛନ୍ତି, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୀର୍ଘ ୨୪ ବର୍ଷର ନିରଂକୁଶ ଶାସନ ଗାଦିରେ ଥିବା ବିଜୁ ଜନତା ଦଳର ସର୍ବମାନ୍ୟ ସଭାପତି ନବୀନ ଏବେ ବିରୋଧୀ ଦଳ ନେତା। ଭୋଟ ରାଜନୀତିରେ ନବୀନ ଆଜି ମୁଖ୍ୟମନ୍ତ୍ରୀ ଆସନରୁ ଅପସରି ଯାଇଛନ୍ତି ସତ; ଓଡ଼ିଶାର କୋଟି କୋଟି ଜନତା ଆଜି ବି ତାଙ୍କୁ ମୁଖିଆ ଭାବେ ଗଣୁଛନ୍ତି।



ଦୁର୍ଭିକ୍ଷ, ଅନାହାର, ନିରକ୍ଷରତା, ବେକାରୀ, ପ୍ରାକୃତିକ ବିପର୍ଯ୍ୟୟର ତାଡ଼ନାରେ ଜର୍ଜରିତ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ପଣ ନେଇ ନବୀନ ଓଡ଼ିଶା ରାଜନୀତିରେ ପ୍ରବେଶ କରିଥିଲେ। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦେହାନ୍ତ ପରେ ବିଜୁଙ୍କ ପ୍ରତି ଓଡ଼ିଶାବାସୀଙ୍କ ଅକୁଣ୍ଠ ଭଲ ପାଇବାକୁ ଆଧାର କରି ୧୯୯୭ ମସିହା ଡିସେମ୍ବର ୨୬ ତାରିଖରେ ଜନ୍ମ ନେଇଥିବା ବିଜୁ ଜନତା ଦଳର ମଙ୍ଗ ଧରିଥିଲେ ବିଜୁ ପଟ୍ଟନାୟକଙ୍କ କନିଷ୍ଠ ପୁତ୍ର ନବୀନ। ୨୦୦୦ ମସିହା ମାର୍ଚ୍ଚ ମାସ ୫ ତାରିଖରେ ନବୀନ ଓଡ଼ିଶାର ୧୪ତମ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିବା ପୂର୍ବରୁ ୧୯୯୮ ମସିହା ସାଧାରଣ ନିର୍ବାଚନରେ ଓଡ଼ିଶାରୁ ସାଂସଦ ନିର୍ବାଚିତ ହୋଇ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ସରକାରରେ ଖଣି ମନ୍ତ୍ରୀ ଭାବେ କେନ୍ଦ୍ର କ୍ୟାବିନେଟରେ ସ୍ଥାନ ପାଇଥିଲେ। ଏହାପରେ ୨୦୦୦ ମସିହାର ସାଧାରଣ ନିର୍ବାଚନ ଜିତି ନବୀନ ବିଜେଡି-ବିଜେପି ମେଣ୍ଟର ନେତା ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିଲେ। ୨୦୦୪ ମସିହା ସାଧାରଣ ନିର୍ବାଚନରେ କେନ୍ଦ୍ରରେ ଏନ୍‌ଡିଏର ନିର୍ବାଚନ ପରାଜୟ ସତ୍ତ୍ୱେ ଓଡ଼ିଶାରେ ନବୀନଙ୍କ ଦୂରଦର୍ଶୀ ଶାସନ ନୀତି ପାଇଁ ରାଜ୍ୟବାସୀ ପୁଣି ଥରେ ବିଜେଡି-ବିଜେପି ମେଣ୍ଟକୁ ଜିତାଇଲେ ଏବଂ ନବୀନ ପୁଣିଥରେ ମୁଖ୍ୟମନ୍ତ୍ରୀ ହେଲେ। କିନ୍ତୁ ରାଜ୍ୟରେ ଧର୍ମୀୟ ବିଭେଦ କାରଣକୁ ନେଇ ବିଜେପିଠାରୁ ଦୂରେଇ ଯାଇ ୨୦୦୯ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ଏକାକୀ ଲଢ଼ିଲା ଏବଂ ଓଡ଼ିଶାବାସୀ ନବୀନଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ ଆସନରେ ବସାଇଲେ।

ସୁତରାଂ ୨୦୦୦ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୪ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ନବୀନ ଏଭଳି ଏକ ପରିବେଶ ସୃଷ୍ଟି କରିଛନ୍ତି, ଏବେ ଏବେ ନୂଆକରି ସାବାଳକ ହୋଇ ଭୋଟ ଦେଇଥିବା ଯୁବକଯୁବତୀମାନେ ତାଙ୍କ ଜୀବନକାଳ ଭିତରେ କେବଳ ଗୋଟିଏ ଚେହେରାକୁ ହିଁ ମୁଖ୍ୟମନ୍ତ୍ରୀ ଭାବେ ଦେଖି ଆସିଛନ୍ତି। ଆଜି ଅନ୍ୟ ଜଣେ ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ ହେଁ, ଏବେବି ଓଡ଼ିଶାର ମୁଖ୍ୟମନ୍ତ୍ରୀ କିଏ ପଚାରିଲେ କିଛି ଲୋକଙ୍କ ପାଟିରୁ ଅଜାଣତରେ ବା ଅଭ୍ୟାସଗତରେ ନବୀନ ପଟ୍ଟନାୟକ ବୋଲି ବାହାରି ଆସୁଛି। ଏହା କେବଳ ନବୀନଙ୍କ ଦୀର୍ଘବର୍ଷର ଶାସନ ଅବଧି ପାଇଁ ନୁହେଁ; ଚିରାଚରିତ ରାଜନୀତିକ ଦାଓପେଞ୍ଚ ବା କପଟତାରୁ ଦୂରେଇ ନବୀନ ଓଡ଼ିଶା ରାଜନୀତିରେ ଛାଡ଼ିଯାଇଥିବା ଅଲିଭା ଛାପ ଯୋଗୁଁ।

କହିବାକୁ ଗଲେ, ନବୀନ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନୁହେଁ; ତାଙ୍କ ନିର୍ବିବାଦୀୟ ନେତୃତ୍ୱ, ସ୍ୱଳ୍ପଭାଷୀ, ସୁବିଚାର ଓ ଜନକଲ୍ୟାଣକାରୀ ଦୂରଦର୍ଶୀ ଶାସନ ପାଇଁ ଆଜି ଓଡ଼ିଶାର ଘରେ ଘରେ ଜଣେ ପରିଚିତ ଓ ପୂଜନୀୟ ବ୍ୟକ୍ତିତ୍ୱ। ଦଳୀୟ ଭାବନା ନେଇ କୁତ୍ସାରଟନା କରୁଥିବା ଅନ୍ୟଦଳର ଲୋକଟିଏ ନବୀନଙ୍କୁ ସମ୍ମୁଖରେ ଦେଖିଲେ ଲଜ୍ଜାବୋଧ କରେ, ଆଉ ତାଙ୍କୁ ଯଥୋଚିତ ସମ୍ମାନ ଜଣାଇବାକୁ କୁଣ୍ଠାବୋଧ କରେ ନାହିଁ। କେବଳ ଓଡ଼ିଶାର ରାଜନୈତିକ ଦୃଶ୍ୟପଟରେ ନୁହେଁ; କେନ୍ଦ୍ରରେ ମଧ୍ୟ ସର୍ବଦଳୀୟ ଗ୍ରହଣୀୟତା ନବୀନଙ୍କୁ ଜଣେ ସର୍ବମାନ୍ୟ ଲୋକପ୍ରିୟ ରାଜନେତାର ମାନ୍ୟତା ଦେଇଛି।

ଏସବୁ ସତ୍ତ୍ୱେ ବିବାଦୀୟ ପ୍ରସଙ୍ଗରେ ସମଦୂରତା ବଜାୟ ରଖି ନବୀନ ରାଜ୍ୟସ୍ୱାର୍ଥକୁ ସର୍ବାଦୌ ଗୁରୁତ୍ୱ ଦେଇ ଆସିଛନ୍ତି। ତାଙ୍କ ଶାସନକାଳରେ ଅନୁସୃତ ନୀତି ଯୋଜନାକୁ ଆଜି ଅନେକ ରାଜ୍ୟ ଏବଂ କେନ୍ଦ୍ର ସରକାର ଅନୁସରଣ କରୁଛନ୍ତି। ଦୀର୍ଘ ୨୪ ବର୍ଷର ଶାସନ ଭିତରେ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନବୀନ ଏମିତି କିଛି ପ୍ରସଙ୍ଗ ଅଛୁଆଁ ରଖିଯାଇ ନାହାନ୍ତି, ଯାହାକୁ ନେଇ ଏବର ନୂଆ ସରକାର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।

ସବୁ ପ୍ରକାର ପ୍ରତିକୂଳ ସ୍ଥିତିରୁ ସୁଧୁରି ଓଡ଼ିଶା ବିକାଶ ଦିଗରେ ଆଗେଇ ଯାଉଥିବାବେଳେ ଆଉ କିଛି ନୂଆ ସମ୍ଭାବନାର ସ୍ୱପ୍ନ ଅବା ଭେଳିକିରେ ରାଜ୍ୟବାସୀ ଭାରତୀୟ ଜନତା ପାର୍ଟି- ବିଜେପି ହାତରେ ରାଜ୍ୟ ଶାସନକୁ ଟେକି ଦେଇଛନ୍ତି। ହେଲେ ନୂଆ ସରକାରଙ୍କ ସତର ମାସ ଶାସନର ସ୍ଥିତି ଓ ଗତିରୁ ରାଜ୍ୟବାସୀ ସେଭଳି କିଛି ଆଭାସ କି ଆଶା-ଆଶ୍ୱାସନା ପାଇପାରୁ ନାହାନ୍ତି, ଯାହା ନବୀନଙ୍କଠାରୁ ମିଳିଥିଲା।

ଅଳ୍ପରେ ସନ୍ତୁଷ୍ଟ ଓଡ଼ିଶାବାସୀ ଶାନ୍ତିପ୍ରିୟ। କିନ୍ତୁ ଆଜି ଓଡ଼ିଶାର କୋଣଅନୁକୋଣରେ ଅଶାନ୍ତିର କଳରବ। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ପୁଲିସକୁ ଅପରାଧୀଙ୍କ ଭୟ ନାହିଁ। କାଳରାତ୍ରିର ଭୟଠାରୁ ଦିନର ସାଧାରଣ ଜୀବନଯାତ୍ରା ଅଧିକ ବିପନ୍ନ ହୋଇପଡ଼ିଛି। ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ଆଜି ଅବିଶ୍ୱାସର ଅନ୍ଧକୂପରେ କବଳିତ।

ଏଭଳି ସ୍ଥିତିରେ ରାଜନୈତିକ ଫାଇଦା ଉଠାଇବା ବଦଳରେ ନବୀନ କିନ୍ତୁ ରାଜ୍ୟବାସୀଙ୍କୁ ଶାନ୍ତି ବଜାୟ ରଖିବାକୁ ନିବେଦନ କରିବା ସହ ରାଜ୍ୟସ୍ୱାର୍ଥ ଓ ଜନସ୍ୱାର୍ଥକୁ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ସରକାରଙ୍କୁ ସଜାଗ କରୁଛନ୍ତି। ରାଜ୍ୟର ଗରିମାକୁ ଅକ୍ଷୁଣ୍ଣ ରଖିବା ପାଇଁ ଆପରାଧିକ ତତ୍ତ୍ୱମାନଙ୍କ ପ୍ରତି ସତର୍କ ରହିବା ସହ କଠୋର ନୀତି ଆପଣାଇବାକୁ ଶାସନମୁଖ୍ୟଙ୍କୁ ଚେତାଇ ଦେଉଛନ୍ତି।

ଆଜିର ସମୟରେ ରାଜନୈତିକ ବିରାଦରୀ ବା ରାଜନୈତିକ ପୃଷ୍ଠପୋଷକତାରୁ କ୍ଷମତାକେନ୍ଦ୍ରର ଅଂଶୀଦାର ହୋଇପାରିଥିବା ଅନେକ ରାଜନେତା ବିବାଦୀୟ ଓ ବିତର୍କିତ। କ୍ଷମତା ହାସଲ ପରେ ଜନକଲ୍ୟାଣ ପାଇଁ ଚିନ୍ତା କରିବା ବଦଳରେ ସ୍ୱ-ସ୍ୱାଚ୍ଛନ୍ଦ୍ୟକୁ ଗୁରୁତ୍ୱ ଦେଇ ଲୋକପ୍ରିୟତା ହରାଇ ବସୁଛନ୍ତି। ତେଣୁ ଏବର ରାଜନୈତିକ ଚିତ୍ରପଟରେ ନବୀନଙ୍କ ଭଳି ଜଣେ ସର୍ବାଜନାଦୃତ ନେତା ନିଶ୍ଚିତ ଭାବେ ବିରଳ। ଆଜି ତାଙ୍କର ୭୯ତମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଶତାୟୁ କାମନା ସହ ପ୍ରଣିପାତ। ■

# ସାଇକ୍ଲୋନ୍ ହିରୋ

■ ସ୍ୱାଧୀନିକା ସାମଲ

ପ୍ରାକୃତିକ ବିପର୍ଯ୍ୟୟ ଆଗରେ ଯେତେବେଳେ ସବୁ ରାଜ୍ୟ ତାହାର ହାତ ଟେକିଦେଉ ଥିଲା, ସେତେବେଳେ ଏପରି ଜଣେ ମୁଖ୍ୟମନ୍ତ୍ରୀ ଥିଲେ, ଯିଏ କି ଏପରି ସମୟରେ ପ୍ରାକୃତିକ ବିପର୍ଯ୍ୟୟକୁ ମାତ୍ ଦେଇଥିଲେ ନିଜର ବୁଦ୍ଧି ବଳରେ। ସେ ହେଉଛନ୍ତି ଆମର ପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସମୁଦ୍ର ତଟୀୟ ରାଜ୍ୟ ହୋଇଥିବାରୁ ଓଡ଼ିଶାକୁ ପ୍ରତିବର୍ଷ ବାତ୍ୟାର ସାମ୍ନା କରିବାକୁ ହୁଏ। କିନ୍ତୁ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ଓଡ଼ିଶା ବାତ୍ୟାକୁ ମାତ୍ ଦେବାରେ ରୋଲ୍ ମଡେଲ୍ ପାଲଟିଥିଲା ସମସ୍ତ ଦେଶ ପାଇଁ। ଏପରିକି ନବୀନ ପଟ୍ଟନାୟକଙ୍କୁ 'Cyclone Man' ବା 'Cyclone Hero' ଭାବରେ ଆଖ୍ୟା ଦିଆଯାଇଛି। ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ଓଡ଼ିଶା ବାତ୍ୟା ସମ୍ବେଦନଶୀଳ ରାଜ୍ୟ। ଓଡ଼ିଶାର ଜଣେ ପ୍ରତିଷ୍ଠିତ ନେତା, ଯିଏ କି ନିଜ ରାଜନୈତିକ ଯାତ୍ରାରେ ନିଜର ନାମକୁ ଶୀର୍ଷରେ ରଖିଛନ୍ତି ତାଙ୍କର ଦୃଢ଼ ସଂକଳ୍ପ ଓ ସାମାଜିକ ସେବା ଯୋଗୁଁ। ତାଙ୍କର ସମସ୍ତ ଯୋଜନାରେ ମାନବ ଜୀବନ ଏବଂ ଆର୍ଥିକ ସମ୍ପଦକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ୧୯୯୯ ମସିହା ଅକ୍ଟୋବର ୨୯ ଏକ ଭୟାବହ ଦିନ ଥିଲା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ। ଏହି ପ୍ରାକୃତିକ ବିପର୍ଯ୍ୟୟରେ ୧୦,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ରାଜ୍ୟରେ ଯଥେଷ୍ଟ ପ୍ରସ୍ତୁତି ନ ଥିଲା। ସେହି ସମୟରେ ନବୀନ ପଟ୍ଟନାୟକ ଏ ପ୍ରସଙ୍ଗରେ ଅଧିକ ଗୁରୁତ୍ୱ ଦେଇଥିଲେ। ୨୦୦୧ ମସିହାରେ ନବୀନ ପଟ୍ଟନାୟକ OSDMA (Odisha State Disaster Management Authority) ଗଠନ କରିଥିଲେ। ଏହି ସଂସ୍ଥା ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ଜନସଚେତନତା, ଉଦ୍ଧାର କରିବା ଉପରେ ଅଧିକ ଗୁରୁତ୍ୱ ଦେଉଥିଲା। ୨୦୧୩ ମସିହାରେ 'ଫାଇଲିନ' ବାତ୍ୟା ସମୟରେ ନବୀନଙ୍କ ସଠିକ୍ ନେତୃତ୍ୱ ଓ ଶାସନ ବଳରେ ୧୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ମାତ୍ର ୨୧ ଜଣଙ୍କ ମୃତ୍ୟୁ ହୋଇଥିଲା ଯାହାକି ସମଗ୍ର ବିଶ୍ୱରେ ବଡ଼ ରେକର୍ଡ ଥିଲା। ଏଥିପାଇଁ ଜାତିସଂଘ ଓ ବିଶ୍ୱ ବ୍ୟାଙ୍କ ଓଡ଼ିଶାକୁ 'Model in disaster management' ବୋଲି କହିଥିଲେ। ସେହିପରି ୨୦୧୪ ମସିହାରେ 'ହୁଦ୍‌ହୁଦ୍' ବାତ୍ୟା ହୋଇଥିଲା ଓଡ଼ିଶାରେ। ଯାହାର ପ୍ରଭାବ କମ୍ ଥିଲା, ଯାହାକି ନବୀନଙ୍କ ସର୍ବୋତ୍ତମ ନେତୃତ୍ୱର ଜ୍ୱଳନ୍ତ ଉଦାହରଣ ଥିଲା।

୨୦୧୮ ମସିହାରେ 'ତିତ୍‌ଲି' ବାତ୍ୟା ଓଡ଼ିଶାରେ ହେଇଥିଲା ନବୀନ ନିଜ ତତ୍ତ୍ୱାବଧାନରେ ସବୁ ନିରୀକ୍ଷଣ କରିଥିଲେ। ସେହି ସମୟରେ ଗ୍ରାମ ସ୍ତରରେ ଉଦ୍ଧାର ଟିମ୍ ଏବଂ ବ୍ଲକ୍ ସ୍ତର ନିୟନ୍ତ୍ରଣ କକ୍ଷ ଖୋଲା ଯାଇଥିଲା। ଦୀର୍ଘ ୨୦ ବର୍ଷ ପରେ ସବୁଠୁ ବଡ଼ ବାତ୍ୟା ଥିଲା 'ଫନି'। ଏହି ବାତ୍ୟାରେ ୧୨,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା।

UNESCO ଓ UN ପକ୍ଷରୁ ଓଡ଼ିଶାକୁ 'Heroic disaster preparedness' ଭାବେ ସମ୍ମାନିତ ମଧ୍ୟ କରାଯାଇଥିଲା। ଏପରିକି କୋଭିଡ୍‌ର ଭୟାବହ ସମୟରେ ମଧ୍ୟ ବାତ୍ୟା ପରିଚାଳନା ସଠିକ୍ ଭାବେ ହୋଇଥିଲା। ଏହି ସମୟ ତାଙ୍କ ଦୃଢ଼ ପରିଚାଳନା ଏବଂ ଉତ୍ତମ ଶାସନକୁ ଦେଖାଏ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୯୦୦ ରୁ ଅଧିକ ବାତ୍ୟା ଶିବିର ଗଠନ କରିବା ସଙ୍ଗେ ସଙ୍ଗେ ୫୦,୦୦୦ ରୁ ଅଧିକ ବାତ୍ୟା ସ୍ୱେଚ୍ଛାସେବୀଙ୍କୁ ଉଚିତ୍ ପ୍ରଶିକ୍ଷଣ ଦିଆଯାଇଥିଲା। ଏପରିକି ଅନେକ ରାଜ୍ୟ ଏବଂ ଦେଶ ତାଙ୍କର ଏହି ନେତୃତ୍ୱକୁ ଅନୁସରଣ କରିଥିଲେ। ନବୀନ ପଟ୍ଟନାୟକ ନିଜେ 'Zero Casualty policy' ଆରମ୍ଭ କରିଥିଲେ, ଯାହାର ଅର୍ଥ ହେଉଛି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଶୂନ। ନବୀନ ପଟ୍ଟନାୟକ ଓଡ଼ିଶାକୁ ଦୁର୍ଘଟଣା ସହନଶୀଳ ରାଜ୍ୟ ଭାବେ ସମଗ୍ର ଦେଶରେ ପରିଚିତ କରିଥିଲେ। ସେ କେବଳ ରାଜନେତା ନ ଥିଲେ ସେ ଥିଲେ ଆଦର୍ଶ ନେତୃତ୍ୱର ଜ୍ୱଳନ୍ତ ଉଦାହରଣ ସମଗ୍ର ଦେଶ ପାଇଁ। ଏପରିକି ତାଙ୍କୁ 'Best CM' ବୋଲି ମଧ୍ୟ କୁହାଯାଏ। ■

ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

# ଓଡ଼ିଶା ରାଜନୀତିର ମହାନାୟକ

■ ମିହିର ରାୟ

ଭାରତୀୟ ରାଜନୀତିର ବିଶାଳ ମଞ୍ଚରେ କିଛି ବିରଳ ବ୍ୟକ୍ତିତ୍ୱ ଏମିତି ଥାଆନ୍ତି, ଯେଉଁମାନେ ନିଜର ନମ୍ରତା, ନିଷ୍ଠା ଓ କର୍ମନିର୍ଭର ଦୃଷ୍ଟିକୋଣ ଦ୍ୱାରା ଇତିହାସରେ ଅମର ହୋଇ ରହନ୍ତି। ଏମିତି ଏକ ଅନନ୍ୟ ବ୍ୟକ୍ତିତ୍ୱ ହେଉଛନ୍ତି ନବୀନ ପଟ୍ଟନାୟକ, ଯିଏ ଓଡ଼ିଶାରେ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଭାବେ ଶାସନ କରି ପାଞ୍ଚଟି ନିରନ୍ତର କାର୍ଯ୍ୟକାଳରେ ବିଜୟୀ ହୋଇ ଏକ ଅସାଧାରଣ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କର ନମ୍ରତା, କମ୍ କଥାବାର୍ତ୍ତା ଶୈଳୀ, କର୍ମନିଷ୍ଠା ଓ ସଂସ୍କାରବାଦୀ ଚିନ୍ତାଧାରା ତାଙ୍କୁ ଓଡ଼ିଶା ତଥା ଭାରତୀୟ ରାଜନୀତିରେ ଏକ ପ୍ରେରଣାଦାୟୀ ଆଲୋକସ୍ତମ୍ଭରେ ପରିଣତ କରିଛି। ନବୀନଙ୍କ ଶାସନକାଳରେ ଓଡ଼ିଶାର ବିକାଶ, ସାମାଜିକ ସଂସ୍କାର ଓ ରାଷ୍ଟ୍ରୀୟ ରାଜନୀତିରେ ତାଙ୍କର ଅବଦାନ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ରଚନା କରିଛି। ତାଙ୍କର ଅସାଧାରଣ ସଫଳତା, ମହାନ ବ୍ୟକ୍ତିତ୍ୱ ଓ ଐତିହାସିକ ମହତ୍ତ୍ୱକୁ ଅବଲୋକନ କଲେ ଏକ ପ୍ରେରଣାଦାୟୀ କାହାଣୀ ସାମ୍ନାକୁ ଆସେ।

ନବୀନ ପଟ୍ଟନାୟକଙ୍କ ଶାସନ ଓଡ଼ିଶାକୁ ଏକ ନୂତନ ଦିଗନ୍ତରେ ପହଞ୍ଚାଇଛି। ତାଙ୍କର ପ୍ରଥମ କାର୍ଯ୍ୟକାଳରୁ ହିଁ ଦୁର୍ନୀତି ବିରୋଧୀ ଅଭିଯାନ ଏକ ନଜିର ସୃଷ୍ଟି କରିଥିଲା। ୨୦୦୦ ରୁ ୨୦୧୨ ମଧ୍ୟରେ ୨୬ ଜଣ ମନ୍ତ୍ରୀଙ୍କୁ ଦୁର୍ନୀତି ଅଭିଯୋଗରେ ବରଖାସ୍ତ କରି ସେ ପାରଦର୍ଶୀ ପ୍ରଶାସନର ଏକ ଆଦର୍ଶ ସ୍ଥାପନ କରିଥିଲେ। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାକୁ ବିଶ୍ୱ ମାନଚିତ୍ରରେ ପ୍ରତିଷ୍ଠିତ କରିବାରେ ତାଙ୍କର ଦୂରଦୃଷ୍ଟି ଅନନ୍ୟ। ୧୯୯୯ର ସୁପର୍ ସାଇକ୍ଲୋନ୍‌ର ଭୟାବହ ଧ୍ୱଂସ ପରେ ସେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓଏସ୍‌ଡିଏମ୍‌ଏ) ଗଠନ କରିଥିଲେ। ଏହା ଫାଇଲିନ, ହୁଦ୍‌ହୁଦ୍ ଓ ଫନି ଭଳି ବିପର୍ଯ୍ୟୟରେ ଲକ୍ଷାଧିକ ଜୀବନ ରକ୍ଷା କରିବାରେ ସଫଳ ହୋଇଥିଲା। ଏହି ପ୍ରୟାସ ପାଇଁ ଜାତିସଂଘ ସମେତ ବିଶ୍ୱବ୍ୟାପୀ ସଂସ୍ଥାଗୁଡ଼ିକ ଓଡ଼ିଶାକୁ ପ୍ରଶଂସା କରିଛନ୍ତି।

ଦାରିଦ୍ର୍ୟ ନିରାକରଣରେ ନବୀନଙ୍କର ଯୋଜନାଗୁଡ଼ିକ ଏକ ବିପ୍ଳବ ଆଣିଛି। ନୀତି ଆୟୋଗର ରିପୋର୍ଟ ଅନୁଯାୟୀ, ୨୦୦୫-୦୬ ରୁ ୨୦୨୨-୨୩ ମଧ୍ୟରେ ଓଡ଼ିଶାର ବହୁଆୟାମୀ ଦାରିଦ୍ର୍ୟ ୬୩.୮୪% ରୁ ୧୧.୦୭% କୁ ହ୍ରାସ ପାଇଛି, ଯାହାଦ୍ୱାରା ୧୦୨.୭୮ ଲକ୍ଷ ଲୋକ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି। 'ମମତା ଯୋଜନା' ଗର୍ଭବତୀ ମହିଳାମାନଙ୍କୁ ସଶକ୍ତ କରିଛି ଓ ରାଜ୍ୟର ମାତୃ ମୃତ୍ୟୁ ହାର ଓ ଶିଶୁ ମୃତ୍ୟୁ ହାରକୁ ନିୟନ୍ତ୍ରଣ ସ୍ତରକୁ ଆଣିବାରେ ସକ୍ଷମ ହୋଇଛି। 'କାଳିଆ ଯୋଜନା' କୃଷକମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିଛି, 'ମିଶନ୍ ଶକ୍ତି' ମାଧ୍ୟମରେ ରାଜ୍ୟର ପ୍ରାୟ ସତୁରି ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇ ଆର୍ଥିକ ସ୍ୱାଧୀନତା ହାସଲ କରିଛନ୍ତି, ଓ 'ଜାଗା ମିଶନ୍' ସହରୀ ଗରିବମାନଙ୍କୁ ଆବାସ ଯୋଗାଇଛି। ମହିଳା ସଶକ୍ତୀକରଣରେ ତାଙ୍କର ଅବଦାନ ଅତୁଳନୀୟ। ପଞ୍ଚାୟତରେ ୫୦% ମହିଳା ସଂରକ୍ଷଣ ଏବଂ ମିଶନ୍ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ନେତୃତ୍ୱ ପ୍ରଦାନ କରିବାରେ ସେ ଏକ ନୂତନ ଦୃଷ୍ଟାନ୍ତ ସ୍ଥାପନ କରିଛନ୍ତି। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନବୀନଙ୍କର ପଦକ୍ଷେପ ଓଡ଼ିଶାକୁ ଏକ ଆଧୁନିକ ରାଜ୍ୟରେ ପରିଣତ କରିଛି। 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ମାଧ୍ୟମରେ ଲକ୍ଷାଧିକ ଲୋକଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯାଇଛି। 'ମୋ ସ୍କୁଲ୍' ଓ '୫ଟି' ଯୋଜନା ମାଧ୍ୟମରେ ସ୍କୁଲଗୁଡ଼ିକରେ ଆଧୁନିକ ଅନ୍ତର୍ଗଠନ ଓ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିଛି। ଉପଜାତି କଲ୍ୟାଣ ଓ ଆଦିବାସୀ ବିକାଶରେ ମଧ୍ୟ ତାଙ୍କର ଯୋଜନାଗୁଡ଼ିକ ଫଳପ୍ରଦ ହୋଇଛି।

ଅର୍ଥନୈତିକ ବିକାଶରେ ନବୀନଙ୍କର ଦୂରଦୃଷ୍ଟି ଓଡ଼ିଶାକୁ ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ କରିଛି। ଖଣିଜ ସମ୍ପଦର ସଦୁପଯୋଗ ମାଧ୍ୟମରେ ରାଜ୍ୟର ଋଣ ହ୍ରାସ କରାଯାଇଛି। ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ, ଏକଦା ଋଣଗ୍ରସ୍ତ ହୋଇ ପଡ଼ିଥିବା ଓଡିଶା, ମୁଣ୍ଡପିଛା ଋଣଭାର କ୍ଷେତ୍ରରେ ଦେଶର ସମସ୍ତ ରାଜ୍ୟ ମାନଙ୍କ ଭିତରେ ସବୁଠାରୁ ନିମ୍ନରେ ରହିଥିଲା। ଏହାଛଡା, ଆର୍ଥିକ ଶୃଙ୍ଖଳା କ୍ଷେତ୍ରରେ ନୀତି ଆୟୋଗଙ୍କ ୨୦୨୩ମସିହାର ରିପୋର୍ଟ ଅନୁଯାୟୀ, ଓଡିଶା ଦେଶର ରାଜ୍ୟ ମାନଙ୍କ ଭିତରେ ପ୍ରଥମ ସ୍ଥାନ ହାସଲ କରିଥିଲା। ନବୀନଙ୍କ ନୂତନ ଶିଳ୍ପନୀତି ଯୋଗୁ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ, ଓଡିଶା ବିଶ୍ୱର ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନ ମାନଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିଲା। ଏହି କାରଣରୁ, ଓଡିଶା ପୁଞ୍ଜି ନିବେଶ କ୍ଷେତ୍ରରେ, ୨୦୨୧-୨୨, ୨୦୨୨-୨୩ ଓ ୨୦୨୩-୨୪ ମସିହାରେ ଦେଶରେ ଯଥାକ୍ରମେ ତୃତୀୟ, ଦ୍ୱିତୀୟ ଓ ପ୍ରଥମ ସ୍ଥାନ ହାସଲ କରିଥିଲା। ରାଜ୍ୟର ସାମାଜିକ ବ୍ୟୟ ୧୫.୧% କମ୍ପାଉଣ୍ଡ ବାର୍ଷିକ ବୃଦ୍ଧି ହାରରେ ବଢ଼ିଛି, ଯାହା ପୂର୍ବ ଭାରତରେ ଓଡ଼ିଶାକୁ ଶୀର୍ଷସ୍ଥାନରେ ରଖିଛି। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାକୁ ଏକ ଆନ୍ତର୍ଜାତୀୟ ହବ୍ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ଭାରତୀୟ ହକି ଟିମ୍‌ର ସ୍ପନ୍‌ସରଶିପ୍ ଓ କଳିଙ୍ଗ ଷ୍ଟାଡିୟମ୍‌ର ଆଧୁନିକୀକରଣ, ରାଉରକେଲାରେ ବିଶ୍ୱର ସର୍ବ ବୃହତ ହକି ଷ୍ଟାଡିଅମ ନିର୍ମାଣ ଓଡ଼ିଶାକୁ କ୍ରୀଡ଼ା ଜଗତରେ ଏକ ନୂତନ ପରିଚୟ ଦେଇଛି।


ନବୀନଙ୍କ ନମ୍ରତା, କର୍ମନିଷ୍ଠା ଓ ସଂସ୍କାରବାଦୀ ଦୃଷ୍ଟିକୋଣ ଭାରତୀୟ ରାଜନୀତିରେ ଏକ ନୂତନ ଆଦର୍ଶ ସ୍ଥାପନ କରିଛି। ନବୀନ ପଟ୍ଟନାୟକ କେବଳ ଜନନେତା ନୁହଁନ୍ତି, ସେ ଓଡ଼ିଶାର ଏକ ଜୀବନ୍ତ କିମ୍ବଦନ୍ତୀ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କର ସଫଳତା, ନମ୍ରତା ଓ ଜନସେବାର ଅଙ୍ଗୀକାର ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେବ। ତାଙ୍କର ଶାସନ ଓଡ଼ିଶାକୁ ଏକ ନୂତନ ପରିଚୟ ଦେଇଛି, ଯାହା ଦେଶ ଓ ବିଦେଶରେ ସମ୍ମାନର ସହ ଉଲ୍ଲେଖ କରାଯାଏ। ନବୀନ ପଟ୍ଟନାୟକଙ୍କ କାହାଣୀ ହେଉଛି ଏକ ସଫଳତାର ଗାଥା, ଯେଉଁଥିରେ ନମ୍ରତା, ନିଷ୍ଠା ଓ ଜନସେବାର ମିଶ୍ରଣ ଓଡ଼ିଶାକୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ପଥ ଦେଖାଇଛି। ରାଜନୀତି କ୍ଷେତ୍ରରେ ନବୀନଙ୍କ ଆବିର୍ଭାବ, ପ୍ରଭାବଶାଳୀ ପ୍ରଦର୍ଶନ, ନିରନ୍ତର ଜନସାଧରଣଙ୍କ ଆଶୀର୍ବାଦ ହାସଲ ଇତ୍ୟାଦି ତାଙ୍କୁ ଓଡିଶା ରାଜନୀତିର ମହାନାୟକ ପରିଚୟ ପ୍ରଦାନ କରିଛି। ■

-ରାଉରକେଲା


ନୂତନ ଓଡିଶାର ବିନ୍ଧାଣୀ, ସାଢେ ୪କୋଟି ଓଡିଶାବାସୀଙ୍କ ପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ୭୯ତମ
ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛି

ଶୁଭାଶିଷ୍ ଖୁଣ୍ଟିଆ
ରାଜ୍ୟସଭା ସାଂସଦ, ଓଡ଼ିଶା



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ଅବସରରେ ଅନେକ ଅନେକ ଶୁଭେଚ୍ଛା ଆପଣଙ୍କ ଦୀର୍ଘ ନିରାମୟ ଜୀବନ ନିରାମୟ କାମନା କରୁଛୁ, ଆପଣଙ୍କ ଚଲାପଥ କୁସୁମିତ ହେଉ ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା

୭୯ତମ
ଜନ୍ମଦିନର ହାର୍ଦ୍ଦିକ ଅଭିନନ୍ଦନ

ପ୍ରଭାତ ବିଶ୍ୱାଳ
ପୂର୍ବତନ ବିଧାୟକ, ଚୌଦ୍ୱାର-କଟକ
ସୌଭିକ ବିଶ୍ୱାଳ
ବିଧାୟକ, ଚୌଦ୍ୱାର-କଟକ



# କୋଟି ହୃଦୟର ମଣି: ନବୀନ

■ ଡାକ୍ତର ସାଗର ରଂଜନ ତ୍ରିପାଠୀ

ଲେଖକ ଜୀବନରୁ ପ୍ରବୀଣ ରାଜନେତା ଭାବେ ବିରଳ ବ୍ୟକ୍ତିତ୍ୱ ନବୀନ ପଟ୍ଟନାୟକଙ୍କ ଅନେକ କୃତି କୀର୍ତ୍ତି ରହିଛି ଏହା ପ୍ରତ୍ୟେକ ଓଡ଼ିଆ ସ୍ୱୀକାର କରିବେ । ଖୁବ ସରଳ, ଅମାୟିକ, ଅଳ୍ପଭାଷୀ, ନମ୍ର ସ୍ୱଭାବ ମଣିଷ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦ ଭାର ଗ୍ରହଣ କରି ଓଡ଼ିଶାରେ ଦୀର୍ଘ ପଚିଶି ବର୍ଷ ଧରି ନିରବଚ୍ଛିନ୍ନ ଶାସନ କରି ଏକ ଇତିହାସ ସୃଷ୍ଟି କରିଛନ୍ତି। ବର୍ତ୍ତମାନ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ନିଜ ଆନୁଷ୍ଠାନିକ ପରିଚୟ ଦେଲେ ସୁଦ୍ଧା ସେ ଏବେ ବି ଚାରିକୋଟି ଓଡ଼ିଆଙ୍କ ହୃଦୟରେ ଉର୍ଜସ୍ୱଳ ସ୍ଥାନ ଅଧିକାର କରୁଛନ୍ତି ଏଥିରେ ଦ୍ୱିମତ ନାହିଁ । ସେ ସବୁ ବେଳେ କହିବା ଅପେକ୍ଷା ସେ ନିଜ କାମ କରିବା ଉପରେ ଗୁରୁତ୍ୱ ଦେବା ତାଙ୍କର ବ୍ୟକ୍ତିତ୍ୱର ସ୍ୱତନ୍ତ୍ରତା । ରାଜନୀତି କ୍ଷେତ୍ରରେ ଆସନ ପଦ ଦଖଲ କରିବା ଏବଂ ପୁଣି ସେହି ପଦ ଆସନରୁ ଅପସରି ଯିବା ସତ୍ତ୍ୱେ ବ୍ୟକ୍ତି ନିଜର ନୈସର୍ଗିକ ବ୍ୟକ୍ତିତ୍ୱ ବଳରେ ଶାସିତଙ୍କ ଠାରୁ ଦୂରେଇ ଯାଇ ନ ଥାଏ ତାହା ନିଜ ବିଦ୍ୱତ୍ତା, ଗୁଣବତ୍ତା ତଥା ମହତ୍ତ୍ୱ ପୂର୍ଣ୍ଣ ଗୁଣ ସମୁଚୟର ପ୍ରଭାବରେ ସେ ନିଜ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖି ଥାଏ। ନବୀନ ପଟ୍ଟନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ କନିଷ୍ଠ ସନ୍ତାନ ଯିଏ କ୍ଷମତାରୁ ଦୂରେଇ ଗଲା ପରେ ମଧ ଆଜି ତାଙ୍କ ପରି ବ୍ୟକ୍ତିତ୍ୱ ଯେ ଲୋକଙ୍କ ହୃଦୟରୁ ଅପସରି ଯାଇନାହିଁ ଏ କଥା ମଧ ଆଜି ଆମକୁ ସ୍ୱୀକାର କରିବାକୁ ପଡ଼ିବ।

ରାଜନୀତିର ପରିପକ୍ୱ ସ୍ୱର ଓଡ଼ିଶାର ପୂର୍ବତନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଜି ୭୯ ତମ ଜୟନ୍ତୀରେ ତାଙ୍କର ଜୀବନୀ ସଂପର୍କରେ ଆଲୋଚନା ସହିତ ବିଭିନ୍ନ କାର୍ଯ୍ୟକ୍ରମ ସାରା ରାଜ୍ୟରେ ନବୀନ ପଟ୍ଟନାୟକଙ୍କୁ ଭଲ ପାଉଥିବା ବ୍ୟକ୍ତି, ଅନୁଷ୍ଠାନ, ଏବଂ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଆୟୋଜନ କରାଯାଉଛି ଅଭିନନ୍ଦନୀୟ। ନବୀନ ପଟ୍ଟନାୟକ ଜଣେ ଉଚ୍ଚକୋଟୀର ଇଂରାଜୀ ଲେଖକ ଭାବେ ନିଜ ନିଷ୍ଠା ଓ ସାଧନା ବଳରେ ଦେଶ ଓ ଦେଶ ବାହାରେ ଅଜସ୍ର ଶ୍ରଦ୍ଧା ଓ ସମ୍ମାନ ଲାଭ କରି ଥିଲେ। ଭାରତୀୟ ଜଡ଼ି ବୁଟି ବୃକ୍ଷ ଲତା ଗୁଡିକର ଔଷଧୀୟ ଗୁଣ ସଂପର୍କରେ ପୁସ୍ତକ The garden of Life ନବୀନ ବାବୁଙ୍କ ଅନେକ ରଚନା ଭିତରୁ ଅନ୍ୟତମ । ଲୋକ ପ୍ରିୟ ଲେଖକ ଭାବରେ ନବୀନ ପଟ୍ଟନାୟକଙ୍କ ପାଇଁ ପ୍ରତିଷ୍ଠା ଓ ପ୍ରସିଦ୍ଧି ସବୁ ବେଳେ ଚର୍ଚ୍ଚା ରହି ଆସିଥିଲା କିନ୍ତୁ ରାଜନେତା ଭାବେ ପ୍ରବେଶ ହୁଏ ୧୯୯୭ ରେ ଯେତେବେଳେ ତାଙ୍କ ପିତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିୟୋଗ ହୁଏ। ୧୭ ଏପ୍ରିଲ ୧୯୯୭ରେ ବିଜୁ ବାବୁଙ୍କ ବିୟୋଗ ପରେ ରାଜନୀତିରେ ତରୁଣ ନବୀନ ପଟ୍ଟନାୟକ ଓଡ଼ିଶା ମାଟି ସହ ପରିଚିତ ହେଲେ। ବିଜୁ ପଟ୍ଟନାୟକ ତାଙ୍କ ଜୀବଦ୍ଦଶାରେ କେବେବି ନିଜ ପୁଅଙ୍କୁ ରାଜନୀତିରେ ଆଣିବା ପାଇଁ ଇଛା ପ୍ରକାଶ କରି ନ ଥିଲେ। ବଡ ବିସ୍ମୟ ବିଷୟ ଯେ ,ଓଡ଼ିଆ ଭାଷା ସଂସ୍କୃତି ଓ ଜୀବନ ଶୈଳୀ ସହିତ ଅଭ୍ୟସ୍ତ ନଥିବା ଜଣେ ମଣିଷ ଯେ ସଫଳ ରାଜନେତା ର ପରିଚୟରେ ଓଡ଼ିଶାର ମୁଖ୍ୱମନ୍ତ୍ରୀ ଭାବେ ଲୋକ ପ୍ରିୟତାର ଶୀର୍ଷକୁ ଛୁଇଁ ପାରିଥିଲେ ଏବଂ ଏହା ମଧ ଅନୁଶୀଳନ ଓ ଗବେଷଣା ବିଷୟ। ନବୀନ ପଟ୍ଟନାୟକଙ୍କ ରାଜନୀତି ର ସମୃଦ୍ଧ ସ୍ୱର ଏବଂ ବିରଳ ବ୍ୟକ୍ତିତ୍ୱ ଅଧିକାରୀ ଭାବରେ ସାରା ଭାରତ ବର୍ଷ ରେ ଜଣେ ଅମାୟିକ ରାଜନେତା ଭାବେ ପ୍ରସିଦ୍ଧି ଅର୍ଜନ କରି ଛନ୍ତି ।

ତାଙ୍କର ବିନମ୍ର ବ୍ୟବହାର ଗୋଟିଏ ଭଲ ଗୁଣ । ଚେହେରାରେ ସ୍ମିତହାସ ଓ ମୁଖମଣ୍ଡଳ କାନ୍ତିର ଆକର୍ଷଣ ନିଆରା। ସାଂପ୍ରତିକ ସମାଜରେ ରାଜନୀତିରେ ନମ୍ରତା ଏବଂ ଉଦାରତା ଭାବର ମଣିଷ ବିରଳ। ସରଳ ସ୍ୱଚ୍ଛ ଶୁଭ୍ର ପରିଧାନ ରେ ସେ ଯେପରି ଆକର୍ଷଣୀୟ,ଖୁବ୍ କମ୍ କଥା କହିବା ମଣିଷ ନବୀନ ପଟ୍ଟନାୟକ ଜଣେ ସ୍ଥିତପ୍ରଜ୍ଞ ଭାବେ ତାଙ୍କ ବ୍ୟକ୍ତିତ୍ୱ ବଳରେ ଅନେକଙ୍କୁ ଆକର୍ଷଣ କରିବାରେ ନିଆରା ମଣିଷ ଲୋକ ପ୍ରିୟ ରାଜନେତା ପରିଚୟ ସୃଷ୍ଟି କରି ପାରିଛନ୍ତି। ଭାରତ ରାଜନୀତିର ଇତିହାସରେ ହୁଏତ ନବୀନ ପଟ୍ଟନାୟକ ହିଁ ଏକମାତ୍ର ବ୍ବକ୍ତି ରହିଛନ୍ତି ଯିଏ ଖୁବ୍ କମ୍ କଥା କହି ସମସ୍ତଙ୍କ ହୃଦୟ ଜିଣିବା କଳା ଶିଖି ପାରିଛନ୍ତି।

ଓଡ଼ିଶା ରାଜନୀତିର ଇତିହାସରେ ଅନେକ ନେତାଙ୍କ ଅନେକ କାହାଣୀ ସଂପର୍କରେ ଆମେ ଜାଣିଥାଉ ଓ ପଢିଥାଉ।ଓଡ଼ିଆଙ୍କ ସ୍ୱାଭିମାନ ପାଇଁ କିଏ ଲଢେଇ କରିଛି, କିଏ ପୁଣି ଆମ ଓଡ଼ିଶାର ଭାଷା ସାହିତ୍ୟ ସଂସ୍କୃତି ସ୍ୱାଭିମାନ ସୁରକ୍ଷା ଓ ଅସ୍ମିତା ପାଇଁ ଲଢେଇ କରି ସଫଳ ହୋଇ ପାରିଛି।ଓଡ଼ିଶା ରାଜନୀତିର ଇତିହାସ ବଡ଼ ଚମତ୍କାର ଘଟଣାବଳୀର ମୁକସାକ୍ଷୀ। କାଳଖଣ୍ଡର ପ୍ରବାହ ମାନ ଧାରାରେ ଅନେକ ନେତା ନେତୃତ୍ୱ ନେବା ପାଇଁ ଆସିଛନ୍ତି ଏବଂ ଶାସନ ଗାଦି ରୁ ଫେରିଯାଇ ଛନ୍ତି କିନ୍ତୁ ଜଣେ ଉଦାର ରାଜନେତା ଭାବେ ନବୀନ ପଟ୍ଟନାୟକଙ୍କ ଶାସନର କଳା ଓ କୌଶଳ କାହାଣୀ କେବଳ ଭିନ୍ନ ନୁହଁ ବରଂ ଅନେକ ସ୍ୱତନ୍ତ୍ରତାର ସ୍ୱାକ୍ଷର ବହନ କରି ଓଡିଶାବାସୀଙ୍କ ହୃଦୟ ଜିଣିଛି । ଓଡ଼ିଶା ମାଟିର ଜଣେ ଜଣେ ବରପୁତ୍ରଙ୍କ ବିଷୟରେ ଏବଂ ଓଡ଼ିଶା ପ୍ରଦେଶ ଗଠନ ପାଇଁ ତାଙ୍କର ଅବଦାନ ସଂପର୍କରେ ଆଲୋଚନା କରୁ । ସମୃଦ୍ଧ ଓଡିଶା ଗଢ଼ିବା ପାଇଁ ଏମାନଙ୍କ ଯୋଗଦାନ ମଧ ସ୍ମରଣୀୟ କିନ୍ତୁ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଏବଂ ଲୋକଙ୍କ ସହ ବିଶେଷ ଭାବରେ ପରିଚୟ ନ ଥିବା ବ୍ୟକ୍ତି ଆକସ୍ମିକ ରାଜନୀତି ରେ ପ୍ରବେଶ ସହ ରାଜନୈତିକ ଦଳ ବିଜୁ ଜନତା ଦଳର ସର୍ବୋଚ୍ଚ ନେତା ଭାବେ ନବୀନ ପଟ୍ଟନାୟକ ଅପ୍ରତିଦ୍ୱନ୍ଦ୍ୱୀ କୀର୍ତ୍ତିମାନ ସ୍ଥାପନ କରି ସକ୍ଷମ ହେଲେ ଏହା କହିବା ବେଳେ ତାଙ୍କ ରାଜନୈତିକ ଇତିହାସ ସମ୍ପର୍କରେ ଅବଗତ କରାଇବା ଉଚିତ୍ ମନେ କରେ।

ସେ ଯେତେବେଳେ ଆସିକା ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ପ୍ରଚାର ପାଇଁ ଆସିଥିଲେ ସାକ୍ଷାତ ହୁଏ ଏହି ଲେଖକର। ମୋ ଗାଁ ପୋଲସରାରେ ନିର୍ବାଚନ ପ୍ରଚାର ସମୟ। ଖୁବ୍ ସରଳ ନମ୍ର ଓ ଶାନ୍ତ ନବୀନ ପଟ୍ଟନାୟକଙ୍କୁ ଦେଖି ଖୁସି ହେବା ସହ ଦୁଇ ପଦ କଥା ହେବା ସୁଯୋଗ ମଧ ମୁଁ ପାଇଥିଲି ତାଙ୍କ ସହ ଥିଲେ ଗଞ୍ଜାମ ମାଟିର ଗର୍ବ ଗୌରବ ଧୁରୀଣ ରାଜନେତା ରାମକୃଷ୍ଣ ପଟ୍ଟନାୟକ ଯିଏ କି ଓଡ଼ିଶାର ବେଶ୍ ଲୋକ ପ୍ରିୟ ପ୍ରଭାବଶାଳୀ ନେତା ଭାବେ ପରିଚିତ ଥିଲେ ଏବଂ ବିଜୁ ଜନତା ଦଳର ପ୍ରତିଷ୍ଠା ପାଇଁ ତାଙ୍କ ଅବଦାନ ସ୍ମରଣୀୟ। ନବୀନ ପଟ୍ଟନାୟକ ଆସିକା ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ବିଜୟ ହୋଇ ଆସିକା ସାଂସଦ ଓ କେନ୍ଦ୍ରରେ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାରଙ୍କ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ ହେଲେ । ଏହାପରେ ୧୯୯୯ ରେ ଚାରି କୋଟି ଓଡ଼ିଆଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ହୋଇ ଦୀର୍ଘବର୍ଷ ଶାସନ କାଳର ଅନୁଭବ ସାଉଁଟି ଆଣିବାରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ନବୀନ ପଟ୍ଟନାୟକ ଅମଳିନ କୀର୍ତ୍ତି ଅର୍ଜନ କରିଛନ୍ତି। ଗୋଟିଏ ପରେ ଗୋଟିଏ ନିର୍ବାଚନ ରେ ଅଧିକରୁ ଅଧିକ ଲୋକପ୍ରିୟ ଏବଂ ପ୍ରଭାବଶାଳୀ ନେତା ହୋଇ ଗୋଟିଏ ରାଜ୍ୟର ନେତୃତ୍ୱ ନେବାର ଯେଉଁ ବିରଳ କୀର୍ତ୍ତି ମାନ ନବୀନ ପଟ୍ଟନାୟକ ତିଆରି କରି ଜଣେ ସଫଳ ପ୍ରବୀଣ ଏବଂ ପରିପକ୍ୱ ଅନୁଭବୀ ରାଜନେତା ଭାବେ ଗ୍ରହଣୀୟ ହୋଇଥିଲେ ଏହା ମଧ ସ୍ମରଣୀୟ ଯେତିକି ବିସ୍ମୟ ସେତିକି। ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣି ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ନବୀନ ପଟ୍ଟନାୟକ । ଓଡ଼ିଶା ଇତିହାସରେ ସେ ସ୍ୱୟଂ ଗୋଟିଏ ରାଜନୀତି ସଂସ୍କୃତିର ଇତିହାସ ଲେଖିବା ପାଇଁ ଯେ ସମର୍ଥ । ଓଡ଼ିଶା ରାଜନୀତି ରେ ରାଜ୍ୟ ତଥା ଦେଶର ରାଜନୈତିକ ବିଚାର ମଂଚ ରେ ସେ ସମସ୍ତ ଙ୍କ ପାଇଁ ଚର୍ଚ୍ଚାରେ ରହିବା କ୍ୱଚିତ ବ୍ୟକ୍ତିର ଭାଗ୍ୟରେ ହିଁ ଦେଖାଯାଏ। ସବୁବେଳେ ସମସ୍ତଙ୍କୁ ଆଚମ୍ବିତ କରି ବିଜୁ ଜନତା ଦଳର ସର୍ବୋଚ୍ଚ ନେତା ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୨୫ ବର୍ଷ ମଧରେ ରାଜ୍ୟ ଶାସନରେ ଅପ୍ରତିଦ୍ୱନ୍ଦ୍ୱୀ ହେଲେ କିପରି ଯଦି ଆଲୋଚନା କରାଯାଏ ଏହା ବିରୋଧୀ ଦଳର ଦୁର୍ବଳ ବିଧି ବ୍ୟବସ୍ଥା ନା ନବୀନ ପଟ୍ଟନାୟକଙ୍କ ଶାସନ ରଣ କୌଶଳ ଏହି କଥା ମଧ ଗବେଷଣା ବିଷୟ ରାଜନୀତିର ପଣ୍ଡିତମାନେ ବାରମ୍ବାର କହି ଆସିଥିଲେ ଯେ ନବୀନ ଖୁବ୍ କମ୍ କଥା କହି ହୃଦୟ ଜିଣିବା ସହିତ ସେ ହିଁ ବାଜିଗର ବୋଲି ବାରମ୍ବାର ପ୍ରମାଣିତ କରି ଆସୁଥିଲେ। ନବୀନ ପଟ୍ଟନାୟକ ସ୍ପଷ୍ଟ ଭାବେ ବିଶୁଦ୍ଧ ଓଡ଼ିଆ କହିବା ପାଇଁ ଅସମର୍ଥ ଥିଲେ ଏ କଥା ମଧ ଅସ୍ୱୀକାର କରି ହେବ ନାହିଁ ତଥାପି ଶାସନ କଳା ଓ ରଣ କୌଶଳ ରେ ଶ୍ରେଷ୍ଠ ଏବଂ ସିଦ୍ଧ ହସ୍ତ ହେଲେ।

## ● ନବୀନ ବାବୁଙ୍କ ଶାସନ ସମୟରେ

ଓଡ଼ିଆ ଭାଷାର ବିକାଶ ପ୍ରଚାର ପ୍ରସାର ପାଇଁ ଯେଉଁ ବିରଳ କୃତି ସ୍ଥାପନ କରିଛନ୍ତି ଅନୁଶୀଳନୀୟ। ଐତିହାସିକ ସତ୍ୱବାଦୀ ପୀଠରେ ଓଡ଼ିଆ ଭାଷା ବିଶ୍ୱ ବିଦ୍ୟାଳୟ ସ୍ଥାପନ,ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ତାଙ୍କ ଶାସନ ଅବଧିର ଶ୍ରେୟ ନିଶ୍ଚୟ ଯିବ। ବିଶେଷ ଭାବେ ଓଡ଼ିଆ ଭାଷାର ମର୍ଯ୍ୟାଦା ବିଶ୍ୱ ସ୍ତରରେ ସ୍ଥାପନ କରିବା ପାଇଁ ଓଡିଶା ଭୁବନେଶ୍ୱର ଜନତା ମଇଦାନରେ ବିଶ୍ୱ ଭାଷା ସମ୍ମିଳନୀ ପାଞ୍ଚ ଦିନ ସଫଳତା ସହିତ ଆୟୋଜନ ଥିଲା ଗୋଟିଏ ଅବିଶ୍ୱସନୀୟ ଅକଳ୍ପନୀୟ ଆୟୋଜନ। ଏହି ତାଙ୍କ ରାଜନୈତିକ ଇତିହାସ ରେ ଯେତେ ସବୁ କାର୍ଯ୍ୟକ୍ରମ ଥିଲା ସେଥି ମଧ୍ୟରୁ ଗୋଟିଏ ଶ୍ରେଷ୍ଠ କାର୍ଯ୍ୟକ୍ରମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ।

ବିଶ୍ୱ ଭାଷା ସମ୍ମିଳନୀ ସଫଳତା ସହିତ ସଂପନ୍ନ କରିବା ପଛରେ ଭାଷା ଆନ୍ଦୋଳନ ଓଡ଼ିଶାର,ସ୍ୱରକୁ ଗୌଣ କରି ହେବ ନାହିଁ । ବିଶ୍ୱ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବା ସମୟ ରେ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିବା ମୋର ସୌଭାଗ୍ୟ ପ୍ରାପ୍ତ ହୋଇ ଥିଲା ଏବଂ ଭାଷା ଆନ୍ଦୋଳନ ଓଡିଶା ଆବାହକ ପବିତ୍ର ମହାରଥା ଙ୍କ ଦ୍ୱାରା ସଂକଳିତ"ବିଧାନ ସଭାରେ ଭାଷା ଆଇନ" ପୁସ୍ତକ ନବୀନ ନିବାସ ରେ ଲୋକାର୍ପଣ କରି ଥିଲେ ନବୀନ। ଓଡ଼ିଶାରେ ଓଡ଼ିଆ ଭାଷା ରେ ଶାସନ କରିବା ପାଇଁ ଓଡ଼ିଆ ଭାଷାର ସମସ୍ତ ନଥିପତ୍ର ହିଁ କରାଯିବ ଏହି ବିଧେୟକ ପାରିତ କରିବା ସହ ଭାଷା ଆଇନ ଖିଲାପ କଲେ ଦଣ୍ଡ ବ୍ୟବସ୍ଥା ନବୀନ ପଟ୍ଟନାୟକଙ୍କ ଶାସନ ସମୟର ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ।ଏହି ଭାଷା ଆଇନ୍ ରାଜ୍ୟପାଳଙ୍କ ଦ୍ୱାରା ଅନୁମୋଦନ ଲାଭ କରି ଥିଲା। ଓଡ଼ିଶା ପର୍ଯ୍ୟଟନ ବିକାଶ ଓ ଶ୍ରୀ କ୍ଷେତ୍ର ପରିକ୍ରମା ପ୍ରକଳ୍ପ ସହିତ ବିଭିନ୍ନ ଐତିହାସିକ ଓ ସାଂସ୍କୃତିକ ଆଧ୍ୟାତ୍ମିକ କ୍ଷେତ୍ର ଗୁଡିକର ବିକାଶରେ ବହୁ ଉନ୍ନୟନ କାର୍ଯ୍ୟ ସଂସ୍କାର ଅଣାଯାଇଥିବା ବିଷୟ ରେ ସେ ଜଣେ ଦକ୍ଷ ପ୍ରଶାସକ ତଥା ମୁଖ୍ୟମନ୍ତ୍ରୀ ପ୍ରମାଣ ଦେଇଥିଲେ ନବୀନ ପଟ୍ଟନାୟକ। ଦୀର୍ଘ ବର୍ଷ ଶାସନ କରିବାରେ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଭାବରେ ଖୁବ୍ ଗ୍ରହଣୀୟ ହୁଅନ୍ତି। ଓଡ଼ିଶାବାସୀଙ୍କ ପାଇଁ ଅତି ପ୍ରିୟ ନେତା ନବୀନ ପଟ୍ଟନାୟକ ଗୋଟିଏ ଗୋଟିଏ ଏମିତି କିଛି ସଂସ୍କାର ମୂଳକ ଯୋଜନା ଏବଂ କାର୍ଯ୍ୟ କରି ଭିନ୍ନ ଏକ ସନ୍ଦେଶ ଦେଇଛନ୍ତି ଯାହା ବିରଳ । ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ଅନେକ ଥର ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟର ନିର୍ଣ୍ଣୟ କରୁଥିବା ମଣିଷଟି ଲୋକଙ୍କ ନିକଟକୁ ପହଞ୍ଚି ଯାଇ ଆପଣ ମାନେ ଖୁସି ତ? ପ୍ରଶ୍ନ ପଚାରିବା ଗୋଟିଏ ଆଲୋଚନା କେନ୍ଦ୍ର ଥିଲା। ସମସ୍ତଙ୍କୁ ଖୁସି ବୋଲି କହି ଯେଉଁ ସ୍ୱତନ୍ତ୍ର କଥା କହିବାରେ ଆନନ୍ଦ ଦେଉି ଥିଲେ ଏହା ମଧ ତାଙ୍କର ଲୋକ ପ୍ରିୟ ନେତା ହେବାର ବଳିଷ୍ଠ ପ୍ରମାଣ ସ୍ୱର ବୋଲି କୁହାଯାଏ। କହିବାକୁ ଗଲେ ଭାଗ୍ୟବାନ ସେହି ଲୋକ ଯେଉଁ ମାନଙ୍କ ଭାଗ୍ୟରେ ତାଙ୍କ ରାଜନୀତି ପଥ ଦୀର୍ଘ ସମୟର ଅନୁଭବ ଦିଏ ଏବଂ ନବୀନ ପଟ୍ଟନାୟକ ହେଉଛନ୍ତି ସେହି ଭାଗ୍ୟବାନ ବ୍ୟକ୍ତି ମଧ୍ୱରୁ କେବଳ ଜଣେ ମାତ୍ର ବ୍ୟକ୍ତି ଚାରି କୋଟି ଓଡ଼ିଆଙ୍କ ଆଶୀର୍ବାଦରୁ ଖୁସିରେ କ୍ଷମତାରେ ରହିବା ସହିତ ଲୋକପ୍ରିୟ ନେତା ଭାବେ ଶୀର୍ଷରେ ଥିଲେ କାରଣ ତାଙ୍କ ପାଇଁ ବିନମ୍ରତା ହିଁ ବଡ଼ ସଂପଦ ଥିଲା। ଏହା ଆଜିର ଯୁଗରେ କୌଣସି ନେତାଙ୍କ ବ୍ୟବହାରରେ ଖୁବ୍ କମ୍ ଦେଖିବାକୁ ମିଳେ। ନବୀନ ପଟ୍ଟନାୟକ ଦୀର୍ଘଜୀବୀ ହୁଅନ୍ତୁ ଏବଂ ତାଙ୍କର ଚଲାପଥରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ଦୃଷ୍ଟି ରହିଥାଉ। ନବୀନ ପଟ୍ଟନାୟକଙ୍କ ସୁସ୍ଥ ସୁଦୀର୍ଘ ନିରାମୟ ଜୀବନ ପ୍ରଭୁଙ୍କ ନିକଟରେ କାମନା କରି ପ୍ରାର୍ଥନା। ■

ସାହିତ୍ୟିକ ସ୍ତମ୍ଭକାର,ଭାଷା ଆନ୍ଦୋଳନ ଓଡ଼ିଶା
ସଭାପତି, ବ୍ରହ୍ମପୁର,
ନିବାରିଣୀ, ଲୋଚାପଡା ବ୍ରହ୍ମପୁର
୮୮୪୭୮୦୯୫୩୪

## ଶୁଭକାମନା

■ ଅମିତ୍ ମଲ୍ଲିକ

୧
ଏକବିଂଶ ଶତାବ୍ଦୀରେ ନେଲେ ଶାସନ ଭାର
ପ୍ରଗତି ପଥରେ ବଦଳିଗଲା ଛବି ଓଡ଼ିଶାର
ତାଙ୍କରି ଶାସନ ଆଣିଦେଲା ଶାନ୍ତି ଓ ପ୍ରଗତି
ନବୀନ ନିର୍ମାତାଙ୍କୁ ଜନ୍ମଦିନର ଶୁଭେଚ୍ଛା ସବୁରି
୨
ବାତ୍ୟାଠାରୁ ବିପର୍ଯ୍ୟୟ ଯାଏଁ କଲେ ଅଟୀରେ ଦମନ
ଜିତିଲେ ଚାରିକୋଟି ଓଡ଼ିଆଙ୍କ ମନ
ବିପର୍ଯ୍ୟୟ କବଳରୁ କଲେ ଓଡ଼ିଶା ସୁରକ୍ଷା
ସାରାବିଶ୍ୱ ପାଇଁ ଆଣିଦେଲେ 'ନବୀନ' ଶିକ୍ଷା
୩
ଭୋକିଲାଙ୍କ ପେଟ ପ୍ରତି ଦରଦ ତାଙ୍କର
ଗରିବଙ୍କୁ ତୁଷ୍ଟ ପାଇଁ କଲେ ପାଞ୍ଚ ଟଙ୍କାରେ ଆହାର
ବିଜୁ ସ୍ୱାସ୍ଥ୍ୟ କାର୍ଡ ଅମୋଘ ଅସ୍ତ୍ର
ତାଙ୍କ ପାଇଁ ଉଲ୍ଲସିତ ସ୍ୱାବଲମ୍ବୀ ମା'
ଘରେ ଘରେ ପହଞ୍ଚିଛି ବିକାଶର ରାହା,
୪
ହକି ବିକାଶରୁ ରାଜ୍ୟର ବିକାଶ, ଓଡ଼ିଶା ପ୍ରଗତିରେ ତାଙ୍କ ଛବି ପ୍ରକାଶ
କଥାରେ ନୁହେଁ; କାମରେ ଦେଖାଇଲେ 'ଗରିବ ହଟାଅ'
ସାରା ଓଡ଼ିଶାରୁ ହଟିଲେ ଦୁସ୍ଥ ଅସହାୟ
୫
କହନ୍ତି ଅଳପ କଥା, କରନ୍ତି ବେଶୀ କାମ
ଶାନ୍ତ ଓ ସଚ୍ଚୋଟ କହିଲେ ନବୀନ ହିଁ ନାମ
ତାଙ୍କ ପାଇଁ ବଦଳିଛି ଓଡ଼ିଶା ଓ ଓଡ଼ିଆଙ୍କ ଛବି
ଓଡ଼ିଶାର ଆକାଶରେ ନବୀନ ହିଁ ଏକମାତ୍ର ରବି
ଜୀବନ ବଦଳାନ୍ତି, ନିରବରେ ଧୀରେ,
ନବୀନଙ୍କ ପାଇଁ ଶୁଭକାମନା ସବୁରି ହୃଦରେ ।


– ମୁଦ୍ରାକର ଓ ପ୍ରକାଶକ 'ସକାଳ'


## ହକି ଜଗତକୁ ନବୀନଙ୍କ ଅବଦାନ


■ ଜ୍ଞାନେଶ୍ୱରୀ ପାତ୍ର


ଓଡ଼ିଶା ଆଜି ଭାରତର ହକିର ହୃଦୟ କେନ୍ଦ୍ର ଭାବେ ପରିଚିତ। ଏହି ଗୌରବର ପଛରେ ଅଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଯିଏ ରାଜ୍ୟରେ ହକିକୁ ଏକ ଉଚ୍ଚ ସୋପାନକୁ ନେଇ ଯାଇଛନ୍ତି। ତାଙ୍କ ଦୃଷ୍ଟିଭଙ୍ଗୀ, ପ୍ରତିଶ୍ରୁତି ଓ ଖେଳାଳିମାନଙ୍କ ପ୍ରତି ସହାନୁଭୂତି ଫଳରେ ଓଡ଼ିଶା ଏବେ ଭାରତର ହକି ମାନଚିତ୍ରରେ ଏକ ଅଗ୍ରଗାମୀ ରାଜ୍ୟ ହୋଇଯାଇଛି। ନବୀନ ପଟ୍ଟନାୟକ ହକିକୁ ନିଜ ଶାସନରେ ଏକ ପ୍ରାଥମିକତା ଭାବରେ ଗ୍ରହଣ କରିଥିଲେ। ତାଙ୍କ ନେତୃତ୍ୱରେ ଭୁବନେଶ୍ୱରରେ ବିଶ୍ୱସ୍ତରୀୟ କଳିଙ୍ଗ ଷ୍ଟାଡିୟମ୍ ଏବଂ ରାଉରକେଲାରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ନିର୍ମିତ ହୋଇଛି। ଯାହା ବିଶ୍ୱର ସବୁଠୁ ବଡ଼ ହକି ଷ୍ଟାଡିୟମ୍ ମଧ୍ୟରୁ ଗଣ୍ୟ । ଏହି ଦୁଇଟି ଷ୍ଟାଡିୟମ୍ ଓଡ଼ିଶାକୁ ହକିର ମହାନଗରୀ ଭାବେ ପରିଚିତ କରାଇଛି। ୨୦୧୮ ଓ ୨୦୨୩ ମସିହାରେ ଓଡ଼ିଶା ଦୁଇ ଥର 'ହକି ବିଶ୍ୱ କପ୍' ଆୟୋଜନ କରି ବିଶ୍ୱର ମଞ୍ଚରେ ଗୌରବ ସୃଷ୍ଟି କରିଛି। ଏହା ଦ୍ୱାରା ଓଡ଼ିଶା ମାତ୍ର ଭାରତର ନୁହେଁ, ବିଶ୍ୱ ହକି ଜଗତର ମଧ ଏକ ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ର ହୋଇଯାଇଛି। ନବୀନ ପଟ୍ଟନାୟକ ହକିକୁ ଗ୍ରାମାଞ୍ଚଳରୁ ଆଣି ବିଭିନ୍ନ ଜିଲ୍ଲାରେ ହକି ଏକାଡେମୀ, ଖେଳ ପ୍ରଶିକ୍ଷଣ କେନ୍ଦ୍ର ଓ ସୁବିଧା ସୃଷ୍ଟି କରିଛନ୍ତି। ଓଡ଼ିଶା ସରକାର 'ହକି ଇଣ୍ଡିଆ'ର ଅଧିକୃତ ସଂସ୍ଥା ଭାବେ ଭାରତୀୟ ପୁରୁଷ ଓ ମହିଳା ହକି ଦଳକୁ ଆର୍ଥିକ ସହାୟତା ଓ ପ୍ରୋତ୍ସାହନ ହେଇଆସୁଛି। ଏହି ସମର୍ଥନ ଫଳରେ ଭାରତୀୟ ହକି ଦଳ ଅଲମ୍ପିକ ଓ ଅନ୍ତର୍ଜାତୀୟ ମଞ୍ଚରେ ଉଲ୍ଲେଖ୍ୟନୀୟ ସଫଳତା ଲାଭ କରିପାରିଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ଯୁବ ସମାଜ ମଧ୍ୟରେ ହକି ପ୍ରତି ଅପାର ଆଗ୍ରହ ଦେଖାଯାଉଛି। ସେ ମାତ୍ର ଖେଳକୁ ପ୍ରୋତ୍ସାହନ ଦେଇନାହାଁନ୍ତି। ଏହାକୁ ଏକ ସାମାଜିକ ଓ ଆର୍ଥିକ ସୁଦୃଢ଼ତାର ମାଧ୍ୟମ ଭାବେ ପରିଣତ କରିଛନ୍ତି। ନବୀନ ପଟ୍ଟନାୟକଙ୍କ ଦୃଢ଼ ପ୍ରୟାସ, ଦୃଷ୍ଟିଭଙ୍ଗୀ ଓ ଖେଳ ପ୍ରତି ସେମାନଙ୍କ ଭଲ ପାଇବା ଫଳରେ ଓଡ଼ିଶା ଆଜି ହକି ମାନଚିତ୍ରରେ ଏକ ଗୌରବମୟ ସ୍ଥାନ ଅଧିକାର କରିଛି। ଓଡ଼ିଶାର ହକି ଦଳ ଏବଂ ଯୁବ ପିଢ଼ି ତାଙ୍କୁ ନିଜେ ମନୋବଳ ଓ ପ୍ରେରଣାର ଉତ୍ସ ଭାବେ ଦେଖନ୍ତି । ଓଡ଼ିଶାକୁ ଖେଳ ଜଗତରେ ଏକ ଉଦାହରଣ ସୃଷ୍ଟି କରିଦେଇଛନ୍ତି ନବୀନ ପଟ୍ଟନାୟକ। ଯେଉଁଠି ହକି କେବଳ ଏକ ଖେଳ ନୁହେଁ, ଏହା ଏକ ଗୌରବ ଓ ଆତ୍ମସମ୍ମାନର ପ୍ରତୀକ। ■

–ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର



## ଅବଶିଷ୍ଟାଂଶ

### ଟ୍ରେନ୍‌ରେ ଯାଇଥିଲେ...

ହୋଇଯିବାରୁ ବସ୍‌ରେ ଯାଇପାରି ନ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି । ଦଲାଲ୍‌ଙ୍କ ସଂସ୍ପର୍ଶରେ କିଛି କନେଷ୍ଟବଳ ନିୟମିତ ଯୋଗାଯୋଗରେ ରହି ପିଲା ଯୋଗାଡ଼ କରିଥିବା ମଧ୍ୟ ଜଣା ପଡ଼ିଛି । ଏହି ସମସ୍ତେ ପରୀକ୍ଷା ଏସ୍‌ଆଇ ପରୀକ୍ଷା ଥିବା ଦର୍ଶାଇ ଛୁଟିରେ ରହିଥିଲେ । ଫଳରେ ପରୀକ୍ଷା ଦେବାକୁ ଛୁଟି ଆବେଦନ କରିଥିବା କନେଷ୍ଟବଳମାନେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ସ୍କାନର୍‌କୁ ଆସିଛନ୍ତି ।

### ଆଗୁଆ ଜାମିନ...

ପହଞ୍ଚିଥିଲା । ସେଠାରୁ ବିମାନ ଯୋଗେ ଦୁବାଇ ପଳାଇଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି । ଅନୁରୂପ ଭାବେ ମୁନା ମହାନ୍ତିର ମଧ୍ୟ ପତ୍ତା ପାଇପାରୁ ନାହିଁ କ୍ରାଇମ୍‌ବ୍ରାଞ୍ଚ । ଏଣୁ ମୁନା ଯେପରି ଦେଶ ଛାଡ଼ି ପଳାଇବାରେ ସକ୍ଷମ ନ ହେବ, ସେଥିପାଇଁ ଉଭୟ ଶଙ୍କର ଓ ମୁନା ନାମରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରାଯାଇଛି । ପୂର୍ବରୁ ଶଙ୍କର ଓ ମୁନାର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିଥିଲା ତଦନ୍ତକାରୀ ସଂସ୍ଥା । ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରିବା ପରେ ତାଙ୍କୁ ଧରିବାରେ ସଫଳ ହେବ ବୋଲି ତଦନ୍ତକାରୀ ସଂସ୍ଥା ଆଶା ବାନ୍ଧିଛି ।

### ସ୍ନେହାଙ୍ଗିନୀ ପ୍ରାର୍ଥୀ...

କହିଛନ୍ତି ଯେ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଅତୀତରେ ବିଜେଡି ସରକାରରେ ଏକାଧିକ ବିଭାଗରେ ମନ୍ତ୍ରୀ ରହିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିଛନ୍ତି । ସେ ସବୁବେଳେ ଗରିବ, ତଳସ୍ତରରେ ଥିବା ଲୋକ ବିଶେଷକରି ମହିଳାଙ୍କ ପାଇଁ ଲଢ଼େଇ କରି ଆସିଛନ୍ତି । ସେଥିପାଇଁ ଆମେ ତାଙ୍କୁ ବିଜେଡିର ପ୍ରାର୍ଥୀ ରୂପେ ଚୟନ କରିଛୁ । ମୁଁ ତାଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି । ଅତୀତରେ ସେ ରାଜ୍ୟବାସୀଙ୍କ ପାଇଁ ବହୁ ଭଲ କାମ କରିଛନ୍ତି । ବିଶେଷକରି ଗରିବ ତଥା ମହିଳାଙ୍କ ପାଇଁ ତାଙ୍କ କାମ ବେଶ୍ ପ୍ରଶଂସନୀୟ ବୋଲି ନବୀନ କହିଛନ୍ତି । ଆମେ ସମସ୍ତେ ତାଙ୍କୁ ସହଯୋଗ କରିବାକୁ ପ୍ରସ୍ତୁତ ଅଛୁ ବୋଲି ନବୀନ କହିଛନ୍ତି ।

ନିଜ ବକ୍ତବ୍ୟରେ ସ୍ନେହାଙ୍ଗିନୀ କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକ ମୋ ଉପରେ ଭରସା ଓ ବିଶ୍ୱାସ କରି ମୋତେ ପ୍ରାର୍ଥୀ ଭାବେ ଘୋଷଣା କରିଥିବାରୁ ମୁଁ ତାଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି । ଏହି ଅବସରରେ ମୁଁ ସମସ୍ତ ନୂଆପଡ଼ାବାସୀଙ୍କୁ ପ୍ରଣାମ ଜଣାଉଛି । ନୂଆପଡ଼ାରେ ୪ ବର୍ଷ ଧରି ଦଳର ପର୍ଯ୍ୟବେକ୍ଷକ ଭାବେ କାମ କରିଛି । ନୂଆପଡ଼ାବାସୀଙ୍କ ଆଶୀର୍ବାଦ ମୋ ଉପରେ ରହିବା ସହ ସେମାନେ ମୋତେ ବିପୁଳ ସଂଖ୍ୟାରେ ବିଜୟୀ କରିବେ ବୋଲି ମୋର ବିଶ୍ୱାସ ରହିଛି ବୋଲି ସେ କହିଛନ୍ତି । ଆଜିଦିନଠାରୁ ମୁଁ ନୂଆପଡ଼ାବାସୀଙ୍କ ସୁଖ, ଦୁଃଖ ସମୟରେ ମୁଁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ରହିବି,ସେବା କରିବି । ନୂଆପଡ଼ାରେ ବିଚାରଧାରା, ନୀତି, ଆଦର୍ଶ ଏବଂ ଧର୍ମର ଲଢ଼େଇ ହେବ । ଏହି ନିର୍ବାଚନରେ ଧର୍ମ ଏବଂ ନ୍ୟାୟ ସଂସ୍ଥାପନ ହେବ । ଯେଉଁମାନେ ନୀତି, ଆଦର୍ଶ ବାହାରେ ରାଜନୀତି କରିବାକୁ ଚାହୁଁଛନ୍ତି, ନୂଆପଡ଼ାବାସୀ ଠିକଣା ସମୟରେ ସେମାନଙ୍କୁ ଜବାବ୍ ଦେବେ ବୋଲି ସ୍ନେହାଙ୍ଗିନୀ କହିଛନ୍ତି । ଏହି ଅବସରରେ ନୂଆପଡ଼ା ଜିଲ୍ଲା ବିଜେଡି ସଭାପତିଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ନେହାଙ୍ଗିନୀ ଅତାବିରା ନିର୍ବାଚନମଣ୍ଡଳୀରୁ ୨ଥର ବିଧାନସଭାକୁ ପ୍ରତିନିଧିତ୍ୱ କରିଛନ୍ତି । ବିଜେଡିର ପଞ୍ଚମ ପାଳି ଶାସନରେ ସେ ଏକାଧିକ ବିଭାଗର ମନ୍ତ୍ରୀପଦ ସମ୍ଭାଳିଥିଲେ । ବର୍ତ୍ତମାନ ସେ ବିଜୁ ମହିଳା ଜନତା ଦଳର ସଭାପତି ଭାବେ କାର୍ଯ୍ୟ କରୁଛନ୍ତି । ୪ଟି ବିଧାନସଭା ନିର୍ବାଚନ ଲଢ଼ିଥିବାର ଅଭିଜ୍ଞତା ରଖିଥିବା ସ୍ନେହାଙ୍ଗିନୀ ନିକଟରେ ପ୍ରଚୁର ସାଂଗଠନିକ ଦକ୍ଷତା ରହିଛି । ସେହିପରି ସେ ନୂଆପଡ଼ାରେ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିଥିବାରୁ, ଜିଲ୍ଲାବାସୀ ତଥା ସ୍ଥାନୀୟ ବିଜେଡି ନେତାଙ୍କ ସହ ମଧ୍ୟ ସୁସମ୍ପର୍କ ରହିଛି । ସେହିଦୃଷ୍ଟିରୁ ତାଙ୍କ ପ୍ରାର୍ଥୀତ୍ୱ ଦଳକୁ ଫାଇଦା ଦେଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ଆରମ୍ଭ ହୋଇଛି ।

### କୃଷି ଅଧିକାରିଣୀଙ୍କ...

ହେବାରୁ ସ୍ୱାମୀ ଫୋନ କରିଥିଲେ; ହେଲେ ନିହାରିକା ଫୋନ ଉଠାଇ ନଥିଲେ । କୃଷି ବିଭାଗ କର୍ମଚାରୀଙ୍କୁ ଯୋଗାଯୋଗ କରିବାରୁ ମାଡାମ ଅଫିସ ଆସିନାହାନ୍ତି ବୋଲି ଉତ୍ତର ମିଳିଥିଲା । ପରେ ଘର ମାଲିକାଣୀଙ୍କୁ ଜଣାଇ ତାଙ୍କ କକ୍ଷ ଖୋଲିବାରୁ ମୃତଦେହ ଝୁଲୁଥିବା ଅବସ୍ଥାରେ ଦେଖାଯାଇଥିଲା । ତୁରନ୍ତ ପୁଲିସକୁ ସୂଚନା ଦିଆଯାଇଥିଲା । ପଙ୍ଖାରେ ଆପ୍ରନ୍ ଲଗାଇ ଆତ୍ମହତ୍ୟା କରିଥିବା ଦେଖାଯାଇଥିଲା । ମୃତ୍ୟୁର ସଠିକ କାରଣ ଜଣାପଡି ନଥିବା ବେଳେ ଅଫିସ କାମରେ ଭାରକ୍ରାନ୍ତ ହୋଇ ଆତ୍ମହତ୍ୟା କରିଛନ୍ତି ନା ପାରିବାରିକ କଳହ ଥାଇପାରେ ସେନେଇ ପୁଲିସ ତଦନ୍ତ କରୁଛି ।

### ସପ୍ତାହରେ ଅତିରିକ୍ତ...

ଅଂଶୁମାନ ଦ୍ୱିବେଦୀଙ୍କର ରାୟଗଡ଼ା ଜିଲ୍ଲାକୁ ହୋଇଥିବା ବଦଳିକୁ ବାତିଲ କରାଯାଇଛି । ତାଙ୍କ ସ୍ଥାନରେ ଭଦ୍ରକକୁ ଆସିବାକୁ ଥିବା କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସପି ସତ୍ୟବିକାଶ ଭୂୟାଁଙ୍କର ବଦଳି ମଧ୍ୟ ବାତିଲ କରି ଦିଆଯାଇଛି । ଫଳରେ ଶ୍ରୀ ଦ୍ୱିବେଦୀ ଓ ଶ୍ରୀ ଭୂୟାଁ ପୂର୍ବଭଳି ସେହି ସ୍ଥାନରେ କାର୍ଯ୍ୟ କରିବେ ।

ସେପଟେ ନୂଆକରି ପଦୋନ୍ନତି ପାଇଥିବା ଡିଏସପି ମାନଙ୍କୁ ଗୃହ ବିଭାଗ ଏଯାଏଁ ନିଯୁକ୍ତି ଦେଇ ପାରିନାହିଁ । କିଛି ଅଧିକାରୀଙ୍କର ବଦଳି ହୋଇଥିବା ବେଳେ ସେମାନେ ପୂର୍ବ ପଦବୀରେ କାମ କରୁଥିବା ବେଳେ ୯୯ ଜଣ ଡିଏସପି ନିଯୁକ୍ତି ଅପେକ୍ଷାରେ ରହିଛନ୍ତି । ୫ ମାସ ହେବ ଡିଏସପିଙ୍କୁ ନିଯୁକ୍ତି ନଦେବା ଓ ମାତ୍ର ୭ ଦିନରେ ଅତିରିକ୍ତ ଏସପିଙ୍କ ବଦଳି ବାତିଲ୍ କରିବା ମୁଖିଆଙ୍କ ନିଷ୍ପତ୍ତି ନେବାର ଅପରିଣାମଦର୍ଶୀକୁ ପଦାରେ ପକାଇଛି । ଆଉ ଏ ସବୁ ପଛରେ ରାଜନୈତିକ ଚାପ ରହିଥିବା ସନ୍ଦେହ କରାଯାଉଛି । ଯଦି ରାଜନୈତିକ ଚାପ କଥା ସତ ହୁଏ, ତେବେ ସାଙ୍ଘାତିକ । କାରଣ ରାଜ୍ୟ ଗୃହ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ରହିଥିବା ବେଳେ ତାଙ୍କ ଉପରେ କିଏ ଚାପ ପକାଉଛି, ତାକୁ ନେଇ ପ୍ରଶ୍ନ ଉଠିଛି ।

### ଏଫସିଆଇ ଉଠାଉନି...

ଟେଣ୍ଡର ମାଧ୍ୟମରେ ବିକ୍ରି କରିବୁ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ ।

ମିଳିଥିବା ସୂଚନା ଅନୁଯାୟୀ ଏଯାବତ୍ ଏହି ବଳକା ଚାଉଳକୁ ଏଫସିଆଇ ଉଠାଇ ନାହିଁ । ଚାଉଳ ନଷ୍ଟ ହେବାକୁ ବସିଥିବା ବେଳେ ଏହାକୁ କିଣିବା ପାଇଁ ମଧ୍ୟ ସେମିତି କେହି ଆଗ୍ରହ ପ୍ରକାଶ କରୁନାହାନ୍ତି । ତେଣୁ ସରକାର ଏହାକୁ ରାଜ୍ୟର ରାସନ ହିତାଧିକାରୀଙ୍କୁ ଅତିରିକ୍ତ ୫ କେଜି ଚାଉଳ ପ୍ରଦାନ ପାଇଁ ବିଚାର କରୁଛନ୍ତି । ଆଜି ମନ୍ତ୍ରୀ ଏନେଇ ଗଣମାଧ୍ୟମରେ ସୂଚନା ଦେବା ପରେ ସାଧାରଣରେ ଥିବା ଅନୁମାନ ସତ ହେବାକୁ ବସିଛି । ସୂଚନାଯୋଗ୍ୟ ଯେ ଏଫସିଆଇ ଚାଉଳ ନନେବାରୁ କିଛି ମାସ ତଳେ ରାଜ୍ୟ ସରକାର ୧୧ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଅତିରିକ୍ତ ୩ ମାସ ଚାଉଳ ପ୍ରଦାନ କରିଥିଲେ । ଏବେ ଏହି ଚାଉଳ ବଣ୍ଟନ ଯୋଜନାକୁ ସରକାର ସମ୍ପ୍ରସାରିତ କରିବାକୁ ଚାହୁଁଥିବା ଜଣାପଡ଼ିଛି । କେବଳ ବଳକା ଚାଉଳ ଏଫସିଆଇ ଓଡ଼ିଶାରୁ ନେଇଥିବା ଚାଉଳ ବାବଦକୁ କେନ୍ଦ୍ର ପାଖରେ ଦୀର୍ଘ ଦିନ ଧରି ୮୦୦୦ କୋଟି ବକେୟା ଗଡୁଛି । ବକେୟା ପ୍ରଦାନ କରିବାକୁ କେନ୍ଦ୍ର ସହ ଆଲୋଚନା ଚାଲିଛି । ମାତ୍ର କେନ୍ଦ୍ର ସରକାର ରାଜି ହେଉନାହାନ୍ତି ବୋଲି ମନ୍ତ୍ରୀ ନିଜେ କହିଥିଲେ । ଡବଲ ଇଞ୍ଜିନରେ ଓଡ଼ିଶାର ସ୍ୱାର୍ଥ ଏପରି ଅଣଦେଖା ହେଉଥିବା ବେଳେ ଏହାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଉଛି ।

### ପୀତବାସଙ୍କ ହତ୍ୟା...

ନିୟୋଜିତ କରାଯାଇଥିବା ବେଳେ ସ୍ଥାନୀୟ ଅପରାଧିଙ୍କ ସହାୟତା ନିଆଯାଇଥିବା ସ୍ପଷ୍ଟ ହୋଇଛି । ହତ୍ୟାକାଣ୍ଡ ଦିନ ଆତତାୟୀଙ୍କ ପକ୍ଷରୁ ସହରରେ ବିଭିନ୍ନ ସ୍ଥାନରେ ପ୍ରାୟ ୧୦ଥର ରେକି କରାଯାଇଥିବା ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଜଣାପଡିଥିଲା । ଯାହା ଗତ ରବିବାର ରାତିରେ ଏସ୍‌ପିଙ୍କ ସମୀକ୍ଷା ବୈଠକରେ ସ୍ପଷ୍ଟ କରାଯାଇଥିଲା । ୩ଟି ବାଇକ୍‌ରେ ୬ଜଣ ସହରରେ ପୀତବାସଙ୍କ ଘର ଠାରୁ ଚାମ୍ବର ଓ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ପିଛା କରିଥିଲେ । ଏଥିପାଇଁ ୩ଟି ରେକି ଟିମ ହୋଇଥିବା ବେଳେ ବାଇକ୍‌ରେ ଆରୋହୀ ରାଜ୍ୟ ବାହାରର ଏବଂ ବାଇକ ଚାଳକ ସ୍ଥାନୀୟ ଅଞ୍ଚଳର ବୋଲି କୁହାଯାଉଛି । ଏଥିରେ ଏରେଣ୍ଡ୍ରା ଅଞ୍ଚଳର କିଛି ଅପରାଧୀଙ୍କ ସମ୍ପୃକ୍ତି ଥିବା ସୂଚନା ମିଳିଛି । ମାଷ୍ଟର ମାଇଣ୍ଡ ଧରାପଡ଼ିବା ପରେ ପୀତବାସଙ୍କ ହତ୍ୟା ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ପୁଲିସ ଆଶା ରଖିଛି ।

ସେପଟେ ହତ୍ୟାକାଣ୍ଡ ଘଟଣାରେ ସ୍ଥାନୀୟ ପୁଲିସର ମଧ୍ୟ ବିଭିନ୍ନ ଦିଗକୁ ନେଇ ତନାଘନା ଜାରି ରହିଛି । ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏକାଧିକ ବ୍ୟକ୍ତିଙ୍କୁ ଉଠାଇ ଆଣୁଛି ପୁଲିସ । ଖାସ୍ କରି ଦିଗପହଣ୍ଡି ଅଞ୍ଚଳରେ ପୁଲିସ ଡେରା ପକାଇଥିବା ଜଣାପଡିଛି । ବ୍ରହ୍ମପୁରରେ ଅନୁରୂପ ଭାବେ ସ୍ୱର୍ଗତ ଆଇନଜୀବୀ ପୀତବାସଙ୍କ ଘନିଷ୍ଠ ସହଯୋଗୀ ବାଲାଜୀ ରେଡୀଙ୍କୁ ୫ମ ଥର ପାଇଁ ଜେରା କରାଯାଇଥିବା ବେଳେ ଅନ୍ୟଜଣେ ମଦ ବ୍ୟବସାୟୀଙ୍କୁ ମଧ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ମାରାଥନ ଜେରା କରୁଛନ୍ତି । ଆସନ୍ତା ୧୭ ତାରିଖରେ ସ୍ୱର୍ଗତ ପୀତବାସ ପଣ୍ଡାଙ୍କର ଦ୍ୱାଦଶାହ କାର୍ଯ୍ୟକ୍ରମ ଥିବାବେଳେ ପରିବାର ଓ ଦଳ ପକ୍ଷରୁ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପୀତବାସଙ୍କ ପରିବାର ଓ ଦଳ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲେ ହେଁ ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସମ୍ଭାବ୍ୟ ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇପାରିନାହିଁ । ଯଦି ପୀତବାସଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦିଅନ୍ତି ତେବେ ତାହା ପୂର୍ବରୁ ଘଟଣା ସମ୍ପର୍କରେ ପୁଲିସ ଖୁଲାସ କରିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି ।

### ତୁଟୁନି ଦୀପାବଳି...

ଉପସଭାପତି ଉମାବଲ୍ଲଭ ମହାପାତ୍ର, ଯୁଗ୍ମ ସମ୍ପାଦକ ଲୋକନାଥ ମିଶ୍ର, ସଦସ୍ୟ ପଣ୍ଡିତ ଦୁର୍ଗାପ୍ରସାଦ ମିଶ୍ର, ରବି ପ୍ରସାଦ ରଥ, ଜଗନ୍ନାଥ ରଥ, ଜ୍ୟୋତିର୍ବିତ୍ ନୀଳମାଧବ ଦାସ, ଜ୍ୟୋତିର୍ବିତ୍ ଜ୍ୟୋତି ପ୍ରସାଦ ଦାସ ପ୍ରମୁଖ ।

ଅନ୍ୟପକ୍ଷରେ ଏହି ସାମ୍ବାଦିକ ସମ୍ମିଳନୀସ୍ଥଳରେ ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର ପହଞ୍ଚି ମୁକ୍ତିମଣ୍ଡପ ପଣ୍ଡିତଙ୍କ ଉକ୍ତିକୁ ଖଣ୍ଡନ କରିଥିଲେ । ସେ କହିଥିଲେ, ୨୦ ତାରିଖରେ ରିକ୍ତା ତିଥି (ଚତୁର୍ଦ୍ଦଶୀ) ହେତୁ ସେହିଦିନ ପୟାଶ୍ରାଦ୍ଧ ଓ ଦୀପଦାନ ନ କରି ୨୧ ତାରିଖରେ କରିବାକୁ ମତ ରଖିଛନ୍ତି । ଯେଉଁ ତିଥିରେ ସୂର୍ଯ୍ୟ ଉଦୟ ହୁଅନ୍ତି ସେଇ ପର୍ବ ଶ୍ରୀଜଗନ୍ନାଥ ମନ୍ଦିରରେ ପାଳନ ହେବାର ବିଧି ରହିଛି । ସେଥିପାଇଁ ୨୧ ତାରିଖରେ ଶ୍ରୀମନ୍ଦିରରେ ଅମାବାସ୍ୟା ତିଥି ରହିଥିବାରୁ ସେହିଦିନ ଅମାବାସ୍ୟା ନାରାୟଣଙ୍କ ସାଗରବିଜେ ହେବ । ସେହିଦିନ ମଧ୍ୟ ସରକାରୀ ଛୁଟି ରହିଛି । ୨୦ରେ ଶ୍ୟାମାକାଳୀ ପୂଜାରେ କୌଣସି ଦ୍ୱିରୁକ୍ତି ନାହିଁ । ଓଡ଼ିଶାର ଜନସାଧାରଣ ଅଦିନରେ ପୟା ବା ଦୀପଦାନ ଶ୍ରାଦ୍ଧ ଓ ବଡ଼ବଡୁଆ ଡାକ ମାଧ୍ୟମରେ ପିତୃପୁରୁଷଙ୍କୁ ବିଦାୟ ଦେଲେ ସେମାନେ ଅସୁଖି ହେବାର ଶାସ୍ତ୍ରୀୟ ବିଧାନରେ ୨୧ ତାରିଖରେ ତାହା ପାଳନ କରନ୍ତୁ ବୋଲି ପାଞ୍ଜି ସମୀକ୍ଷକ ଶ୍ରୀ ମିଶ୍ର ଯୁକ୍ତି ରଖିଛନ୍ତି । ତେବେ ଏହାରି ଭିତରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତୁଳା ମାସର ନୀତି ପ୍ରକାଶ ପାଇଛି । ୨୦ ତାରିଖ ଚତୁର୍ଦ୍ଦଶୀରେ ଦୀପାବଳି ଅମାବାସ୍ୟା, ପ୍ରୟାଶ୍ରାଦ୍ଧ ଓ କାଳୀପୂଜା ଉଲ୍ଲେଖ କରାଯାଇଥିବାବେଳେ ୨୧ରେ ଅମାବାସ୍ୟା ଏବଂ ସାଗରବିଜେ ନୀତି ଥିବା ସ୍ପଷ୍ଟ କରାଯାଇଛି ।

## ଆଜିର ରାଶିଫଳ

**ମେଷ:** ସକରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ । ପୂର୍ବର ଭୁଲ୍‌କୁ ଅନୁଧ୍ୟାନ କରି ଆଗକୁ ବଢ଼ିବାକୁ ଚେଷ୍ଟା କରିବେ । ଯାତାୟତ ସମୟରେ ସତର୍କତା ଅବଲମ୍ବ କରନ୍ତୁ । ବ୍ୟବସାୟରେ ସଫଳତା ପାଇବେ ।

**ବୃଷ:** ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିବ । ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ମହିଳାମାନେ ଉଚ୍ଚାଭିଳାଷି ହେବେ । ମାନ ସମ୍ମାନ ବୃଦ୍ଧି ପାଇବ ।

**ମିଥୁନ:** ଆର୍ଥିକ ସ୍ଥିତି ଠିକ୍ ରହିବ । ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ । ଅଯଥା କଥାରେ ଯୁକ୍ତି କରନ୍ତୁନି । ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ଚିନ୍ତିତ ରହିପାରନ୍ତି ।

**କର୍କଟ:** ମାନସିକ ଶାନ୍ତି ମିଳିବ । କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ । ଅଟକି ଥିବା କାର୍ଯ୍ୟ ପୂରା ହେବାର ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ ।

**ସିଂହ:** ଅନ୍ୟମାନଙ୍କୁ ଅଧିକ ବିଶ୍ୱାସ କରନ୍ତୁନି । ନିଜ ଲୋକ ଶତ୍ରୁ ସାଜିପାରନ୍ତି । ସମସ୍ୟାରେ ପଡ଼ିବାର ଆଶଙ୍କା ଅଧିକ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଅତିଥି ସତ୍କାର କରିପାରନ୍ତି ।

**କନ୍ୟା:** ପରିବାର ସହିତ ସମୟ ବିତାନ୍ତୁ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ଅଫିସ କାମକୁ ନେଇ ଚିନ୍ତାରେ ରହିପାରନ୍ତି । ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ । ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**ବିଛା:** ପ୍ରତ୍ୟେକ କ୍ଷେତ୍ରରେ ନିଷ୍ପତ୍ତି ନିଜେ ନିଅନ୍ତୁ । ଯୋଜନା ଅନୁସାରେ କାମ କରିବା ଭଲ । ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି । ରାଜନୀତିରେ ସକ୍ରିୟ ରହିପାରନ୍ତି । ମନ ମୁତାବକ କାମ କରନ୍ତୁ ।

**ଧନୁ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଲୋକସମ୍ପର୍କ ବଢ଼ିବ । ହାତେ ମାପି ଚାଖଣ୍ଡେ ଚାଲିବା ଭଲ ।

**ମକର:** ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପେଟଜନିତ ସମସ୍ୟା ହେବାର ଆଶଙ୍କା ରହିଛି । ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ ।

**କୁମ୍ଭ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଅଟକି ଥିବା ଅର୍ଥ ଫେରିପାଇବେ । ଅତିଥି ସତ୍କାରରେ ଦିନ ବିତିବ । କର୍ମଚାରୀଙ୍କ ପାଇଁ ଦିନଟି ଭଲ । ଚାକିରିରେ ପଦୋନ୍ନତି ହୋଇପାରେ ।

**ମୀନ:** ପରିବାର ପାଇଁ ସମୟ କାଢ଼ନ୍ତୁ । ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ । କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ । ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି ।

**ADVERTISEMENT FOR ENGAGEMENT OF GUEST FACULTIES FOR MODEL DEGREE COLLEGE, RAYAGADA (GOVT. COLLEGE)**

**Office of the Principal**
**Model Degree College, Rayagada**
At- Amlabhatta, Po.: Penta, Dist- Rayagada (Odisha) Pin.: 765017
Contact No: 7008779251, E-mail- mdcravagada@gmail.com
Website: www. mdcr.ac.in

A walk-in-Interview will be held for the department of Anthropology teaching post in the College on 18. 10.2025 at 10.00 am. The Candidates with 55% mark in PG or equivalent should appear in this interview. All other details will be available in the College website - **www.mdcr.ac.in and in District Ponal of NIC, Rayagada.**

Sd/- Principal
Model Degree College
Rayagada

GOVERNMENTOFODISHA — O-900
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo.in

INVITATION FOR BIDS
**NATIONAL COMPETITIVE BIDDING**

**Bid Identification No: RWDSE_MKG_II_ONLINE_09/2025-26**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1 Name of the Work: Building Repair works
2 No. of Works: **02Nos**
3 Estimated Cost: **Rs. 2.52 lakhs and Rs. 3.36 Lakhs**
4 Tender Paper Cost: Rs. 2,000/-
5 Class of Contractor:

| Estimated cost up to ₹20.00 lakhs | Estimated cost up to ₹40.00 lakhs | Estimated cost more than ₹20.00 lakhs & within ₹300.00 lakhs |
|---|---|---|
| 'D' | 'C' | 'B' |

6 Period of Completion: 02(Two) Calendar months
7. **Critical dates** :

| Procurement Officer | Bid Identification No. | Availability of Tender Online for Bidding From | To | Last Date of Seeking tender Clarification | Date of opening of Tender |
|---|---|---|---|---|---|
| Superintending Engineer, Rural Works Division-II, Malkangiri | RWDSE_MKG_II_ ONLINE_09 of 2025-26 | 17.10.2025 at 11.00AM | 31.10.2025 up to 05.30PM | 30.10.2025 up to 3.00 P.M. | 01.11.2025 up to 11.00 A.M |

- Further details can be seen in the bidding documents, which is available in thee-procurement portal **https://www.tendersorissa.gov.in.**
- Subsequent corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

OIPR-25079/11/0032/2526 — Superintending Engineer, Rural Works Divsion-II, Malkangiri

# ଜିଲ୍ଲା ପରିଷଦ,ନୟାଗଡ
## (ଜିଲ୍ଲା ଜଳ ଓ ପରିମଳ ମିଶନ )

ସ୍ୱଚ୍ଛ ଭାରତ ଏକ ପଦ ସ୍ୱଚ୍ଛତା ଅଭିମୁଖେ

## ସ୍ୱଚ୍ଛତା ବାର୍ତ୍ତା

ଶୁଭ ଦୀପାବଳି ଓ ଧନ୍ୱନ୍ତରୀ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ଜଳ ଓ ପରିମଳ ମିଶନ, ଜିଲ୍ଲା ପରିଷଦ, ନୟାଗଡ ତରଫରୁ ଜିଲ୍ଲା ବାସୀ କୁ ଶୁଭେଚ୍ଛା ଓ ଶୁଭ କାମନା । ଏହି ଶୁଭ ଅବସରରେ ଆସନ୍ତୁ ଆମେ ସମସ୍ତେ ଆମ ଜିଲ୍ଲାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଶପଥ ନେବା । ଜଳ, ବାୟୁ ଏବଂ ମାଟିକୁ ପ୍ଲାଷ୍ଟିକ ପ୍ରଦୂଷିତ କରିବା ସହିତ ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି କ୍ଷତିକାରକ । ତେଣୁ ଆମେ ନିମ୍ନଲିଖିତ ପଦକ୍ଷେପ ଆପଣାଇବା :-

- ଏକକ ବିଶିଷ୍ଟ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା
- ପ୍ଲାଷ୍ଟିକ ବ୍ୟବହାର କମ କରିବା ଏବଂ ପ୍ଲାଷ୍ଟିକର ପୁନଃ ଚକ୍ରଣ ପଦ୍ଧତି ଆପଣାଇବା ।
- ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ଉପରେ ନିଜ ପରିବାରକୁ ସଚେତନ କରେଇବା ସହିତ ଅନ୍ୟମାନଙ୍କୁ ସଚେତନ କରାଇବା ।

ଅଧ୍ୟକ୍ଷ, ଜିଲ୍ଲା ପରିଷଦ, ନୟାଗଡ

ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ନୟାଗଡ

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar CF No- 86 on dated 14-10-2025 I, **SUKANTI BEHERA,** W/o Ramesh Kumar Behera permanent resident of Vill- Badasahara, PO- Badasahara, Baliapata, PS- Fategarh, Dist- Nayagarh, State- Odisha, Pin- 752063, declare that I have changed my son's name from **AMIT KUMAR BEHERA** (Old name) to **BEHERA AMITKUMAR RAMESH** (New name), Henceforth, he shall be known as **BEHERA AMITKUMAR RAMESH** for all future purposes.

Sd-(**SUKANTI BEHERA**)

**AFFIDAVIT**

I, Rajanikantha Puhan, aged about 36 years, S/o- Umakanta Puhan, resident of At- Sudarsanpur, Po- Suan, Ps- Basudebpur, Dist- Bhadrak, Odisha, PIN- 756162, declare by this affidavit No. 2091, dtd. 15/10/2025, that now onwards I shall be known as **RAJANIKANTA PUHAN** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar on Dated: 14.10.2025, **I, Niharika Mohanty,** aged about 38 years, W/o.: Rajesh Kumar Das, resident of At: Kunarpur, PO.: Jahangar, P.S./ Dist.: Kendrapara, Odisha, PIN- 754208 declare that I have changed my name from Niharika Das to **Niharika Mohanty**. Henceforth, I will be known as **Niharika Mohanty** for all purposes.

**Niharika Mohanty**

**AFFIDAVIT**

By virtue of an affidavit sworn before in the court of the Executive magistrate, Rairangpur SI No - 4191 on dtd.14/10/2025. I, SARAT CHANDRA KISKU(New name) formerly called as SARAT CH KISKU(Old name), S/O - Late Chandu kisku, at- Chhamudia, PO- Jamukeswar, PIN - 757034, PS- Jashipur, DIST-Mayurbhanj declared that I have changed my name from SARAT CH KISKU(Old name) to SARAT CHANDRA KISKU(New name) .Henceforth in all records, deeds and writing in all proceeding,dealing and transaction private as well as public and upon all occasion I shall be known as (new name)for all purpose.

**SD/- Sarat Chandra Kisku**

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.**ETELCONBBST-375E**, ତା.**10.10.2025**ରିଖ

**କାର୍ଯ୍ୟର ନାମ :** ପୁରୀ ରେଳ ଷ୍ଟେସନ ଠାରେ ବର୍ତ୍ତମାନର ଇଂଜିନ୍ ସ୍ଥାୟୀ ଲାଇନ୍-**110 M**ର ସମ୍ପ୍ରସାରଣ ଏବଂ **Rt.1A-300 M, 1B-300 M** ମଧ୍ୟରେ ଗୋଟିଏ ନୂଆ ଆଇଲ୍ୟାଣ୍ଡ ପ୍ଲାଟଫର୍ମର ବ୍ୟବସ୍ଥା ତଥା ପ୍ଲାଟଫର୍ମ ନଂ.**2** ରୁ **8** ନିମନ୍ତେ ପୁରୀ ଷ୍ଟେସନ ୟାର୍ଡ଼ ଠାରେ ବାଲାଷ୍ଟ ବିହୀନ ଟ୍ରାକ୍‌ର ନିର୍ମାଣ ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟ ଏବଂ ବନ୍ଧନ(**Bonding**) କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** **345.84** ଲକ୍ଷ, EMD (ଟଙ୍କାରେ) : **3,22,900/-**, କାର୍ଯ୍ୟ ଶେଷ ହେବା ଅବଧି : **09** ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.**04.11.2025** ରିଖ **1500** ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ଦ୍ଧନୀ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭଲ୍ୟୁମ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-III/ ଭୁବନେଶ୍ୱର

PR-134/CI/25-26

**AFFIDAVIT**

I, Apurba Naik, W/o-late Gura Naik, resident Village- Naranakhunta, Po- Naranakhunta, PS-Badasahi, Dist-Mayurbhanj, Pin-757075, Odisha declare by this Affidavit No-296/2025, dt.10.10.2025, that now onwards, I known as APURBA NAIK for all future purposes.

**Apurba Naik**

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar on Dated: 14.10.2025, **I, Rajesh Kumar Das,** aged about 41 years, S/o.: Sachidananda Das, resident of At: Kunarpur, PO.: Jahangar, P.S./Dist.: Kendrapara, Odisha, PIN-754208 declare that I have changed the name of my son's name Bhabyansh Das to **Bhavyansh Das**. Henceforth, he will be known as **Bhavyansh Das** for all purposes.

**Rajesh Kumar Das**

**AFFIDAVIT**

I, Bimla Nandi, W/O Late- Ram Chandra Nandi, resident of Chhancha, Ward No.25, Po/Ps-Baripada Town, Dist.-Mayurbhanj, Pin.No.-757001, Odisha, declared by this affidavit No- 1043 dtd. 14.10.2025 that now onwards I shall be known as Bimala Nandi (67) for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Ujala Mandal**, aged about 24 years, W/o.:Sarajit Mandal, D/o: Jagjeevan Markam, resident of Village: M.P.V-57, PO.: Malabharam, P.S.: Motu, Dist: Malkangiri, Odisha, declare by this Affidavit No.: 1718/25, Dated: 15.10.2025 that I have changed my name from Ujala Markam to **Ujala Mandal**. Henceforth I shall be known as **Ujala Mandal** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Jagadis Sodi**, aged about 31 years, S/o.: Anda Sodi, resident of Village: Orkelguda, PO.: Matapaka, P.S./Dist: Malkangiri, Odisha, declare by this Affidavit No.: 1533/2025, Dated: 14.10.2025 that I have changed my name from Jaga Sodi to **Jagadis Sodi**. Henceforth I shall be known as **Jagadis Sodi** for all future purposes.

**AFFIDAVIT**

By virtue of an affidavit Sl. No. - 6610, dtd.13.10.2025 in the court of the Executive Magistrate, Chandbali, Dist.- Bhadrak, I, Damayanti Rout, have changed my minor daughter's name from Tallisohni Rout to Tejoswoni Rout. Henceforth she will be known as Tejoswoni Rout for all purposes.

**Sd/- Damayanti Rout**

**AFFIDAVIT**

By virtue of an affidavit before Notary Public, Bhubaneswar, Affidavit No. 357 on dated 15.10.2025. I, Renubala Mishra, D/o- Sitaram Nayak, Resident of Flat No. E-403, 4th Floor, Baishnab Vihar, Phase-2, Near Durga Mandap, Bomikhal, Plot No- 220/ 3175, Po- Bhubaneswari Colony, Ps- Mancheswar, Bhubaneswar – 751006, Dist- Khordha, Odisha, I have change my name from Renu Mishra to Renubala Mishra. I shall be known as **RENUBALA MISHRA** for all future purposes.

**AFFIDAVIT**

I, Ruby Singh, W/o- Sanjib Singh, Resident of Plot No- 201/9, Road No- 8, Unit-9, Po- Bhoinagar, Ps- Kharvela Nagar, Dist- Khordha, Odisha, PIN- 751022 declares by this affidavit No.962 dated 14.10.2025 that now onwards I shall be known as **RUBI SINGH** for all future purposes.

**AFFIDAVIT**

By virtue of an affidavit No- 4338 sworn before Notary Public Swampatna, Keonjhar on dtd- 15/10/2025. I, **Rosan Kumar Sahu,** S/o Rahas Bihari Sahu, resident of At/Po- Kapundi, Ps- Patna, Dist- Keonjhar, Odisha I am the deponent I have changed my son's name from **Omm Sahu,** S/o Roshan Sahu to **Omm Prakash Sahu,** S/o Rosan kumar Sahu. Both the names are of one and same person. Henceforth my above son shall be known as **Omm Prakash Sahu,** S/o- Rosan Kumar Sahu in all purposes in future.

**Rosan Kumar Sahu**

**AFFIDAVIT**

I, Pitambar Padhy, aged about 48 years, S/o- Adikanda Padhy, resident of Plot No. AA-107, Subhadra Appartment, Patia, Bhubaneswar, Khordha, Odisha, PIN- 751024 declared by this affidavit CF No. 62, dtd- 10/10/2025 that now onwards I shall be known as **PEETAMBAR PADHY** for all future purposes.


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**AFFIDAVIT**

I, Shyama Dakua, Father of Kartika Dakua, resident of AT -Plot No -5545/9698, Kanyabeda Kandasar, Nalco Nagar, Dist - Angul, Pin- 759145, declare by this affidavit No - 34246, dated - 15.10.2025, that now onwards I shall be known as **SHYAM DAKUA** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 14/10/2025. I, **Pichharu Bag** (applicant name), S/o Ratnakara Bag, permanent resident of AT/PO- Ridgol, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor son's name from **Rusan Bag** (old name) to **Roshan Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Roshan Bag** (new name) for all purposes.

**Pichharu Bag**

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, vide CF No. 57, dated- 15/10/2025. I, **A. Kumar,** S/o A. Ghanashyam, Address: Godarapalli, Po- Durbandha, Ps- Hinjilicut, Dist- Ganjam, PIN-761101, Odisha declare that I have changed my minor son's name from **Ala Kalap** to **Ala Jashank**. Henceforth, he shall be known as **Ala Jashank** (new name) for all future purposes.

**A. Kumar**

**AFFIDAVIT**

I, Phulamani Murmu (Aadhaar No: 7751 7613 7758) D/o- Sridhar Soren, residing at At- Debala, Po- Gadigan, Ps- Khunta, Dist- Mayurbhanj, Odisha, Pin- 757087, have changed my name to **Phulamani Soren** by an Affidavit sworn before the Executive Magistrate, Baripada on 14.10.2025. Henceforth, I shall be known as **PHULAMANI SOREN** for all future purposes.

**PHULAMANI SOREN**

**AFFIDAVIT**

By virtue of an affidavit no-3281 sworn before the Executive Magistrate, Kujang on dtd- 13/10/2025, I **Siba Narayan Das,** S/o- Late Anam Charan Das, resident of At- Dardia, Po- Potanai, Ps- Tritol, Dist- Jagatsinghpur, Pin-754140, Odisha, My Aadhar Card bearing No- 8059 1857 0097. I have changed my name from **Shiba Narayan Das** (old name) to **Siba Narayan Das** (new name). Henceforth both name **Shiba Narayan Das** and **Siba Narayan Das** is one & same person he will be known as **Siba Narayan Das** for all future purposes.

**Siba Narayan Das**

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated 09.10.2025, I Bishnu Charan Nayak, S/o- Basudev Nayak permanent resident of At: O.S.E.B colony School Campus Gridco Colony, Bhoi Nagar Bhubaneswar, Dist- Khordha, Odisha – 751022 declare that I have changed my Son's Name from Punya Sankalp Nayak to Purnya Sankalp Nayak, he shall be known as Purnya Sankalp Nayak for all purposes.

**SD/- Bishnu Kumar Nayak**

## ଜାପାନରେ ଅଲିମ୍ପିକ ଖେଳିବା ପାଇଁ ଭିନ୍ନକ୍ଷମ ସମ୍ବିତ ଚୟନ



ବାଲେଶ୍ୱର,୧୫ ।୧୦(ସମିସ): ଭିନ୍ନକ୍ଷମ ହୋଇ ମଧ୍ୟ ସେ ଜାତୀୟ ସ୍ତରରେ ଖେଳି ଅଞ୍ଚଳ ପାଇଁ ଗୌରବ ଆଣି ପାରିଛନ୍ତି। ସେ ହେଉଛନ୍ତି ବାଲେଶ୍ୱର ଅଞ୍ଚଳର ସମ୍ବିତ ଦାସ। ଜୁଡୋରେ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଏବେ ଜାପାନ ଠାରେ ଅନୁଷ୍ଠିତ ହେବାକୁ ଥିବା ଅଲମ୍ପିକ ପାଇଁ ସେ ଚୟନ ହୋଇଛନ୍ତି। ହେଲେ ଏହା ପୂର୍ବରୁ ତାଙ୍କୁ ପଞ୍ଜାବର ପଟିଆଲାଠାରେ ରହି ଅଭ୍ୟାସ କରିବାକୁ ପଡିବ। ଏଥିପାଇଁ ଅର୍ଥର ଆବଶ୍ୟକତା ରହିଛି। ପରିବାର ଲୋକେ ଆଜି ଜିଲ୍ଲାପାଳଙ୍କ ଠାରେ ତାଙ୍କୁ ସରକାରୀ ସ୍ତରରେ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ନିବେଦନ କରିଛନ୍ତି। ଆସନ୍ତା ନଭେମ୍ବର ୧୫ରୁ୨୬ତାରିଖ ପର୍ଯ୍ୟନ୍ତ ଜାପାନ ଠାରେ ଅଲମ୍ପିକ ଖେଳ ହେବ। ଏଥିରେ ସମ୍ବିତ ଜୁଡୋ ପାଇଁ ମନୋନୀତ ହୋଇଛନ୍ତି। ଏହି ଜୁଡୋ ଖେଳ ପାଇଁ ଚଳିତ ମାସ ୨୪ତାରିଖରୁ ପଞ୍ଜାବର ପଟିଆଲା ଠାରେ ଏକ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହେବ। ସେ ସେଠାକୁ ଯାଇ ଟ୍ରେନିଂ ନେବା ପରେ ଜାପାନ ଯାତ୍ରା କରିବେ। ହେଲେ ସେଠାକୁ ଯିବା ରହିବା ଏବଂ ଖାଇବା ପିଇବା ପାଇଁ ଆବଶ୍ୟକ ଅର୍ଥର ଆବଶ୍ୟକତା ରହିଛି। ଏଣୁ ତାଙ୍କୁ ସରକାରୀ ସ୍ତରରେ ଏହି ସହଯୋଗ କରିବାକୁ ସେ ଜିଲ୍ଲାପାଳଙ୍କ ଠାରେ ନିବେଦନ କରିଛନ୍ତି।

**ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ**

## ବିଶ୍ୱ ଛାତ୍ର ଦିବସ




ବାଲିଆପାଳ, ୧୫।୧୦ (ସମିସ): ଏହି ବ୍ଲକ ନୂଆଗାଁ ସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବୁଧବାର ଡ. ଅବଦୁଲ କଲାମଙ୍କ ଜନ୍ମଦିନ ଅବସରରେ ବିଶ୍ୱ ଛାତ୍ର ଦିବସ ପାଳନ କରାଯାଇଛି। ବିଦ୍ୟାଳୟର ସମ୍ପାଦକ ରଞ୍ଜନ କୁମାର ବେହେରା ବିଶ୍ୱ ଛାତ୍ର ଦିବସ ବିଷୟରେ ପ୍ରାରମ୍ଭିକ ସୂଚନା ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପଞ୍ଚୁପାଲି କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ବାରିକ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ ଯୋଗଦେଇ କଲାମଙ୍କ ପରି ସ୍ୱପ୍ନ ଦେଖ ତାହା ଦିନେ ବାସ୍ତବରେ ପରିଣତ ହେବ, ପ୍ରତ୍ୟେକ ପିଲା ନିଜ ଜନ୍ମଦିନରେ ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟିର ସଦସ୍ୟ ପ୍ରଭାକର ସେଠୀ, ଗୁରୁଜୀ ସାଇ ବିକାଶ ବେହେରା, ବସନ୍ତ ପ୍ରଧାନ, ନିଆଶୀ ରଣଜିତ, ଧରଣୀଧର ନାୟକ ପ୍ରମୁଖ ଯୋଗଦେଇ ଥିଲେ। ଗୁରୁମା ଅଞ୍ଜୁବାଳା ମିଶ୍ର, ଛବିରାଣ ପରିଡ଼ା, ରଶ୍ମିତା ପାଢୀ ଓ ଅନ୍ୟ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ। ଗୁରୁଜୀ ଉମାଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣ ସମ୍ମେଳନରେ ସାମିଲ ହେବ ସିପିଏମ୍

ବାଲେଶ୍ୱର, ୧୫ ।୧୦ (ସମିସ): ଜିଲ୍ଲାରେ ସାମ୍ପ୍ରଦାୟିକ ଶକ୍ତିର ତାଣ୍ଡବ ସହିତ ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ହୋଇଛି ପଡିଛି। ଏହାଛଡା ଲଗାଣ ବର୍ଷାରେ ଚାଷୀଙ୍କର ପ୍ରଭୂତ କ୍ଷତି ହେବା, ଚିକିତ୍ସା କେନ୍ଦ୍ର ଗୁଡିକରେ ଡାକ୍ତର ଓ ଆନୁସଙ୍ଗିକ ବ୍ୟବସ୍ଥା ନ ରହିବା, ଟ୍ରମ୍ପଙ୍କ ଟାରିଫ ବୃଦ୍ଧି ଯୋଗୁଁ ଚିଙ୍ଗୁଡିଚାଷୀ ଓ ଚିଙ୍ଗୁଡି ଶିଳ୍ପ କ୍ଷତିଗ୍ରସ୍ତ ହେବା, ରାଜ୍ୟସରକାରଙ୍କ ଆଠ ଘଣ୍ଟା ବଦଳରେ ଦଶ ଘଣ୍ଟା କାମକରିବା,ଜିଲ୍ଲାରେ ବନ୍ଦ ପଡ଼ିଥିବା ଛୋଟ ବଡ଼ ଶିଳ୍ପ ତୁରନ୍ତ କାର୍ଯ୍ୟକ୍ଷମ କରିବା ଆଦି ଦାବି ଗୁଡିକୁ ନେଇ ଚଳିତ ମାସ ୨୬ତାରିଖରେ ଜିଲ୍ଲାସ୍ତରୀୟ ମିଳିତ ଟ୍ରେଡ଼ ୟୁନିଅନ,ଏସକେଏମ ଏବଂ କ୍ଷେତମଜଦୁରମାନଙ୍କ ସର୍ବଭାରତୀୟ ସଙ୍ଗଠନମାନେ ଦେଇଥିବା ଜିଲ୍ଲା ସ୍ତରୀୟ ସମାବେଶକୁ ସିପିଆଇଏମ ପକ୍ଷରୁ ଏହାକୁ ସମର୍ଥନ କରାଯିବ ବୋଲି କୁହାଯାଇଛି। ଏହା ସହିତ ନଭେମ୍ବର ମାସ ୭ତାରଖରୁ୧୫ତାରିଖ ମଧ୍ୟରେ ପ୍ରତ୍ୟେକ ଆଞ୍ଚଳିକ ସ୍ତରରେ ବିକ୍ଷୋଭ ଓ ଆନ୍ଦୋଳନମାନ ସଂଗଠିତ କାରାଯିବ ବୋଲି ଆହ୍ୱାନ ଦିଆଯାଇଛି। ସୀତାଂଶୁ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାର୍ଟିର ପଲିଟବ୍ୟୁରୋ ସଦସ୍ୟ ଶ୍ରୀଦୀ ଭଟ୍ଟାଚାର୍ଯ୍ୟ ଯୋଗଦେଇ ଥିଲେ। ବୈଠକରେ ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ପୂର୍ବତନ ନୀଳଗିରି ବିଧାୟକ ପ୍ରଦୀପ୍ତ ପଣ୍ଡା, ରାଜ୍ୟ କମିଟି ସଭ୍ୟା ତାପସୀ ପ୍ରହରାଜ, ବିଜୟ ପାତ୍ର, ପ୍ରେମ ରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀ ଗିରି, ଅକ୍ଷୟ ମିଶ୍ର, ସ୍ନେହଲତା ମିଶ୍ର, ହରପ୍ରିୟା ଜେନା ପ୍ରମୁଖ ଯେଗାଦେଇ ନିଜର ମତ ରଖିଥିଲେ।

### ଏପିଜେ ଅବଦୁଲ କଲାମଙ୍କ ୯୪ତମ ଜନ୍ମଦିବସ

# ‘ସ୍ୱପ୍ନକୁ ମିଶନରେ ପରିଣତ କରିଥିଲେ କଲାମ’

ବାଲେଶ୍ୱର,୧୫।୧୦(ସମିସ)






ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆଜି ଭାରତର ମିସାଇଲ ମ୍ୟାନ ଓ ଜନତାଙ୍କ ରାଷ୍ଟ୍ରପତି ଭାବେ ପରିଚିତ ଡ଼କ୍ଟର ଏପିଜେ ଅବଦୁଲ କଲାମଙ୍କ ୯୪ତମ ଜନ୍ମଜୟନ୍ତୀ ‘ବିଶ୍ୱ ଛାତ୍ର ଦିବସ’ ଭାବେ ଶ୍ରଦ୍ଧା, ସ୍ମୃତି ଓ ପ୍ରେରଣା ସହ ପାଳନ କରାଯାଇଛି। ଭୌତିକ ବିଜ୍ଞାନ ବିଭାଗାଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲଙ୍କ ଉଦ୍ବୋଧନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଡ଼. କଲାମଙ୍କ ଜୀବନ ଓ ସଫଳତା ଉପରେ ଏକ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ଡ଼. କଲାମଙ୍କ ବିଜ୍ଞାନ, ପ୍ରଯୁକ୍ତି ଓ ମାନବତା ପ୍ରତି ଅବଦାନକୁ ସ୍ମରଣ କରି ଡ଼କ୍ଟର କଲାମ ସ୍ୱପ୍ନକୁ ମିଶନରେ ପରିଣତ କରିଥିଲେ। ବିଶେଷ ଅତିଥି ଭାବେ ଚାନ୍ଦିପୁର ସ୍ଥିତ ଡିଆରଡିଓର ଆଇଟିଆର ର ବୈଜ୍ଞାନିକ-ଜି ଓ ଅତିରିକ୍ତ ନିର୍ଦ୍ଦେଶକ ଗୌତମ ସାଧୁଖାନ ଯୋଗଦେଇ ଡ଼କ୍ଟର କଲାମଙ୍କ ସହ କାମ କରିବାର ଅନୁଭବ ବଖାଣି କଲେ। ମୁଖ୍ୟ ବକ୍ତା ଡ଼କ୍ଟର କେ.କେ. ଚାନ୍ଦ, (ପ୍ରଫେସର ଅଫ ପ୍ରାକ୍ଟିସ, ଫକୀରମୋହନ ବିଶ୍ୱବିଦ୍ୟାଳୟ), ତାଙ୍କ ଉଦବୋଧନରେ ବିକଶିତ ଭାରତ ୨୦୨୦ ଉପରେ ଡ଼କ୍ଟର କଲାମଙ୍କ ଦୃଷ୍ଟିକୋଣ ଓ ଉଚ୍ଚଶିକ୍ଷାରେ ବୈଜ୍ଞାନିକ ଚେତନା ସହ ନୀତିଗତ ମୂଲ୍ୟବୋଧ ଗଠନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଏହି ସମାରୋହରେ ବିଶ୍ୱବିଦ୍ୟାଳୟର ରାଷ୍ଟ୍ରୀୟ ଓ ଆନ୍ତର୍ଜାତୀୟ ସମ୍ମାନପ୍ରାପ୍ତ ୬ ଜଣ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଏଥସହିତ ଏନଏସଏସ ବ୍ୟୁରୋର ଛାତ୍ର ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ସମାରୋହ ଶେଷରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସର “କଲାମ ଛକ’ଠାରେ ସ୍ଥାପିତ ଡ଼କ୍ଟର କଲାମଙ୍କ ମୂର୍ତ୍ତିରେ ପୁଷ୍ପାଞ୍ଜଳି ଓ ମାଲ୍ୟାର୍ପଣ କରି ତାଙ୍କ ଆଦର୍ଶ ଓ ଦେଶନିର୍ମାଣର ବାର୍ତ୍ତାକୁ ମନେପକାଇ ଥିଲେ । ଭୂତତ୍ତ୍ୱ ବିଭାଗର ସହାୟକ ଅଧ୍ୟାପକ ଡ. ଅସୀମ ଅମିତାଭ ପ୍ରଧାନ ଧନ୍ୟବାଦ ଦେଇଥିଲେ।

**ଓୟୁଜେ :** ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଷ୍ଟେସନ ଛକ ଠାରେ ଥିବା କଲାମଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ କଲାମଙ୍କ ଦେଶପ୍ରେମକୁ କେବେ ଭୁଲିହେବ ନାହିଁ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ କଲାମଙ୍କ ଦେଶପ୍ରେମ ଓ ପ୍ରେରଣାରେ ଯୁବ ସମାଜ ସର୍ବଦା ଅନୁପ୍ରାଣିତ ହେଉଥିବ ବୋଲି କହିଥିଲେ। ୟୁନିଅନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ୟୁନିଅନର ସଂପାଦକ ବିବେକାନନ୍ଦ ଦାସ, ଅଜିତ କୁମାର ମହାନ୍ତି, ଲକ୍ଷ୍ମୀଧର ଗାଣ, ମହେଶ୍ୱର ପ୍ରଧାନ, ସୋମନାଥ ସାହୁ, କହ୍ନେଇ ପ୍ରଧାନ, ଲକ୍ଷ୍ମୀଧର ବାରିକ, ହିମାଂଶୁ ଦାସ ପ୍ରମୁଖ ଯୋଗଦେଇଥିଲେ। ଟାଉନ ସଭାପତି ହାଇଦର ଖାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

**ସୁଲଗ୍ନା କଲେଜ:** ମଠସାହି ସରିତାନଗରସ୍ଥିତ ସୁଲଗ୍ନା କଲେଜ ପରିସରରେ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ମିସାଇଲ ମ୍ୟାନ ଭାବେ ସୁପରିଚିତ ବିଶିଷ୍ଟ ବୈଜ୍ଞାନିକ ଡ. ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ପାଳିତ ହୋଇଛି। ସୁଲଗ୍ନା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ଘନଶ୍ୟାମ ବିଶ୍ୱାଳ କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ଜାତି ଓ ଦେଶକୁ ବିଶ୍ୱସ୍ତରରେ ସଶକ୍ତ ଓ ସ୍ୱୟଂ ସମ୍ପୂର୍ଣ୍ଣ କରିବାରେ କଲାମଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଲଗ୍ନା ଯୁକ୍ତ ତିନି ବିଜ୍ଞାନ କଲେଜର ଅଧ୍ୟକ୍ଷ ଡ. ଧରଣୀଧର ଘୋଷ, ସୁଲଗ୍ନା ଯୁକ୍ତ ଦୁଇ ବିଜ୍ଞାନ କଲେଜର ଅଧ୍ୟକ୍ଷ ପ୍ରଫେସର ଚକ୍ରଧର ସାହୁ, ସୁଲଗ୍ନା ପବ୍ଲିକ ସ୍କୁଲର ପ୍ରିନସିପାଲ ମଧୁସ୍ମିତା ଦାସ, ବରିଷ୍ଠ ଶିକ୍ଷାବିତ ଡ. ଶଙ୍କର୍ଷଣ ପଣ୍ଡା, ପ୍ରଫେସର ଗଜେନ୍ଦ୍ର ମହାନ୍ତି, ପ୍ରଫେସର ସରୋଜ ବେହେରା, ବରିଷ୍ଠ ଅଧିକାରୀ ସଂଜୀବ ମିର୍ଧା, ରମେଶ ଚନ୍ଦ୍ର ବିଶ୍ୱାଳ ଶୁଭେନ୍ଦୁ ଦିଣ୍ଡା, ଜଗଦୀଶ କୁମାର ସିଂହ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ଡ଼ କାଲାମଙ୍କ ଉପରେ ଆଧାରିତ କବିତା ଆବୃତ୍ତି, ସଂଗୀତ ଓ ଚିତ୍ରାଙ୍କନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

## ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ




ବାଲେଶ୍ୱର,୧୫ ।୧୦(ସମିସ): ଭାରତ ମୁକ୍ତି ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ଏବଂ ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚାର ତତ୍ୱାବଧାନରେ ଭାରତୀୟ ସମ୍ବିଧାନ, ଗଣତନ୍ତ୍ରର ସୁରକ୍ଷା ଏବଂ ମୂଳ ନିବାସୀ ବହୁଜନ ସାମଜ ଉପରେ ଦେଶବ୍ୟାପୀ ହେଉଥିବା ଅନ୍ୟାୟଅତ୍ୟାଚାର ବିରୋଧରେ ସାମାଜିକ ନ୍ୟାୟ ପାଇଁ ଆନ୍ଦୋଳନ ଜାରି ରହିଛି। ଆଜି ମଧ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରର୍ଦାନ କରାଯାଇଛି। ଏହି ଅବସରରେ କୁହାଯାଇଛି ଯେ, ଦେଶବ୍ୟାପୀ ୬୨୫ଟି ଜିଲ୍ଲାରେ ଏହି ବିକ୍ଷୋଭ ଅନୁଷ୍ଠିତ ହେଉଥିବା ବେଳେ ଆଜି ଶେଷ ପର୍ଯ୍ୟାୟରେ ବାଲେଶ୍ୱର ଜିଲ୍ଲାରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଦେଶବ୍ୟାପୀ ଜନଆକ୍ରୋଶ ରାଲି ପୁଲିସ ଲାଇନ ଛକ ଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସେଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଶେଷ କରି ଦାବି ଗୁଡିକ ମଧ୍ୟରେ ରାଷ୍ଟ୍ରବ୍ୟାପି ବର୍ତ୍ତମାନ ମୁଖ୍ୟ ସମସ୍ୟା ହେଉଛି ଇଭିଏମ। ଏଣୁ ଇଭିଏମ ପରିବର୍ତ୍ତେ ସମସ୍ତ ନିର୍ବାଚନ ବ୍ୟାଲେଟ ପେପରରେ କରାଯାଉ ବୋଲି ଦାବି କରାଯାଇଛି। ଏହାଛଡା ପଛୁଆ ବର୍ଗ ଓ ସମସ୍ତ ଜାତି ସମୂହର ଜାତିଭିତିକ ଗଣନା କରିବା, ଆଦିବାସୀଙ୍କ ବିରୋଧରେ ବଢୁଥିବା ଅତ୍ୟାଚାରକୁ ରୋକିବା, ବେରୋଜଗାର ଯୁବକଙ୍କୁ ନିଯୁକ୍ତି ନ ଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁଣିଥରେ କାର୍ଯ୍ୟରେ ନିଯୁକ୍ତି ଦେବା ବନ୍ଦ କରିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଂଯୋଜକ ସାଧୁଚରଣ ମଲ୍ଲିକ, ଭାରତୀୟ ବିଦ୍ୟାର୍ଥି ମୋର୍ଚ୍ଚାର ରାଷ୍ଟ୍ରଅରୀୟ ଅଧ୍ୟକ୍ଷ ଇଂ ସୌମ୍ୟରଞ୍ଜନ ଆଢ଼୍ୟ, ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚାର ରାଜ୍ୟ ସଭାପତି ଡି ବି ହୃଦୟ, ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ରାଜ୍ୟ ସଭାପତି ବାଇଧର ସିଂ, ନିରଞ୍ଜନ କୁଜୁର, ଆଇନଜୀବୀ ମନୋଜ ନାୟକ, ପ୍ରଫୁଲ୍ଲ ଜେନା,ଗୌତମ ସିଂ, ଗଣେଶ ରାମ, ତପନ ନାୟକ, ଗୋପୀନାଥ ସିଂ, ଜିତୁ ସିଂ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ୧୬୨ ମିଟର ରାସ୍ତାର ମରାମତି ପାଇଁ ୨୭ ଲକ୍ଷ ମଞ୍ଜୁର

ଚନ୍ଦନେଶ୍ୱର, ୧୫।୧୦(ସମିସ) : ଭୋଗରାଇର ୫୭ନମ୍ବର ରାଜ୍ୟ ରାଜପଥକୁ ସଂଲଗ୍ନ ଜଗନ୍ନାଥପୁର ଛକଠାରୁ ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ଭୂଷଣ୍ଡେଶ୍ୱରକୁ ଯାଇଥିବା ମୁଖ୍ୟ ରାସ୍ତାର ଫୁଲବଣୀ ପୋଷ୍ଟ ଅଫିସଠାରୁ ବିବେକାନନ୍ଦ ପାଠାଗାର ମଧ୍ୟରେ ଥିବା ପ୍ରାୟ ୧୬୨ ମିଟର ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ଯାତ୍ରୀବାହୀ ବସ୍ ସମେତ ବିଭିନ୍ନ ଛୋଟ ବଡ ଯାନବାହାନ ଚଳାଚଳ ତଥା ବାରମ୍ବାର ଛୋଟମୋଟ ଦୁର୍ଘଟଣା ଘଟୁଥିଲା। ଏଥିପାଇଁ ସ୍ଥାନୀୟ ଅଧିବାସୀ ବିଧାୟକ ଓ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିଲେ। ସେଥିପାଇଁ ବିଧାୟକ ଗୌତମବୁଦ୍ଧ ଦାସ ଏହି ରାସ୍ତା ପାଇଁ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କଲା ପରେ ୨୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଗତକାଲି ମଙ୍ଗଳବାର ପୂର୍ତ୍ତ ବିଭାଗର ଯନ୍ତ୍ରୀ ଓ ଠିକାଦାରଙ୍କୁ ଘଟଣାସ୍ଥଳକୁ ଡକାଇ ପୂର୍ବତନ ବିଧାୟକ ସୁଶାନ୍ତ ଚାନ୍ଦ, ବ୍ଲକ୍ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ସନ୍ତୋଷ ସାସମଲ ଓ ଜିଲ୍ଲା ପରିଷଦ ସଭ୍ୟା ପ୍ରତିମା ଚାନ୍ଦଙ୍କ ଉପସ୍ଥିତିରେ ବିଧାୟକ ଶ୍ରୀ ଦାସ ଏହି ରାସ୍ତାର ପରିଦର୍ଶନ କରିଥିଲେ ଏବଂ ଏଇ ମାସ ଶେଷ ସୁଦ୍ଧା ରାସ୍ତା କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିପାଇଁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି।



## ୨ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଦୁଇ ଅଟକ

ନୀଳଗିରି, ୧୫।୧୦ (ସମିସ): ନୀଳଗିରି ଦୈନିକ ମାର୍କେଟରେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ଉକ୍ତ ମାର୍କେଟରେ ମନୱାର ହୁସେନ୍ ଶାହା ମାଂସ ଦୋକାନ କରି ବ୍ୟବସାୟ କରିଆସୁଛନ୍ତି। ବୁଧବାର ଅପରାହ୍ନରେ ନିକଟସ୍ଥ ଦୋକାନରେ ଖାଉଥିବା ବେଳେ ହଠାତ୍ ତିନି ଜଣ ଯୁବକ ପହଞ୍ଚି କୌଣସି କାରଣକୁ ନେଇ ଦୁଇ ପକ୍ଷ ମଧ୍ୟରେ ଅଶାଳୀନ ଭାଷାରେ ଗାଳି ଗୁଲଜ ପରେ ପିଟାପିଟି ହୋଇଥିଲା। ପରେ ଫିରୋଜ ଶାହା ଓ ମନ୍ ୱାର ହୁସେନ୍ ଶାହା ଏକ ଧାରୁଆ ଅସ୍ତ୍ରରେ ରେମୁଣା ମଙ୍ଗଳପୁର ଗ୍ରାମର ହିତେସ ବେହେରା (୨୮)ଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଦେଇଥିଲା ବେଳେ ତାର ସାଙ୍ଗ ମନୋଜ ଟୁଙ୍ଗଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପରେ ହିତେଶ ଓ ମନୋଜ ଟୁଙ୍ଗଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲକୁ ନେଇ ଚିକିତ୍ସା ଚାଲିଛି। ଏହି ଘଟଣାକୁ ନେଇ ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ପୁଲିସ ଫୋର୍ସ ନେଇ ପହଞ୍ଚି ମନୱାର ହୁସେନ୍ ଶାହା ଓ ଫିରୋଜ ଶାହାଙ୍କୁ ଆଣି ନୀଳଗିରି ଥାନାରେ ଅଟକ ରଖିଥିବା ଜଣା ପଡିଛି। ଏ ନେଇ ଉଭୟଙ୍କ ପକ୍ଷରୁ ପୃଥକ ମାମଲା ହୋଇଛି।

### ● ଲକ୍ଷ୍ମୀକାନ୍ତ ହେଲଥ୍ କେୟାରରେ ତ୍ରୁଟି ପୂର୍ଣ୍ଣ ଚିକିତ୍ସା ଅଭିଯୋଗ

## ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଗଣଧାରଣା



ବାଲେଶ୍ୱର,୧୫।୧୦(ସମିସ): ବାଲେଶ୍ୱର ସହର ଆଇଟିଆଇ ଛକ ସ୍ଥିତ ଲକ୍ଷ୍ମୀକାନ୍ତ ହେଲଥ୍ କେୟାରରେ ତ୍ରୁଟି ପୂର୍ଣ୍ଣ ଚିକିତ୍ସା ଅଭିଯୋଗରେ ଆଜି କୁରୁଡ଼ା ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ହେଲଥ୍ କେୟାର ସମ୍ମୁଖରେ ଗଣଧାରଣା ଦିଆଯାଇଛି। ରୋଗୀର ଚିକିତ୍ସା ବାବଦରେ ହେଲଥ୍ କେୟାର କର୍ତ୍ତୃପକ୍ଷ ସମସ୍ତ ବ୍ୟବସ୍ଥା କରିବା ପାଇଁ ଦାବି ହୋଇଛି। ଗତ ସେପ୍ଟେମ୍ବର ୭ରେ ଖନ୍ତାପଡ଼ା ଥାନା ସାହାର୍ଦ୍ଧା ଅଞ୍ଚଳର ରତ୍ନମଣି ଦାସ ଏହି ହେଲଥ୍ କେୟାରରେ ଜରାୟୁ ଅପରେସନ୍ ହୋଇଥିଲେ। ଡା. ନିହାର ରଞ୍ଜନ ବେହେରାଙ୍କ ପରାମର୍ଶ କ୍ରମେ ତାଙ୍କୁ ଏଠାରେ ଭର୍ତ୍ତି କରାଯାଇଥିଲା। ଅପରେସନ୍ ପରେ ରୋଗୀ ସୁସ୍ଥ ଥିଲେ। ଏହା ପରଦିନ ତାଙ୍କୁ ଏକ ଇଞ୍ଜେକସନ୍ ଓ ଔଷଧ ଦିଆଯିବା ପରେ ସେ ତତକ୍ଷଣାତ୍ ଚେତାଶୂନ୍ୟ ହୋଇପଡ଼ିଥିଲେ। ଏ ସମ୍ପର୍କରେ ତାଙ୍କ ପୁଅଙ୍କୁ ଫୋନ୍ ଯୋଗେ ହେଲଥ୍ କେୟାର ପକ୍ଷରୁ ଜଣାଯାଇଥିଲା। ପରିବାର ଲୋକେ ସେଠାରେ ପହଞ୍ଚି ଡା. ବେହେରାଙ୍କ ଉପସ୍ଥିତିରେ ଆମ୍ବୁଲାନ୍ସ ଯୋଗେ ରତ୍ନମଣିଙ୍କୁ ଭୁବନେଶ୍ୱର କିମସ୍‌କୁ ସ୍ଥାନାନ୍ତର କରିଥିଲେ। ହେଲଥ୍ କେୟାରର ଜଣେ ତାଲିମପ୍ରାପ୍ତ କର୍ମଚାରୀ ମଧ୍ୟ ଆମ୍ବୁଲାନ୍ସରେ ଯାଇ ରୋଗୀଙ୍କୁ କିମସ୍‌ରେ ଆଡମିଟ୍ କରି ଫେରିଥିଲେ। ସେବେଠାରୁ ଗତ ୧୩ ତାରିଖ ପର୍ଯ୍ୟନ୍ତ ତାଙ୍କର ଚିକିତ୍ସା ସମ୍ପର୍କରେ ହେଲଥ୍ କେୟାର ପକ୍ଷରୁ କିଛି ବୁଝୁ ନ ଥିଲେ। ଏବେ ରୋଗୀଙ୍କ ଅବସ୍ଥା ଗୁରୁତର ରହିଛି। ତ୍ରୁଟି ପୂର୍ଣ୍ଣ ଇଞ୍ଜେକସନ୍ ଓ ଔଷଧ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ରୋଗୀଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ହେଲଥ୍ କେୟାର କର୍ତ୍ତୃପକ୍ଷ ରୋଗୀର ଚିକିତ୍ସା ବାବଦରେ ସମସ୍ତ ଖର୍ଚ୍ଚ ପ୍ରଦାନ ସହ ଅପରେସନ୍ ଠାରୁ ଏଯାବତ୍ ଚିକିତ୍ସା ପାଇଁ ଖର୍ଚ୍ଚ ବାବଦକୁ ୧ଲକ୍ଷ ଟଙ୍କା ଦେବାର ଲିଖିତ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସହଦେବଖୁଣ୍ଟା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ସୁରକ୍ଷା ମଞ୍ଚ କର୍ମକର୍ତ୍ତା କମଳ ଲୋଚନ ରାଉତ, ରଞ୍ଜନ କୁମାର ଦାସ, ଅଶ୍ୱିନୀ କୁମାର ଦାସ, ତପନ ସେଠୀଙ୍କ ସମେତ ମେଡିକାଲ କର୍ତ୍ତୃପକ୍ଷ ଓ ରୋଗୀଙ୍କ ସମ୍ପର୍କୀୟ ଉପସ୍ଥିତ ଥିଲେ।

### ଚୋରା ବାଲି ଉତ୍ତୋଳନକୁ ନେଇ ପଞ୍ଚାୟତସ୍ତରୀୟ ବୈଠକ

# ବାଲି ଉତ୍ତୋଳନ ବନ୍ଦ ନହେଲେ ଆନ୍ଦୋଳନ ଚେତାବନୀ

ବାଲିଆପାଳ, ୧୫।୧୦ (ସମିସ)



ବାଲିଆପାଳ ତହସିଲ ଅଧିନରେ ଥିବା ଚଡବଢାପାଳ, ବଡଖାନପୁର, ଛୋଟଖାନପୁର ଓ ଜଳେଶ୍ୱର ତହସିଲ ଅଧିନରେ ଥିବା କଂଟାପାଳ, ଆକାନା, ଗୋହାଳପାଳଠାରେ ଦିନକୁଦିନ ବେଆଇନ ବାଲି ଉତ୍ତୋଳନ ଓ ଚୋରା ଚାଲାଣ ବଢ଼ିବାରେ ଚାଲିଛି। ପ୍ରତ୍ୟେକ ଦିନ ବାଲି ମାଫିଆ ମାନେ ତିରିଶିରୁ ଅଧିକ ଯନ୍ତ୍ର ଚାଳିତ ନୌକାରେ ସୁବର୍ଣ୍ଣରେଖା ନଦୀ ଗର୍ଭରୁ ବାଲି ଉତ୍ତୋଳନ କରି ୧୦୦ରୁ ଅଧିକ ଟ୍ରାକ୍ଟରରେ ନଦୀ ବନ୍ଧ ଉପର ଦେଇ ପଶ୍ଚିମ ବଙ୍ଗକୁ ଚୋରା ବାଲି ଚାଲାଣ କରୁଛନ୍ତି। ଅସାଧୁ ବ୍ୟବସାୟୀମାନେ ଦିନ ରାତିକୁ ଏକ କରି ବାଲି ଚୋରି କରି ଚାଲାଣ କରି ମାଲେମାଲ ହେଉଛନ୍ତି। ଯାହାଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ଧନ ଜୀବନ ଅସୁରକ୍ଷିତ ହୋଇ ପଡୁଥିବାରୁ ସରପଞ୍ଚ ଏବଂ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଖଣି ଅଧିକାରୀଙ୍କ ସହିତ ମାଫିଆମାନଙ୍କ ସଲାସୁତୁରାରେ କାରବାର ଚାଲିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଗାଁ ରାସ୍ତାରେ ଏତେ ମାତ୍ରାରେ ଟ୍ରାକ୍ଟର ଯିବା ଆସିବା କରୁଥିବାରୁ ପିଲାଙ୍କୁ ସ୍କୁଲ ଛାଡିବା ପାଇଁ ଅମଙ୍ଗ ହେଉଛନ୍ତି ଅଭିଭାବକ। ଗାଡି ଗୁଡ଼ିକ ଦ୍ରୁତଗତିରେ ଯାତାୟାତ କରୁଥିବାରୁ ସାଧାରଣ ଲୋକ ମଧ୍ୟ ଯିବାଆସିବା କରିବାକୁ ନିରାପଦ ମଣୁନାହାନ୍ତି। ଗୋରୁଗାଈ, ଛେଳି, ବୁଲା କୁକୁରଙ୍କ ଗାଡ଼ି ଚକା ତଳେ ଜୀବନ ଯାଉଛି। ଏହାବ୍ୟତୀତ ଏମିତି ବାଲି ଉତ୍ତୋଳନ ଆଗକୁ ଚାଲିଲେ ନଦୀ ଗର୍ଭରେ ଗାଁ ଗୁଡ଼ିକ ଲୀନ ହେବାର ସମ୍ଭାବନା ରହିଛି। ଗ୍ରାମବାସୀ ଭୟଭୀତ ହୋଇ ବାଇଗଣବାଡିଆ ପଞ୍ଚାୟତର ସରପଞ୍ଚ ବିଷ୍ଣୁପଦ ପାତ୍ରଙ୍କୁ ଏହାର ତ୍ୱରିତ ସମାଧାନ ପାଇଁ ଜଣାଇଥିଲେ। ଏ ନେଇ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ପଞ୍ଚାୟତ ଅଫିସ୍ ଠାରେ ବିଭିନ୍ନ ଗ୍ରାମର ମୁଖିଆମାନଙ୍କୁ ନେଇ ଏକ ପଞ୍ଚାୟତ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରାମବାସୀମାନେ ବାଲି ଉତ୍ତୋଳନକୁ ସମ୍ପୂର୍ଣ୍ଣ ରୂପେ ବିରୋଧ କରିବା ସହିତ ବାଲି ଉତ୍ତୋଳନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଉ ବୋଲି ପ୍ରଶାସନକୁ ନିବେଦନ କରିଛନ୍ତି। ଆଗକୁ ଯଦି ଏହି ସବୁ ସ୍ଥାନରୁ ବାଲି ଉତ୍ତୋଳନ ବନ୍ଦ କରାନଯାଏ ଆନ୍ଦୋଳନର ଚେତାବନୀ ଦେଇଛନ୍ତି ନୀଳକଣ୍ଠ ରଣା, ସାଗର ବେହେରା, ଶିବ ଶଙ୍କର ମାହାନା, ମଧୁସୂଦନ ଦଳାଇ, ଲକ୍ଷ୍ମୀ ଦଳାଇ, ଝରଣା ଦଳାଇ, ମଞ୍ଜୁଲତା ପାତ୍ର ପ୍ରମୁଖ ଗ୍ରାମବାସୀ।

## ଶ୍ରମିକ ନେତା ରତ୍ନାକର ବିଶ୍ୱାଳଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୧୫ ।୧୦(ସମିସ): ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱାର୍କରର୍ସ ୟୁନିୟନର ପ୍ରତିଷ୍ଠାତା ସଭ୍ୟ ରତ୍ନାକର ବିଶ୍ୱାଳଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ନୂଆବଜାର ସ୍ଥିତ ୟୁନିୟନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବିଶ୍ୱାଳ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସଂଘର ସଭ୍ୟ ତଥା ବିଭିନ୍ନ ପଦପଦବୀରେ କାର୍ଯ୍ୟକରି ଆସିଥିଲେ। ତାଙ୍କ ବିୟୋଗରେ ୟୁନିୟନ ଜଣେ ପ୍ରବୀଣ ସାଥୀଙ୍କୁ ହରାଇଲା ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଥିଲା। ଅସିତ ବରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘର ସାଧାରଣ ସମ୍ପାଦକ ରାଜକିଶୋର ଲେଙ୍କାଙ୍କ ସମେତ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସିଆଇଟିୟୁର ନେତା ବିଜୟ ପାତ୍ର, ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା, ଟିୟୁଏସିସିର ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ବାମପନ୍ଥୀ ନେତା ସୀତାଂଶୁ ସେନାପତି, ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ‘ଅଶ୍ରୁ’ର ସମ୍ପାଦକ ନୀଳମଣି ଦକ୍ଷିତ ଓ ଅରୁଣ ମିଶ୍ର,ପାଚିକା ସଂଘର ରାଜ୍ୟ ସମ୍ପାଦିକା ଈଷାଣୀ ଷଡ଼ଙ୍ଗୀ ଓ ମୃତ୍ୟୁଞ୍ଜୟ ରାଉତ,ନିର୍ମାଣ ଶ୍ରମିକନେତା ସୁଶାନ୍ତ ଜେନା,ଶିକ୍ଷକନେତା ସତ୍ୟଜିତ ଦାସ, ପ୍ରଭାକର ବେହେରା ଓ ସ୍ୱର୍ଗତ ବିଶ୍ୱାଳଙ୍କ ଜ୍ୟେଷ୍ଠପୁତ୍ର ପ୍ରଶାନ୍ତ ବିଶ୍ୱାଳ,ସାମ୍ବାଦିକ ଜଗନ୍ନାଥ ପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସୁଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

# ମଦ ଜବତ; ଜଣେ ଗିରଫ

ହାଟଡ଼ିହୀ,୧୫।୧୦(ସମିସ): ସୋସୋ ପୁଲିସ ଢେଙ୍କା ଅଞ୍ଚଳରେ ଚଢ଼ଉ କରି ମଦ ଜବତ କରିବା ସହ ଜଣକୁ ଗିରଫ କରିଛି । ହାଇସ୍କୁଲ ନିକଟରେ ରୀତିମତ ମଦ ବିକ୍ରି ହେଉଥିବାରୁ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସୋସୋ ପୁଲିସ ପ୍ରଭାକର ମହାନ୍ତିଙ୍କ ଘରେ ଚଢ଼ଉ କରି ୧୪୫ ଲି. ୮୪୦ ମି.ଲି. ବିଦେଶୀ ମଦ ଜବତ କରିବା ସହ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ପ୍ରଭାକରଙ୍କୁ ଗିରଫ କରିଛି । ଏଥିରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ବୁଧବାର କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି । ଉକ୍ତ ଢେଙ୍କା ଅଞ୍ଚଳରେ ପ୍ରଭାକରଙ୍କ ସମେତ ଆହୁରି ଅନେକ ଛୋଟବଡ଼ ଚୋରା ମଦ ବେପାରୀ ଖୁଲମଖୁଲ୍ଲା ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିବା ବେଳେ ଉକ୍ତ ହାଇସ୍କୁଲ ପଛ ପାଖକୁ ଲାଗି ଅନ୍ୟଜଣେ ବେପାରୀ ଚୋରା ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ପୁଲିସ ଏଥିପ୍ରତି ଧ୍ୟାନ ଦେଲେ ମଦୁଆଙ୍କ ସଂଖ୍ୟା କମିବା ସହ ସେମାନଙ୍କ ଦୌରାତ୍ମ୍ୟ ଉପରେ ମଧ୍ୟ ଲଗାମ୍ ଲାଗି ପାରନ୍ତା ବୋଲି ଆଲୋଚନା ହେଉଛି ।

# ବିଧାୟକଙ୍କ ଜନ୍ମଦିନରେ ରୁଦ୍ରାଭିଷେକ ଓ ବୃକ୍ଷରୋପଣ



ତୁରୁମୁଙ୍ଗା, ୧୫।୧୦(ସମିସ): ପାଟଣା ବ୍ଲକ ସରାସକୋଲା ପଞ୍ଚାୟତ ମୁଖ୍ୟାଳୟସ୍ଥିତ ସିଦ୍ଧେଶ୍ୱର ଶିବ ମନ୍ଦିରରେ ବୁଧବାର ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ୭୫ତମ ଜନ୍ମଦିନ ଧୁମଧାମରେ ପାଳିତ ହୋଇଛି । ବିଜେପି ନେତା-କର୍ମୀଙ୍କ ତରଫରୁ ବିଧାୟକଙ୍କ ଦୀର୍ଘ ଜୀବନକାମନା କରି ରୁଦ୍ରାଭିଷେକ କରାଯିବା ସହ ୧୦୮ ଦୀପ ଦାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସଭାପତି ତ୍ରିନାଥ ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସ୍ୱତନ୍ତ୍ର ପୂଜାକୁ ପଣ୍ଡିତ ପ୍ରମୋଦ ଦାଶ ଓ ଭାଗୀରଥି ଦାଶ ସମ୍ପାଦନ କରିଥିଲେ । ବରିଷ୍ଠ ନେତା ଯତୀନ୍ଦ୍ର ଦାଶ, ହରିଶ୍ଚନ୍ଦ୍ର ମହାନ୍ତ, ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଦୀପକ ରଞ୍ଜନ ମହାନ୍ତ, ଏଡିଓ ଜୟନ୍ତୀ ମହାନ୍ତ, ପଞ୍ଚାୟତ ନିର୍ବାହୀ ଅଧିକାରୀ ତପନ ମହାନ୍ତ, ଆର୍ତ୍ତତ୍ରଣ ବେହେରା, ଶଙ୍କର୍ଷଣ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ବାରିକ, ସଚିନ୍ଦ୍ର ମହାନ୍ତ, ସଦାନନ୍ଦ ମହାକୁଡ଼, ଅନୀଲ ନାୟକ, ସୁନିତା ପାଇଦା, ମିନତୀ ଟାଙ୍ଗଣିଆ ସାମିଲ ହୋଇଥିଲେ ।

# ପୂର୍ବତନ ପଞ୍ଚାୟତ ସମ୍ପାଦକଙ୍କ ପରଲୋକ



ଆନନ୍ଦପୁର, ୧୫।୧୦ (ସମିସ): ଘସିପୁରା ବ୍ଲକ ଗୋହିରା ପଞ୍ଚାୟତର ପୂର୍ବତନ ସମ୍ପାଦକ ତଥା ବୀରଗୋବିନ୍ଦପୁର ରଘୁନାଥଜୀଉ ଶାସନ ବିବାସୀ ପୂର୍ଣ୍ଣଚନ୍ଦ୍ର ମିଶ୍ର (୮୪)ଙ୍କ ଦେହାନ୍ତ ହୋଇଯାଇଛି । ସେ ଅବସର ଗ୍ରହଣ କରିବା ପରେ ଗ୍ରାମର ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହିତ ଯୋଡିହୋଇ ରହିଥିଲେ । ଶାରୀରିକ ଅସୁସ୍ଥତା ହୋଇ ଘରୋଇ ଭାବେ ଚିକିତ୍ସିତ ହେଉଥିଲେ । ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କର ପରଲୋକ ହୋଇଯାଇଛି । ଖବର ପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଶେଷ ଦର୍ଶନ କରିଥିଲେ ।

## କାର୍ଯ୍ୟରେ ଅବହେଳା

# ଦୁଇ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଲମ୍ବିତ

ହାଟଡ଼ିହୀ,୧୫।୧୦(ସମିସ): ବାରମ୍ବାର ସ୍ପଷ୍ଟୀକରଣ ଦାଖଲ ନକରିବା ଏବଂ ତାଗିଦ୍ ସତ୍ତ୍ୱେ ଅନୁଦାନ ବିନିଯୋଗ ପ୍ରମାଣପତ୍ର ନଦେବାରୁ ହାଟଡ଼ିହୀ ବିଇଓ ୨ ଜଣ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି । ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଗୋପାଳପୁରର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘନ ସାହୁଙ୍କ ବିରୋଧରେ ପୂର୍ବରୁ ଏକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଅଛି । ଏହାସହ ଅନଧିକୃତ ଅନୁପସ୍ଥିତି, ଛୁଟି ସମ୍ପର୍କରେ ଲିଖିତ ସ୍ପଷ୍ଟୀକରଣ ଦାଖଲ ନକରିବା ଅଭିଯୋଗ ସହ ୨୦୨୦/୨୧ରୁ ୨୦୨୪/୨୦୨୫ ସମୟ ମଧ୍ୟରେ ନିଆଯାଇଥିବା ସରକାରୀ ପାଣ୍ଠି ପାଇଁ ବ୍ୟବହାର ପ୍ରମାଣପତ୍ର ଦାଖଲ କରିବାରେ ବିଫଳ ହୋଇଥିବା ନେଇ ତଦନ୍ତ ଚାଲିଛି । ସେହିପରି ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶ ନମ୍ବର ୨୭୧୮-୨୪/୭୨୦୨୫ ଅନୁଯାୟୀ, ନିର୍ଦ୍ଧାରିତ ସମୟ ମଧ୍ୟରେ ଲିଖିତ ସ୍ପଷ୍ଟୀକରଣ ଦାଖଲ ନକରିବା ଏବଂ ଆର୍ଥିକ ଦାୟିତ୍ୱରେ ଗୁରୁତର ତ୍ରୁଟି ଓ ଦାୟିତ୍ୱହୀନତା ପାଇଁ ଓସିଏ/ସିସିଏ ନିୟମ-୧୯୬୨ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରି ବ୍ଲକ ଶିକ୍ଷାଧିକାରୀ ତାଙ୍କ ଚିଠି ନଂ ୩୬୨୧ ତା ୧୩/୧୦/୨୦୨୫ରେ ତାଙ୍କୁ ନିଲମ୍ବିତ କରିଛନ୍ତି । ନିଲମ୍ବିତ ଶିକ୍ଷକ ଶତ୍ରୁଘନ ସାହୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ, ହାଟଡ଼ିହୀରେ ଉପସ୍ଥିତ ରହିବେ ଏବଂ ଉକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅନୁମତି ବିନା ମୁଖ୍ୟାଳୟ ଛାଡିବେ ନାହିଁ ବାଲି ଚିଠିରେ ଉଲ୍ଲେଖ ରହିଛି ।

ସେହିପରି ଶାଳକଣିଆ ସରକାରୀ ୟୁପି ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମଣ୍ଟୁ ଜେନାଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି । ତାଙ୍କ ବିରୋଧରେ ଏକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଅଛି । ୨୦୨୦-୨୧ରୁ ୨୦୨୪-୨୫ ବର୍ଷ ପର୍ଯ୍ୟନ୍ତ ସମୃଦ୍ଧ ଲଡୁର ପୁଷ୍ଟିକର ବଣ୍ଟନ ନକରିବା ଏବଂ ବ୍ୟବହାର ପ୍ରମାଣପତ୍ର ଦାଖଲ ନକରିବା ଏବଂ କର୍ତ୍ତବ୍ୟ ପ୍ରତି ଦାୟିତ୍ୱହୀନତା ସମ୍ପର୍କରେ ଏକ କାର୍ଯ୍ୟାନୁଷ୍ଠାନ ତଦନ୍ତାଧୀନ ଅଛି । ଓସିଏ/ସିସିଏ ନିୟମ-୧୯୬୨ ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରି ବ୍ଲକ ଶିକ୍ଷା ଅଧିକାରୀ ରାଜୀବ ଦଳେଇ ତାଙ୍କ ଚିଠି ନମ୍ବର ୩୬୧୬-୧୩/୧୦/୨୦୨୫ରେ ତାଙ୍କୁ ନିଲମ୍ବିତ କରିଛନ୍ତି । ନିର୍ଦ୍ଦେଶ ଦିଆଯାଇଛି ଯେ ନିଲମ୍ବନ ସମୟ ମଧ୍ୟରେ ମଣ୍ଟୁ ଜେନା ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ହାଟଡ଼ିହୀରେ କାର୍ଯ୍ୟ କରିବେ ଏବଂ ବ୍ଲକ୍ ଶିକ୍ଷାଧିକାରୀଙ୍କ ଅନୁମତି ବିନା ମୁଖ୍ୟାଳୟ ଛାଡିବେ ନାହିଁ ।

# ଘସିପୁରା ବଣମୁଣ୍ଡ ସାହିରୁ ମୋରମ୍ ଲୁଟ୍



ଆନନ୍ଦପୁର, ୧୫।୧୦ (ସମିସ): ଘସିପୁରା ବଣମୁଣ୍ଡ ସାହିର ଏକ ସରକାରୀ ଜମିରୁ ମୋରମ ଲୁଟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ନଦୀ ସଂଯୋଗୀକରଣ ଯୋଜନାର ପ୍ରସ୍ତାବିତ ଦକ୍ଷିଣ ପାର୍ଶ୍ୱ କେନାଲ କାର୍ଯ୍ୟ ବନ୍ଦ ଥିବା ବେଳେ ଏହାର ସୁଯୋଗ ନେଇ ଆଜକୁ ଦୁଇ ସପ୍ତାହ ଏପରି ଚୋରା କାରବାର ଚାଲିଥିବା ଅଭିଯୋଗ ହୋଇଛି । ପ୍ରସ୍ତାବିତ କେନାଲର ଦୁଇପାର୍ଶ୍ୱ ଜମିରୁ ମୋରମ କଟାଯାଉଥିବାରୁ କେନାଲ ଗାର୍ଡୱାଲ ନିର୍ମାଣରେ ବାଧା ସୃଷ୍ଟି ହେବାର ଆଶଙ୍କା ପ୍ରକାଶ ପାଇଛି । ଏହି ଅଞ୍ଚଳରେ କେତେକ ଉନ୍ନତିକରଣ କାର୍ଯ୍ୟ ହେବାକୁ ଯୋଜନା କରାଯାଇଥିବା ବେଳେ ମୋରମ ଖନନଜନିତ କ୍ଷତି ନେଇ ଆଶଙ୍କା ପ୍ରକାଶ ପାଇଛି । ପ୍ରତିଦିନ ସଞ୍ଜ ନଇଁଲେ ଜେସିବି ମେସିନର ପ୍ରଚଣ୍ଡ ଶବ୍ଦରେ ଅଞ୍ଚଳବାସୀ ଅଣନିଶ୍ୱାସୀ ହୋଇପଡିଲେଣି । ଏପରି କାରବାର ଯୋଗୁଁ ଆନନ୍ଦପୁର ପୌରାଞ୍ଚଳର ଘସିପୁରା ସମେତ ଆଖପାଖ ଅଞ୍ଚଳବାସୀଙ୍କ ଅନ୍ୟତମ ପ୍ରମୁଖ ଏହି ରାସ୍ତାରେ ସନ୍ଧ୍ୟା ପରେ ଯାତାୟାତ ବିପଦପୂର୍ଣ୍ଣ ହୋଇପଡିଛି । ମୋରମ ବୋଝେଇ ଟ୍ରାକ୍ଟରଗୁଡିକ ଦ୍ରୁତ ଗତିରେ ବେପରୁଆ ଭାବେ ଯାତାୟାତ କରୁଥିବାରୁ ଅଞ୍ଚଳବାସୀ ଚିନ୍ତିତ ହୋଇପଡିଛନ୍ତି । ପ୍ରତିଦିନ ରାତିସାରା ଏହି ଲଘୁଖଣିଜ ଚୋରା କାରବାରକୁ ଘସିପୁରା ଯୁବକ ସଙ୍ଘ ପକ୍ଷରୁ ବିରୋଧ କରାଯିବାରୁ ଉତ୍ତେଜକ ପରିସ୍ଥିତି ସୃଷ୍ଟି ହୋଇଛି । ଯୁବକସଙ୍ଘ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏପରି କାରବାରକୁ ଦୃଢ଼ ଭାବେ ବିରୋଧ କରାଯିବାକୁ ସଜବାଜ ହେଉଥିବା ଆଲୋଚନାରୁ ଜଣାଯାଇଛି । ତହସିଲ ପୁଲିସ ଓ ପ୍ରଶାସନ ନାକ ଆଗରେ ଚାଲୁଥିବା ଏହି କାରବାର ଉପରେ କେବେ କାର୍ଯ୍ୟାନୁଷ୍ଠାନ ହେବ ସେନେଇ ସଚେତନ ମହଲରେ ଅପେକ୍ଷା ରହିଛି ।

**ରାତିସାରା ଚୋରା ଚାଲାଣ**

# ଗ୍ରାମବାସୀଙ୍କ ବିରୋଧରୁ ନୋହିଲା ଜନଶୁଣାଣି



ଚମ୍ପୁଆ,୧୫।୧୦(ସମିସ): ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଞ୍ଚାୟତର ରରୁଆଁଗୋଡାଠାରେ ଥିବା ବହୁ ପୂରାତନ ସିଂହାସନପାଟ ପଥର ହୁଡି ପାଇଁ ହେବାକୁ ଥିବା ଜନଶୁଣାଣି ଶେଷରେ ଫସର ଫାଟିଯାଇଛି । ଗ୍ରାମବାସୀଙ୍କ ଜୋରଦାର ବିରୋଧ ଫଳରେ ଶେଷରେ ଜନଶୁଣାଣିକୁ ବିଫଳ ହୋଇଛି । ସରକାରଙ୍କ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହାକୁ ସ୍ଥଗିତ କରାଯାଇଥିବା ଉପଜିଲ୍ଲାପାଳ ଉମାକାନ୍ତ ପରିଡା ସୂଚନା ଦେଇଛନ୍ତି । ସୂଚନା ଅନୁସାରେ, ରରୁଆଁ ଗୋଡାର ସିଂହାସନପାଟ ପଥର ହୁଡି ପାଇଁ ପୂର୍ବରୁ ଗ୍ରାମସଭା କରାଯାଇଥିବା ସରପଂଚ ମାଧୁରୀ ନାଏକ ସୂଚନା ଦେଇଥିବା ବେଳେ ଆଜି ଏହି ଜନଶୁଣାଣି ଆରମ୍ଭ ହେବା ପୂର୍ବରୁ ଗ୍ରାମର ଶତାଧିକ ମହିଳା ପୁରୁଷ ସିଂହାସନପାଟ ପ୍ରତି ଅନ୍ୟାୟ ବନ୍ଦ କର, ଗ୍ରାମର ସମ୍ପତି ବିକ୍ରି ଚକ୍ରାନ୍ତ ବନ୍ଦ କର, ଗାଁ ଧଳା ହୁଡି ହତଶ୍ରୀ ହେବାକୁ ଦେବୁ ନାହିଁ ଆଦି ଲେଖାଥିବା ପ୍ଲାକାର୍ଡ ଧରି ବିରୋଧ ପ୍ରଦର୍ଶନ କରିବା ସହିତ ମୁଖ୍ୟ ରାସ୍ତାରେ ବସିରହିଥିଲେ । ଏଡିଏମ୍ ରବିନ୍ଦ୍ର ପ୍ରଧାନ, ଉପଜିଲାପାଳ ଉମାକାନ୍ତ ପରିଡା, ତହସିଲଦାର ସଜତ ମାର୍କେ, ସ୍ଥାନୀୟ ସରପଞ୍ଚ ମାଧୁରୀ ନାଏକ ପ୍ରମୁଖ ସଭାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଗ୍ରାମବାସୀଙ୍କ ତରଫରୁ ଏହି ଜନଶୁଣାଣିକୁ ଯାଇ ନଥିଲେ । ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରୁ ଫେରିଯାଇଥିଲେ । ଉତ୍ତେଜନା ଆଶଙ୍କାକୁ ଦୃଷ୍ଟିରେ ରଖି ପୁଲିସ ମୁତୟନ କରାଯାଇଥିବା ବେଳେ ଚମ୍ପୁଆ ଏନଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା ମାଜିଷ୍ଟ୍ରେଟ୍ ଦାୟିତ୍ୱ ତୁଲାଇଥିଲେ ।

# ରାତିଅଧରେ ଜ୍ୱାଇଁ ଜାଳିଦେଲା ଶଶୁର ଘର



ଚମ୍ପୁଆ, ୧୫।୧୦(ସମିସ): ଚମ୍ପୁଆ ଥାନା ଜାମୁଦଲକ ପଞ୍ଚାୟତର ମଙ୍ଗଳପୁର ଗ୍ରାମରେ ଘଟିଯାଇଛି ଏକ ଅଘଟଣ । ଶାଶୂ ଘରେ ଘରଜ୍ୱାଇଁଆ ରହୁଥିବା ଜ୍ୱାଇଁ ଶେଷରେ ରାତି ଅଧରେ ଉକ୍ତ ଘରେ ନିଆଁ ଲଗାଇ ଫେରାର ହୋଇଯାଇଥିବା ଚମ୍ପୁଆ ଥାନାରେ ଅଭିଯୋଗ ହୋଇଛି । ଚମ୍ପୁଆ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନା ଅନୁସାରେ, ବାଂଶପାଳ ବ୍ଲକ କୀର୍ତ୍ତନ ସନାଙ୍ଗିଙ୍କ ପୁଅ ଅଙ୍କୁର ଚମ୍ପୁଆ ମଙ୍ଗଳପୁର ନିବାସୀ ଶିବ ନାୟକଙ୍କ ଝିଅ ସୁସ୍ମିତାଙ୍କୁ ବିବାହ କରଥିଲେ । ନିଜ ଶଶୁର ଘରେ ରହିଆସୁଥିଲେ । ଗତକାଲି ଅଙ୍କୁରା ସନ୍ଧ୍ୟା ବେଳେ ବାହାରୁ ଘରକୁ ଫେରି ଘରେ ଖାଇବାକୁ ମାଗିଥିଲେ । ସୁସ୍ମିତା ତାଙ୍କୁ ଖାଇବାକୁ ଦେବା ସହିତ ନିକଟରେ ଥିବା ବାପଘରକୁ ଯାଇ ସେଠାରେ ଶୋଇପଡିଥିଲେ । ଅଙ୍କୁର ସୁସ୍ମିତାଙ୍କୁ ଡାକିବା ପାଇଁ ତାଙ୍କ ଶାଶୂଙ୍କୁ କହିବାରୁ ସେ ଥକାରେ ଏଠାରେ ଶୋଇପଡିଛି ବୋଲି କହିଥିଲେ । ଏଥିରେ ଉତ୍ୟକ୍ତ ହୋଇ ଅଙ୍କୁରା ଚୁପଚାପ ନିଜ ଘରକୁ ଫେରି ଆସିଥିଲେ । ପରେ ପ୍ରାୟ ରାତି ୧୧ ସମୟରେ ଶଶୁର ଘର କବାଟକୁ ବାହାର ପଟୁ ବନ୍ଦ କରିବା ସହିତ ନିଜେ ରହୁଥିବା ଘରେ ନିଆଁ ଲଗାଇ ଚାଉଳ ଓ କୁକୁଡା ନେଇ ଫେରାର ହୋଇଯାଇଥିଲେ । ସୁସ୍ମିତାଙ୍କ ଖୁଡି ନିଆଁ ଜଳୁଥିବା ଦେଖି ତୁରନ୍ତ ଶିବ ନାୟକଙ୍କୁ ଡାକିଥିଲେ । ଗ୍ରାମବାସୀ ଓ ଅଗ୍ନିଶମ ବିଭାଗ ଦ୍ୱାରା ଜଳୁଥିବା ଘରର ନିଆଁକୁ ଆୟତ୍ତ କରାଯାଇଥିଲେ ମଧ୍ୟ ଘରଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ଅଭିଯୋଗ ହୋଇଛି । ଉଭୟଙ୍କ ଏକ ୨ ବର୍ଷର ଶିଶୁକନ୍ୟା ରହିଛି ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା





ଚମ୍ପୁଆ,୧୫।୧୦(ସମିସ): ବିଧାୟକ ସନାତନ ମହାକୁଡ଼ଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଚନ୍ଦ୍ରଶେଖର ମହାଦେବଙ୍କ ଆଶୀର୍ବାଦ ନେଇ ହଜାର ହଜାର ବିଜେଡି କର୍ମୀ ବିଶାଳ ପଦଯାତ୍ରାରେ ବାହାରିଥିଲେ । ନଗର ପରିକ୍ରମା କରିବା ସହ ବିଜେପି ସରକାର ଶାସନର ବିଫଳତା ନାରାମାନ ଦେଇଥିଲେ । ପରେ ନଗର ଭବନଠାରେ ଏକ ସମ୍ବର୍ଦ୍ଧନା ସଭାରେ ଦଳର ନବନିଯୁକ୍ତ ଜିଲ୍ଲା, ବ୍ଲକ ଓ ନଗର ସଭାପତିଙ୍କୁ ସ୍ୱାଗତ କରାଯାଇଥିଲା । ଚମ୍ପୁଆ ଏନ୍ଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜେଡ଼ି ସଭାପତି ଆଶିଷ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବେ ଯୋଡା ନଗର ଉପସଭାନେତ୍ରୀ ସନ୍ଧ୍ୟାରାଣୀ ପାତ୍ର, ଯୋଡ଼ା ବିଜେଡି ବ୍ଲକ ସଭାପତି ଗୌତମ ବେହେରା, ଯୋଡ଼ା ନଗର ସଭାପତି ଚତୁର୍ଭୁଜ ପଲେଇ, ବଡ଼ବିଲ ନଗର ସଭାପତି ସଞ୍ଜୟ ନାଏକ, ଚମ୍ପୁଆ ବ୍ଲକ ସଭାପତି ଗଣେଶ ଖିଲାର, ନଗର ସଭାପତି ଛତ୍ରପତି ନାଏକ ଓ ଉପନଗରପାଳ ସୁମିତ୍ରା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ବିଜେପି ସରକାରକୁ ଆସିବାର ୧୫ ଦିନ ମଧ୍ୟରେ ଚିଟଫଣ୍ଡ ଅର୍ଥ ଫେରସ୍ତ କରାଯିବ ବୋଲି ଡିଣ୍ଡିମ ପିଟିଥିବା ପ୍ରତିଶ୍ରୁତି କେବଳ ଏକ ମିଛ ଧୁଆଁବାଣ ବୋଲି ପ୍ରକାଶ କରିଥିଲେ । ରାଜ୍ୟରେ ପୁଲିସ ଏସଆଇ ଚାକିରି ବିକ୍ରି, ଚାଷୀ ଓ ମହିଳାଙ୍କୁ ପ୍ରତାରଣା ଏବଂ ଏ ସରକାରଙ୍କ ୧୫ ମାସର ଶାସନ ଭିତରେ ରଣଭାର କଥା ମାଧ୍ୟମରେ ସମାଲୋଚନା କରାଯାଇଥିଲା ।

# ହେଉନି ରକ୍ଷଣାବେକ୍ଷଣ; ନଷ୍ଟ ହେଲାଣି ଶିଶୁପାର୍କ ଉପକରଣ

ଚମ୍ପୁଆ,୧୫।୧୦(ସମିସ): ଚମ୍ପୁଆ ଏନ୍ଏସିର ବିଭିନ୍ନ ୱାର୍ଡରେ ରକ୍ଷଣାବେକ୍ଷଣ ଅଭାବରୁ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଶିଶୁ ପାର୍କର ଉପକରଣଗୁଡିକ ନଷ୍ଟ ହୋଇପଡିଛି । ବିଜେଡି ସରକାର ସମୟରେ ଚମ୍ପୁଆ ଏନ୍ଏସି ବିଭିନ୍ନ ୱାର୍ଡରେ ଶିଶୁପାର୍କ ନିର୍ମାଣ କରାଯାଇଥିଲା । ଶିଶୁ ପାର୍କ ବେଶ୍ ଆକର୍ଷଣୀୟ ହୋଇଥିଲା । ଏନ୍ଏସି ଅଞ୍ଚଳର ପିଲାମାନେ ଖେଳକୁଦ କରୁଥିଲେ; କିନ୍ତୁ ରକ୍ଷଣାବେକ୍ଷଣା ଅଭାବରୁ ଏଗୁଡିକ କାମରେ ଆସୁନାହିଁ । ପାର୍କ ଭିତରେ ଘାସର ଜଙ୍ଗଲ ହୋଇଥିବାରୁ ସିମେଣ୍ଟ ଚେୟାରଗୁଡିକ ଅଧା ବୁଡି ରହିଛି । ଭିତରେ ପାଣି ରହିଥିବାରୁ ଭିତରକୁ ଯିବା ସମ୍ଭବ ହେଉନାହିଁ । ଏପରି ଅବସ୍ଥା ଦେଖିବାକୁ ମିଳିଛି ଏନ୍ଏସିର ୭ ନଂ ୱାର୍ଡ ପାର୍କରେ । ସେହିପରି ୧ ନଂ ଗୋଧୂଳି ଗାଁରେ ଥିବା ପାର୍କରେ କିଛି ଜିନିଷ ଭାଙ୍ଗିରୁଜି ଗଲାଣି ତ ଆଉ କିଛି ଜିନିଷ ଗାଏବ ହୋଇଗଲାଣି । ୧୨ ନଂ ୱାର୍ଡ ରାମଲାଠାରେ ୫ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଶିଶୁ ପାର୍କଟି ଏଯାବତ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଥିବାରୁ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏନ୍ଏସିର ବିଭିନ୍ନ ୱାର୍ଡରେ ପାର୍କ ନିର୍ମାଣ କରାଯାଇ ଶିଶୁମାନଙ୍କ ପାଇଁ ଲାଗିଥିବା ବିଭିନ୍ନ ଖେଳଣା ଓ ଆମୋଦପ୍ରମୋଦ ପାଇଁ ସାଜସଜ୍ଜା ସାମଗ୍ରୀ ଦୀର୍ଘଦିନ ହେବ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି । ଯେଉଁଥିରେ ପିଲାମାନଙ୍କ ପାଇଁ ଝୁଲା, ସ୍ଲାଇଡ୍ ଓ ଅନ୍ୟାନ୍ୟ ଖେଳ ଉପକରଣ ସହ ଚେୟାର ଏବଂ ଫୁଲଗଛ ଲାଗିଥିଲା । ଏନ୍ଏସିର ଅବହେଳା କାରଣରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏସମସ୍ତ ସାମଗ୍ରୀ ଅବ୍ୟବହୃତ ହେବା ସହ ନଷ୍ଟ ହେବାକୁ ବସିଲାଣି । ଏନେଇ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା କହିଛନ୍ତି ଯେ ସେ ଆସିବା ପୂର୍ବରୁ ଏଗୁଡ଼ିକ ଏହିପରି ଅବସ୍ଥାର ରହିଛି । ୱାର୍ଡ ବାସୀ ସଚେତନ ନହେଲେ କଣ କରିପାରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ । ଦୀର୍ଘ ୨ ବର୍ଷ ହେବ କାର୍ଯ୍ୟରେ ଯୋଗ ଦେଇଥିବା ଅଧିକାରୀଙ୍କ ଏଭଳି ପ୍ରତିକ୍ରିୟାକୁ ନେଇ ଏନ୍ଏସି ଉନ୍ନତିକରଣ କାମରେ ସ୍ୱତଃ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।






# କେ.ବାଲିପାଳରେ ଆଗଉନି ଉନ୍ନୟନ କାର୍ଯ୍ୟ; ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

ହାଟଡ଼ିହୀ,୧୫।୧୦(ସମିସ): ହାଟଡ଼ିହୀ ବ୍ଲକ୍ କେ.ବାଲିପାଳ ଗ୍ରାମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅଟକି ଥିବାରୁ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ । ନିକଟରେ ସରକାର ବସୁନ୍ଧରା ଯୋଜନାରେ ସମସ୍ତ ଘରଡ଼ିହ ବିହୀନ ପରିବାରଙ୍କୁ ଚିହ୍ନଟ କରି ସେମାନଙ୍କୁ ଘରଡ଼ିହ ପଟ୍ଟା ପ୍ରଦାନ କରିବା ପାଇଁ ସରକାରଙ୍କ ତରଫରୁ ସର୍ଭେ କାର୍ଯ୍ୟ କରାଯାଇଥିଲା ।



ଏଥିରେ କେ.ବାଲିପାଳ ଗ୍ରାମର ୧୨୬ ପରିବାର ସମ୍ପୂର୍ଣ୍ଣ ଭୂମିହୀନ ଅନୁସୂଚିତ ଜନଜାତି ପରିବାର ଚିହ୍ନଟ ହୋଇଥିଲେ । ତହସିଲଦାର ହାଟଡ଼ିହୀ ଏବଂ ଆରଆଇ ପଡିଆରପଲ୍ଲୀ ଗାଁ ସ୍ତରରେ ସମସ୍ତ କାର୍ଯ୍ୟ ସମାପ୍ତ କରି ସାରିଛନ୍ତି; କିନ୍ତୁ କେ.ବାଲିପାଳ ଗ୍ରାମବାସୀ ବସବାସ କରୁଥିବା ପ୍ଲଟଗୁଡ଼ିକ ଜଳାଶୟ କିସମ ହୋଇଥିବାରୁ ଏହା ଜଳସମ୍ପଦ ବିଭାଗର ଜଳମଗ୍ନ ସୀମା ଚିହ୍ନଟ କରିବା ପାଇଁ ଗ୍ରାମବାସୀ ଉପଜିଲ୍ଲାପାଳଙ୍କ ପାଖରେ ଦାବି ଉପସ୍ଥାପନ କରିଛନ୍ତି । ପ୍ରକାଶଥାଉକି, ୧୯୬୫-୭୦ ମସିହାରେ ହଦଗଡ ଡ୍ୟାମ ବନ୍ଧ ନିର୍ମାଣ ସମୟରେ ଏହି କେ.ବାଲିପାଳ ଗ୍ରାମର ୪୧୯୦ ଏକର ଜମି ଜଳମଗ୍ନ ହେବ ବୋଲି ସରକାରୀ ରେକର୍ଡ ହୋଇଥାଏ ପାଞ୍ଚ ବର୍ଷ ଭିତରେ ତାହା ବ୍ୟବହାର ନହେଲେ ତାହା ପୂର୍ବ ଅବସ୍ଥାକୁ ଫେରି ଆସେ ବୋଲି ଜଙ୍ଗଲ ଅଧିକାର ଆଇନରେ ଉଲ୍ଲେଖ ରହିଛି । ଏହା କାର୍ଯ୍ୟକାରୀ ହେଉନି ବୋଲି ବୁଦ୍ଧିରାମ ପୂର୍ତ୍ତି, ଶ୍ରୀରାମ ପୂର୍ତ୍ତି, ସୁମା ମହାକୁଡ଼, ସାଧ ହୋ, କାଣ୍ଡେ ହେମ୍ବ୍ରମ ପ୍ରମୁଖ ଅଭିଯୋଗ କରିଛନ୍ତି ।






## ଉପଜିଲ୍ଲାପାଳଙ୍କ ଦେଓଗାଁ ପଞ୍ଚାୟତ ପରିଦର୍ଶନ



ଆନନ୍ଦପୁର, ୧୫।୧୦ (ସମିସ): ଘସିପୁରା ବ୍ଲକ ଦେଓଗାଁ ପଞ୍ଚାୟତ ପରିଦର୍ଶନକରି ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ବୁଧବାର ନିର୍ମାଣାଧୀନ ସ୍ୱଚ୍ଛ ଭାରତ ମିଶନରେ ସର୍ବସାଧାରଣ ଶୌଚାଳୟର ତଦାରଖ କରିଛନ୍ତି। ଦେଓଗାଁ କଲ୍ୟାଣ ମଣ୍ଡପ ମରାମତି ଓ ରୋଷ ଘର ନିର୍ମାଣ ସହ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ମରାମତି ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇ କାର୍ଯ୍ୟର ଅଗ୍ରଗତି ପାଇଁ କହିଥିଲେ। ଏହି କାର୍ଯ୍ୟକ୍ରମ ବେଳେ ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ ସାହୁ, ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟସଭ୍ୟା ସାମିଲ ହୋଇଥିଲେ। ଜନସାଧାରଣ ସମୀକ୍ଷା କାର୍ଯ୍ୟକ୍ରମ ଏବଂ ଉପଜିଲ୍ଲାପାଳଙ୍କ ଗସ୍ତକୁ ସ୍ୱାଗତ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତେଲକୋଇ, ୧୫।୧୦(ସମିସ): ତେଲକୋଇ ବ୍ଲକ ଦେଉଳଡିହା ପଞ୍ଚାୟତର ଦେଉଳଡିହା ଗ୍ରାମରେ ଥିବା ରାଧାକୃଷ୍ଣ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ ଶ୍ରୀ ପ୍ରଧାନ ଉକ୍ତ ବିଦ୍ୟାଳୟରେ ୪ବର୍ଷରୁ ଊର୍ଦ୍ଧ୍ୱ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇଥିବା ଦୃଷ୍ଟିରୁ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ୱାମୀଜୀ ନିର୍ଲିପ୍ତାନନ୍ଦ ସରସ୍ୱତୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପାଲଲହଡା ରଘୁନନ୍ଦନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଖଗେଶ୍ୱର ମହାନ୍ତ, ଭିକାରୀ ଚରଣ ସାହୁ, ଯତୀନ୍ଦ୍ର କୁମାର ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୁଣଗାନ କରିଥିଲେ। ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ତାଙ୍କ ଅନୁଭୂତି ସମ୍ପର୍କରେ କହିଥିଲେ। ଶିକ୍ଷକ ଦେବାଶିଷ ପାତ୍ର ପରିଚାଳନା କରିଥିବାବେଳେ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସମେତ ଅଭିଭାବକମାନେ ସାମିଲ ରହିଥିଲେ।

## ବୃହତ୍ ଇସ୍ପାତ୍ ପ୍ରକଳ୍ପ ବିସ୍ଥାପିତ ସପକ୍ଷବାଦୀ ମଞ୍ଚ ପକ୍ଷରୁ କର୍ମଶାଳା



ତୁରୁମୁଙ୍ଗା, ୧୫।୧୦(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗାସ୍ଥିତ ଜେପି କଲ୍ୟାଣ ମଣ୍ଡପଠାରେ ବୁଧବାର ଇସ୍ପାତ ପ୍ରକଳ୍ପ ବିସ୍ଥାପିତ ସପକ୍ଷବାଦୀ ମଞ୍ଚ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପାଟଣା ଅଖିଳଚନ୍ଦ୍ର ନାଏକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ କର୍ମଶାଳାରେ ବିଧାୟକ ଶ୍ରୀ ନାଏକ, ଇଂ ଅମରବର ଖଟୁଆ, ସପକ୍ଷବାଦୀ ମଞ୍ଚର ସଭାପତି ଡ. ସଞ୍ଜୀବ ଘଣା, ସମ୍ପାଦକ ବିଶ୍ୱମ୍ବର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ୧୨ଟି ଗ୍ରାମର କିପରି ବିସ୍ଥାପିତଙ୍କ ସମସ୍ୟା ନହେବ ସେନେଇ ଆଲୋଚନା କରାଯାଇଥିଲା। ଅଞ୍ଚଳର ଶତାଧିକ ମହିଳା ପୁରୁଷ ଉପସ୍ଥିତ ରହି ଏହାକୁ ପୂର୍ଣ୍ଣ ସମର୍ଥନ କରିଥିଲେ।। ଷ୍ଟିଲ ପ୍ଲାଣ୍ଟ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ରହିଥିବା ବେଳେ ଏଥିପାଇଁ ସରକାର ଏମ୍ଓୟୁ କରିଛନ୍ତି। ପାଟଣା ବ୍ଲକ ଚେମେଣା ଓ ଯମୁନାପଶି ପଞ୍ଚାୟତ ଅଞ୍ଚଳରେ ହେବାକୁ ଥିବା ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟକୁ ସପକ୍ଷବାଦୀ ମଞ୍ଚ ସ୍ୱାଗତ କରିଛି। ଅଞ୍ଚଳରେ ଷ୍ଟିଲପ୍ଲାଣ୍ଟ ହେଲେ ଜିଲ୍ଲାର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବା ସହ ଜିଲ୍ଲାବାସୀ ଆଉ ରୋଜଗାର ପାଇଁ ବାହାରକୁ ଯିବେ ନାହିଁ ବୋଲି ଅମରବର ଖଟୁଆ କହିଥିଲେ। ବିସ୍ଥାପିତ ଅଞ୍ଚଳର ଜମି ହରାଉଥିବା ଲୋକଙ୍କ ପାଇଁ ବିଧାୟକ ଚିନ୍ତିତ ଥିବା କହିବା ସହ ଲୋକଙ୍କୁ ଉଚିତ ନ୍ୟାୟ ଦିଆଯିବ ବୋଲି କହିଥିଲେ। ଲୋକଙ୍କୁ ଉପଯୁକ୍ତ ବିସ୍ଥାପନ ନ୍ୟାୟ ନମିଳିଲେ ଏହି ମଞ୍ଚ କମ୍ପାନୀ ବିରୋଧରେ ଯିବ ବୋଲି ଦୃଢ଼ୋକ୍ତିର ସହ କହିଥିଲେ।

## ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ କୁଇଜ୍ ପ୍ରତିଯୋଗିତା

ରାଇରଙ୍ଗପୁର,୧୫।୧୦(ସମିସ): ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ବିକଶିତ ଭାରତ କ୍ୱିଜ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ସରକାରଙ୍କ ନିର୍ଦ୍ଦେଶ କ୍ରମେ କଲେଜର ଡିଗ୍ରୀ ଏବଂ ଅନ୍ୟାନ୍ୟ ଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ପ୍ରତିଯୋଗିତା ଶୀକ୍ଷଣୀୟ ବାର୍ତ୍ତା ସମ୍ପନ୍ନ ହୋଇଥିଲା। ଅଧକ୍ଷ ରବିଶଙ୍କର ଶତପଥିଙ୍କ ପରାମର୍ଶରେ କୋର୍ଡିନେଟର ବିଜୟ କୁମାର ରାମ ଏବଂ ଇଂରାଜୀ ଅଧ୍ୟାପିକା ଅଭିସ୍ମିତା ଦାସ ପରିଚାଳନା କରିଥିଲେ। ଅଧକ୍ଷ ଶ୍ରୀ ଶତପଥି କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ସ୍ୱାଗତ ସଂଭାଷଣ ସହିତ ଛାତ୍ରୀମାନଙ୍କ ସହିତ ପ୍ରଶ୍ନୋତ୍ତର ମଧ୍ୟ କରିଥିଲେ। ଅଧ୍ୟାପିକା ଅନୀତା ସମଦ, ଅମିତ ଗୋପାଳ ଆୟୋଜନରେ ସହଯୋଗ କରିଥିଲେ। ଅଧ୍ୟାପିକା ରେଣୁକା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରକାର ପ୍ରଶ୍ନୋତ୍ତର ସହିତ କ୍ୱିଜ ପ୍ରତିଯୋଗିତା ଖୁବ ପ୍ରଶଂସିତ ହୋଇଥିଲା ଏବଂ କଲେଜ କର୍ମଚାରୀମାନେ ମଧ ଏଥିରେ ଯୋଗଦେଇଥିଲେ। ଶୁଭଦର୍ଶିନୀ ମିଶ୍ର, ପାନାଶ୍ୱରୀ ଟୁଡୁ, ବିଦ୍ୟାବତି ବେହେରା, ତରୁଣ ମହାନ୍ତ, ମାୟା, ସାଓନା, ସୁଲକ୍ଷଣା ଓ ଅନ୍ୟ କର୍ମଚାରୀମାନଙ୍କ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## ବନଖଣ୍ଡ ସ୍ତରୀୟ ବାର୍ଷିକ ସମୀକ୍ଷା

# ମଣଦା ବନାଞ୍ଚଳ ଶ୍ରେଷ୍ଠ ଭାବେ ପୁରସ୍କୃତ

ବିଶୋଇ,୧୫।୧୦(ସମିସ)

ରାଇରଙ୍ଗପୁର ବନଖଣ୍ଡସ୍ତରୀୟ ବାର୍ଷିକ ସମୀକ୍ଷାରେ ଏହି ବନଖଣ୍ଡ ଅଧୀନ ମଣଦା ବନାଞ୍ଚଳ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଛି। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ସମୀକ୍ଷା ପାଇଁ ରାଇରଙ୍ଗପୁର ବନଖଣ୍ଡସ୍ତରୀୟ ବାର୍ଷିକ ସମୀକ୍ଷା ବୈଠକ ଆଜି ରାଇରଙ୍ଗପୁର ସ୍ଥିତ ମହତାବ ଭବନଠାରେ ଅନୁଷ୍ଠିତ ହୋଇଯାଇଥିଲା। କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବନଖଣ୍ଡ ଅଧୀନ ପାଞ୍ଚ ଗୋଟି ବନାଞ୍ଚଳର ବନ ସୁରକ୍ଷାର ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ବିଭିନ୍ନ ଜଙ୍ଗଲ ଓ ଲଘୁଜାତ ଜାତଦ୍ରବ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶନୀ କରିଥିଲେ। ମଣଦା ବନାଞ୍ଚଳ ଅଧୀନ ଦୁଇଗୋଟି ସ୍ୱୟଂ ସହାୟକ ଗୋଷ୍ଠୀର ମାଆମାନେ ପିତ୍ତଳ ମୂର୍ତ୍ତି, ବାଉଁଶରେ ନିର୍ମିତ ବିଭିନ୍ନ ପ୍ରକାର ଘରୋଇ ସାମଗ୍ରୀ,





ଜିଆଖତ, ନାଲି ଚାଉଳ ଓ ଜଙ୍ଗଲଜାତ ଦ୍ରବ୍ୟ ପ୍ରଦର୍ଶନ କରିଥିଲେ। ସୂଚନାଯୋଗ୍ୟକି, ଏସିଏଫ ତଥା ମଣଦା ବନାଞ୍ଚଳର ଭାରପ୍ରାପ୍ତ ଅଧିକାରିଣୀ ଧରିତ୍ରୀ ମୁର୍ମୁଙ୍କ ବଳିଷ୍ଠ ତତ୍ତ୍ୱାବଧାନ ତଥା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ସଂଯୋଜକ ରାଜୀବ ଲୋଚନ ପଲେଇଙ୍କ ମାର୍ଗଦର୍ଶନରେ ବନାଞ୍ଚଳ ଅଧୀନ ୧୪ଟି ବନ ସୁରକ୍ଷା ସମିତିର ସ୍ୱୟଂ ସହାୟକ ମାଆମାନେ ବନ ସୁରକ୍ଷା ସମିତିର ଆବର୍ତ୍ତନ ପାଣ୍ଠି ବିନିଯୋଗ କରିଥିଲେ। ସେମାନେ ଜଙ୍ଗଲଜାତ ସାମଗ୍ରୀରେ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରସ୍ତୁତ ସହିତ ଜିଆଖତ ଚାଷ ଏବଂ ବିକ୍ରୟ କରି ରୋଜଗାରକ୍ଷମ ହୋଇ ପାରିଛନ୍ତି। ଏଥିପାଇଁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମହିଳାମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ମଣଦା ବନାଞ୍ଚଳ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଏହି ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହେବା ସହିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଉପସ୍ଥିତ ସାଂସଦ ନବଚରଣ ମାଝୀ, ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ଏବଂ ବନ ଅଧିକାରୀଙ୍କ ଠାରୁ ପୁରସ୍କାର ରାଶି, ମାନପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମଣଦା ବନାଞ୍ଚଳର ବନପାଳ ଇବତିଶ୍ୟାମ ସାୟା, ବନପାଳ ପଙ୍କଜ ବେହେରା, ବନପାଳ ରଞ୍ଜିତା ମହାନ୍ତ, ଜାଶ୍ମିମଣି ମାର୍ଣ୍ଡି ଓ ଚନ୍ଦନ ମୁର୍ମୁ ସମେତ ସମସ୍ତ କାର୍ଯ୍ୟରତ ବନ କର୍ମଚାରୀ ଉପସ୍ଥିତ ଥିଲେ।

## ● ନିରାଶ କରୁଛି ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

# ବିଇଓଙ୍କୁ ଅସମର୍ଥ ଘୋଷଣା ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

ବାରିପଦା,୧୫।୧୦(ସମିସ): ବିଭିନ୍ନ ବେଆଇନ କାର୍ଯ୍ୟ ଓ ମାଳମାଳ ଦୁର୍ନୀତିରେ ଲିପ୍ତଥିବା ଶୁଳିଆପଦା ବିଇଓ ମାଳତୀ ଟୁଡୁଙ୍କ ବିରୋଧରେ ସମସ୍ତ ତଥ୍ୟ ପ୍ରମାଣସହ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ୨୦୨୪ ମସିହା ସେପ୍ଟେମ୍ବର ୨୩ ତାରିଖ ଦିନ ଅଭିଯୋଗ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶ ମୁତାବକ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶିଧର ସିଂ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ୨୦୨୪ ନଭେମ୍ବର ୨୫ ତାରିଖରେ ଉକ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ପ୍ରକାଶ ପାଇଥିଲା। ଯେଉଁ ରିପୋର୍ଟରେ ବିଇଓ ମାଳତୀ ଟୁଡୁଙ୍କ ଅଫିସ ପରିଚାଳନାରେ ଅସମର୍ଥ ଦର୍ଶାଯାଇଥିଲା। ତଥ୍ୟ ପ୍ରାମାଣ ସହିତ ଦୁର୍ନୀତିର ଅଭିଯୋଗ ହୋଇଥିଲେ ମଧ ଏହି ଦିଗଟିକୁ ରିପୋର୍ଟରେ ଅଣଦେଖା କରାଗଲା। ତଥାପି ରିପୋର୍ଟରେ ଅସମର୍ଥ ଘୋଷଣା ହୋଇଥିବାରୁ କିଛିହେଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅଭିଯୋଗକାରୀ ଆଶା ରଖିଥିଲେ, ହେଲେ ଏକ ବର୍ଷ ହେବାକୁ ବସିଲାଣି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେବାରୁ ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଇତିମଧ୍ୟରେ ୪ଥର ଅଭିଯୋଗ କରିସାରିଲେଣି। ଅଭିଯୋଗ କରିକରି ଅଭିଯୋଗକାରୀ ନିରାଶ ହୋଇଗଲେଣି ହେଲେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଆଉ କୌଣସି ରିପୋର୍ଟ ପ୍ରକାଶ ପାଉନାହିଁ। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିର ଅଭିଯୋଗଗୁଡିକ ଗତ ମେ’ ମାସଠାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପଡି ରହିଥିବା ଜନଶୁଣାଣି ପୋର୍ଟାଲରୁ ଜାଣିବାକୁ ମିଳିଛି। ତେବେ ମେ’ ମାସରୁ କେଉଁ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ରିପୋଟକୁ ଚାପି ରଖିଛନ୍ତି ତାହା ସନ୍ଦେହଜନକ। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ୪ଥର ଅଭିଯୋଗ ପରେ ମଧ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତାର କଥା କହୁଥିବା ମୁଖ୍ୟମନ୍ତ୍ରୀଙ୍କଠାରେ ଆଉ କେତେଥର ଅଭିଯୋଗ ପରେ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


OFFICE OF THE DISTRICT EDUCATION OFFICER, MAYURBHANJ, BARIPADA

# ମନୋନୀତ ସିଣ୍ଡିକେଟ୍ ସଦସ୍ୟଙ୍କୁ ନେଇ ବିବାଦ

**ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ**

ବାରିପଦା,୧୫।୧୦(ସମିସ): ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜଣେ ମନୋନୀତ ସିଣ୍ଡିକେଟ୍ ସଦସ୍ୟଙ୍କୁ ନେଇ ବିବାଦ ଉଠିଛି। କୁଳାଧିପତି ତଥା ରାଜ୍ୟପାଳ ବିଶ୍ୱବିଦ୍ୟାଳୟର ଜଣେ ପୂର୍ବତନ କର୍ମଚାରୀ ଲକ୍ଷ୍ମୀନାରାୟଣ ଦାଶଙ୍କୁ ମନୋନୀତ କରିଛନ୍ତି। ଯିଏକି ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳସଚିବ ଥିବା ବେଳେ ନାନାଦି ବିବାଦ ଓ ଅନିୟମିତତା ପାଇଁ ଚର୍ଚ୍ଚିତ ହୋଇଥିଲେ। ସେ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟରେ ସିଧାସଳଖ ରିଡର ହିସାବରେ ନିଯୁକ୍ତି ପାଇଥିଲେ। ଯଦିଓ ରିଡର ପାଇଁ ସର୍ବନିମ୍ନ ୮ ବର୍ଷର ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟାପନାର ଅଭିଜ୍ଞତା ନଥିଲା ଓ ସେ ଏହା ପୂର୍ବରୁ ଏକ ଯୁକ୍ତଦୁଇ ମହାବିଦ୍ୟାଳୟରେ ଅଧ୍ୟାପନା କରିଥିଲେ। ଯାହାକି ୟୁଜିସିର ନିୟମ ଅନୁଯାୟୀ ବେଆଇନ ଅଟେ। ୨୦୧୫ ମସିହାରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ରହିଥିଲା ବେଳେ ଶ୍ରୀ ଦାଶ ନାନାଦି ବିବାଦୀୟ କାର୍ଯ୍ୟରେ ମଧ ଲିପ୍ତ ଥିଲେ। ବିଶ୍ୱବିଦ୍ୟାଳୟର ସଂସ୍କୃତି ବିଭାଗରେ ପିଏଚ୍‌ଡି ଯୋଗ୍ୟତା ନଥାଇ ବିଶ୍ୱବିଦ୍ୟାଳୟ ୱେବସାଇଟ୍‌ରେ ପିଏଚ୍‌ଡି ବୋଲି ମିଛରେ ଦର୍ଶାଇ ଜଣକୁ ରିଡର ଭାବରେ ନିଯୁକ୍ତି ନେବା, ଅଧିକ ସଂଖ୍ୟକ ଅଣଶିକ୍ଷକ କର୍ମଚାରୀ ବିଶ୍ୱବିଦ୍ୟାଳୟରେ ଅଛନ୍ତି ଦର୍ଶାଇ ରାଜ୍ୟ ସରକାରଙ୍କ ପାଖରୁ ଅନୁଦାନ ଆଣିବା, ଜଙ୍ଗଲ ବିଭାଗର ବିନା ଅନୁମତିରେ ବିଶ୍ୱବିଦ୍ୟାଳୟ ପରିସରରୁ ଶହ ଶହ ଗଛ କାଟିବା, ବେଆଇନ୍ ନିଯୁକ୍ତି, ନିର୍ମାଣ କାର୍ଯ୍ୟରେ ଜାଲିଆତି ନେଇ ସେ ସମୟରେ ସେ ବିବାଦୀୟ ରହିଥିଲେ। ତତ୍‌ସହିତ ଏହି ବିଶ୍ୱବିଦ୍ୟାଳୟର ଜନୈକା ମହିଳା କର୍ମଚାରୀଙ୍କୁ ଦୁଃବ୍ୟବହାର କରି ଓ ଏସଂକ୍ରାନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ସଂପୃକ୍ତ ମହିଳା କର୍ମଚାରୀଙ୍କ ପାଖରୁ ଲିଖିତ କ୍ଷମା ପ୍ରାର୍ଥନା ମଧ କରିଥିଲେ। ଏପରି କାର୍ଯ୍ୟରେ ଆଉ କରିବେ ନାହିଁ ବୋଲି ସ୍ୱୀକାରନାମା କରିଥିଲେ ହେଁ ଏସବୁ ତତ୍‌କାଳୀନ କୁଳାଧିପତି ତଥା ରାଜ୍ୟପାଳଙ୍କ ପାଖରେ ସେତେବେଳର ବିଜେପି ନେତା ତଥା ବର୍ତ୍ତମାନର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଅଭିଯୋଗ କଲା ପରେ ଶ୍ରୀ ଦାଶଙ୍କୁ ସେ ପଦବୀରୁ ତୁରନ୍ତ ହଟାଯାଇଥିଲା। ସବୁଠାରୁ ବଡ଼କଥା ଶ୍ରୀ ଦାଶ ଗଞ୍ଜାମ ଜିଲ୍ଲାର ମୂଳ ବାସିନ୍ଦା ହୋଇଥିଲା ବେଳେ କୁଳାଧିପତି ତଥା ରାଜ୍ୟପାଳଙ୍କ ମନୋନୀତ ସିଣ୍ଡିକେଟ ସଦସ୍ୟ ଭାବରେ ତାଙ୍କର ଠିକଣାରେ ତାହା ଦର୍ଶା ନଯାଇ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ବୋଲି ଦର୍ଶାଯାଇଛି। ଏପରି ବିବାଦୀୟ ଜଣେ କର୍ମଚାରୀଙ୍କୁ ତୁରନ୍ତ ସିଣ୍ଡିକେଟ୍ ସଦସ୍ୟରୁ ହଟାଯାଇ ମୟୂରଭଞ୍ଜ ଜିଲ୍ଲାର ଏକ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ବ୍ୟକ୍ତିଙ୍କୁ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଦସ୍ୟ ଭାବରେ ରାଜ୍ୟପାଳ ମନୋନୀତ କରିବାକୁ ମୟୂରଭଞ୍ଜ ବାସୀ ଆପତ୍ତି କରିବା ସହିତ ଦାବି ରଖିଛନ୍ତି।


## ● ଟ୍ରାଫିକ ନିୟମ ଉଲଘଂନ

# ୧୨ଟି ଗାଡ଼ିକୁ ୧ଲକ୍ଷ ୧୫ ହଜାର ଟଙ୍କାର ଚାଲାଣ ଆଦାୟ

ବୈଶିଙ୍ଗା,୧୫।୧୦(ସମିସ): ବେତନଟୀ ପୁଲିସ ଓ ମୟୂରଭଞ୍ଜ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଥାନାଛକରେ ମିଳିତ ଚେକିଂ କରାଯାଇ ଟ୍ରାଫିକ ନିୟମ ଉଲଘଂନ କରିଥିବା ୧୨ଟି ଗାଡିକୁ ୧ଲକ୍ଷ ୧୫ ହଜାର ଟଙ୍କାର ଚାଲାଣ କଟାଯାଇଛି। ରାଜ୍ୟରେ ଅମାନିଆ ଗାଡିଚାଳକଙ୍କୁ ସାବାଡ କରିବା ସହିତ ଗାଡିଚାଳକମାନେ ଟ୍ରାଫିକ ନିୟମର କିଭଳି କଡାକଡି ଅନୁପାଳନ କରିବେ ସେନେଇ ରାଜ୍ୟବ୍ୟାପୀ ଚେକିଂକୁ କଡାକଡି କରାଯାଇଛି। ଟ୍ରାଫିକ ନିୟମର ଉଲଘଂନ ପାଇଁ ଦୈନିକ ରାଜ୍ୟର ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ବ୍ୟାପକ ଧନଜୀବନର ହାନି ଘଟୁଥିବା ବେଳେ ବର୍ତ୍ତମାନ ଏହି ସମସ୍ୟା ଉଦ୍‌ବେଗଜନକସ୍ଥିତିରେ ପହଞ୍ଚିଛି। ଏଭଳି ସମସ୍ୟାର ସମାଧାନ ପାଇଁ ଟ୍ରାଫିକ ନିୟମ ଉଲଘଂନକାରୀଙ୍କ ବିରୁଦ୍ଧରେ ଜରିମାନା ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସନ୍ଧ୍ୟାରେ ବେତନଟୀ ଥାନାଛକରେ ପରିବହନ ବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଯାଞ୍ଚ କରାଯାଇଥିଲା। ଏଥିରେ ବେତନଟୀ ଥାନା ପକ୍ଷରୁ ଏସିଆଇ ସୌମେଲିନ ରାଉତଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିବାବେଳେ ପରିବହନ ବିଭାଗ ପକ୍ଷରୁ କନିଷ୍ଠ ଏମଭିଆଇମ ରାଜେନ୍ଦ୍ର ମାଝୀ ମଧ ନିଜର କର୍ମଚାରୀଙ୍କ ସହିତ ଉପସ୍ଥିତ ଥିଲେ। ହେଲମେଟ ପିନ୍ଧିନଥିବା, ତିନିଜଣ ବାଇକରେ ଯାଉଥିବା, ମଦପିଇ ଗାଡି ଚଳାଉଥିବ, ମାଲପରିବହନ ପାଇଁ ଉଦ୍ଦିଷ୍ଟ ଗାଡିରେ ଲୋକମାନଙ୍କୁ ବସାଇ ପରିବହନ କରିବା ଭଳି ବିଭିନ୍ନ ପ୍ରକାର ଟ୍ରାଫିକ ନିୟମର ଉଲଘଂନ କରିଥିବ ୧୨ଟି ଯାନବାହନକୁ ୧.୧୫ଲକ୍ଷ ଟଙ୍କାର ଚାଲାଣ କଟଯାଇଥିବା କନିଷ୍ଠ ଏମଭିଆଇ ସୂଚନା ଦେଇଛନ୍ତି।

## ସୁନିତା ମହାନ୍ତିଙ୍କ ବିୟୋଗ

ଆନନ୍ଦପୁର, ୧୫।୧୦ (ସମିସ): ଆନନ୍ଦପୁର ପୂର୍ତ୍ତ ବିଭାଗର ୱାର୍କ ସରକାର ସରୋଜ କୁମାର ମହାନ୍ତି (ଛାବୁ)ଙ୍କ ପତ୍ନୀ ସୁନିତା ମହାନ୍ତି (୫୧)ଙ୍କ ଆଜି ଦେହାନ୍ତ ହୋଇଛି। ସେ ଆଜିକୁ କିଛିଦିନ ହେବ ଅସୁସ୍ଥ ହୋଇ କେନ୍ଦୁଝର ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ।




ଦିନ ୧୨ଟାରେ ପରଲୋକ ହୋଇଯାଇଛି। ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଆନନ୍ଦପୁର ପୂର୍ତ୍ତ ବିଭାଗର ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କେଳୁଚରଣ ଦଳେଇ ଏବଂ ସମସ୍ତ ଯନ୍ତ୍ରୀ ଓ୍ର କର୍ମଚାରୀ ଘସିପୁରାସ୍ଥିତ ବାସଭବନରେ ଶେଷ ଦର୍ଶନ କରିଥିଲେ। ତାଙ୍କର ପାର୍ଥିବ ଶରୀର ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଛି।

# ୬ ମୋରମ ବୋଝେଇ ଟ୍ରାକ୍ଟର ଓ ମାଙ୍କଡା ପଥର ବୋଝେଇ ଟ୍ରକ ଜବତ

ବାରିପଦା/ଉଦଳା,୧୫।୧୦(ସମିସ): ପୁଲିସ ଟାର୍ଗେଟରେ ଲଘୁଖଣିଜ ଚାଲାଣକାରୀ ମାଫିଆ। ସମସ୍ତଙ୍କୁ ଚକମା ଦେଇ ଗଳାବାଟରେ ମୋରମ ଚୋରା ଚାଲାଣ କରି ଖସି ଯାଉଥିବା ମାଫିଆଙ୍କୁ ମାଡି ବସିଲା ଉଦଳା ପୁଲିସ। ୬ଟିମୋରମ ବୋଝେଇ ଟ୍ରାକ୍ଟର ଜବତ ସହିତ ୬ ଡ୍ରାଇଭରଙ୍କୁ ଗିରଫ କରିଛି। ଉଦଳା ଥାନା ପଥୁରିଆ ଅଞ୍ଚଳରେ ଚୋରା ମୋରମ ଖାଦାନରୁ ଚାଲାଣ ହେଉଥିବା ଉଦଳା ପୁଲିସ ଖବର ପାଇଥିଲା। ଖବର ପାଇ ପୁଲିସ ଅନନ୍ତପୁର ଅଞ୍ଚଳରେ ଚଢ଼ଉ କରିଥିବା ବେଳେ ମାଫିଆମାନେ ମୋରମ ନେଇ ଯାଉଥିବା ୬ ଗୋଟି ଟ୍ରାକ୍ଟର ପୁଲିସ ହାବୁଡ଼ରେରେ ପଡିଥିଲା। ସେହିପରି ଗୋଟିଏ ମାଙ୍କଡା ବୋଝେଇ ମିନି ଟ୍ରକକୁ ଉଦଳି ବନବିଭାଗ ଜବତ କରିଛି। ଉଦଳା ବନାଞ୍ଚଳ କୁଣ୍ଡାବାଇ ଅଞ୍ଚଳରୁ ଚୋରା ମାଙ୍କଡା ପଥର ବୋଝେଇ କରି ଏକ ମିନି ଟ୍ରକ ଉଦଳା ଅଭିମୁଖେ ଆସୁଥିଲା। ବିଶେଷସୂତ୍ରରୁ ଖବର ପାଇ ଉଦଳା ବନ ବିଭାଗ ସ୍ଥାନୀୟ ପାଟପୁର କେନାଲ ଛକ ନିକଟରେ ଚଢ଼ଉ କରିଥିବା ବେଳେ ଗାଡି ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିଲା। ବନ ବିଭାଗ ପଥର ବୋଝେଇ ମିନି ଟ୍ରକକୁ ଜବତ କରି କାର୍ଯ୍ୟାଳୟକୁ ଆଣିଛି। ଜବତ ମାଙ୍କଡା ପଥରର ଆନୁମାନିକ ମୂଲ୍ୟ ୨୦ ହଜାରରୁ ଊର୍ଦ୍ଧ୍ୱ ହେବ।

## ଶିଶୁ ସୁରକ୍ଷା ଓ ପୋକ୍ସୋ ଆଇନ ସଚେତନତା




କେନ୍ଦୁଝର, ୧୫।୧୦(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ଆୟୋଜନରେ ଯୋଡା ବ୍ଲକସ୍ଥିତ ଓଡିଶା ଖଣି ନିଗମ କାର୍ଯ୍ୟାଳୟ ପରିସରରେ ଡିଏଭି ପବ୍ଲିକ ସ୍କୁଲ ସଭାଗୃହଠାରେ ଶିଶୁ ସୁରକ୍ଷା ଆଇନ ଓ ଶିଶୁ ଯୌନ ସୁରକ୍ଷା ଆଇନ ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ଚିନ୍ମୟୀ ଚିତ୍ରାଙ୍ଗଦା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ପ୍ରାଧିକରଣ ଦ୍ୱାରା ପରିଚାଳିତ ମାଗଣା ଆଇନ ସେବା, ମଧ୍ୟସ୍ଥତା, ସ୍ଥାୟୀ ଲୋକ ଅଦାଲତର କାର୍ଯ୍ୟ ବିଷୟରେ ଜଣାଇଥିବାବେଳେ ବଡବିଲ କୋର୍ଟ ଆଇନଜୀବୀ ଅକ୍ଷୟ ଧିର ଶିଶୁଙ୍କ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଓଡିଶା ଖଣି ନିଗମ କନିଷ୍ଠ ପରିଚାଳକ ଅଶା ମଞ୍ଜୁଳା ଟପ୍ପୋ, ଖଣି ପରିଚାଳକ ଗଣେଶ୍ୱର ଭୂୟାଁ, କନିଷ୍ଠ ପରିଚାଳକ ଜଗନ୍ନାଥ ବେହେରା, ପାରିପାର୍ଶ୍ୱିକ ପରାମର୍ଶଦାତା ନୂତନ କୁମାର ରାଉତ, ପ୍ରଫୁଲ୍ଲଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

## ପୃଥକ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ

କୁଆମରା,୧୫।୧୦(ସମିସ): ଖୁଣ୍ଟା ଓ ଉଦଳା ଅବକାରୀ ବିଭାଗ ପକ୍ଷରୁ ଆଜି ଖୁଣ୍ଟା ଥାନା ଅନ୍ତର୍ଗତ କୁସୁମ ଘାଟି ଓ କେନ୍ଦୁଆମୁଣ୍ଡି ଠାରେ ଚଢ଼ଉ କରାଯାଇ ୨୮୫୦ କେଜି ମହୁଲ ପୋଚ ଓ ୧୭୦ ଲିଟର ଦେଶୀ ମଦକୁ ନଷ୍ଟ କରାଯାଇଛି। ଉକ୍ତ ଦୁଇଟି ସ୍ଥାନରେ ବେଆଇନ ଭାବେ ମଦ ତିଆରି ହେଉଥିବାର ଅଭିଯୋଗ ହୋଇଆସୁଥିଲା। ତେବେ ଚଢ଼ଉ ପୂର୍ବରୁ ଅଭିଯୁକ୍ତ ମାନେ କୈଣସି ସୂତ୍ରରୁ ଖବର ପାଇ ସେଠାରୁ ଖସି ପଳାଇଥିଲେ। ଏଣୁ ବିଭାଗ କାହାକୁ ଗିରଫ କରିବାରେ ସଫଳ ହୋଇପାରିନାହିଁ। ତେବେ ଏ ନେଇ ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଛି। ଉଦଳା ଅବକାରୀ ବିଭାଗ ଓଆଇ ସି ସୂର୍ଯ୍ୟକାନ୍ତ ମଲ୍ଲିକ, ଏସ୍‌ଆଇ ରବିନ୍ଦ୍ର ରେଡ୍ଡୀ, ଖୁଣ୍ଟା ଅବକାରୀ ବିଭାଗ ଓଆଇସି ମମତା ଦାସ, କୃଷ୍ଣ ଚନ୍ଦ୍ର ସେଠୀ, ଗୌତମ ମହାନ୍ତ, ନିରଞ୍ଜନ ମହାନ୍ତ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ।

# ଆନ୍ତଃ ୟୁପି ସ୍କୁଲ୍ ସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଯାପିତ

ଝାରପୋଖରିଆ/ସାରସକଣା,୧୫।୧୦(ସମିସ):

ସ୍ଥାନୀୟ ସୀମାନ୍ତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଆନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମଟିକୁ ପାରମ୍ପରିକ ଭାବେ ଅଧକ୍ଷ ପ୍ରହ୍ଲାଦ ଅଗସ୍ତି ଉଦ୍‌ଘାଟନ କରିଥିଲେ। ପ୍ରତଯୋଗିତାରେ କୋରାପୁଟ, କଳାହାଣ୍ଡି, ସୋନପୁର, ସୁନ୍ଦରଗଡ଼ ସମେତ ବିଭିନ୍ନ ଜିଲ୍ଲାରୁ ୩୧ଟି ତିରନ୍ଦାଜ୍ ଦଳ ଭାଗ ନେଇଥିଲେ। ଅଧକ୍ଷ ପ୍ରହ୍ଲାଦ ଅଗସ୍ତି ପ୍ରଥମେ ଲକ୍ଷ୍ୟଭେଦ କରି ଶୁଭାରମ୍ଭ କରିବା ପରେ ସକାଳ ୯ଟାରୁ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମଟି ଖେଳ ବିଭାଗର ଉପସଭାପତି ଥୋମାସ ମାରାଣ୍ଡି ଓ କ୍ରୀଡ଼ା ଶିକ୍ଷକ ଶ୍ରଦ୍ଧାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଫିସିଆଲ୍ ଷ୍ଟାଫ୍ ଭାବେ ଯଶୋବନ୍ତ ମହାନ୍ତ, ଉଦୟ



ମାଝୀ, ଧନେଶ୍ୱର ମୁର୍ମୁ, ରାସ ବିହାରୀ ନାଏକ, ବିଜୟ କୁମାର ଗିରି, ସୌରଭ ଦେ ଆଦି କ୍ରୀଡା ଶିକ୍ଷକ ଅଂଶଗ୍ରହଣ କରି ଖେଳକୁ ପରିଚାଳନା କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଅନିଲ କୁମାର ଝା, ପ୍ରାଧ୍ୟାପକ ଦିଲ୍ଲୀପ ସେନାପତି, ରଞ୍ଜନ ମହାନ୍ତି, ଅରୁଣ ପାତ୍ର, ଏକାଡେମିକ୍ ବର୍ଷାର ଡ. ଗଣେଶ କିଙ୍କର ସାହୁ, ଧରିତ୍ରୀ ବେହେରା, ବିଶ୍ୱନାଥ ମହାନ୍ତ, ନିହାର ରଞ୍ଜନ ମହାନ୍ତ, ସ୍ୱପ୍ନେଶ୍ୱରୀ ମୁର୍ମୁ, ପ୍ରାଚୀପ୍ରଭା ପଡ଼ିଆରୀ, ଶିଶିର ପଟ୍ଟନାୟକ, ପ୍ରିତମ ପଣ୍ଡା, ସାନ ଧାନାଇ ମୁର୍ମୁ, ସଞ୍ଜୟ ମାଝୀ, ଜଗନ୍ନାଥ ମାଝୀ, ଯୋଗେଶ୍ୱର ବେହେରା, ବାପୁନ୍ ଘୋଷ, ଶିବପ୍ରସାଦ ମହାନ୍ତ, ଦିପ୍ତେନ୍ଦୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। +୨ ଜାତୀୟ ସେବାଯୋଜନାର ୩୦ ଜଣ ସ୍ୱେଚ୍ଛାସେବୀ, କାର୍ଯ୍ୟକ୍ରମ ଅଧିକାରୀ ଓ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମରେ ଆରମ୍ଭରୁ ଶେଷ ଯାଏ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ଚାରିଜଣଙ୍କୁ ଅଧକ୍ଷ ସାର୍ଟିଫିକେଟ ଓ ମେଡାଲ ପ୍ରଦାନ କରିଥିଲେ। ଏଥିରେ କଳାହାଣ୍ଡିର ଲାଞ୍ଜିଗଡ, ଭୁବନେଶ୍ୱରର କିସ୍, ରାଇସୁଆଁ କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ ଓ ରେଭେନ୍ସା କଲେଜ କଟକ ଆଦି ଜିଲ୍ଲା ଓ କଲେଜର ପ୍ରତିଯୋଗୀମାନେ ଜାତୀୟ ସ୍ତରର ପ୍ରତିଯୋଗିତା ମଣିପୁର ଇମ୍ଫା ପାଇଁ ମନୋନୀତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପିକା ପ୍ରାଚୀ ପ୍ରଭା ପଡ଼ିଆରୀ ସଭାକୁ ସମ୍ବୋଧନ କରିଥିବା ବେଳେ ନିହାର ରଞ୍ଜନ ମହାନ୍ତ ରାଜ୍ୟସ୍ତରୀୟ ସମସ୍ତ କୃତୀ ପ୍ରତିଯୋଗୀଙ୍କ ସହିତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଜିଲ୍ଲାସ୍ତରୀୟ ମହିଳାଙ୍କ ପାରିବାରିକ ହିଂସା ସୁରକ୍ଷା ଆଇନ ପ୍ରଶିକ୍ଷଣ



ବାରିପଦା,୧୫।୧୦(ସମିସ): ସ୍ଥାନୀୟ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲ୍ଲାସ୍ତରୀୟ ମହିଳାଙ୍କ ପାରିବାରିକ ହିଂସା ସୁରକ୍ଷା ଆଇନ-୨୦୦୫ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକଙ୍କ ଅଧକ୍ଷ୍ୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ଶିଶୁ ବିକାଶ ଯୋଜନା ଅଧିକାରୀ, ପୁଲିସ ଅଧିକାରୀ, ଶକ୍ତି ସଦନ, ସଖି, ୱାନ ଷ୍ଟପ୍ ସେଣ୍ଟରର କର୍ମକର୍ତ୍ତା, ଜିଲ୍ଲାର କାର୍ଯ୍ୟକ୍ରମ ଅଧିକାରୀ, ପରିବାର ପରାମର୍ଶ କେନ୍ଦ୍ରର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତା ସତ୍ୟନାରାୟଣ ବେହେରା ପାରିବାରିକ ହିଂସା ସୁରକ୍ଷା ଆଇନ-୨୦୦୫ ସମ୍ବନ୍ଧରେ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ବାରିପଦା ଆଇନ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ସୁନୀଲ କୁମାର ଜେନା ଏହି ଆଇନର ସମସ୍ତ ଦିଗ ଓ ସମସ୍ତ ଅଧିକାରୀଙ୍କ ଦାୟିତ୍ୱ, ପୀଡ଼ିତାମାନେ କିପରି ନିଜର ଅଭିଯୋଗ ଦାଖଲ କରିପାରିବେ ସେ ସମ୍ବନ୍ଧରେ ପ୍ରଶିକ୍ଷାର୍ଥୀ ମାନଙ୍କୁ ବୁଝାଇ କହିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ନିହାରିକା ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁରକ୍ଷା ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ ସସ୍ମିତା ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲା ମହିଳା ସଶକ୍ତିକରଣର କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆୟୋଜନ ଏବଂ ପରିଚାଳନା କରିଥିଲେ।

■ ଆଜିଠୁ ରାଜ୍ୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତା

# ୩୪ ପୁଲିସ ଜିଲ୍ଲାରୁ ୨୭୩ ପ୍ରତିଯୋଗୀ ଭାଗ ନେବେ

କଟକ, ୧୫ ।୧୦(ସମିସ): ରାଜ୍ୟ କ୍ରାଇମବ୍ରାଞ୍ଚ ଆନୁକୂଲ୍ୟରେ ଗୁରୁବାରଠାରୁ ୧୯ ତାରିଖ ପର୍ଯ୍ୟନ୍ତ କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡିଆଠାରେ ୭୦ତମ ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଅନୁଷ୍ଠିତ ହେବ । ରାଜ୍ୟର ୩୪ଟି ପୁଲିସ ଜିଲ୍ଲା ଏବଂ ପ୍ରତିଷ୍ଠାନରୁ ମୋଟ ୨୭୩ ଜଣ ପୁଲିସ କର୍ମଚାରୀ, ୪୩ଟି ପୁଲିସ କୁକୁର ଏବଂ ୪୩ହ୍ୟାଣ୍ଡଲର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏଥିନିମନ୍ତେ ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ୟାପକ ଆୟୋଜନ ଓ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ, ଭୁବନେଶ୍ୱର ଏବଂ ଓଏସଏପି ଷଷ୍ଠ ବାଟାଲିୟନ, କଟକ ଏବଂ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡିଆଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଶ୍ରେଷ୍ଠ ପ୍ରତିଯୋଗୀମାନେ ଆସନ୍ତା ନଭେମ୍ବର ମହାରାଷ୍ଟ୍ରରେ ସର୍ବଭାରତୀୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ପ୍ରତ୍ୟେକ ଦଳରେ ଇନସ୍ପେକ୍ଟର, ସବ୍ଇନସ୍ପେକ୍ଟର ଓ କନଷ୍ଟେବଳ ସ୍ତରର କର୍ମଚାରୀ ଅଂଶଗ୍ରହଣ କରିବେ । ଫୋରେନସିକ୍ ବିଜ୍ଞାନ, ପ୍ରଦର୍ଶନୀଗୁଡିକର ଉତ୍ତୋଳନ, ପ୍ୟାକିଂ ଏବଂ ଅଗ୍ରଗତି, ଅପରାଧର ତଦନ୍ତ, ପର୍ଯ୍ୟବେକ୍ଷଣ ପରୀକ୍ଷା, ଆଣ୍ଟି ସାବୋଟେଜ, ଅଙ୍ଗୁଳି ଛାପ, କମ୍ପ୍ୟୁଟର ଜ୍ଞାନକୌଶଳର ଦକ୍ଷତା, ଫଟୋଗ୍ରାଫି, ଭିଡିଓଗ୍ରାଫି, ସାଇବର ଅପରାଧ ଓ ପରୀକ୍ଷଣ, ପୁଲିସ ଆଇନ କାନୁନ, ପୁଲିସ ରୂପଚିତ୍ର, ମେଡିକୋ ଲିଗାଲ, ପୁଲିସ ଶ୍ୱାନ କୌଶଳ ପ୍ରଦର୍ଶନ ଭଳି ପ୍ରତିଯୋଗିତା ହେବ ।

■ ହସ୍ପିଟାଲରେ ଲାଗୁହେଉନି ରୋଗୀ ଅଧିକାର ସମ୍ପର୍କିତ ସୁପାରିସ

# ହାଇକୋର୍ଟରେ ଜବାବ ଦାଖଲ ପାଇଁ ସମୟ ନେଲେ ରାଜ୍ୟ ସରକାର

କଟକ, ୧୫ ।୧୦(ସମିସ): ଆଇନ ଅନୁସାରେ ରୋଗୀଙ୍କ ଅଧିକାର ସମ୍ପର୍କରେ ଜାତୀୟ ମାନବାଧିକାର ଆୟୋଗ(ଏନଏଚଆରସି) କରିଥିବା ସୁପାରିସକୁ ରାଜ୍ୟର ବିଭିନ୍ନ ସରକାରୀ ତଥା ଘରୋଇ ହସପିଟାଲରେ କାର୍ଯ୍ୟକାରୀ କରାଯାଉ ନଥିବା ଅଭିଯୋଗରେ ରାଜ୍ୟ ରୋଗୀ ଅଧିକାର ମଞ୍ଚ ତରଫରୁ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ । ଏହି ସମୟରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକ ସମୟ ଲୋଡ଼ାଯାଇଛି । ଆସନ୍ତା ୨୯ ତାରିଖ ସୁଦ୍ଧା ଜବାବ ଦାଖଲ କରିବା ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ଏନଏଚଆରସିଙ୍କ ସୁପାରିସ ଆଧାରରେ ସମସ୍ତ ହସପିଟାଲ ଗୁଡିକରେ ସୂଚନାଧିକାର, ତତ୍କାଳ ଚିକିତ୍ସାଧିକାର, ଗୁଣାତ୍ମକ ସେବା, ବିକଳ୍ପ ଚିକିତ୍ସା ଅଧିକାର, ଉପଯୁକ୍ତ ଔଷଧ ଓ ପରୀକ୍ଷା ନିରୀକ୍ଷା ଚୟନ, ହସପିଟାଲରୁ ଡିସଚାର୍ଜ କିମ୍ବା ମୃତଦେହ ଗ୍ରହଣ ଆଦି ସମ୍ପର୍କିତ ରୋଗୀଙ୍କ ଅଧିକାର କାର୍ଯ୍ୟକାରୀ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ମୁଖ୍ୟ ଶାସନ ସଚିବଙ୍କୁ ଏହି ଚିଠି ପ୍ରଦାନ କରିଥିଲେ । ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବା ସହ ଗାଇଡଲାଇନ ପ୍ରସ୍ତୁତ ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି । ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ କମଳାକାନ୍ତ ମହାନ୍ତି ମାମଲା ପରିଚାଳନା କରୁଛନ୍ତି ।

■ ଦୁଇ ଦିନିଆ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫

# ସ୍ଥାୟୀ ସହରାଞ୍ଚଳ ବିକାଶ ଏବଂ ଶାସନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୫ ।୧୦ (ସମିସ): ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଦ୍ୱାରା ଚଳିତ ଅକ୍ଟୋବର ୨୩ ଓ ୨୪ ତାରିଖରେ ଭୁବନେଶ୍ୱରର ଲୋକ ସେବା ଭବନ ପରିସରରେ ଥିବା କନଭେନସନ ସେଣ୍ଟର ଅଡିଟୋରିୟମରେ ଏକ ଦୁଇଦିନିଆ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫ ଆୟୋଜନ କରାଯାଉଛି । ଏହି ସମ୍ମିଳନୀ "ନିରନ୍ତର ସହରାଞ୍ଚଳ ବିକାଶ ଏବଂ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଦିଗରେ ବିଷୟବସ୍ତୁ ଉପରେ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ଗୁଡ଼ିକୁ ଏକତ୍ର କରି ସହରାଞ୍ଚଳ ଶାସନ, ସେବା ପ୍ରଦାନ ଏବଂ ନିରନ୍ତର ଅଭିବୃଦ୍ଧିର ପ୍ରମୁଖ ଦିଗ ଉପରେ ବିଚାର-ବିମର୍ଶ ହେବ । ଏହି ସମ୍ମିଳନୀକୁ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏନେଇ ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି "ଓଡ଼ିଶାର ସହରଗୁଡ଼ିକ କେବଳ ଅର୍ଥନୈତିକ ଅଭିବୃଦ୍ଧିର ଇଞ୍ଜିନ ନୁହେଁ, ବରଂ ଆମର ସାମୂହିକ ଆକାଂକ୍ଷାର ଦର୍ପଣ ।

# ଜେଲରେ ଆମରଣ ଅନଶନରେ ବସିଲେ ମାଓନେତା ଆଜାଦ୍

ଭୁବନେଶ୍ୱର,୧୫ ।୧୦(ସମିସ):ମାଓ କାର୍ଯ୍ୟକଳାପରେ ଲିପ୍ତ ଅଭିଯୋଗରେ ଆତ୍ମସମର୍ପଣ କରିଥିବା ଦକ୍ଷିଣାଞ୍ଚଳ ଜୋନ୍ ମାଓ କମାଣ୍ଡର ଡି.କେଶବ ରାଓ ଓରଫ ଆଜାଦ ଝାରପଡା ଜେଲରେ ଆମରଣ ଅନଶନରେ ବସିଛନ୍ତି । ତାଙ୍କ ବିରୋଧରେ ୪୭ଟି କେସ ରହିଛି । ଆଜାଦଙ୍କୁ ୧୫ବର୍ଷ ହେବ ବିଚାର ବିଭାଗୀୟ ହାଜତରେ ରଖାଯାଇଛି; ହେଲେ ମାମଲାର ଶୁଣାଣି ଏପର୍ଯ୍ୟନ୍ତ ହେଉ ନାହିଁ । ଏଣୁ ମାମଲାର ଶୀଘ୍ର ଶୁଣାଣି ପାଇଁ ସେ ଅନଶନରେ ବସିଛନ୍ତି । ତାଙ୍କ ବିରୋଧରେ ହୋଇଥିବା ମାମଲା ଗୁଡ଼ିକର ଶୁଣାଣି ନ ହେବାରୁ ଆଜାଦ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମକୋର୍ଟ ରିଟ ପିଟିସନ ଶୁଣାଣି କରି ସୁପ୍ରିମକୋର୍ଟ ଅକ୍ଟୋବର ୨ ସୁଦ୍ଧା ଆଜାଦଙ୍କ କେସର ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଥିଲେ ।

**ଗୃହ ସଚିବଙ୍କୁ ଓଏଚ୍ଆର୍ସିଙ୍କ ରିପୋର୍ଟ ତଲବ**

**ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ଗଣଦୁଷ୍କର୍ମ ପ୍ରସଙ୍ଗ**

# ପୀଡ଼ିତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାଳାପ ଭିଡିଓ ଭାଇରାଲ ନିନ୍ଦନୀୟ: ବିଜେଡି



■ ଏହା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ
■ ନିଜ ରାଜ୍ୟର ଦୁଷ୍କର୍ମ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ରାଜ୍ୟ ସରକାର
■ ପଶ୍ଚିମବଙ୍ଗ ଘଟଣାରେ ରାଜ୍ୟ ସରକାରଙ୍କ ତତ୍ପରତା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ

ଭୁବନେଶ୍ୱର,୧୫।୧୦(ସମିସ): ପଶ୍ଚିମବଙ୍ଗର ଦୁର୍ଗାପୁରଠାରେ ଗଣଦୁଷ୍କର୍ମର ଶିକାର ହୋଇଥିବା ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ବାର୍ତ୍ତାଳାପର ଭିଡିଓ ଚିତ୍ର ଗଣମାଧ୍ୟମରେ ପ୍ରକାଶିତ ହୋଇଛି । ବିଜୁ ମହିଳା ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକୁ କଡ଼ା ଭର୍ତ୍ସନା କରାଯାଇଛି । ପୀଡିତାଙ୍କ ପରିଚୟ ଓ ତାଙ୍କ ସହିତ ବାର୍ତ୍ତାଳାପର ରେକର୍ଡିଂକୁ ଭାଇରାଲ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବାରଣ କରାଯାଇଥିବା ବେଳେ, ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟ ଘୋର ନିନ୍ଦନୀୟ ଦଳର ନେତ୍ରୀମାନେ ମତପ୍ରକାଶ କରିଛନ୍ତି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁ କହିଥିଲେ ଯେ ଗତ ୧୫ ମାସର ବିଜେପି ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି । ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ, ହତ୍ୟା ଭଳି ଘଟଣା ପ୍ରତିଦିନ ଖବରକାଗଜର ଶିରୋନାମା ମଣ୍ଡନ କରୁଛି । ରାଜ୍ୟରେ ପ୍ରତିଦିନ ଅନେକ ମହିଳା ଏହିପରି ଦୁଷ୍କର୍ମ, ଗଣଦୁଷ୍କର୍ମର ଶିକାର ହେଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ । ପଶ୍ଚିମବଙ୍ଗରେ ଘଟିଥିବା ଘଟଣା ନିଶ୍ଚିତ ଭାବେ ଦୁଃଖଦାୟକ ଓ ନିନ୍ଦନୀୟ । କିନ୍ତୁ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଯେଉଁଭଳି ଭାବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପୀଡିତାଙ୍କ ସହିତ ବାର୍ତ୍ତାଳାପର ରେକର୍ଡିଂକୁ ଭାଇରାଲ କଲେ ତାହା ଆହୁରି ଅଧିକ ନିନ୍ଦନୀୟ । ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ସୁମିତ୍ରା ଜେନା କହିଥିଲେ ଯେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପୀଡିତାଙ୍କ ପରିଚୟ ଓ ତାଙ୍କ ସହିତ କୌଣସି ବାର୍ତ୍ତାଳାପ ଜନସାଧାରଣଙ୍କ ନିକଟରେ ପ୍ରକାଶିତ ହେବା ଉଚିତ ନୁହେଁ । ତେଣୁ ମୁଖ୍ୟମନ୍ତ୍ରୀ ଏହାକୁ ଗଣମାଧ୍ୟମରେ ବିତରଣ କରିବା ଦ୍ୱାରା ସେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରିଛନ୍ତି । ଦଳର ସାଧାରଣ ସମ୍ପାଦିକା ତଥା ରାଜ୍ୟସଭା ସାଂସଦ ସୁଲତା ଦେଓ କହିଥିଲେ ଯେ ଗତ ୧୫ ମାସରେ ଧାରାବାହିକ ଭାବେ ରାଜ୍ୟରେ ଘଟିଥିବା ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କ ତତ୍ପରତା ଦେଖିବାକୁ ମିଳିନାହିଁ । ପଶ୍ଚିମବଙ୍ଗ ଘଟଣାରେ ହଠାତ୍ ତତ୍ପର ହୋଇଉଠିବା କେବଳ ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଉଦ୍ଦିଷ୍ଟ । ପଶ୍ଚିମବଙ୍ଗ ଘଟଣାରେ ଉଭୟ ରାଜ୍ୟ ମହିଳା କମିସନ ଓ ଜାତୀୟ ମହିଳା କମିସନ ପୀଡ଼ିତାଙ୍କୁ ଭେଟିଛନ୍ତି । କିନ୍ତୁ ଓଡ଼ିଶାରେ ଘଟିଥିବା କୌଣସି ଘଟଣାରେ ଏମାନଙ୍କୁ ପୀଡ଼ିତାଙ୍କ ନିକଟରେ ଦେଖିବାକୁ ମିଳିନାହିଁ । ଦୁଃଖ ଓ ପରିତାପର ବିଷୟ ଯେ ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ବିଜେପି ଓ ରାଜ୍ୟ ସରକାର ରାଜନୀତି କରୁଛନ୍ତି । ବିଜେପି ବିଧାୟକ ସନ୍ତୋଷ ଖଟୁଆ ବିଜେଡି ନେତ୍ରୀଙ୍କ ଉଦ୍ଦେଶ୍ୟରେ ଅଶାଳୀନ ଟିପ୍ପଣୀ ଦେଇଥିବା ବେଳେ ଏହି ମାମଲା ରାଜ୍ୟ ମହିଳା କମିସନ ଓ ଜାତୀୟ ମହିଳା କମିସନଙ୍କ ପାଖରେ ଅଭିଯୋଗ କରାଯାଇଥିଲା । କିନ୍ତୁ ଉଭୟ ରାଜ୍ୟ ଓ ଜାତୀୟ ମହିଳା କମିସନ ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ । ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ବିଜେପି ନେତା ମାନେ ଯେଉଁଭଳି ଭାବେ ପଶ୍ଚିମବଙ୍ଗ ଯାଇ ପୀଡିତାଙ୍କୁ ଭେଟିବା ପାଇଁ ଉଦ୍ୟମ କଲେ, ତାହା ଦୁଷ୍କର୍ମ ଟୁରିଜମର ଦୃଶ୍ୟ ସଦୃଶ୍ୟ ଅନୁଭବ ହୋଇଥିଲା । ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କ ସହିତ ବାର୍ତ୍ତାଳାପ ରେକର୍ଡିଂକୁ ଭାଇରାଲ କରିବାକୁ ଆମେ ଦୃଢ଼ ନିନ୍ଦା କରୁଛୁ । ଏହାଛଡା ଏହି ଘଟଣାକୁ ରାଜନୀତିକରଣ କରିବା ଉଦ୍ୟମକୁ ମଧ୍ୟ ଆମେ ଗଭୀର ନିନ୍ଦା କରୁଛୁ । ପଶ୍ଚିମବଙ୍ଗର ଆଇନ ଶୃଙ୍ଖଳା ପରିସ୍ଥିତି ଠିକ୍ ନାହିଁ, କିନ୍ତୁ ଓଡ଼ିଶାର ଆଇନ ଶୃଙ୍ଖଳା ସ୍ଥିତି ଆହୁରି ଅଧିକ ଖରାପ ଅଛି । ଓଡ଼ିଶାରେ ମଧ୍ୟ ମହିଳାମାନେ ଅସୁରକ୍ଷିତ ହୋଇ ପଡିଛନ୍ତି । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମ ଘୋର ନିନ୍ଦନୀୟ ବୋଲି ସେ କହିଥିଲେ ।

**ଜୋରଜବରଦସ୍ତ ଦଳରେ ସାମିଲ ଉଦ୍ୟମ**

# କଂଗ୍ରେସରେ ମିଶିବାକୁ ଆସି ଅନନ୍ତ ନାରାୟଣ ନିରାଶ

ଭୁବନେଶ୍ୱର,୧୫।୧୦(ସମିସ): କଂଗ୍ରେସରେ ସାମିଲେ ହେବାକୁ ଦଳବଳ ଘେନି ଭୁବନେଶ୍ୱର ଆସିଥିବା ଯାତ୍ରାପାର୍ଟି ମାଲିକ ଅନନ୍ତ ନାରାୟଣ ଧଳ (ନାଣ୍ଟୁ ବାବୁ) ଶେଷରେ ନିରାଶ ହୋଇ ଫେରିଛନ୍ତି । ତାଙ୍କୁ କିମ୍ବା ତାଙ୍କ ସମର୍ଥକଙ୍କ ଭିତରକୁ କାହାରିକୁ କଂଗ୍ରେସ ଭବନ ଭିତରକୁ ପ୍ରବେଶ କରାଇ ଦିଆଯାଇ ନ ଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ଆଜି କଂଗ୍ରେସ ଭବନର ସବୁ ଗେଟ୍‌ରେ ତାଲା ପକାଇ ଦିଆଯାଇଛି । ଯେଉଁଥିପାଇଁ ଅନେକ ଉଦ୍ୟମ ସତ୍ତ୍ୱେ ଅନନ୍ତ ନାରାୟଣ ଦଳରେ ସାମିଲ ହୋଇ ନ ପାରି ଫେରିଯାଇଛନ୍ତି ।

ନିରାଶ ହୋଇ ଫେରିବା ପରେ ସେ ପିସିସି ସଭାପତି ଭକ୍ତ ଦାସଙ୍କ ଉପରେ ପ୍ରବଳ ବର୍ଷିଛନ୍ତି ।

■ ଗେଟ୍‌ରେ ତାଲା ପକାଇ କଂଗ୍ରେସ ଭବନକୁ ଛାଡ଼ିଲାନି ଦଳ
■ ଦିଲ୍ଲୀରେ ରାହୁଲଙ୍କୁ ଭେଟି ସାମିଲ ହେବେ ବୋଲି ଚ୍ୟାଲେଞ୍ଜ
■ ଅନନ୍ତଙ୍କୁ ଦଳରେ ଗ୍ରହଣ କରାଯିବନି ବୋଲି ପିସିସି ସଭାପତିଙ୍କ ଦମ୍ଭ

ଅନନ୍ତ ନାରାୟଣ କହିଛନ୍ତି ଯେ ସେ ପିସିସି ସଭାପତି ଓ ବରିଷ୍ଠ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସହ କଥା ହୋଇଥିଲେ । କଂଗ୍ରେସ କାହାର ପୈତୃକ ସମ୍ପତ୍ତି ନୁହେଁ, ତାଙ୍କୁ ଦଳରେ ସାମିଲ ହେବା ପାଇଁ କେହି ଅଟକାଇ ପାରିବେ ନାହିଁ । ତାଙ୍କୁ କଂଗ୍ରେସ ଭବନ ଭତରକୁ ପ୍ରବେଶ ପାଇଁ ବାରଣ କରାଯାଇଛି ଓ କଂଗ୍ରେସ ଭବନ ବାହାରେ ଜଗିଥିବା ପୁଲିସ ତାଙ୍କୁ ଅଟକାଇଛି । ମାତ୍ର ସେ ଦବିଯିବେ ନାହିଁ । ତାଙ୍କ ସମର୍ଥକଙ୍କୁ ଧରି ଦିଲ୍ଲୀ ଯିବେ ଓ ଦିଲ୍ଲୀରେ ରାହୁଲ ଗାନ୍ଧୀଙ୍କୁ ଭେଟି କଂଗ୍ରେସରେ ସାମିଲ ହେବେ । ସେ ଆହୁରି କହିଛନ୍ତି ଯେ ସେ କଂଗ୍ରେସରେ ଅଛନ୍ତି । ତାଙ୍କ ପରିବାର ମୂଳରୁ କଂଗ୍ରେସ । ସେ ଲୋକମାନଙ୍କୁ କଂଗ୍ରେସରେ ସାମିଲ କରାଇବାକୁ ଆଣିଥିଲେ । କେଉଁ କାରଣ ପାଇଁ ତାଙ୍କୁ ଦଳରେ ମିଶାଇ ଦିଆଯାଇ ନାହିଁ ତାକୁ ନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ।

ଅନ୍ୟପଟେ ଅନନ୍ତନାରାୟଣଙ୍କ ଏହି କାର୍ଯ୍ୟକ୍ରମ ପରେ ପିସିସି ସଭାପତି ଭକ୍ତ ଚରଣ ଦାସ ମୁହଁ ଖୋଲିଛନ୍ତି । ସେ କହିଛନ୍ତି ଯେ ନାଣ୍ଟୁ ଧଳ ଜଣେ ଆପରାଧିକ ଚରିତ୍ରର ବ୍ୟକ୍ତି । ସେ କଂଗ୍ରେସର ସଦସ୍ୟ ହୋଇପାରିବେ ନାହିଁ । ସଦସ୍ୟତା ମଗା ଯାଏ, ଛଡ଼ାଇକି ନିଆଯାଏ ନାହିଁ । ରାହୁଲ ଗାନ୍ଧୀଙ୍କ ପାଖକୁ ଯଦି ଯାଇପାରିବେ ଯାଆନ୍ତୁ । ମୁଁ କଂଗ୍ରେସ ଅଧ୍ୟକ୍ଷ ଭାବେ କହୁଛି, ତାଙ୍କୁ ଦଳରେ ଗ୍ରହଣ କରାଯିବନି । ସୂଚନା ଥାଉ କି ବୁଧବାର ସକାଳ ୧୦ ଟା ପରେ ପରେ କଂଗ୍ରେସ ଭବନ ନିକଟରେ ଅନନ୍ତ ନାରାୟଣଙ୍କ ସମର୍ଥକମାନେ ଯାଜପୁର ବଟଚଣାରୁ ଆସି ଜମା ହୋଇଥିଲେ । ବଡଚଣାରୁ ହଜାର ହଜାର ସମର୍ଥକ ଆସି ପହଞ୍ଚିବା ପରେ ଅନନ୍ତ ନାରାୟଣ ଏକ ଶୋଭାଯାତ୍ରାରେ କଂଗ୍ରେସ ଭବନ ଅଭିମୁଖେ ଆସିଥିଲେ । ମାତ୍ର ପୂର୍ବରୁ କଂଗ୍ରେସ ଭବନର ସମସ୍ତ ଗେଟ୍ ବନ୍ଦ କରି ଦିଆଯାଇ ଥିବା ବେଳେ ପୁଲିସ ତାଙ୍କୁ ଅଟକାଇଥିଲା । ଏହା ପରେ ତାଙ୍କ ସମର୍ଥକମାନେ ନାରାବାଜି କରିବା ସହ ଫେରିଯିବାକୁ ବାଧ ହୋଇଥିଲେ ।

ଏହି ଘଟଣା ପରେ ପିସିସି ଗଣମାଧ୍ୟମ ବିଭାଗ ମୁଖ୍ୟ ଅରବିନ୍ଦ ଦାସ ଏକ ସ୍ପଷ୍ଟିକରଣ ରଖିଛନ୍ତି । ସେ କହିଛନ୍ତି ଯେ ଅନନ୍ତ ନାରାୟଣ ଧଳ ଅକ୍ଟୋବର ୧୫ ରେ ହଜାର ହଜାର ଲୋକଙ୍କ ସହିତ ଯୋଗଦେବାକୁ କହିଥିଲେ । ମାତ୍ର ପିସିସି ସଭାପତି ତାଙ୍କୁ ଏକ ଛୋଟ କାର୍ଯ୍ୟକ୍ରମରେ ଅର୍ଥାତ ୫ ଜଣ ବ୍ୟକ୍ତିଙ୍କ ସହିତ ଯୋଗଦେବାକୁ କହିଥିଲେ । ଏହା ବ୍ୟତୀତ ପିସିସି ସଭାପତି ତାଙ୍କ ବିରୋଧରେ ଅନେକ ଗୁରୁତର ଅଭିଯୋଗ ପାଇବା ପରେ, ତାଙ୍କ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବାକୁ କୁହାଯାଇଥିଲା । ମାତ୍ର ନୂଆପାଡ଼ାରେ ହେବାକୁ ଥିବା ଉପ-ନିର୍ବାଚନରେ ପିସିସି ସଭାପତି ବ୍ୟସ୍ତ ରହୁଥିବାରୁ ବର୍ତ୍ତମାନ ତାଙ୍କୁ ଯୋଗଦେବାକୁ ଅନୁମତି ଦେବା ସମ୍ଭବ ନୁହେଁ ବୋଲି ତାଙ୍କୁ କୁହାଯାଇଥିଲା । ଏହା ସତ୍ତ୍ୱେ ସେ ଦଳରେ ୧୫ରେ ଯୋଗ ଦେବାକୁ ଜିଦ୍ ଧରିଥିଲେ । ଯେହେତୁ ତାଙ୍କୁ ବହୁ ପୂର୍ବରୁ ସୂଚନା ଦିଆଯାଇଥିଲା, ତେଣୁ ସେ ଏହାକୁ ସ୍ଥଗିତ ରଖିବା ଉଚିତ୍ ଥିଲା । ଏହାସହ ସେ ଦଳକୁ ବଳପୂର୍ବକ ପ୍ରବେଶ କରିବାକୁ ବାଛିଛନ୍ତି । ଏହା ଦେଶର ସର୍ବପୁରାତନ ରାଜନୈତିକ ଦଳର ମନୋବଳ ଏବଂ ନିୟମ ବୋରିଧୀ । ଯଦି ଜଣେ ବ୍ୟକ୍ତି ତାଙ୍କ ନିଯୁକ୍ତି ପୂର୍ବରୁ ଦଳର ନେତୃତ୍ୱକୁ ଅବମାନନା କରିବାକୁ ଜିଦ୍ ଧରିଛନ୍ତି, ତେବେ ସେ ସଂଗଠନର ଜଣେ ଶୃଙ୍ଖଳିତ ସୈନିକ ଭାବରେ କାର୍ଯ୍ୟ କରିବେ ବୋଲି କେହି କିପରି ଆଶା କରିପାରିବେ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି ।



# ଏନ୍ଆଇଟି ଦ୍ୱାରା ଆଣ୍ଟିବାଇଓଟିକ ପ୍ରତିରୋଧକ ସବୁଜ ବିକଳ୍ପ


ରାଉରକେଲା, ୧୫।୧୦(ସମିସ) : ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି) ରାଉରକେଲାର ଗବେଷକମାନେ ଔଷଧୀୟ ଗଛର ନିର୍ଗମକୁ ବ୍ୟବହାର କରି ଶକ୍ତିଶାଳୀ ଆଣ୍ଟିବ୍ୟାକ୍ଟେରିଆଲ୍ ଏଜେଣ୍ଟ ବା ଆଣ୍ଟିବାଇଓଟିକ୍ ପ୍ରତିରୋଧକ ଜାରକ ପ୍ରସ୍ତୁତ କରିଛନ୍ତି । ଯାହା ପରିବେଶଗତ ଭାବରେ ସୁରକ୍ଷିତ ଓ ପ୍ରଭାବଶାଳୀ ଅଟେ । ଏହି ଗବେଷଣା ଆଣ୍ଟିମାଇକ୍ରୋବିଆଲ୍ ପ୍ରତିରୋଧର ସମସ୍ୟାକୁ ସମାଧାନ କରିବ ବୋଲି ସୂଚନା ମିଳିଛି । ପାରମ୍ପରିକ ଆଣ୍ଟିବାଇଓଟିକ୍ସର ଅତ୍ୟଧିକ ବ୍ୟବହାର ଫଳରେ 'ସୁପରବଗ୍ସ୍' ବୃଦ୍ଧି ପାଇଛି ଯାହା ଏହି ଚିକିତ୍ସା ପ୍ରତି ପ୍ରତିରୋଧୀ । ସାରା ବିଶ୍ୱରେ,



ବୈଜ୍ଞାନିକମାନେ ଏହି ସୁପରବଗ୍ସ୍ ସହିତ ଲଢ଼ିବା ପାଇଁ ବିକଳ୍ପ ପଦ୍ଧତି ଖୋଜୁଥିବାବେଳେ ଏନ୍ଆଇଟି ରାଉରକେଲାର ଏହି ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ପ୍ରତିଷ୍ଠିତ ସରଫେସେସ୍ ଆଣ୍ଡ ଇଣ୍ଟରଫେସେସ୍ ଜର୍ଣ୍ଣାଲରେ ପ୍ରକାଶିତ ଏହି ଅଧ୍ୟୟନକୁ ଜୀବବିଜ୍ଞାନ ବିଭାଗର ସହଯୋଗୀ ପ୍ରାଧ୍ୟାପକ ପ୍ରଫେସର ସୁମନ ଝା ଏବଂ ତାଙ୍କର ଗବେଷଣା ବିଦ୍ୱାନ କୁମାରୀ ସୁଭମ, ସୋନାଲି ଜେନା ଓ ମୋନାଲିସା ଓଝା ଲେଖିଥିଲେ । ଏହି ସମସ୍ୟାର ସମାଧାନ ପାଇଁ, ଏନ୍ଆଇଟି ରାଉରକେଲାର ଗବେଷକମାନେ ଜିଙ୍କ୍ ଅକ୍ସାଇଡ୍ ସୂକ୍ଷ୍ମକଣିକା ଉତ୍ପାଦନ ପାଇଁ ଏକ ପରିବେଶ ଅନୁକୂଳ ପଦ୍ଧତି ଗ୍ରହଣ କରିଛନ୍ତି । କଠୋର ରାସାୟନିକ ପଦାର୍ଥ ବଦଳରେ, ଗବେଷକମାନେ ଗେଣ୍ଡୁ, ଆମ୍ବ ଓ ୟୁକାଲିପଟାସ ଭଳି ଗଛର ପତ୍ର ଓ ଫୁଲରୁ ନିର୍ଗତ ଜିଙ୍କ୍ ଲବଣକୁ ଜିଙ୍କ୍ ଅକ୍ସାଇଡ୍ ସୂକ୍ଷ୍ମକଣିକାରେ ପରିଣତ କରିବା ପାଇଁ ଏକ ନିଷ୍କାସନ ବ୍ୟବହାର କରିଥିଲେ ଯାହା ନିଷ୍କାସନ ଦ୍ୱାରା ଉତ୍ପାଦିତ ଫାଇଟୋକମ୍ପାଉଣ୍ଡ ଶୋଷଣ କରିଥାଏ । ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରି ଏନ୍ଆଇଟି ରାଉରକେଲାର ଜୀବ ବିଜ୍ଞାନ ବିଭାଗର ସହଯୋଗୀ ପ୍ରାଧ୍ୟାପକ ପ୍ରଫେସର ସୁମନ ଝା କହିଛନ୍ତି ଏହି କାର୍ଯ୍ୟ ସ୍ଥାୟୀ ସ୍ୱାସ୍ଥ୍ୟସେବା ପ୍ରଣାଳୀକୁ ସମର୍ଥନ କରିପାରୁଥିବା ଏକ ନୂତନ ପିଢ଼ିର ସବୁଜ ସୂକ୍ଷ୍ମକଣିକା ବିକାଶ କରିବା ଦିଗରେ ଏକ ପଦକ୍ଷେପ ଅଟେ । ନିର୍ଗମନ ସହିତ ଆବୃତ ସୂକ୍ଷ୍ମକଣିକା, ବିଶେଷକରି ଗେଣ୍ଡୁ ଫୁଲ ପାଖୁଡ଼ାରୁ ତିଆରି ସୂକ୍ଷ୍ମକଣିକା, ରାସାୟନିକ ଭାବରେ ସଂଶ୍ଲେଷିତ ସୂକ୍ଷ୍ମକଣିକା କିମ୍ବା କେବଳ ଉଦ୍ଭିଦ ନିର୍ଗମନ ଅପେକ୍ଷା ଜୀବାଣୁ ହତ୍ୟା କରିବାରେ ଦୁଇଗୁଣ ଅଧିକ ପ୍ରଭାବଶାଳୀ ବୋଲି ଜଣାପଡ଼ିଛି ।

# ଅକ୍ଟୋବର ୧୮ ରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ ଶିମିଳିପାଳ

ବାରିପଦା,୧୫।୧୦(ସମିସ): ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଅଭୟାରଣ୍ୟ ଆସନ୍ତା ଅକ୍ଟୋବର ୧୮ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବାକୁ ଯାଉଛି । ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ବୁଧବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଗତବର୍ଷ ପରି ଏଥର ମଧ୍ୟ ଦୈନିକ ଚାରିଚକିଆ ଯାନ କଳିଆଣି ତନଖି ଫାଟକ (ଯଶିପୁର) ପଟୁ ୩୫ଟି ଗାଡ଼ି ଓ ପିଠାବଟା (ବାରିପଦା) ତନଖି ଫାଟକ ଦେଇ ୨୫ ଗାଡ଼ି ଜଙ୍ଗଲ ଭିତରକୁ ପ୍ରବେଶ କରିବ ବୋଲି ସ୍ଥିରୀକୃତ ହୋଇଛି । ଉକ୍ତ ଦୁଇ ତନଖି ଫାଟକରେ ପ୍ରବେଶ ଅନୁମତିପତ୍ର ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ବୁକିଂ କାଉଣ୍ଟରରେ ଉପଲବ୍ଧ ରହିବ । ପ୍ରତି ପର୍ଯ୍ୟଟକଙ୍କ ପିଛା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଥିବା ବେଳେ ମାର୍ଗଦର୍ଶିକା ଅନୁପାଳନ ସହିତ ଅଭୟାରଣ୍ୟକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକମାନେ ଭିତରକୁ ପ୍ରବେଶ ସମୟରେ ନିଜ ସାଥୀରେ ପ୍ଲାଷ୍ଟିକ ସାମଗ୍ରୀ, ମାଦକ ଦ୍ରବ୍ୟ, ଆମିଷ ଓ ଅଗ୍ନି ସଂଯୋଗକାରୀ ସାମଗ୍ରୀ ଆଦି ପର୍ଯ୍ୟଟକମାନେ ନେବା ଉପରେ କଟକଣା ଜାରି କରାଯାଇଛି । ସେହିପରି ଏଥର ତାଳବନ୍ଧ, ଜାମୁଆଣି ଓ ଗୁଡୁଗୁଡିଆ କୋର୍ ଅଞ୍ଚଳ ପାଇଁ ଘରୋଇ ଗାଡ଼ି ପରିବର୍ତ୍ତେ ନୂତନ ୩୫ଟି ଖୋଲା ଜିପ୍ ବା ସଫାରୀ ଗାଡ଼ିରେ ସକାଳ ୫ଟା ୩୦ ବା ଅପରାହ୍ନ ୩ଟାରେ ୫ଘଣ୍ଟା ଲେଖାଏଁ ବୁଲିବାର ମଜା ନେବେ ପର୍ଯ୍ୟଟକ ।




ସୁରକ୍ଷିତ ଭାବେ ପର୍ଯ୍ୟଟକ ଜଙ୍ଗଲ ପରିବେଶରେ କିପରି ଜଙ୍ଗଲୀ ବନ୍ୟଜନ୍ତୁଙ୍କ ଚଳପ୍ରଚଳକୁ ପାଖରୁ ନିରେଖି ଦେଖିପାରିବେ ସେଥିପାଇଁ ସ୍ୱତନ୍ତ୍ର ରୁଟ୍ ପ୍ରସ୍ତୁତ କରାଯାଇଛି । ଶିମିଳିପାଳରେ ଥିବା ଯାତ୍ରୀ ନିବାସଗୁଡିକରେ ରାତ୍ରୀଯାପନ ପାଇଁ ପର୍ଯ୍ୟଟକମାନେ ଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ଟ୍ୟୁରିଜିମ ଡଟ୍ କମ୍ ୱେବସାଇଟରେ ଅଗ୍ରୀମ ବୁକିଂ କରିପାରିବେ । ପ୍ରକାଶ ଥାଉ କି ପ୍ରତି ବର୍ଷ ବର୍ଷାଋତୁ ଯୋଗୁଁ ଜୁନ ୧୫ ତାରିଖରେ ଶିମିଳିପାଳ ବନ୍ଦ ହୋଇଥାଏ । ପୂର୍ବରୁ ନଭେମ୍ବର ପହିଲା ଓ ୨ବର୍ଷ ଧରି ଅକ୍ଟୋବର ମଧ୍ୟ ଭାଗରେ ପୁନର୍ବାର ଖୋଲୁଅଛି । ତଦନୁସାରେ ଚଳିତ ବର୍ଷ ୧୮ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଏହା ଖୋଲୁଛି । ଉକ୍ତ ଜୈବମଣ୍ଡଳରେ ପ୍ରାଣୀ, ପକ୍ଷୀ ଓ ସରୀସୃପଙ୍କ ପାଇଁ ଆବଶ୍ୟକୀୟ ବାତାବରଣ, ସନ୍ତୁଳିତ

■ କୋର୍ ଏରିଆକୁ ଘରୋଇ ଗାଡ଼ି ପ୍ରବେଶ କଟକଣା
■ ୩୫ ସଫାରୀ ଗାଡ଼ି ନିୟୋଜିତ

ପରିବେଶ, ଭୌଗଳିକ ସ୍ଥିତିର ଭିନ୍ନତାରେ ପର୍ଯ୍ୟାପ୍ତ ସବୁଜିମା ବୃକ୍ଷରାଜି ରହିଛି । ଯେଉଁଥିପାଇଁ ଏହା ଭାରତର ବାଘ, ଏସୀୟ ହାତୀ ଓ ଗୟଳ ପରି ତିନି ପ୍ରଜାତି ପ୍ରାଣୀର ବୃହତ୍ତ ବାସସ୍ଥଳୀ ହୋଇପାରିଛି । ଏଥିସହିତ ଏହି ଜୈବମଣ୍ଡଳରେ ହଜାରେ ପ୍ରଜାତିର ସପୁଷ୍ପକ ଉଦ୍ଭଦ ସହିତ ୧୦୪ ପ୍ରଜାତିର ଅର୍କିଡ୍ ଓ ବରେହିପାଣି, ଯୋରନ୍ଦା, ଉସକି, ଦେବକୁଣ୍ଡ, ସୀତାକୁଣ୍ଡ ଆଦି ଜଳପ୍ରପାତ ପ୍ରକୃତିପ୍ରେମୀଙ୍କୁ ଆକୃଷ୍ଟ କରିଥାଏ । ପର୍ଯ୍ୟଟକଙ୍କୁ ନୂଆ ଅନୁଭୂତି ଦେବା ପାଇଁ ଶିମିଳିପାଳ କର୍ତ୍ତୃପକ୍ଷ ୨ବର୍ଷ ଧରି ଦୁଃସାହସିକ କ୍ରୀଡା, ଜଙ୍ଗଲ ସଫାରୀ ଓ ମାଉଣ୍ଟେନ୍ ସାଇକଲିଂ ଭଳି କିଛି ନୂଆ ଧରଣର କ୍ରୀଡ଼ାକୁ ସାମିଲ କରିଛନ୍ତି । ତାଛଡ଼ା ଶିମିଳିପାଳ ଭିତରେ ଥିବା ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳୀରେ ନେଚର ଗେମିଂର ସୁବିଧା କରାଯାଇଛି । ପର୍ଯ୍ୟଟକମାନେ ପ୍ରତି ଗାଡ଼ିରେ ଜଣେ ବିଭାଗୀୟ ଗାଇଡଙ୍କୁ ନିୟମ ଅନୁଯାୟୀ ସାଙ୍ଗରେ ନେବାକୁ ପଡ଼ିବ । ସେହିପରି ବୁଲାବୁଲି ସାରି ଅପରାହ୍ନ ୩ଟା ପୂର୍ବରୁ ଯୋରନ୍ଦା ଓ ବରେହିପାଣି ଜଳପ୍ରପାତ, ୪ଟା ପୂର୍ବରୁ ଚହଲା ଏବଂ ୫ଟା ବେଳକୁ ପ୍ରସ୍ଥାନ ଗେଟ ବାହାରକୁ ଆସିବାକୁ ନିର୍ଦ୍ଦେଶ ରହିଛି । କୌଣସି କାରଣବଶତଃ ଅଭୟାରଣ୍ୟ ମଧ୍ୟରେ ଗାଡ଼ି ଖରାପ ହେଲେ ପର୍ଯ୍ୟଟକମାନଙ୍କୁ ବାରିପଦା ଓ ଯଶିପୁର ବସଷ୍ଟାଣ୍ଡକୁ ସ୍ଥାନାନ୍ତରିତ କରାଇବା ନିମନ୍ତେ ଅଗ୍ରୀମ ୪ହଜାର ଟଙ୍କା ଜମା ଦେବାକୁ ନିୟମ ରହିଛି । ରାତ୍ରି ରହଣି ପାଇଁ କୋର ଏରିଆର ଜାମୁଆଣି, କୁମାରୀ, ରାମତୀର୍ଥ, ଗୁଡ଼ଗୁଡ଼ିଆ, ବରେହିପାଣି ଆଦି ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ କୁଆଁରୀ ଗାଁ ନିକଟରେ ବାଉଁଶ କୁଟିର ବ୍ୟବସ୍ଥା ମଧ୍ୟ କରାଯାଇଛି । ରାତ୍ର ରହଣି ପାଇଁ ପର୍ଯ୍ୟଟକମାନେ ୱେବସାଇଟରେ ଅଗ୍ରୀମ ସଂରକ୍ଷଣ କରିବାକୁ ପଡ଼ିବ ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି । ବିଶେଷକରି ଯୁବପିଢ଼ି ଓ ଛୋଟ ପିଲାଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଏହି ଦୁଃସାହସିକ କ୍ରୀଡ଼ାକୁ ଏଥିରେ ସାମିଲ କରାଯାଇଛି । ଶିମିଳିପାଳ ବୁଲିବାକୁ ପର୍ଯ୍ୟଟକଙ୍କ ପାଇଁ ମିନିବସ୍‌ର ମଧ୍ୟ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି ।

# ଓଡ଼ିଶା ଗସ୍ତରେ ହରିଆଣା ବିଧାନସଭାର ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର,୧୫।୧୦(ସମିସ): ହରିଆଣା ବିଧାନସଭାର ଶିକ୍ଷା, ବୈଷୟିକ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ମେଡିକାଲ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ସବ୍‌ଜେକ୍ଟ କମିଟିର ଅଧ୍ୟକ୍ଷ ରାମ କୁମାର କାଶ୍ୟପଙ୍କ ନେତୃତ୍ୱାଧୀନ ଏକ ୧୧ ଜଣିଆ ବିଧାୟକଦଳ ଓଡ଼ିଶା ଗସ୍ତରେ ଆସିଛନ୍ତି ।

ବୁଧବାର ସେମାନେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏହି ସଦସ୍ୟମାନେ ବିଧାନସଭା ଷ୍ଟାଣ୍ଡିଙ୍ଗ୍ କମିଟି-୪ର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାନସଭା ଷ୍ଟାଣ୍ଡିଙ୍ଗ୍ କମିଟି-୫ର ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନ, ସଦସ୍ୟ ଗଣେଶ୍ୱର ବେହେରା, ବଦ୍ରିନାରାୟଣ ପାତ୍ର, ରୂପେଶ କୁମାର ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ସେଠୀ, ଉମାଚରଣ ମଲ୍ଲିକ, ଡ. ଫକୀର ନାୟକ, ବିଜୟ କୁମାର ଦଳବେହେରା ଓ ସୀମାରାଣୀ ନାୟକଙ୍କ ସହ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ହରିଆଣାର ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସବ୍‌ଜେକ୍ଟ କମିଟିର ସଦସ୍ୟମାନେ ସେଠାକାର ସରକାରଙ୍କ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ଭଲ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ଓଡ଼ିଶାର ସଦସ୍ୟମାନେ ମଧ୍ୟ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବହୁ ଅଭିନବ ଯୋଜନା ବାବଦରେ ସୂଚନା ଉପସ୍ଥାପନ କରିଥିଲେ ।



**ବିଧାନସଭାର ବିଭିନ୍ନ କମିଟିର କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହେଲେ**

ଉଭୟ ରାଜ୍ୟ ଶିକ୍ଷା କ୍ଷେତ୍ରରେ ଲାଗୁ ହେଉଥିବା ଭଲ ଯୋଜନାସବୁକୁ ଆପଣାଇବା ପାଇଁ ବୈଠକରେ ସହମତି ପ୍ରକାଶ ପାଇଥିଲା । ଏହି ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ଏହି କମିଟି ତାଙ୍କର ଏହି ଗସ୍ତ ସମୟରେ ପୁରୀ, କୋଣାର୍କ ସମେତ ଚିଲିକା, ସାତପଡ଼ା ଓ ଓଡ଼ିଶାର ଅନ୍ୟ ଦର୍ଶନୀୟ ସ୍ଥାନ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି ।

# ଭାରତୀୟ କ୍ରିକେଟ ଦଳର ଅଷ୍ଟ୍ରେଲିଆ ଗସ୍ତ



ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି): ଅଷ୍ଟ୍ରେଲିଆ ସହ ସୀମିତ ଓଭର କ୍ରିକେଟ ସିରିଜ୍ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ଆଜି ପର୍ଥ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଦଳରେ ବହୁ ଚର୍ଚ୍ଚିତ ବରିଷ୍ଠ ଖେଳାଳି ରୋହିତ ଶର୍ମା ଏବଂ ବିରାଟ କୋହଲି ମଧ ଯାଇଛନ୍ତି। ଏମାନଙ୍କ ସହ ଆଉ କିଛି ଖେଳାଳି ଯଥା ଦିନିକିଆ ଅଧିନାୟକ ଶୁବମନ ଗିଲ୍, ଓପନର ଯଶସ୍ୱୀ ଜୟସ୍ୱାଲ, ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ, ଦୁଇ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହ କିଛି ସପୋର୍ଟ ଷ୍ଟାଫ୍ ଯାତ୍ରା କରିଛନ୍ତି। ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ବରିଷ୍ଠ ଖେଳାଳି ରୋହିତ ଓ ବିରାଟଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରାଯିବ। ଏମାନଙ୍କ ବ୍ୟତୀତ ସନ୍ଧ୍ୟାରେ ହେଡ୍ କୋଚ୍ ଗୌତମ ଗମ୍ଭୀର, କିଛି ଖେଳାଳି ଓ ସପୋର୍ଟ ଷ୍ଟାଫ୍ ମଧ ଯାଇଛନ୍ତି। ଅଷ୍ଟ୍ରେଲିଆର ଗସ୍ତରେ ଭାରତ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ପ୍ରଥମେ ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡିକ ପର୍ଥରେ ଅକ୍ଟୋବର ୧୯ ତାରିଖ ରବିବାର, ଆଡିଲେଡ୍‌ରେ ଅକ୍ଟୋବର ୨୩ ତାରିଖ ଗୁରୁବାର ଓ ସିଡନୀରେ ଅକ୍ଟୋବର ୨୫ ତାରିଖ ଶନିବାର ଖେଳାଯିବ। ନିକଟରେ ଭାରତ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍‌କୁ ୨-୦ରେ ହରାଇ ଟେଷ୍ଟ ସିରିଜ୍ ପୋଛିନେଇଥିଲା। ଏହି ସିରିଜ୍‌ରେ ଟେଷ୍ଟ ସ୍ପେଶାଲିଷ୍ଟଙ୍କୁ ବିଶ୍ରାମ ଦିଆଯାଇଛି। ଦିନିକିଆ ସିରିଜ୍ ପରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଅକ୍ଟୋବର ୨୯ରୁ ଆରମ୍ଭ ହେବ। ଏଥିରେ ସୂର୍ଯ୍ୟକୁମାର ଭାରତୀୟ ଦଳର ନେତୃତ୍ୱ ନେବେ।

# ଅହମ୍ମଦାବାଦ୍‌ରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି): ଭାରତର ଅହମ୍ମଦାବାଦ୍‌ରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଶତବାର୍ଷିକୀ ସଂସ୍କରଣ ଅନୁଷ୍ଠିତ ହେବ। ରାଜ୍ୟଗୋଷ୍ଠୀର କାର୍ଯ୍ୟନିର୍ବାହୀ ବୋର୍ଡ ସୁପାରିସ୍ କରିଛି। ଏହା ଫଳରେ ଅହମ୍ମଦାବାଦ୍ ଏହି କ୍ରୀଡ଼ା ଆୟୋଜନ କରିବାକୁ ଆଉ ପାଦେ ଆଗେଇଛି। ୨୦୩୦ ସଂସ୍କରଣ ଲାଗି ଅହମ୍ମଦାବାଦ୍ ଓ ନାଇଜେରିଆର ଅବୁଜା ସହର ଆବେଦନ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇଭାଲ୍ୟୁସନ କମିଟି ସମସ୍ତ ପ୍ରକାର ବ୍ୟବସ୍ଥାକୁ ତଦାରଖ କରିବା ପରେ ଅହମ୍ମଦାବାଦ୍‌ରେ ଆୟୋଜନ କରିବାକୁ ସୁପାରିସ୍ କରିଛି। ତେବେ ଚୂଡାନ୍ତ ନିଷ୍ପତ୍ତି କମନୱେଲଥ ସ୍ପୋର୍ଟ୍ସ ଜେନେରାଲ ଆସେମ୍ବ୍ଲି ନେବ। ନଭେମ୍ବର ୨୬ରେ ଗ୍ଲାସ୍‌ଗୋରେ ଆସେମ୍ବ୍ଲିର ବୈଠକରେ ଏହା ସ୍ଥିର ହେବ। ସାଧାରଣତଃ କାର୍ଯ୍ୟନିର୍ବାହୀ ବୋର୍ଡର ସୁପାରିସ୍‌କୁ ଆସେମ୍ବ୍ଲିରେ ମୋହର ମରାଯାଇଥାଏ।

ବାରବାଟୀ ରଣଜୀ

# ବରୋଦା ବିପକ୍ଷରେ ଓଡ଼ିଶା ୨୦୫/୫

କଟକ,୧୫।୧୦(ସମିସ):

ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପରଙ୍କ ଲଢୁଆ ଅର୍ଦ୍ଧଶତକ ଓ ଏମାନଙ୍କ ୫ମ ୱିକେଟରେ ଶତକୀୟ ଭାଗିଦାରି ବଳରେ ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ରେ ବୁଧବାର ଆରମ୍ଭ ହୋଇଥିବା ବରୋଦା ବିପକ୍ଷ ଏଲିଟ୍ ଗ୍ରୁପ୍-ଏ ରଣଜୀ ମୁକାବିଲାରେ ଓଡ଼ିଶା ପ୍ରାରମ୍ଭିକ ବିପର୍ଯ୍ୟୟରୁ ରକ୍ଷା ପାଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଦଳ ୪୯ ରନ୍ ସ୍କୋରରେ ୪ଜଣ ଖେଳାଳିଙ୍କୁ ହରାଇଥିଲା। ଏହି

## ଶୁଭ୍ରାଂଶୁ, ରାଜେଶଙ୍କ ଲଢୁଆ ଅର୍ଦ୍ଧଶତକ

ସମୟରେ ନଂ-୪ ତଥା ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ନଂ-୬ ରାଜେଶ ଧୂପର ଲଢୁଆ ବ୍ୟାଟିଂ କରି ୫ମ ୱିକେଟରେ ୧୫୬ ରନ୍ ଉଠାଇ ଘରୋଇ ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ପ୍ରଥମ ଦିନର ଶେଷ ଓଭର ଅର୍ଥାତ୍ ୯୦ତମ ଓଭରର ୫ମ ବଲ୍‌ରେ ଅଧିନାୟକ ସେନାପତି ୭୯ ରନ୍ କରି ଆଉଟ ହୋଇଥିଲେ। ସେ ୨୦୩ ବଲ୍ ଖେଳି ୭ ଚୌକା ସହ ଦଳ ପକ୍ଷରୁ ସର୍ବାଧିକ ରନ୍ କରିଥିଲେ। ଅନାବଶ୍ୟକ ଭାବେ ଓଡ଼ିଶା ଶେଷ ଓଭରରେ ଆଉ ଏକ ୱିକେଟ ହରାଇଥିଲାବେଳେ ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ୫ ୱିକେଟରେ ୨୦୫ ରନ୍ କରିବାକୁ ସମର୍ଥ ହୋଇଛି। ରାଜେଶ ୭୬ ଓ ଆଶୀର୍ବାଦ ସ୍ୱାଇଁ କୌଣସି ରନ୍ ନ କରି ଅପରାଜିତ ଅଛନ୍ତି। ରାଜେଶ ୨୧୨ଟି ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟ ଓଡ଼ିଶା ଖେଳାଳିଙ୍କ ମଧ୍ୟରୁ ଦୁଇ ଓପନର ସ୍ୱସ୍ତିକ ସାମଲ ଓ ଡେବ୍ୟୁଟାଣ୍ଟ ଗୌରବ ଚୌଧୁରୀ ୨୪ ରନ୍ ଲେଖାଏଁ, ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦ୍ଦାର ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ବରୋଦାର ଦୁଇ ଅଭିଜ୍ଞ ବୋଲର ଅଧିନାୟକ ତଥା ପେସର ଅତୀତ ସେଠ୍ ଓ ସ୍ପିନର ଭାର୍ଗବ ଭଟ୍ଟଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଛି। ଏହି ମ୍ୟାଚ୍‌ରେ ଓଡ଼ିଶାର ଦୁଇ ଖେଳାଳି ଗୌରବ ଚୌଧୁରୀ ଓ ବାଦଲ ବିଶ୍ୱାଳ ଡେବ୍ୟୁ କରିଛନ୍ତି।



ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପର

### ସମାନ ସ୍କୋରରେ ଆଉଟ ହେଲେ ୪ ବ୍ୟାଟର

ଏହି ମ୍ୟାଚ୍‌ରେ ଘରୋଇ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପରେ ବିନା ୱିକେଟରେ ୪୯ ରନ୍ କରିଥିଲା। ଏହି ସ୍କୋରରେ ଡେବ୍ୟୁଟାଣ୍ଟ ଓପନର ଗୌରବ ଚୌଧୁରୀ (୨୪ରନ୍‌ରେ) ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଓଡ଼ିଶା ଏହି ସ୍କୋର ବା ୧୯ତମ ଓଭରର ଚତୁର୍ଥ ବଲ୍‌ରେ ପ୍ରଥମ ୱିକେଟ ହରାଇଥିଲା। ଏହା ପରେ ଦଳ ଜଣଙ୍କ ପରେ ଜଣେ ୩ଜଣ ଖେଳାଳି ସମାନ ସ୍କୋର ଅର୍ଥାତ୍ ୪୯ ରନ୍‌ରେ ଆଉଟ ହୋଇଥିଲେ। ଏକଦା ଓଡ଼ିଶା ବିନା ୱିକେଟରେ ୪୯ ରନ୍ କରିଥିଲାବେଳେ ୨୧ଟି ବଲ୍‌ରେ ଖେଳି ସମାନ ସ୍କୋର ୪ ୱିକେଟ ହରାଇଥିଲା। ଗୌରବଙ୍କ ପରେ ୧୯.୨ ଓଭରରେ ନଂ-୩ ସନ୍ଦୀପ ପଟ୍ଟନାୟକ ଭାର୍ଗବ ଭଟ୍ଟଙ୍କ ଦ୍ୱାରା ଖାତା ଖୋଲିବା ପୂର୍ବରୁ ଏବଂ ୨୦.୩ ଓଭରରେ ଅନ୍ୟତମ ଓପନର ସ୍ୱସ୍ତିକ ସାମଲ ୨୪ ରନ୍ କରିଥିଲାବେଳେ ଅତୀତ ସେଠଙ୍କ ଦ୍ୱାରା କଟ ବିହାଇଣ୍ଡ ହୋଇଥିଲେ। ଏତିକିରେ ନାଟକ ଶେଷ ହୋଇ ନ ଥିଲା। ୨୨.୨ ଓଭରରେ ନଂ-୫ରେ ବ୍ୟାଟିଂ କରିବାକୁ ଆସିଥିବା ଅଭିଜ୍ଞ ବ୍ୟାଟର ଗୋବିନ୍ଦ ପୋଦ୍ଦାର ୫ଟି ବଲ୍ ଖେଳି ମଧ ଖାତା ଖୋଲି ନ ପାରି ସେଠ୍‌ଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଓଡ଼ିଶାର ଅର୍ଦ୍ଧଶତାବ୍ଦୀ କ୍ରିକେଟ ଇତିହାସରେ ପ୍ରଥମଥର ଓଡ଼ିଶା ସମାନ ସ୍କୋରରେ ୪ଟି ୱିକେଟ ହରାଇବା ଏହା ପ୍ରଥମ ଘଟଣା।

## ଗୌରବ ଓ ବାଦଲଙ୍କ ପଦାର୍ପଣ





କଟକ, ୧୫।୧୦ (ସମିସ): ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା ୩ ନୂଆମୁହଁଙ୍କୁ ଦଳରେ ସାମିଲ କରିଛି। ବୁଧବାର ଠାରୁ ବାରବାଟୀରେ ଆରମ୍ଭ ହୋଇଥିବା ବରୋଦା ବିପକ୍ଷ ମ୍ୟାଚ୍‌ରେ ଏମାନଙ୍କ ଭିତରୁ ଦୁଇ ନବାଗତ ପଦାର୍ପଣର ସୁଯୋଗ ପାଇଛନ୍ତି। ଜଣେ ହେଲେ ଓପନିଂ ବ୍ୟାଟର ଗୌରବ ଚୌଧୁରୀ ଓ ଅନ୍ୟ ଜଣକ ମିଡିୟମ ପେସ୍ ବୋଲର ବାଦଲ ବିଶ୍ୱାଳ। ବରିଷ୍ଠ ଶିବିରରେ ପୂର୍ବରୁ ଗୌରବଙ୍କ ଅଭିଜ୍ଞତା ଥିବା ବେଳେ ବାଦଲଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ନୂଆ।

ବରୋଦା ବିପକ୍ଷରେ ଓଡ଼ିଶା ତରଫରୁ ଓପନିଂ କରୁଥିବା ନୂଆ ମୁହଁ ଗୌରବ ଜଣେ ଦକ୍ଷ ବ୍ୟାଟର ଭାବେ ପରିଚିତ। ନିକଟ ଅତୀତରେ ଶେଷ ହୋଇଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ସେ ହେଉଛନ୍ତି ସର୍ବାଧିକ ରନସଂଗ୍ରହକାରୀ। ଭୁବନେଶ୍ୱର ଟାଇଗର୍ସରୁ ପ୍ରତିନିଧିତ୍ୱ କରୁଥିବା ଗୌରବ ୫ଟି ମ୍ୟାଚରୁ ଗୋଟିଏ ଶତକୀୟ ପାଳି ସହାୟତାରେ ୧୯୯ରନ ସଂଗ୍ରହ କରିଥିଲେ। ଆଭରେଜ ୪୯.୭୫ ପ୍ରତିଶତ ରହିଥିଲା। ତେବେ ଏହି ୨୬ବର୍ଷୀୟ ବ୍ୟାଟରଙ୍କୁ ପୂର୍ବରୁ ବରିଷ୍ଠ ଦଳରେ ଦେଖିବାକୁ ମିଳିଛି। ୨୦୨୧ ସିଜନରେ ସେ ବିଜୟ ହଜାରେ ଓ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ପଦାର୍ପଣ କରି ନିଜ ଦୃଢ଼ ବ୍ୟାଟିଂର ଛାପ ଛାଡ଼ିଥିଲେ। ଲିଷ୍ଟ-ଏ ଫର୍ମାଟରେ ୮ଟି ମ୍ୟାଚ୍‌ରୁ ୨ଟି ଅର୍ଦ୍ଧଶତକ ବଳରେ ୨୫୬ରନ ଏବଂ ଟି-୨୦ ଫର୍ମାଟରେ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଗୋଟିଏ ଅର୍ଦ୍ଧଶତକ ବଳରେ ୨୨୨ରନ କରିଛନ୍ତି। ରାଜ୍ୟ ଦଳର ପେସ୍ ବୋଲିଂ ଆଟାକ୍‌ରେ ରାଜେଶ ମହାନ୍ତି ଓ ସୁନୀଲ ରାଉଲଙ୍କୁ ସହଯୋଗ କରିବା ପାଇଁ ନବାଗତ ବାଦଲଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇଛି। ୨୧ବର୍ଷୀୟ ବାଦଲ ଜଣେ ଡାହାଣହାତୀ ମିଡିୟମ ପେସ୍ ବୋଲର। ୨୩ବର୍ଷରୁ କମ୍ ବୟସ ବର୍ଗ କ୍ରିକେଟରେ ଶାଣିତ ବୋଲିଂ କରି ସେ ବରିଷ୍ଠ ଦଳର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ଓପିଟିଏଲରେ ବାଦଲ ଭୁବନେଶ୍ୱର ଟାଇଗର୍ସ ପକ୍ଷରୁ ମାତ୍ର ୩ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଏଥିରେ ସେ ୬ଟି ୱିକେଟ ଦଖଲ କରିଥିଲେ।

ବିଶ୍ୱ ଜୁନିଅର ବ୍ୟାଡ୍‌ମିଣ୍ଟନ

## ପ୍ରି-କ୍ୱାର୍ଟରରେ ବିଶାଖା



ଗୌହାଟୀ, ୧୫।୧୦ (ଏଜେନ୍ସି): ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତୀୟ ଖେଳାଳିଙ୍କ ବିଜୟ ଅଭିଯାନ ଜାରି ରହିଛି। ଟପ୍ ସିଡ୍ ତନଭୀ ଶର୍ମାଙ୍କ ସହ ଉନ୍ନତି ହୁଦା ଓ ରକ୍ଷିତା ଶ୍ରୀ ରାମରାଜ ତୃତୀୟ ରାଉଣ୍ଡରେ ବିଜୟୀ ହୋଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସେହିଭଳି ଓଡ଼ିଆ ଖେଳାଳି ବିଶାଖା ଟପ୍ପୋ ମଧ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ଭବ୍ୟ ଛାବ୍ରାଙ୍କୁ ସାଥୀ କରି ଖେଳୁଥିବା ବିଶାଖା ମିକ୍ସଡ ଇଭେଣ୍ଟର ତୃତୀୟ ରାଉଣ୍ଡରେ ୧୫-୧୩, ୧୫-୧୧ ସିଧାସଳଖ ଗେମରେ ଡେନମାର୍କର ଆସ୍କି ରୋମେର ଓ ଯସ୍ମିନ ୱିଲ୍ସ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ବିଶାଖା ଓ ଭବ୍ୟ ଯୋଡ଼ି କ୍ୱାର୍ଟରରେ ମାଲେସିଆର ଯୋଡ଼ିଙ୍କୁ ଭେଟିବେ।

## ଆଇଟିଏଫ୍ ମାଷ୍ଟର୍ସ ଟେନିସ ଟୁର୍ ଉଦ୍‌ଯାପିତ



ଭୁବନେଶ୍ୱର, ୧୫।୧୦ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଟେନିସ ମାଷ୍ଟର୍ସ ଟୁର୍ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆୟୋଜକ ଭାରତ ସମେତ ସ୍ଲୋଭାକିଆ ଓ ଜର୍ମାନୀର ୧୦୦ରୁ ଉର୍ଦ୍ଧ୍ୱ ଟେନିସ ଖେଳାଳି ପୁରୁଷ ଓ ମହିଳା ସିଙ୍ଗଲ୍ସ ଏବଂ ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଅଂଶଗ୍ରହଣ କରିଥିଲେ। ୩୦ରୁ ୭୦ ବର୍ଷ ମଧ୍ୟରେ ବିଭିନ୍ନ ବୟସ ବର୍ଗରେ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓଡ଼ିଶାର ଅଂଶୁ ଭୂୟାଁ ଡବଲ୍ ଟ୍ରଫି ଜିତିଛନ୍ତି। ସେ ୩୦ ବର୍ଷରୁ କମ୍ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇଥିଲେ। ଡବଲ୍ସରେ ଚିନ୍ମୟ ପ୍ରଧାନଙ୍କୁ ଅଂଶୁ ସାଥୀ କରି ଖେଳିଥିଲେ। ସେହିଭଳି ଅନ୍ୟ ବୟସବର୍ଗରେ ବିଶ୍ୱଜିତ୍ ଦାସ, ଶିବଶଙ୍କର ପରିଡ଼ା, ଅଜୟ ନିଶାଙ୍କ, ବିନୋଦ ସେଠ୍, ଅଜୟ ସାହୁ, ଦିଲୀପ କୁମାର ମଙ୍ଗରାଜ, ଧୀରଜ ପଣ୍ଡା-ନିଶାଙ୍କ ଯୋଡ଼ି, ଦୟାଲ ଗଙ୍ଗୱାର-ଆଶିଷ ପରମାର ଯୋଡ଼ି ସ୍ନେହାଶିଷ ବେହେରା-ବିନୋଦ ସେଠ୍ ଯୋଡ଼ି, ଅଜୟ ମହାପାତ୍ର-ଅଜୟ ସାହୁ ଯୋଡ଼ି ବିଜୟୀ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ଓଡ଼ିଶା ଟେନିସ ସଂଘ (ଓଟିଏ)ର ଉପସଭାପତି ସତ୍ୟଜିତ୍ ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଟିଏର ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

ରଣଜୀ ଟ୍ରଫି ଋତୁ ଆରମ୍ଭ

## ମହାରାଷ୍ଟ୍ର 'ଶୂନ'ରେ ୩; ୫ ରନ୍‌ରେ ୪ ୱିକେଟ୍

ଥିରୁଅନନ୍ତପୁରମ, ୧୫।୧୦ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ବୁଧବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ବି'ର ଏକ ମ୍ୟାଚରେ ଘରୋଇ କେରଳ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରିଥିବା ମହାରାଷ୍ଟ୍ର ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମହାରାଷ୍ଟ୍ର ଟପ୍ ଅର୍ଡରର ୫ଜଣ ବ୍ୟାଟର୍‌ଙ୍କ ମଧ୍ୟରୁ ୪ଜଣ ଖାତା ଖୋଲିପାରି ନ ଥିଲେ। ଦଳ ଖାତା ଖୋଲିବା ପୂର୍ବରୁ ୩ ୱିକେଟ୍ ଏବଂ ୫ ରନରେ ୪ର୍ଥ ୱିକେଟ୍ ହରାଇଥିଲା। ଚଳିତ ସିଜନରେ ମୁମ୍ବାଇ ଛାଡ଼ି ମହାରାଷ୍ଟ୍ର ପାଇଁ ଖେଳୁଥିବା ପୃଥ୍ୱୀ ଶ' ଇନିଂସର ୪ର୍ଥ ବଲରେ, ୫ମ ବଲରେ ସିଦ୍ଧେଶ ବୀର ଏବଂ ଦ୍ୱିତୀୟ ଓଭରର ପ୍ରଥମ ବଲରେ ଅର୍ଶୀନ କୁଲକର୍ଣ୍ଣୀ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଏହାପରେ ତୃତୀୟ ଓଭରର ୨ୟ ବଲରେ ଅଧିନାୟକ ଅଙ୍କିତ ବାୱନେ ମଧ ଖାତା ଖୋଲି ନ ପାରି ପ୍ୟାଭିଲିୟନ ଫେରିଥିଲେ। ତେବେ ଦୁଇ ଅଭିଜ୍ଞ ଖେଳାଳି ଋତୁରାଜ ଗାଏକ୍ୱାଡ (୯୧ ରନ) ଓ ଜଲାଜ ସକ୍ସେନା (୪୯ ରନ) ଉପଯୋଗୀ ପାଳି ଖେଳିବାରୁ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ମହାରାଷ୍ଟ୍ର ୭ ୱିକେଟ୍‌ରେ ୧୭୯ ରନ ସଂଗ୍ରହ କରିଛି।

■ ମହିଳା ବିଶ୍ୱକପ୍ କ୍ରିକେଟ

## ଇଂଲଣ୍ଡ-ପାକିସ୍ତାନ ମ୍ୟାଚ୍‌ରେ ବର୍ଷା ବାଧକ

କଲମ୍ବୋ,୧୫।୧୦ (ଏଜେନ୍ସି): କ୍ରମାଗତ ବର୍ଷା ଯୋଗୁଁ ଏଠାରେ ଆଜି ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଖେଳାଯାଉଥିବା ମହିଳା ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାର ୧୬ତମ ଲିଗ୍ ମ୍ୟାଚ୍ ବାଧାପ୍ରାପ୍ତ ହୋଇଛି। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୨୫ ଓଭର ଖେଳ ଶେଷସୁଦ୍ଧା ଇଂଲଣ୍ଡ ୭୯ ରନ୍‌ରେ ୭ ୱିକେଟ ହରାଇଥିଲାବେଳେ ବର୍ଷା ଯୋଗୁ ଖେଳ ଆଉ ସମ୍ଭବ ହୋଇପାରି ନ ଥିଲା। କିନ୍ତୁ ଦୀର୍ଘ ଅଢ଼େଇ ଘଣ୍ଟାର ପରେ ବର୍ଷା ଛାଡିବାରୁ ମ୍ୟାଚ ପୁନର୍ବାର ଆରମ୍ଭ ହୋଇଛି। ଏହି ମ୍ୟାଚ୍‌କୁ ୩୧ ଓଭର ବିଶିଷ୍ଟ କରାଯାଇଛି। ଇଂଲଣ୍ଡ ଇନିଂସରେ ହିଥର ନାଇଟ୍ ୧୮, ଆଲିସ୍ କାପ୍‌ସୀ ୧୬ ଓ ସୋଫିଆ ଡଙ୍କଲୀ ୧୧ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ଅଧିନାୟିକା ଫାତିମା ସାନା ୩ଟି, ସାଦିଆ ଇକବାଲ ୨ଟି ୱିକେଟ ପାଇଛନ୍ତି। ଇଂଲଣ୍ଡ ୩ ମ୍ୟାଚ୍‌ରୁ ୩ଟି ବିଜୟ ସହ ପୂରା ୬ ପଏଣ୍ଟ ସଂଗ୍ରହ କରିଛି।

## ମନ୍ଥର ବୋଲିଂ ଲାଗି ଭାରତ ଦଣ୍ଡିତ

ବିଶାଖାପାଟଣା,୧୫।୧୦(ଏଜେନ୍ସି): ଏଠାରେ ରବିବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ମହିଳା ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ ନିର୍ଦ୍ଧାରିତ ସମୟରେ ବୋଲିଂ କୋଟା ପୂରଣ କରି ନ ପାରି ଆଇସିସି ଦ୍ୱାରା ଦଣ୍ଡିତ ହୋଇଛି। ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୩୩୦ ରନ୍ ଚେଜ୍ କରି ରେକର୍ଡ ବିଜୟ ହାସଲ କରିଥିଲା। କିନ୍ତୁ ନିର୍ଦ୍ଧାରିତ ସମୟରେ ଭାରତ ଗୋଟିଏ ଓଭର କମ୍ ବୋଲିଂ କରିବାରୁ ଆଇସିସି ଆଚରଣ ସଂହିତା ଧାରା ୨.୨୨ ଅନୁଯାୟୀ ସମସ୍ତ ଖେଳାଳିଙ୍କ ୫ ଶତକଡ଼ା ମ୍ୟାଚ୍ ଫି ମ୍ୟାଚ୍ ରେଫରି ମିଚେଲି ପରେରା କାଟିନେଇଥିଲେ। ଦୁଇ ଫିଲ୍ଡ ଅମ୍ପାୟାର ଏହି ଅଭିଯୋଗ ଆଣିଥିଲାବେଳେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ କୌର ଦୋଷ ସ୍ୱୀକାର କରିଥିଲେ। ବିଶ୍ୱକପ୍‌ରେ ଭାରତ ୪ଟି ମ୍ୟାଚ୍ ଜିତି ୨ଟି ବିଜୟୀ ଓ ୨ଟିରେ ପରାଜିତ ହୋଇଛି। ଭାରତ ରବିବାର ଇଂଲଣ୍ଡ ସହ ଖେଳିବ।

## ସୁଲତାନ ଜୋହର କପ୍‌ରେ ଭାରତର ପ୍ରଥମ ପରାଜୟ

ଜୋହର ବହରୁ, ୧୫।୧୦ (ଏଜେନ୍ସି): ମାଲେସିଆରେ ଚାଲିଥିବା ସୁଲତାନ ଅଫ୍ ଜୋହର କପ୍ ଜୁନିଅର (୨୧ ବର୍ଷରୁ କମ୍) ହକି ଟୁର୍ଣ୍ଣାମେଣ୍ଟରେ ଭାରତ ପ୍ରଥମ ପରାଜୟବରଣ କରିଛି। ବୁଧବାର ଭାରତ ଏହାର ୪ର୍ଥ ମ୍ୟାଚରେ ୪-୨ ଗୋଲ୍‌ରେ ଅଷ୍ଟ୍ରେଲିଆ ନିକଟରୁ ପରାସ୍ତ ହୋଇଥିଲା। ବିଜୟୀ ଅଷ୍ଟ୍ରେଲିଆ ପକ୍ଷରୁ ଓସ୍କାର ସପ୍ରୋଉଲି ସର୍ବାଧିକ ୨ଟି ଗୋଲ୍ ଦେଇଥିଲେ। ଭାରତ ଏଥିସହ ୪ର୍ଥ ମ୍ୟାଚରୁ ୨ ବିଜୟ ଏବଂ ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୪ର୍ଥ ମ୍ୟାଚରୁ ୩ ବିଜୟ ଏବଂ ଗୋଟିଏ ଡ୍ର ସହ ୧୦ ପଏଣ୍ଟ ପାଇ ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ପକ୍କା କରିଛି। ଶୁକ୍ରବାର ଶେଷ ମୁକାବିଲାରେ ଭାରତ ଆୟୋଜକ ମାଲେସିଆକୁ ଭେଟିବ।

## ପ୍ରଥମ ଟେଷ୍ଟରେ ପାକିସ୍ତାନର ଜିତ୍

ଲାହୋର,୧୫।୧୦(ଏଜେନ୍ସି): ବାମହାତୀ ସ୍ପିନର ନୋମାନ ଅଲିଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ପାକିସ୍ତାନ ୯୩ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଫଳରେ ଘରୋଇ ଦଳ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ତଥା ଶେଷ ଟେଷ୍ଟ ରାୱଲପିଣ୍ଡିରେ ଅକ୍ଟୋବର ୨୦ରୁ ଆରମ୍ଭ ହେବ। ଏହି ଟେଷ୍ଟରେ ୧୦ଟି ୱିକେଟ ନେଇଥିବା ନୋମାନଙ୍କୁ ଶ୍ରେଷ୍ଠ ଖେଳାଳି ହୋଇଥିଲା। ୨୭୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ବୁଧବାର ଦ୍ୱିତୀୟ ଇନିଂସରେ ୧୮୩ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଡିୱାଲ୍ଡ ବ୍ରେଭିସ୍ (୫୪) ଓ ରିୟାନ ରିକେଲଟନ (୪୫)ଙ୍କୁ ବାଦ୍ ଦେଲେ ଅନ୍ୟ କେହି ଖେଳି ପାରି ନ ଥିଲେ। ପାକିସ୍ତାନର ନୋମାନ ଓ ସାହିନ୍ ଆଫ୍ରିଦୀ ୪ଟି ଲେଖାଏଁ ୱିକେଟ୍ ନେଇ ଦଳକୁ ବିଜୟୀ କରାଇଥିଲେ। ପୂର୍ବରୁ ପ୍ରଥମ ଇନିଂସରେ ପାକିସ୍ତାନ ୩୭୮ ଓ ଦକ୍ଷିଣ ଆଫ୍ରିକା ୨୬୯ ରନ୍ କରିଥିଲା। ୧୦୯ ରନ୍‌ରେ ଆଗୁଆ ଥିବା ପାକିସ୍ତାନ ଦ୍ୱିତୀୟ ଇନିଂସରେ ୧୬୭ରେ ସୀମିତ ଥିଲା।

# ଏସୀୟ ଟିଟି ଟିମ୍ ଚାମ୍ପିଅନ୍‌ସିପ୍: ଚୀନ୍‌କୁ ଦ୍ୱିମୁକୁଟ

ଭୁବନେଶ୍ୱର,୧୫।୧୦(ସମିସ):





ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଟେବୁଲ ଟେନିସ (ଟିଟି) ଖେଳୁଥିବା ଦେଶ ଚୀନ୍ ୨୮ତମ ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍‌ର ଉଭୟ ମହିଳା ଓ ପୁରୁଷ ବିଭାଗରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଭାରତୀୟ ଟିଟି ମହାସଂଘ, ଓଡ଼ିଶା ଟିଟି ସଂଘ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଅକ୍ଟୋବର ୮ରୁ ୧୫ ଯାଏ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସିଆ ମହାଦେଶର ୨୧ଟି ଦେଶ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଉଭୟ ବିଭାଗରେ ଚୀନ୍ ଚାମ୍ପିଅନ ହୋଇ ଏସୀୟ ଟିଟିରେ ଆଧିପତ୍ୟ ବିସ୍ତାର କରିଥିଲାବେଳେ ମହିଳା ବିଭାଗରେ ଟପ୍ ସିଡ୍ ଜାପାନ ଓ ପୁରୁଷ ବିଭାଗରେ ହଂକଂ ରନର୍ସ ଅପ୍ ହୋଇଛନ୍ତି। ମହିଳା ବିଭାରେ ସିଙ୍ଗାପୁର ଓ ଉତ୍ତର କୋରିଆ, ପୁରୁଷ ବିଭାଗରେ ଜାପାନ ଓ ଚାଇନିଜ୍ ତାଇପେଇ ସେମିଫାଇନାଲରେ ପରାଜିତ ହେବା ସହ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଆୟୋଜକ ଭାରତ ଗତ ଦୁଇଟି ସଂସ୍କରଣରେ ମେଡାଲ ଜିତିବାରେ ସମର୍ଥ ହୋଇଥିଲାବେଳେ ଏଠାରେ କ୍ୱାର୍ଟର ଫାଇନାଲରୁ ଉଭୟ ଦଳ ବିଦାୟ ନେଇଛନ୍ତି। ପୁରୁଷ ଦଳ ୬ଷ୍ଠ ଓ ମହିଳା ଦଳ ୮ମ ସ୍ଥାନରେ ରହି ସନ୍ତୁଷ୍ଟ ହୋଇଛନ୍ତି।

ବୁଧବାର ଚୀନ୍ ଓ ଜାପାନ ମଧ୍ୟରେ ମହିଳା ବିଭାଗ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଜାପାନ ଟପ୍ ସିଡ୍ ଥିଲାବେଳେ ଚୀନ୍ ଲଢ଼େଇ କରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଚୀନ୍ ପ୍ରଥମ ୩ଟି ମୁକାବିଲାରେ ଖେଳ ଶେଷ କରିଦେଇଥିଲା। ଫଳରେ ଚୀନ୍ ୩-୦ରେ ଏହି ମ୍ୟାଚ୍‌କୁ ଜିତି ଏସିଆ ଚାମ୍ପିଅନ ହୋଇଥିଲା। ପୂର୍ବରୁ ମଙ୍ଗଳବାର ଖେଳାଯାଇଥିବା ସେମିଫାଇନାଲରେ ଜାପାନ ୩-୦ରେ ସିଙ୍ଗାପୁରକୁ ଓ ଚୀନ୍ ୩-୦ରେ ଉତ୍ତରକୋରିଆକୁ ଏକତରଫା ଭାବେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ପୁରୁଷ ବିଭାଗ ଫାଇନାଲ ଏକତରଫା ହୋଇଥିଲା। ଏଥିରେ ଚୀନ୍ ୩-୦ ସେଟ୍‌ରେ ହଂକଂକୁ ପରାସ୍ତ କରି ଚୀନ୍ ଚାମ୍ପିଅନ ହୋଇଥିଲା। ପୂର୍ବରୁ ଗତକାଲି ଖେଳାଯାଇଥିବା ସେମିଫାଇନାଲରେ ଚୀନ୍ ୩-୨ରେ ଜାପାନକୁ ଓ ହଂକଂ ମଧ ୩-୨ରେ ଚାଇନିଜ୍ ତାଇପେଇକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

ଭାରତକୁ ବିଶ୍ୱକପ୍ ଯୋଗ୍ୟତା: ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ୬ଟି ସ୍ଥାନ ଅଧିକାର କରିଥିବା ବିଶ୍ୱ ଟିଟି ଟିମ୍ ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନ କରିବେ। ଏଠାରେ ଭାରତୀୟ ପୁରୁଷ ଦଳ ଷଷ୍ଠ ସ୍ଥାନ ଅଧିକାର କରିଥିବାରୁ ଲଣ୍ଡନରେ ୨୦୨୬ରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଛି। ଏହାଛଡ଼ା ଆୟୋଜକ ଦେଶକୁ ଏହି ଟୁର୍ଣ୍ଣାମେଣ୍ଟରୁ କିଛି ଫାଇଦା ମିଳିନାହିଁ।

ଖେଳ ଶେଷରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS